

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 263, Monday, 15 January 2024, Puri, Pages- 20, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୬୩, ସୋମବାର, ୧୫ ଜାନୁଆରୀ ୨୦୨୪, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

■ Vol. 10, Issue. 263, Monday, 15 January 2024, Puri, Pages- 20, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୨୬୩, ସୋମବାର, ୧୫ ଜାନୁଆରୀ ୨୦୨୪, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୭ ଟଙ୍କା




ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


# ଅମୃତ ଦୁନିଆ
The Amruta Dunia
RNI No. ODIODI / 2014 / 56157 www.amrutadunia.org






■ Vol. 10, Issue. 263, Monday, 15 January 2024, Puri, Pages- 20, Rs. 7/-
■ ଦଶମ ବର୍ଷ, ସଂଖ୍ୟା-୨୬୩, ସୋମବାର, ୧୫ ଜାନୁଆରୀ ୨୦୨୪, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


# ସଜେଇ ହେଉଛି ଶ୍ରୀକ୍ଷେତ୍ର, ଆଜିଠୁ ଯଜ୍ଞ

- ପରିକ୍ରମା ପ୍ରକଳ୍ପ ବୁଲିଦେଖିଲେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ
- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି
- ସୋମବାର ଶ୍ରୀସେତୁର ଟ୍ରାଏଲ ରନ୍

**ପୁରୀ (ବ୍ୟୁରୋ)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ ପାଇଁ ଅଙ୍କୁରାରୋପଣ ଓ ଅଙ୍କୁରପୂଜନ ହୋଇଛି । ଆଜି ସକାଳ ୧୦ଟାରୁ ରାତି ୮ଟା ଭିତରେ , ଯଜ୍ଞ ଅଧିବାସ, ମଣ୍ଡଳସ୍ଥାପନ, ଧ୍ୱଜାସ୍ଥାପନ, ତୋରଣ ସ୍ଥାପନ ବିଧି କରିବାକୁ ନିଷ୍ପତ୍ତି ହୋଇଛି । ୯ଜଣ ବ୍ରାହ୍ମଣ ବିଧିମୁତାବକ ଏହି ଯଜ୍ଞ କରୁଛନ୍ତି । ଯଜ୍ଞମଣ୍ଡପ ଆଗରେ ଅଙ୍କୁରା ମଣ୍ଡପ କରାଯାଇଛି । ବୀଜ ଅଙ୍କୁରିବା ପରେ ଏହାକୁ ବୁଣାଯାଇ କ୍ଷେତ୍ର ପ୍ରସ୍ତୁତ ହେବ ଓ ଯଜ୍ଞ ନିମନ୍ତେ କାର୍ଯ୍ୟ ଆରମ୍ଭ ହେବ ।ତେବେ ସୋମବାରଠାରୁ ଆରମ୍ଭ ହେବ ଯଜ୍ଞ। ଏହା ଆଗରୁ ରବିବାର ଦିନ ସକାଳୁ ସକାଳୁ ପୁରୀ ପହଞ୍ଚି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିଛନ୍ତି ୫T ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ଲୋଡିଛନ୍ତି । ପୁରୀ ଜିଲ୍ଲାପାଳ, ପୁରୀ ଏସ୍ପି ଏବଂ ବିଭିନ୍ନ ଅଧିକାରୀଙ୍କ ସମେତ ଶ୍ରୀମନ୍ଦିରର ଚାରି ଦ୍ୱାର ଯଜ୍ଞବେଦୀ ତଦାରଖ କରିଛନ୍ତି ।ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ଶେଷ ସ୍ପର୍ଶ ପାଉଛି ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଲୋକାର୍ପଣ ପାଇଁ ହୋଇଛି ଭବ୍ୟ ଆୟୋଜନ। ଅପରୂପ ସୌନ୍ଦର୍ଯ୍ୟରେ ସଜେଇ ହୋଇଛି ଶ୍ରୀମନ୍ଦିର, ପରିକ୍ରମା ପ୍ରକଳ୍ପ ସହ ଶ୍ରୀକ୍ଷେତ୍ରର ପରିପାଟୀ। ମନ୍ତ୍ରପାଠରେ ଗୁଞ୍ଜରିତ ହେଉଛି ଆଧ୍ୟାତ୍ମିକ ସହର। ବଢ଼ିଚାଲିଛି ଉତ୍କଣ୍ଠା। ଦିନ କେଇଟାର ଅପେକ୍ଷା। ଦେଶର ପ୍ରତି କୋଣରୁ ସାଧୁସନ୍ଥଙ୍କ ସହ ପ୍ରାୟ ୯ଶହ ନିମନ୍ତ୍ରିତ ଅତିଥି ବି ଏହି ଭବ୍ୟ ଆୟୋଜନର ଭକ୍ତିରସରେ ଭିଜିବାକୁ ଅନାଇ ବସିଛନ୍ତି। ଜାନୁଆରି ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ଭବ୍ୟ ମହୋତ୍ସବ ।ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଅଙ୍କୁରାରୋପଣ ଓ ଅଙ୍କୁରପୂଜନ ମଧ୍ୟ ଚାଲିଛି। ଧୀରେ ଧୀରେ ଶୀକ୍ଷେତ୍ରକୁ ଭକ୍ତଙ୍କ ମଧ୍ୟ ସମାଗମ ହେବାରେ ଲାଗିଲାଣି । ସେପଟେ ୧୭ ତାରିଖରେ ଲୋକାର୍ପଣ ହେବାକୁ ଥିବା ଶ୍ରୀମାର୍ଗ, ଶ୍ରୀସେତୁ ମଧ୍ୟ ପ୍ରସ୍ତୁତ ହୋଇଛି ।ପୁରୀକୁ ଭକ୍ତଙ୍କ ସୁରୁଖୁରୁରେ ଯାତାୟତ ପାଇଁ ନିର୍ମିତ ହୋଇଥିବା ଶ୍ରୀସେତୁ ଲୋକାର୍ପଣ ପରେ ସାଧାରଣ ଶ୍ରଦ୍ଧାଳୁ ପରିକ୍ରମା ମାର୍ଗକୁ ଆସିପାରିବେ। ତେବେ ଲୋକର୍ପଣ ପୂର୍ବରୁ ଆସନ୍ତାକାଲି ଅର୍ଥାତ୍ ସୋମବାର ଶ୍ରୀସେତୁର ଟାଏଲ ରନ୍ କରାଯିବ।



## ଲୋକାର୍ପଣ ଦିନକୁ ସରକାରୀ ଛୁଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଆସନ୍ତା ଜାନୁଆରୀ ୧୭ ତାରିଖରେ ପୁରୀଠାରେ ଲୋକାର୍ପିତ ହେବାକୁ ଯାଉଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏଥିପାଇଁ ଉତ୍ସବ ମୁଖର ହୋଇଉଠିଛି ପୁରୀ ସମେତ ସାରା ରାଜ୍ୟ। ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ପୂର୍ବରୁ ଆରମ୍ଭ ହୋଇଯାଇଛି ଉତ୍ସବ। ଏମଧ୍ୟରେ ଅଙ୍କୁରାରୋପଣ ଓ ଅଙ୍କୁରପୂଜନ ସରିଛି। ସୋମବାରଠାରୁ ଆରମ୍ଭ ହେବ ଯଜ୍ଞ ।ଏହାରି ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ଜାନୁଆରୀ ୧୭ ତାରିଖ ଦିନଟିକୁ ସରକାରୀ ଛୁଟି ଭାବରେ ଘୋଷଣା କରିଛନ୍ତି । ଅର୍ଥାତ୍ ଜାନୁଆରୀ ୧୭ ତାରିଖ ଦିନ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ସ୍କୁଲ ଓ କଲେଜ ବନ୍ଦ ରହିବ। ଜଗତର ନାଥ ଓ ଆରାଧ୍ୟ ଦେବତା ତଥା ସର୍ବଧର୍ମ ସମନ୍ୱୟର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତମାନେ ଯେପରି ଆନନ୍ଦର ସହ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତି ନିବେଦନ କରିପାରିବେ ତାହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି।

# ଆଜିଠୁ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା



**ବରଗଡ଼ (ଅମୃତ ମିଡିଆ)**

ସୋମବାରଠୁ ଆରମ୍ଭ ହେବ ୭୬ ତମ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା । ପୌରାଣିକ କଥା ବସ୍ତୁ ଉପରେ ଆଧାରିତ ମୁକ୍ତ ଆକାଶ ରଙ୍ଗ ମଞ୍ଚର ଧନୁଯାତ୍ରାକୁ ନେଇ ବରଗଡ଼ ବିଶ୍ୱ ପ୍ରସିଦ୍ଧ । ଏନେଇ ପସ୍ତୁତି ଚୂଡାନ୍ତ ପଯ୍ୟାୟରେ । ମଞ୍ଚ ସଜ୍ଜା ଠାରୁ ଆରମ୍ଭ କରି ହାତୀ ,ଘୋଡା, ଓଟ ପହଁଚି ସାରିଛନ୍ତି । କଳାକାର ଅଭିନୟ ପାଇଁ ପ୍ରସ୍ତୁତ ଥିବା ବେଳେ ଧନୁଯାତ୍ରାକୁ ନେଇ ସମସ୍ତ ପ୍ରସ୍ତୁତି ପ୍ରାୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।୭୬ ତମ ଧନୁଯାତ୍ରା ଅବସରରେ ମହାରାଜା କଂସ ଏଥର ଶିଶମହଲରେ ବିରାଜମାନ କରିବେ ବୋଲି ଦରବାର କମିଟିର ଆବାହକ ରାଜେନ୍ଦ୍ର ପ୍ରସାଦ ସିଂହ ସୂଚନା ଦେଇଥିବା ବେଳେ ତେଲେଙ୍ଗାନା ରାଜସ୍ଥାନୀ ଢ଼ାଂଚାର ମିଶ୍ରଣ ରହିଥିବା ଦରବାର ମଂଚ ଏଥର ଅଧିକ ଲୋକଙ୍କୁ ଆକର୍ଷିତ କରିବ ବୋଲି ଶିଶମହଲର ନିର୍ମାଣ କରୁଥିବା ଏମଏମ ଇଭେଂଟସର ସତ୍ତ୍ୱାଧିକାରୀ ସୁଶୀଳ ପଣ୍ଡା ସୂଚନା ଦେଇଛନ୍ତି ।ପ୍ଲାଇ, କପଡ଼ା, କାଚ ଦର୍ପଣ, ଥର୍ମାକୋଲ, କପଡ଼ା, ବାଉଁଶ, କାଠ, ବେଟେନର ବ୍ୟବହାର କରି ମଂଚ ନିର୍ମାଣ କରାଯାଉଥିବା ବେଳେ ଲଗାଯାଇଥିବା ଦର୍ପଣଖଣ୍ଡ ମଂଚର ଶୋଭାବୃଦ୍ଧି କରିଥିବା ଦେଖଣାହାରୀମାନେ ମତବ୍ୟକ୍ତ କରିଛନ୍ତି । ତେବେ ଦରବାରର ନିର୍ମାଣ ପାଇଁ ଦିନରାତି ଏକ କରି ଶ୍ରମିକମାନେ ଲାଗି ପଡ଼ିଥିବାରୁ ମଥୁରା ନରେଶଙ୍କ ଦରବାରର ଶୋଭାରାଜି ଏବଂ ପାରିପାର୍ଶ୍ୱିକ ଦୃଶ୍ୟ ସମୂହ ଆପେକ୍ଷିତ ହୋଇଯାଇଛି ।

## ଶିଶୁର କଟାମୁଣ୍ଡ ଉଦ୍ଧାର ବଳି ପାଇଁ ହତ୍ୟା ସନ୍ଦେହ

**ଯାଜପୁର(ଅମୃତ ମିଡିଆ)**

ଯାଜପୁର ଜିଲ୍ଲା ଲକ୍ଷ୍ମୀନଗର ପଞ୍ଚାୟତ ରାଧାନଗର ଗାଁରୁ ଏକ ଶିଶୁର କଟାମୁଣ୍ଡ ଉଦ୍ଧାର କରାଯାଇଛି। ଶିଶୁର ପରିଚୟ ମିଳିପାରିନାହିଁ। ଗତକାଲି ବିଳମ୍ବିତ ରାତିରେ ଜଣେ ଗ୍ରାମବାସୀଙ୍କ ବାଡ଼ିରେ ଶିଶୁର କଟାମୁଣ୍ଡ ଦେଖିବାକୁ ମିଳିଥିଲା। ଶିଶୁର ଆଖପାଖରେ କୁକୁର ମଧ୍ୟ ବୁଲୁଥିବା ଦେଖିଥିଲେ ଲୋକେ। ଏନେଇ ଆଜି ସକାଳେ ଯାଜପୁର ରୋଡ୍ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଶିଶୁର କଟାମୁଣ୍ଡକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ବଳି ଉଦ୍ଦେଶ୍ୟରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ବଳି ଦେବା ପରେ ଶିଶୁର କଟାମୁଣ୍ଡ ପକାଇ ଦେଇଥିବା ଆଶଙ୍କା କରାଯାଉଛି।

## ଗୁଣି ସନ୍ଦେହରେ କାଠଫାଳିଆରେ ମାଡ଼ ଦୁଇ ମହିଳାଙ୍କ ସମେତ ୩ ଆହତ

**ବୁଗୁଡ଼ା(ଅମୃତ ମିଡିଆ)**

ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅଧୀନ ମୋଟାବାଡ଼ି ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ନିଜ ସଂପର୍କୀୟଙ୍କ ଦ୍ୱାରା କାଠଫାଳିଆ ଆକ୍ରମଣରେ ତିନିଜଣ ଆହତ ▶(ପୃଷ୍ଠା-୧୫)

### ଠିକାଦାରଙ୍କୁ ୭.୬୦ ଲକ୍ଷ ଚୂନା ଲଗାଇଥିଲେ
## ଗିରଫ ହେଲେ ଅଧ୍ୟାପକ

**ଭୁବନେଶ୍ୱର(ବ୍ୟୁରୋ)**

ଭିଜିଲାନ୍ସ ଏସ୍‌ପି ଭାବେ ପରିଚୟ ଦେଇ ଠିକାଦାରଙ୍କ ଠାରୁ ୭ ଲକ୍ଷ ୬୦ ହଜାର ଟଙ୍କା ଚୂନ ଲଗାଇବା ଅଭିଯୋଗରେ ଜଣେ ଅଧ୍ୟାପକ ଗିରଫ ହୋଇଛନ୍ତି। ଗିରଫ ଅଧ୍ୟାପକ ହେଲେ ମନୋଜ କୁମାର ମାଝୀ ।ଅଭିଯୋଗ ଅନୁସାରେ, ଗତବର୍ଷ ମେ' ୩୧ ତାରିଖରେ ରାୟଗଡ଼ା ଅଞ୍ଚଳର ମନୋଜ କୁମାର ଚୌଧୁରୀ ନାମକ ଜଣେ ଠିକାଦାର ଏହି ଠକେଇ ନେଇ ଅଭିଯୋଗ କରିଥିଲେ । ଏତଲା ଆଧାରରେ ଅଭିଯୁକ୍ତ ମନୋଜ କୁମାର ମାଝୀଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ମନୋଜ ଭିଜିଲାନ୍ସ ଏସପି ଭାବେ ପରିଚୟ ଦେଇ ଭିଜିଲାନ୍ସ କାର୍ଯ୍ୟାଳୟର କନଷ୍ଟ୍ରକସନ କାମ ହେବ ବୋଲି କହିଥିଲେ। ଠିକାଦାରଙ୍କୁ କାମ ଦେବା ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏପରିକି ବିଶ୍ୱାସ ଜନ୍ମାଇବା ପାଇଁ କିଛି କାଗଜପତ୍ର ଦେଇଥିଲେ। ଏହାପରେ ଅଭିଯୁକ୍ତ ମନୋଜକୁ ପ୍ରଥମେ ଅନଲାଇନରେ ୫ ଲକ୍ଷ ଓ ପରେ ୨ ଲକ୍ଷ ୬୦ ହଜାର ଟଙ୍କା ଦେଇଥିଲେ ଅଭିଯୋଗକାରୀ । ଟଙ୍କା ନେବା ପରେ ଆଉ ଧରାଛୁଆଁ ଦେଇ ନଥିଲେ ଅଭିଯୁକ୍ତ। ତଦନ୍ତ ପରେ କେସ ନମ୍ବର ୫୦ ଦଫା ୪୧୯, ୪୨୦, ୪୬୭, ୪୬୮ ଓ ଆଇଟି ଆକ୍ଟରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ।ସୂଚନାଯୋଗ୍ୟ ଅଭିଯୁକ୍ତ ମନୋଜ ମୟୂରଭଞ୍ଜ ଜିଲ୍ଲା ଉଦଳାସ୍ଥିତ ଝାଡେଶ୍ୱରୀ ▶(ପୃଷ୍ଠା-୧୫)

# କଂଗ୍ରେସର ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ

- ବିଜେପି ପାଇଁ ମଣିପୁର ଭାରତର ଅଂଶ ନାହିଁ : ରାହୁଲ
- ୧୫ଟି ରାଜ୍ୟର ୧୧୦ଟି ଜିଲ୍ଲା ଦେଇ ଯିବ ଏହି ଯାତ୍ରା

**ଇମ୍ଫାଲ**

ଭାରତୀୟ ଜାତୀୟ କଂଗ୍ରେସ ଆଜି ମଣିପୁରର ଥୋବାଲ ଜିଲ୍ଲାରୁ ଭାରତ ଯୋଡୋ ନ୍ୟାୟ ଯାତ୍ରା ଆରମ୍ଭ କରିଛି। ଏହି ଯାତ୍ରାକୁ ସର୍ବ ଭାରତୀୟ କଂଗ୍ରେସ କମିଟି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଯାତ୍ରାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପରିଚାଳନା କରିବେ। ଏହି ଯାତ୍ରା ଦେଶର ୧୫ଟି ରାଜ୍ୟର ୧୧୦ଟି ଜିଲ୍ଲା ଦେଇ ଯିବ ।ଥୋବାଲ ଜିଲ୍ଲାର ଖୋଙ୍ଗଜୋମରେ ଏକ ସାଧାରଣ ସଭାରେ ଉଦବୋଧନ ଦେଇ ଶ୍ରୀ ଖଡ଼ଗେ କହିଛନ୍ତି ଯେ ଦଳ ଧର୍ମନିରପେକ୍ଷତା, ସମାନତା ଏବଂ ସାମାଜିକ ନ୍ୟାୟ ପାଇଁ ସଂଗ୍ରାମ କରୁଛି। କଂଗ୍ରେସ ମୁଖ୍ୟ ଏହା ମଧ୍ୟ କହିଛନ୍ତି ଯେ ସମ୍ବିଧାନ ତଥା ଗଣତନ୍ତ୍ରକୁ ବଞ୍ଚାଇବା ତଥା ଫାସିବାଦୀ ଶକ୍ତି ବନ୍ଦ କରିବା ପାଇଁ ଭାରତ ଯୋଡା ନ୍ୟାୟ ଯାତ୍ରା କରାଯାଇଛି। ସେ କହିଛନ୍ତି ଯେ ଲୋକମାନଙ୍କୁ ରୋଜଗାର ସୁନିଶ୍ଚିତ କରିବା ପାଇଁ କଂଗ୍ରେସ ନ୍ୟାୟ ଯାତ୍ରା କରୁଛି। ଏହି ଯାତ୍ରା ମୂଲ୍ୟ ବୃଦ୍ଧି ଏବଂ କୃଷକଙ୍କ ଅଧିକାର ପାଇବା ପାଇଁ ନିଆଯାଉଛି ।ଆଜିଠୁ ଆରମ୍ଭ



ହୋଇଛି କଂଗ୍ରେସର ଭାରତ ଯୋଡୋ ନ୍ୟାୟ ଯାତ୍ରା। ହିଂସାଗ୍ରସ୍ତ ମଣିପୁରର ଥୋବାଲ ଠାରୁ ସାଂସଦ ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ଏହି ଯାତ୍ରା ଆରମ୍ଭ ହୋଇଛି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପିକୁ ଜୋରଦାର ଟାର୍ଗେଟ୍ କରିଛନ୍ତି। ମଣିପୁରରେ ଲାଗି ରହିଥିବା ହିଂସାକୁ ନେଇ ସେ ପ୍ରବଳ ବର୍ଷିଛନ୍ତି ।ଭାରତ ଯୋଡୋ ନ୍ୟାୟ ଯାତ୍ରାକୁ ଆରମ୍ଭ କରି ରାହୁଲ କହିଛନ୍ତି, 'ଜୁନ ୨୯ ପରଠାରୁ ମଣିପୁରରେ ଶାସନ ପୂରା ଢ଼ାଞ୍ଚା ନଷ୍ଟ ହୋଇଯାଇଛି। ପୂରା ରାଜ୍ୟରେ ଘୃଣା ବ୍ୟାପି ଯାଇଛି। ଲଜ୍ଜାଜନକ ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆଜି ଯାଏଁ ମଣିପୁର ଯିବାକୁ ସମୟ ମିଳିନାହିଁ। ସେ ମଣିପୁରକୁ ଥରଟିଏ ବି ଗସ୍ତ କରିନାହାଁନ୍ତି। ବିଜେପିର ରାଜନୀତି ଯୋଗୁଁ ମଣିପୁର ଯାହା ପାଇବା ଆବଶ୍ୟକ ତାହା ହରାଇଛି।' ୱାଇନାଡ ସାଂସଦ ଆହୁରି କହିଛନ୍ତି, ମଣିପୁର ହିଂସାରେ ଏତେ ଲୋକ ମରିଲେ। ଲୋକେ ଦୁଃଖ ଭୋଗିଲେ, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦି ଲୋକଙ୍କ ହାତ ଧରିବାକୁ ଆସିଲେ ନାହିଁ। ବୋଧହୁଏ ବିଜେପି ଓ ▶(ପୃଷ୍ଠା-୧୫)

## ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର, ତିନି ଅଭିଯୁକ୍ତ ଗିରଫ

**ନବରଙ୍ଗପୁର(ଅମୃତ ମିଡିଆ)**

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ବନାଞ୍ଚଳ ଅଧିନସ୍ଥ ବରାଗୁଡା ଗ୍ରାମ ନିକଟସ୍ଥ ଦେଓଡଙ୍ଗରି ଜଙ୍ଗଲ ମଧ୍ୟରେ ଶନିବାର ମାଧ୍ୟାହ୍ନ ସମୟରେ ବିକ୍ରି କରିବାପାଇଁ ମୁଲଚାଲ ଚାଲିଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ନବରଙ୍ଗପୁର ଡିଏଫଓ ଙ୍କ ନିର୍ଦ୍ଦେଶରେ ଏକ ତିନିଜନିଆ ଟିମ ଗଠନ କରି ଗୋଟିଏ ଜୀବନ୍ତ ବଜ୍ରକାପ୍ତା, ଏକ ହିରୋ ହୁଣ୍ଡା ମୋଟର ସାଇକେଲ ସହ ତିନିଜଣଙ୍କୁ ଗିରଫ କରାଯାଇଛି ।ସୂଚନା ଅନୁସାରେ ନବରଙ୍ଗପୁର ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରାଙ୍କୁ ବଜ୍ରକାପ୍ତା ବିକ୍ରି କରାଯାଉଥିବା ଖବର ମିଳିଥିଲା। କୋଡ଼ିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ, ନବରଙ୍ଗପୁର ସହ ବନ ସରଂକ୍ଷକ ମନସୁନ ଖେମୁଡୁ, ନବରଙ୍ଗପୁର ବନାଞ୍ଚଳ ଅଧିକାରୀ ଗୋପୀନାଥ ସାହୁ, କୋଡ଼ିଙ୍ଗା ବନପାଳ ପ୍ରଭାତ କୁମାର ବିଶୋଇ, କୁନ୍ଦେଇ ବନପାଳ ହରିହର ବ୍ରହ୍ମା, ବନପାଳ କାମକ୍ଷା ପ୍ରସାଦ ସ୍ୱାଇଁ,ବନରକ୍ଷୀ କୋଡ଼ିଙ୍ଗା ଦୀପକ ପ୍ରଧାନ, ବନରକ୍ଷୀ ରାଇଘର ଲାଲୁ ବିଶୋଇ, ବନରକ୍ଷୀ ରାଇଘର ଭବାନୀ ବିଶୋଇ, ବନରକ୍ଷୀ କୋଡ଼ିଙ୍ଗା ରଶ୍ମିତା ତ୍ରିପାଠୀ, ବନରକ୍ଷୀ କୋଡ଼ିଙ୍ଗା ▶(ପୃଷ୍ଠା-୧୫)




# ଗୋ ପୂଜନ ସହ ପୋଙ୍ଗଲ ପାଳନ କଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କେନ୍ଦ୍ରମନ୍ତ୍ରୀ ଏଲ.ମୁରୁଗନଙ୍କ ଘରେ ପୋଙ୍ଗଲ ପାଳନ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ପୂଜାରେ ପ୍ରଧାନମନ୍ତ୍ରୀ ଅଂଶଗ୍ରହଣ କରିବା ସହ ଗୋ ପୂଜନ ମଧ୍ୟ କରିଥିଲେ। ଏଲ. ମୁରୁଗନଙ୍କ ନୂଆଦିଲ୍ଲୀସ୍ଥିତ ସରକାରୀ ବାସଭବନରେ ପୋଙ୍ଗଲ ଲାଗି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ପୋଙ୍ଗଲ କାର୍ଯ୍ୟକ୍ରମର ଭରପୁର ଉପଭୋଗ କରିବା ସହିତ ଦେଶବାସୀଙ୍କୁ ମକରସଂକ୍ରାନ୍ତି, ଲୋହରୀ ଓ ପୋଙ୍ଗଲର ଶୁଭକାମନା ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଏଲ.ମୁରୁଗନଙ୍କ ଘରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରସ୍ତୁତି ଦେଉଥିବା ଏକ ବାଳିକାକୁ ପ୍ରଧାନମନ୍ତ୍ରୀ ଖୁସିରେ ତାଙ୍କ ସାଲ ଉପହାର ଦେଇଛନ୍ତି। କାର୍ଯ୍ୟକ୍ରମରେ ଜଣେ ଯୁବ ଗାୟକ ପ୍ରସ୍ତୁତି ଦେଉଥିଲେ। ଏହା ପରେ ଗାୟିକା ପ୍ରସ୍ତୁତି ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁ ପ୍ରଣାମ କରିଥିଲେ। ଏଥିରେ ପ୍ରଧାନମନ୍ତ୍ରୀ ଖୁସିରେ ବାଳିକାକୁ ନିଜର ସାଲ ଉପହାର ଦେଇ ପୁରସ୍କୃତ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶରେ ଗତକାଲି ଲୋହରୀ ଉତ୍ସବ ପାଳିତ ହୋଇଥିଲା। କିଛି ଲୋକେ ରବିବାର ମକର ସଂକ୍ରାନ୍ତି ପାଳନ କରୁଛନ୍ତି ଓ କାଲି ସୋମବାର ଅନେକ ଲୋକେ ସଂକ୍ରାନ୍ତି ପାଳନ କରିବେ, ସମସ୍ତଙ୍କୁ ଏହି ଅବସରରେ ହାର୍ଦ୍ଦିକ ଶୁଭକାମନା ଜ୍ଞାପନ କରୁଛି ।ଏଲ.ମୁରୁଗନଙ୍କ ଘରେ ପୋଙ୍ଗଲ ପାଳନ ଦେଖି ପ୍ରଧାନମନ୍ତ୍ରୀ ଏତେ ମାତ୍ରାରେ ଅଭିଭୂତ ହୋଇଯାଇଥିଲେ ଯେ ସେ ନିଜ ପରିଜନଙ୍କ ସହ ପୋଙ୍ଗଲ ପାଳନ କରୁଥିବା ଭଳି ଅନୁଭବ କରୁଥିବା କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ପୋଙ୍ଗଲର ଶୁଭକାମନା ଜଣାଇବା ସହିତ ଆପଣମାନଙ୍କ ଜୀବନରେ ସୁଖ, ସମୃଦ୍ଧି ଓ ସନ୍ତୁଷ୍ଟି ଆସୁ ବୋଲି କାମନା କରିଛନ୍ତି। ମୋତେ ଏପରି ଲାଗୁଛି ଯେ ମୁଁ ମୋ ପରିବାର ସହିତ ପୋଙ୍ଗଲ ପାଳନ କରୁଛି ବୋଲି କହିଛନ୍ତି।

# ମହିଳାଙ୍କ ଶରୀରରେ ପ୍ରୋଟିନ୍ ଅଭାବରୁ ଦେଖାଦିଏ ଏହି ସବୁ ଲକ୍ଷଣ









***ଅଫିସ୍, ଘର କାମ, ପିଲାମାନଙ୍କ ଖାଇବା-ପଢିବା ଆଦି କଥା ବୁଝୁ ବୁଝୁ ସେମାନେ ନିଜର ଯତ୍ନ ନେବାକୁ ସମୟ ପାଆନ୍ତିନି । ଏହି ସବୁ ଅବହେଳା ଧିରେ ଧିରେ ଶାରୀରିକ ସମସ୍ୟା ସୃଷ୍ଟିକରେ ।***

ଅଫିସ୍, ଘର କାମ, ପିଲାମାନଙ୍କ ଖାଇବା-ପଢିବା ଆଦି କଥା ବୁଝୁ ବୁଝୁ ସେମାନେ ନିଜର ଯତ୍ନ ନେବାକୁ ସମୟ ପାଆନ୍ତିନି । ଏହି ସବୁ ଅବହେଳା ଧିରେ ଧିରେ ଶାରୀରିକ ସମସ୍ୟା ସୃଷ୍ଟିକରେ । ପ୍ରଥମେ ପ୍ରୋଟିନ୍ ଓ ଭିଟାମିନର ଅଭାବ ହୁଏ, ଆଉ ପରେ ରୋଗ ସମସ୍ୟା ଦେଖାଦିଏ ।

ମହିଳାମାନେ ସାଧାରଣତଃ ନିଜ ଖାଦ୍ୟପେୟ ପ୍ରତି ଧ୍ୟାନ ଦେଇପାରନ୍ତି ନାହିଁ । ଅଫିସ୍, ଘର କାମ, ପିଲାମାନଙ୍କ ଖାଇବା-ପଢିବା ଆଦି କଥା ବୁଝୁ ବୁଝୁ ସେମାନେ ନିଜର ଯତ୍ନ ନେବାକୁ ସମୟ ପାଆନ୍ତିନି । ଏହି ସବୁ ଅବହେଳା ଧିରେ ଧିରେ ଶାରୀରିକ ସମସ୍ୟା ସୃଷ୍ଟିକରେ । ପ୍ରଥମେ ପ୍ରୋଟିନ୍ ଓ ଭିଟାମିନର ଅଭାବ ହୁଏ, ଆଉ ପରେ ରୋଗ ସମସ୍ୟା ଦେଖାଦିଏ । ତେବେ ପ୍ରୋଟିନ ଅଭାବ କାରଣରୁ ମହିଳାଙ୍କ କ୍ଷେତ୍ରରେ କି କି ଲକ୍ଷଣ ଦେଖାଦିଏ, ଜାଣନ୍ତୁ ଏହି ଆଲେଖ୍ୟରୁ...

**କ୍ଲାନ୍ତ:** ଶରୀରରେ ପ୍ରୋଟିନ ଅଭାବ ହେଲେ, ପ୍ରଥମେ କ୍ଲାନ୍ତ ବା ଦୁର୍ବଳ ଲାଗେ । ମାଂସପେଶୀ ଏବଂ ଟିସୁ ପାଇଁ ପ୍ରୋଟିନ୍ ନିହାତି ଗୁରୁତ୍ୱପୂର୍ଣ୍ଣ । ପ୍ରୋଟିନର ଅଭାବ କାରଣରୁ ମାଂସପେଶୀ ଦୁର୍ବଳ ହୋଇଯାଏ, ଫଳରେ କ୍ଲାନ୍ତ ଲାଗିଥାଏ । ବେଳେବେଳେ ଏଥିପାଇଁ ମୁଣ୍ଡବିନ୍ଧା ସହ ମୁଣ୍ଡ ବୁଲାଇବା ଭଳି ଲକ୍ଷଣ ମଧ୍ୟ ଅନୁଭବ ହୁଏ ।

**ଓଜନ ହ୍ରାସ:** ଓଜନ ହ୍ରାସ ଶରୀରରେ ସମ୍ଭାବ୍ୟ ପ୍ରୋଟିନ୍ ଅଭାବର ସଙ୍କେତ ହୋଇପାରେ । ମାଂସପେଶୀ ଏବଂ ଟିସୁ ଗଠନ ପାଇଁ ଆମ ଶରୀରରେ ପ୍ରୋଟିନ୍ ଆବଶ୍ୟକ । ତେଣୁ, ପ୍ରୋଟିନର ଅଭାବ ଫଳରେ ଶରୀରରେ ମାଂସପେଶୀ ନଷ୍ଟ ହୋଇଯାଏ, ଯଦ୍ୱାରା ଶୀଘ୍ର ଓଜନ ହ୍ରାସପାଏ ।

**ଭୋକ ନଷ୍ଟ:** ଯେତେବେଳେ ଆମ ଶରୀରରେ ପ୍ରୋଟିନର ପରିମାଣ କମିଯାଏ, ଆମର ହଜମ ପ୍ରକ୍ରିୟା ଠିକ୍ ଭାବରେ କାମ କରେ ନାହିଁ । ହଜମ ନହେଲେ ଖାଇବାକୁ ଇଚ୍ଛା ହୋଇନଥାଏ । ତେଣୁ ଭୋକ ନଷ୍ଟ ଅଧିକାଂଶ ସମୟରେ ପ୍ରୋଟିନ୍ ଅଭାବର ସଙ୍କେତ ହୋଇପାରେ ।

**କେଶ ଏବଂ ନଖ ଭାଙ୍ଗିବା:** ବାସ୍ତବରେ ପ୍ରୋଟିନ୍ ଆମ କେଶ, ଚର୍ମ ଏବଂ ନଖକୁ ମଜବୁତ କରେ । ଏହାର ଅଭାବ ହେଲେ ନଖ ଦୁର୍ବଳ ହୋଇଯାଏ ଏବଂ ଭାଙ୍ଗିବା ଆରମ୍ଭ କରେ । ଏଥିସହ ଅତ୍ୟଧିକ କେଶ ଝଡିବା ସହ ପତଳା ହୋଇଯାଏ ।



# ଭେଣ୍ଡି ଖାଇବାର ଫାଇଦା

ଭେଣ୍ଡିରେ କ୍ୟାଲୋରୀ, ଫାଇବର, ଭିଟାମିନ୍-ଏ, ଭିଟାମିନ୍-ସି, ପୋଟାସିୟମ, ମ୍ୟାଗ୍ନେସିୟମ, କ୍ୟାଲସିୟମ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ପରିମାଣରେ ରହିଥାଏ ଯାହା ସ୍ୱାସ୍ଥ୍ୟ ପାଇଁ ହିତକର । ଭେଣ୍ଡି କେବଳ ଏକ ସ୍ୱାଦିଷ୍ଟ ପରିବା ନୁହେଁ, ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ୍ ଉପକାରୀ । ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱରେ ଏହା ଭରି ରହିଛି । ଭେଣ୍ଡିରେ କମ୍ କ୍ୟାଲୋରୀ ଓ ଅଧିକ ଫାଇବର ସହିତ ଭିଟାମିନ୍-ଏ, ଭିଟାମିନ୍-ସି, ପୋଟାସିୟମ, ମ୍ୟାଗ୍ନେସିୟମ, କ୍ୟାଲସିୟମ ଏବଂ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ସ୍ୱାସ୍ଥ୍ୟ ପାଇଁ ହିତକର । ଆସନ୍ତୁ ଜାଣିବା ଭେଣ୍ଡିକୁ ଡାଏଟରେ ସାମିଲ କଲେ ଶରୀରକୁ କ'ଣ ସବୁ ଉପକାରିତା ମିଳିଥାଏ ।

**ହଜମ କରିବାରେ ସହାୟକ ହୁଏ-** ଭେଣ୍ଡିରେ ଅଧିକ ମାତ୍ରାରେ ଫାଇବର ଥିବାରୁ ଏହା ହଜମ କ୍ରିୟାରେ ସହାୟକ ହେବା ସହ କୋଷ୍ଠକାଠିନ୍ୟ ସମସ୍ୟାକୁ ମଧ୍ୟ ଦୂର କରିଥାଏ । ଏହା ଶରୀରରେ ଥିବା ଉପକାରୀ ବ୍ୟାକ୍ଟେରିଆକୁ ବୃଦ୍ଧି କରିବେ ସହ ଅନ୍ତନଳୀକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।

**ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ-** ଭେଣ୍ଡି ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ଭେଣ୍ଡିରେ ଭିଟାମିନ୍-ସି ଏବଂ ଖଣିଜ ପଦାର୍ଥ ଭରପୂର ମାତ୍ରାରେ ରହିଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ବିଭିନ୍ନ ରୋଗରୁ ଆମକୁ ରକ୍ଷା କରିଥାଏ ।

**ଆଖିକୁ ସୁସ୍ଥ ରଖେ-** ଭେଣ୍ଡିରେ ଭରପୂର ମାତ୍ରାରେ ଭିଟାମିନ୍-ଏ ଥିବାରୁ ଏହା ଆଖିକୁ ସୁସ୍ଥ ରଖେ । ବିଭିନ୍ନ ଚକ୍ଷୁ ରୋଗରୁ ରକ୍ଷା କରିବାରେ ଏହା ସାହାଯ୍ୟ କରିଥାଏ । ଏହାଛଡ଼ା ବୟସଜନିତ ମାକୁଲାର ଡିଜେନେରେସନ ଭଳି ରୋଗର ଆଶଙ୍କାକୁ ମଧ୍ୟ କମ୍ କରିଥାଏ ।

**ହାଡ଼କୁ ସୁସ୍ଥ ରଖେ-** ଭେଣ୍ଡିରେ କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ପୋଟାସିୟମ ଭଳି ଅତ୍ୟାବଶ୍ୟକ ଖଣିଜ ପଦାର୍ଥ ରହିଛି, ଯାହା ହାଡ଼କୁ ସୁସ୍ଥ ରଖିବା ପାଇଁ ସହାୟକ ହୋଇଥାଏ । ଏହା ଅଷ୍ଟିଓପୋରୋସିସର ଆଶଙ୍କାକୁ କମ୍ କରିଥାଏ ।

**କୋଲେଷ୍ଟ୍ରଲ୍ ସ୍ତରକୁ କମ୍ କରେ-** ଭେଣ୍ଡିରେ ଫାଇବାର ଭରପୂର ପରିମାଣରେ ରହିଛି ଯାହା ଶରୀରରେ ଥିବା କ୍ଷତିକାରକ କୋଲେଷ୍ଟ୍ରଲ୍‌କୁ କମ୍ କରିବା ସହ ହାର୍ଟକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ ।

**ତ୍ୱଚାକୁ ସୁସ୍ଥ ରଖେ-** ଭେଣ୍ଡିରେ ଥିବା ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍-ଏ ଓ ଭିଟାମିନ୍-ସି ତ୍ୱଚାକୁ ସୁସ୍ଥ ଏବଂ ସଫା ରଖିବାରେ ସାହାଯ୍ୟ କରେ । ଏହା ମୁହଁରେ ହେଉଥିବା ବ୍ରଣ ଓ ବାର୍ଦ୍ଧକ୍ୟ ଜନିତ ଚର୍ମ ରୋଗରୁ ମଧ୍ୟ ରକ୍ଷା କରିଥାଏ ।

**ଓଜନ କମ୍ କରିବାରେ ସହାୟକ-** ଭେଣ୍ଡିରେ ଥିବା ଫାଇବର ଓଜନ କମ୍ ? କରିବାରେ ସହାୟକ ହୋଇଥାଏ । ସେହିଭଳି ରକ୍ତରେ ସୁଗାର ମାତ୍ରାକୁ ନିୟନ୍ତ୍ରଣରେ ରଖିଥାଏ ।

# ଉପକାରୀ ପିଆଜ



***କଞ୍ଚା ପିଆଜ ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭକାରୀ । ଏହାକୁ ଖାଇବା ଦ୍ୱାରା ସାମଗ୍ରୀକ ସ୍ୱାସ୍ଥ୍ୟରେ ଉନ୍ନତି ଆସେ । ଇମ୍ୟୁନିଟି ବୁଷ୍ଟଠୁ ନେଇ ହୃଦୟ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବାରେ ସହାୟକ ହୋଇପାରେ***

ଇମ୍ୟୁନିଟି ବୁଷ୍ଟଠୁ ନେଇ ହୃଦୟ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବାରେ ସହାୟକ ହୋଇପାରେ କଞ୍ଚା ପିଆଜ... କଞ୍ଚା ପିଆଜ ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭକାରୀ । ଏହାକୁ ଖାଇବା ଦ୍ୱାରା ସାମଗ୍ରୀକ ସ୍ୱାସ୍ଥ୍ୟରେ ଉନ୍ନତି ଆସେ । ଇମ୍ୟୁନିଟି ବୁଷ୍ଟଠୁ ନେଇ ହୃଦୟ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବାରେ ସହାୟକ ହୋଇପାରେ କଞ୍ଚା ପିଆଜ । ଏଥିରେ ଏପରି ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି, ଯାହାକୁ ଜାଣିଲେ କଞ୍ଚା ପିଆଜର ଦୁର୍ଗନ୍ଧକୁ ଭୁଲିଯିବେ । କଣ ସେହି ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ, ଜାଣନ୍ତୁ...

**ରୋଗ ପ୍ରତିରୋଧକ ଶକ୍ତି ବଢାଏ:**
କଞ୍ଚା ପିଆଜ ଭିଟାମିନ୍-ସିର ଏକ ଉତ୍କୃଷ୍ଟ ଉତ୍ସ । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ । ଭିଟାମିନ୍-ସି ଶ୍ୱେତ ରକ୍ତ କଣିକା ସୃଷ୍ଟି କରିବାରେ ମଧ୍ୟ ସାହାଯ୍ୟ କରେ, ଯାହା ଶରୀରକୁ ଜୀବାଣୁଠାରୁ ରକ୍ଷା କରିଥାଏ । ଥଣ୍ଡା ଏବଂ ଫ୍ଲୁ ପରି ସାଧାରଣ ରୋଗକୁ ରୋକିବାରେ କଞ୍ଚା ପିଆଜ ବେଶ୍ ଲାଭଦାୟକ ମଧ୍ୟ ।

**ହୃଦ୍‌ୟ ସ୍ୱାସ୍ଥ୍ୟକୁ ସୁସ୍ଥ ରଖେ:**
ପିଆଜରେ କ୍ୱେରେସିଟିନ୍ ପରି ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରପୂର ଥାଏ, ଯାହା ଶରୀରରେ ଖରାପ କୋଲେଷ୍ଟ୍ରଲ ସ୍ତର ହ୍ରାସ କରିବାରେ ସାହାଯ୍ୟ କରିଥାଏ । କୋଲେଷ୍ଟ୍ରଲ୍ ସ୍ତର ନିୟନ୍ତ୍ରଣରେ ରହିଲେ ହୃଦୟ ସ୍ୱାସ୍ଥ୍ୟ ସ୍ୱାଭାବିକ ହୋଇଥାଏ । କଞ୍ଚା ପିଆଜ ଖାଇବା ଦ୍ୱାରା ରକ୍ତ ସଞ୍ଚାଳନ ବୃଦ୍ଧି, ଉଚ୍ଚ ରକ୍ତଚାପ ହ୍ରାସ ହେବା ସହ ହୃଦରୋଗ ଆଶଙ୍କା କମ୍ ହୋଇଥାଏ ।

**ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ:**
କଞ୍ଚା ପିଆଜରେ ଡାଏଟାରୀ ଫାଇବର ଥାଏ । ଡାଏଟାରୀ ଫାଇବର୍ ସଠିକ୍ ହଜମ ଏବଂ ଶରୀରରୁ ବର୍ଜ୍ୟବସ୍ତୁ ନିଷ୍କାସନରେ ସହାୟକ ହୁଏ । ଫାଇବର ପୁଷ୍ଟିକର ଅବଶୋଷଣକୁ ବୃଦ୍ଧି କରି କୋଷ୍ଠକାଠିନ୍ୟ ସମସ୍ୟାକୁ ଦୂର କରେ ।

**ଅସ୍ଥିକୁ ମଜବୁତ କରେ:**
ପିଆଜ ସଲଫର ଯୌଗିକର ଏକ ଉତ୍କୃଷ୍ଟ ଉତ୍ସ । ଆଉ ଏହି ସଲଫର ଯୌଗିକ ହାଡର ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ । ଏହି ଯୌଗିକଗୁଡ଼ିକ କ୍ୟାଲସିୟମ୍ ଅବଶୋଷଣକୁ ପ୍ରୋତ୍ସାହିତ କରିବାରେ ଏବଂ ଅଷ୍ଟିଓପୋରୋସିସ୍ ବିପଦକୁ ରୋକିବାରେ ସାହାଯ୍ୟ କରେ ।

**ମସ୍ତିଷ୍କ କାର୍ଯ୍ୟକୁ ବଢାଇଥାଏ:**
କଞ୍ଚା ପିଆଜ ଖାଇବା ଫଳରେ ମସ୍ତିଷ୍କରେ ନ୍ୟୁରୋଟ୍ରାନ୍ସମିଟର ଉତ୍ପାଦନ ବୃଦ୍ଧି ହାଏ, ଯାହାଦ୍ୱାରା ସ୍ମୃତି ଶକ୍ତି, ଧ୍ୟାନ ଏବଂ ଏକାଗ୍ରତା ସ୍ତରରେ ଉନ୍ନତି ଆସେ ।

**ମଧୁମେହ ଆଶଙ୍କାକୁ ହ୍ରାସ କରେ:**
କଞ୍ଚା ପିଆଜରେ କ୍ରୋମିୟମ ଥାଏ, ଯାହା ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣ କରିବାରେ ଏକ ଖଣିଜ ପଦାର୍ଥ । କ୍ରୋମିୟମ୍ ଇନସୁଲିନ୍ ଦକ୍ଷତାକୁ ଉନ୍ନତ କରିବାରେ ସାହାଯ୍ୟ କରେ, ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରିତ କରେ । ମଧୁମେହ ହେବାର ଆଶଙ୍କା ହ୍ରାସପାଏ ।

**ଓଜନ ନିୟନ୍ତ୍ରଣରେ ରଖେ:**
କଞ୍ଚା ପିଆଜରେ କମ୍ କ୍ୟାଲୋରୀ ଏବଂ ଉଚ୍ଚ ଫାଇବର ଥାଏ, ଯାହା ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ । ଫାଇବର କ୍ୟାଲୋରୀ ହ୍ରାସ କରି ଓଜନକୁ ନିୟନ୍ତ୍ରଣରେ ରଖେ ।



# ମୁଣ୍ଡ ବିନ୍ଧା ଦୂର କରେ ହଳଦୀ କ୍ଷୀର

କ୍ଷୀର ଓ ହଳଦୀ ଉଭୟରେ ବହୁ ପୋଷକ ତତ୍ତ୍ୱ ରହିଛି । କ୍ଷୀରରେ କ୍ୟାଲସିୟମ, ଆଇରନ, ପ୍ରୋଟିନ ଓ ଭିଟାମିନ ରହିଛି । ଏହି କାରଣରୁ କ୍ଷୀର ଏକ ସମ୍ପୂର୍ଣ୍ଣ ଆହର ବୋଲି ମଧ୍ୟ କୁହାଯାଏ । ହଳଦୀରେ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ରହିଥାଏ । ହଳଦୀ କ୍ଷୀର ପିଇବା ଦ୍ୱାରା ଶରୀରୁ ବହୁ ବିଷାକ୍ତ ପଦାର୍ଥ ବାହାରି ଯାଇଥାଏ । ପାଚନ ତନ୍ତ୍ର ସଠିକ ଭାବେ କାର୍ଯ୍ୟ କରିଥାଏ । ଯଦି ଆପଣଙ୍କର ପେଟ ସମସ୍ୟା ଲାଗି ରହିଥାଏ, ତେବେ ହଳଦୀ କ୍ଷୀର ପିଇବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିଥାଏ । ତ୍ୱଚା ପାଇଁ ମଧ୍ୟ ଏହା ବେଶ ହିତକାରକ । ଏହା ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ । ହଳଦୀରେ ଆଣ୍ଟି-ଅକ୍ସିଡ଼ାଣ୍ଟ ଓ ଆଣ୍ଟି-ବ୍ୟାକ୍ଟେରିୟଲ ଗୁଣ ରହିଛି । ଯାହା ମୁହଁ ସହ ଜଡ଼ିତ ବହୁ ସମସ୍ୟା ଯେପରି କୁଣ୍ଡାଇ ହେବା, ବ୍ରଣ ଆଦି ଦୂର କରିଥାଏ । ହାଡ଼ ଶକ୍ତ ହେବା ସହ ହାଡ଼ଗଣ୍ଠି ଯନ୍ତ୍ରଣା ଦୂର ହୋଇଥାଏ । ଯଦି ଆପଣଙ୍କୁ ସଠିକ ପରିମାଣରେ ନିଦ ହେଉନାହିଁ ଓ ଚିନ୍ତାଗ୍ରସ୍ତ ରହୁଛନ୍ତି, ତେବେ ହଳଦୀ ମିଶ୍ରିତ କ୍ଷୀର ନିଶ୍ଚୟ ପିଅନ୍ତୁ । ଏହା ଓଜନ ହ୍ରାସ କରିଥାଏ । ମୁଣ୍ଡ ବିନ୍ଧା ମଧ୍ୟ ଦୂର କରିଥାଏ ।

# ସୁସ୍ଥ ଖାଦ୍ୟ



ଏଥିରେ ଅନେକ ପ୍ରକାରର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଥାଏ । ମଧୁମେହ ରୋଗୀଙ୍କୁ ମାଟିରୁ ଉତ୍ପାଦନ ହେଉଥିବା ପରିବା ଖାଇବାକୁ ବାରଣ କରାଯାଉ ଥିଲେ ବି ଏହି ପରିବା ଖାଇବାକୁ ମନା ହୁଏନି । କନ୍ଦମୂଳକୁ ପରିବା ମଧ୍ୟରେ ଏକ ଶ୍ରେଷ୍ଠ ପରିବା ଭାବେ ବିବେଚନା କରାଯାଏ । ଏଥିରେ ଅନେକ ପ୍ରକାରର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଥାଏ । ମଧୁମେହ ରୋଗୀଙ୍କୁ ମାଟିରୁ ଉତ୍ପାଦନ ହେଉଥିବା ପରିବା ଖାଇବାକୁ ବାରଣ କରାଯାଉ ଥିଲେ ବି କନ୍ଦମୂଳ ଖାଇବାକୁ ମନା ହୁଏନି । କାରଣ ଏଥିରେ ଥିବା ଉପାଦାନ ମଧୁମେହ ରୋଗୀଙ୍କ ପାଇଁ ମଧ୍ୟ ଲାଭପ୍ରଦ । କନ୍ଦମୂଳରେ ଫାଇବର, ଭିଟାମିନ୍ (ଏ,ସିଏବଂବି୬), ମିନେରାଲ୍ସ (ପୋଟାସିୟମ୍, ମାଙ୍ଗାନିଜ୍) ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରପୂର ମାତ୍ରାରେ ଥାଏ । କନ୍ଦମୂଳରେ ବିଟା-କାରୋଟିନ୍ ନାମକ ଏକ ପ୍ରକାର ଆଣ୍ଟିଅକ୍ସିଡାଣ୍ଟ ମଧ୍ୟ ରହିଥାଏ, ଯାହା ଶରୀରକୁ ଭିଟାମିନ ଏ ଅଭାବରୁ ରକ୍ଷା କରେ । କନ୍ଦମୂଳ ଖାଇବାର ଅନେକ ସ୍ୱାସ୍ଥ୍ୟ ଉପକାରିତା ରହିଛି, ସେଗୁଡିକ କଣ ଜାଣନ୍ତୁ...

**ଉତ୍ତମ ସ୍ୱାସ୍ଥ୍ୟ ପାଇଁ କନ୍ଦମୂଳ:**
ଏଥିରେ ଭିଟାମିନ୍ ଏବଂ ଖଣିଜ ପଦାର୍ଥ ଯଥା ଭିଟାମିନ୍ ଏ, ଭିଟାମିନ୍ ସି, ପୋଟାସିୟମ୍ ଏବଂ ଫାଇବର ଭରପୂର ଥାଏ, ଯାହା ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜରୁରୀ । କନ୍ଦମୂଳ ଖାଇବା ଦ୍ୱାରା ଶରୀରକୁ ପୋଷକ ତତ୍ତ୍ୱ ମିଳିଥାଏ ।

**ପ୍ରତିରକ୍ଷା ପ୍ରଣାଳୀକୁ ଦୃଢ କରେ:**
କନ୍ଦମୂଳରେ ଥିବା ଭିଟାମିନ୍ ଏ ଏବଂ ଭିଟାମିନ୍ ସି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୁଏ । ଏହା ଫଳରେ ରୋଗ ଏବଂ ସଂକ୍ରମଣ ସହ ଲଢିବାକୁ ଶରୀରକୁ ଶକ୍ତି ମିଳିଥାଏ ।

**ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ:**
କନ୍ଦମୂଳରେ ଥିବା ଫାଇବର ହଜମ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରେ । ଏଥିସହ କୋଷ୍ଠକାଠିନ୍ୟକୁ ରୋକିଥାଏ ।

**ରକ୍ତଚାପକୁ ନିୟନ୍ତ୍ରଣରେ ରଖେ:**
କନ୍ଦମୂଳ ପୋଟାସିୟମର ଏକ ଉତ୍ତମ ଉତ୍ସ । ଏଥିରେ ଥିବା ମିନେରାଲ ରକ୍ତଚାପ ସ୍ତରକୁ ନିୟନ୍ତ୍ରଣ କରିବାରେ ଏବଂ ଉଚ୍ଚ ରକ୍ତଚାପ ଆଶଙ୍କାକୁ ହ୍ରାସ କରିବାରେ ସାହାଯ୍ୟ କରେ ।

**ସାମୂହୀକ ଓଜନ ବଜାୟ ରଖେ:**
କନ୍ଦମୂଳ ମିଠା ଲାଗିଲେ ମଧ୍ୟ, ଏଥିରେ କ୍ୟାଲୋରୀ ଅଧିକ ନଥାଏ । କିନ୍ତୁ ଫାଇବର ଭରପୂର ଥାଏ, ଯାହା ଓଜନ ହ୍ରାସ ଏବଂ ଓଜନ ପରିଚାଳନାକୁ ପ୍ରୋତ୍ସାହିତ କରିଥାଏ ।

**ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରେ:**
କନ୍ଦମୂଳରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥାଏ, ଯାହା ରକ୍ତରେ ଶର୍କରା ସ୍ତରକୁ ସ୍ଥିର କରିବାରେ ସାହାଯ୍ୟ କରିଥାଏ ।

**ହୃଦୟ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ:**
କନ୍ଦମୂଳରେ ଥିବା ଫାଇବର, ପୋଟାସିୟମ ଏବଂ ଆଣ୍ଟିଅକ୍ସିଡାଣ୍ଟ କୋଲେଷ୍ଟ୍ରଲ ସ୍ତରକୁ ହ୍ରାସ କରିଥାଏ । ଫଳରେ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହେ । ଏହି ଦୁଇ ସମସ୍ୟା ନିୟନ୍ତ୍ରଣରେ ରହିବା ଫଳରେ ହୃଦୟ ସୁସ୍ଥ ବଜାୟ ରହେ ।

**ମସ୍ତିଷ୍କକୁ ସୁସ୍ଥ ରଖେ:**
କନ୍ଦମୂଳରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଯୌଗିକ ମସ୍ତିଷ୍କ କୋଷଗୁଡ଼ିକୁ କ୍ଷତିରୁ ରକ୍ଷା କରିପାରେ । ଯାହା ଫଳରେ ମସ୍ତିଷ୍କ କାର୍ଯ୍ୟରେ ଉନ୍ନତି ଆସେ ।

**ଚର୍ମ ସ୍ୱାସ୍ଥ୍ୟକୁ ସୁସ୍ଥ ରଖେ:**
କନ୍ଦମୂଳରେ ଭିଟାମିନ୍ ଏ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରୂପର ପରିମାଣରେ ଥାଏ, ଯାହା ଚର୍ମ ଗଠନରେ ଉନ୍ନତି ଆଣିବା ସହ କୋଲାଜେନ୍ ଉତ୍ପାଦନ ବୃଦ୍ଧି କରି ସୁସ୍ଥ ଚର୍ମକୁ ପ୍ରୋତ୍ସାହିତ କରେ ।

**ଚକ୍ଷୁ ସ୍ୱାସ୍ଥ୍ୟକୁ ଦୂର କରେ:**
କନ୍ଦମୂଳରେ ପ୍ରଚୁର ପରିମାଣରେ ବିଟା-କାରୋଟିନ ଥାଏ, ଯାହା ଦୃଷ୍ଟିଶକ୍ତି ବଜାୟ ରଖିବା ସହ ବୟସ ସମ୍ବନ୍ଧୀୟ ମାକୁଲାର ଡିଜେରେସନକୁ ରୋକିଥାଏ ।



# ଭିଟାମିନ ଅଭାବରୁ ଝିମଝିମ୍

ଭିଟାମିନ୍ ଅଭାବ ଥିଲେ ହାତ, ଗୋଡ କିମ୍ବା ଶରୀରର ଅନ୍ୟ କୌଣସି ଅଂଶରେ ଝିମଝିମ୍ ହୋଇଥାଏ । ଅଧିକାଂଶ ଲୋକ ଝିମଝିମର ସମ୍ମୁଖୀନ ହୁଅନ୍ତି । ହାତ କିମ୍ବା ପାଦରେ ଏହି ଲକ୍ଷଣ ଅନୁଭବ ହୁଏ । ଜାଣନ୍ତି କି ଏପରି କାହିଁକି ହୁଏ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ ଭିଟାମିନ୍ ଅଭାବରୁ ଏହି ଲକ୍ଷଣ ଦେଖାଦିଏ । ଭିଟାମିନ୍ ଅଭାବ ଥିଲେ ହାତ, ଗୋଡ କିମ୍ବା ଶରୀରର ଅନ୍ୟ କୌଣସି ଅଂଶରେ ଝିମଝିମ୍ ହୋଇଥାଏ । ତେବେ କେଉଁ ଭିଟାମିନର ଅଭାବ ଶରୀରରେ ଏହି ସମସ୍ୟା ସୃଷ୍ଟି କରେ, ଜାଣନ୍ତୁ... ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଯେତେବେଳେ ଶରୀରରେ ଭିଟାମିନ୍ ଇ୧ ୨ର ଅଭାବ ଥାଏ, ସେତେବେଳେ ଅନେକ ସ୍ନାୟୁଗତ ସମସ୍ୟା ଦେଖା ଦେଇଥାଏ । ଏହି ଭିଟାମିନ ଅଭାବ କାରଣରୁ ମୁଣ୍ଡ ବୁଲାଇବା, ଥକ୍କା ଲାଗିବା, ଉଦାସୀନତା, ଗୋଡରେ ପାରେଷ୍ଟେସିଆ ଏବଂ ମାଂସପେଶୀ ଯନ୍ତ୍ରଣା ଭଳି ସମସ୍ୟା ସୃଷ୍ଟି ହୋଇପାରେ । ଇ୧ ୨ର ଅଭାବ ପ୍ରାୟତଃ ସ୍ନାୟୁ ସମ୍ବନ୍ଧୀୟ ରୋଗ ସୃଷ୍ଟି କରେ । ଏହି କାରଣରୁ, ସ୍ନାୟୁରେ ଝିମଝିମ୍ ଲକ୍ଷଣ ଦେଖାଦିଏ । ଅନେକ ରିପୋର୍ଟରୁ ଜଣାପଡିଛି ଯେ, କେବଳ ଭିଟାମିନ୍ ଇ୧ ୨ର ଅଭାବରୁ ନୁହେଁ, ବରଂ ଅନ୍ୟ ଭିଟାମିନର ଅଭାବ କାରଣରୁ ମଧ୍ୟ ହାତ ଏବଂ ପାଦରେ ଝିମଝିମ୍ ହୋଇପାରେ । ଯଦି ଉପଯୁକ୍ତ ଖାଦ୍ୟ ଅଭ୍ୟାସ ନଥାଏ ତେବେ ଶରୀରରେ ଭିଟାମିନ୍ ଅଭାବ ଦେଖାଯାଏ । ଭିଟାମିନ୍ ଇ୧ ୨ ଅଭାବକୁ ଦୂର କରିବା ପାଇଁ କ'ଣ ଖାଇବେ ଶରୀରରେ ଭିଟାମିନ୍ ଇ୧ ୨ ର ଅଭାବକୁ ଦୂର କରିବା ପାଇଁ ମାଛ, ମାଂସ ଏବଂ ଅଣ୍ଡା ଖାଆନ୍ତୁ । କ୍ଷୀର, ପନିର ଏବଂ ଦୁଗ୍ଧ ଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଭିଟାମିନ୍ ଇ୧ ୨ ଅଭାବ ଦୂର ହୋଇଥାଏ ।

ପୁଷ୍ଟିକର ଖାଦ୍ୟ ସାଙ୍ଗକୁ ଶସ୍ୟଜାତୀୟ ଖାଦ୍ୟ ମଧ୍ୟ ଅନ୍ତର୍ଭୁକ୍ତ କରନ୍ତୁ ।

କାହିଁକି ହୋଇଥାଏ ଭିଟାମିନ ଇ୧ ୨ ର ଅଭାବ

ଖାଦ୍ୟରେ ଅନିୟମିତତା ସହ ଆମ ଜୀବନଶୈଳୀରେ ପରିବର୍ତ୍ତନ କାରଣରୁ ଶରୀରରେ ଭିଟାମିନ ଇ ୧୨ର ଅଭାବ ଦେଖାଯାଏ । ମଦ, କଫି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଖାଇବା ଦ୍ୱାରା ଭିଟାମିନ୍ ଇ୧ ୨ ର ଅଭାବ ଦେଖାଦିଏ ।

# 'ଜଗନ୍ନାଥଙ୍କୁ ବାଦ ଦେଇ ଓଡ଼ିଆ ସାହିତ୍ୟ ତିଷ୍ଠି ପାରିବ ନାହିଁ'



**ବାରିପଦା /ଉଦଳା (ଅମୃତ ମିଡିଆ):** ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ଚାଲିଥିବା 'ନୂଆ – ଓ' କାର୍ଯ୍ୟକ୍ରମ ଆଧାରରେ ହେବାକୁ ଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବକୁ ସଫଳ କରିବା ପାଇଁ ବର୍ତ୍ତମାନ ବିଭିନ୍ନ ମହାବିଦ୍ୟାଳୟମାନଙ୍କରେ ଓଡ଼ିଆ ପ୍ରବନ୍ଧ ଲିଖନ, ବକ୍ତୃତା, ସଂଗୀତ, କୁଇଜ, ଲୋକନୃତ୍ୟ, ଗଳ୍ପକଥନ, କବିତା ଆବୃତ୍ତି, ହସ୍ତାକ୍ଷର ଇତ୍ୟାଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହେଉଛି । କପ୍ତିପଦା ବ୍ଲକ ଅନ୍ତର୍ଗତ ନୂଆସାହି ସ୍ଥିତ କପ୍ତିପଦା କନିଷ୍ଠ ମହାବିଦ୍ୟାଳୟ ଓ ଖୁଣ୍ଟା ବ୍ଲକ ଅନ୍ତର୍ଗତ ଧାନଘେରା ସ୍ଥିତ କନିଷ୍ଠ ମହାବିଦ୍ୟାଳୟରେ ଏହାର ଉଦ୍‌ଘାଟନ ଉତ୍ସବ ଇତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ଼. ଚନ୍ଦ୍ର କୁମାର ପଟ୍ଟନାୟକ ଓ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା ଯଥାକ୍ରମେ କପ୍ତିପଦା କନିଷ୍ଠ ମହାବିଦ୍ୟାଳୟ ଓ ଧାନଘେରା କନିଷ୍ଠ ମହାବିଦ୍ୟାଳୟରେ ଉଦ୍‌ଘାଟନ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । କପ୍ତିପଦା କନିଷ୍ଠ ମହାବିଦ୍ୟାଳୟରେ ଜଗନ୍ନାଥ ସଂସ୍କୃତିର ଗବେଷକ ଭାଗବତ ପଣ୍ଡା ଓ ଜଗନ୍ନାଥ ସଂସ୍କୃତି ପ୍ରଚାର କମିଟିର ସଦସ୍ୟ ରମଣି ରଂଜନ ନାୟକ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଜଗନ୍ନାଥଙ୍କୁ ବାଦ ଦେଇ ଓଡ଼ିଆ ସାହିତ୍ୟ କିପରି ତିଷ୍ଠି ପାରିବ ନାହିଁ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ନୋଡ଼ାଲ ଅଫିସର ଅଧ୍ୟାପକ ଡ଼. ଶ୍ରୀହରି ପଣ୍ଡା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଧାନଘେରା କନିଷ୍ଠ ମହାବିଦ୍ୟାଳୟର ଅଧ୍ୟାପକ ରଜତ ଚନ୍ଦ୍ର ନାୟକ, ଡ଼. ଜୟନ୍ତ କୁମାର ଜେନା, ସୁବାସ ଚନ୍ଦ୍ର ଦାସ ଓ କୁଳମଣି ବାରିକ ପ୍ରମୁଖ ଯୋଗ ଦେଇ ଜଗନ୍ନାଥ ସଂସ୍କୃତି ସହିତ ଓଡ଼ିଆ ସାହିତ୍ୟ କିପରି ଅଙ୍ଗାଅଙ୍ଗି ଭାବରେ ଜଡ଼ିତ ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଜଗନ୍ନାଥ ସାଗରର ସୁରକ୍ଷା ପାଇଁ ଗଣଦୌଡ

**ଜୟପୁର (ଅମୃତ ମିଡିଆ):** ଜୟପୁର ଜଗନ୍ନାଥ ସାଗରର ସୁରକ୍ଷା ଓ ବିକାଶ ପାଇଁ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜୟପୁର ରଜାନହର ଠାରୁ ଏହି ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୋ ଜଗନ୍ନାଥ ସାଗର ଟ୍ରଷ୍ଟ ପକ୍ଷରୁ ଏହି ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଗଣଦୌଡକୁ ପତାଞ୍ଜଳି ସେବା ସମିତିର ଜାନକି ପାଣିଗ୍ରାହୀ ସବୁଜ ପତକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ଗଣଦୌଡ ରଜାନହର ଠାରୁ ବାହାରି ଜୟନଗର ଦେଇ ପାର୍କରେ ପହଞ୍ଚିଥିଲା । ଗଣଦୌଡ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀ କରିଥିବା ପ୍ରତିଯୋଗୀଙ୍କ ପୁରସ୍କୃତ କରାଯାଇଥିଲା । ଏହି ଗଣଦୌଡ କାର୍ଯ୍ୟକ୍ରମରେ ୨୦ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟର ୧୫୦ରୁ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ।

# ଭଙ୍ଗା କୁଡିଆରେ ବିତୁଛି ବୃଦ୍ଧାଙ୍କ ଜୀବନ



## ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

**କଳାହାଣ୍ଡି(ଅମୃତ ମିଡିଆ):** କେନ୍ଦ୍ର ଓ ରାଜ୍ୟ ସରକାର ଅସହାୟ ଲୋକଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରୁଥିବାବେଳେ ଅନେକ ବୃଦ୍ଧବୃଦ୍ଧା ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଜୀବନ କାଟୁଛନ୍ତି । ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଗୋଲାମୁଣ୍ଡା ଗ୍ରାମର ମଙ୍ଗଳା ମନ୍ଦିର ସମ୍ମୁଖରେ ଜଣେ ବୃଦ୍ଧା ବିପଦ ସଂକୁଳ ଅବସ୍ଥାରେ ଜୀବନ ବିତାଉଛି । ବୃଦ୍ଧା ଜଣକ ହେଲେ ଉକ୍ତ ଗ୍ରାମର କୁନ୍ଦିଦେଇ । ସେ ଏକୁଟିଆ କୁଡ଼ିଆ ଭିତରେ ବସବାସ କରୁଛି । ସରକାରୀସ୍ତରରେ କେବଳ ଭତ୍ତା ଖଣ୍ଡେ ଓ ଚାଉଳ ମିଳୁଛି । ହେଲେ ଏତିକିରେ ନିଜର ଜୀବନ ବିତାଇବା ବହୁ କଷ୍ଟସାଧ ହୋଇପଡିଛି । ଆବାସ ଖଣ୍ଡେ ମିଳୁନଥିବାର ଭଙ୍ଗା କୁଡ଼ିଆ ଘରେ ବିତାଉଛନ୍ତି ଜୀବନ । ଏପରିକି ଘର ଭିତରକୁ ଯାଇ ଦେଖିଲେ ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର ଦେଖାଯାଉଛି । ବୃଦ୍ଧା ଜଣଙ୍କ ଯେଉଁ ଘରେ ରହୁଛି ଗାଈ ଗୁହାଳଠୁ ବି କମ୍ ନୁହେଁ । ଏହି ବୃଦ୍ଧା ମହିଳାଙ୍କ ଉପରେ ସରକାରୀ ପ୍ରଶାସନର ଦୃଷ୍ଟି ନ ପଡିବା ଏକ ଦୁର୍ଭାଗ୍ୟଜନକ ବୋଲି ମନେ ହେଉଛି । ଏପଟେ ତାଙ୍କୁ ବାଟ କଢ଼େଇବା ପାଇଁ କେହିନାହାନ୍ତି । ଏ ନେଇ ଗୋଲାମୁଣ୍ଡା ସରପଞ୍ଚ ପୁରୁଷୋତ୍ତମ ରାଉତଙ୍କୁ ମତାମତ ଲୋଡ଼ାଯାଇଥିଲା । ବୃଦ୍ଧା ଜଣକ ବିପଦ ସଂକୁଳ ଅବସ୍ଥାରେ ରହୁଥିବା ନିଜେ ସ୍ୱୀକାର କରିଥିଲେ । ତଥାପି ଘର ଖଣ୍ଡେ ଯୋଗାଇ ଦେବାକୁ ଚେଷ୍ଟା ଜାରି ରହିଛି ବୋଲି କହିଥିଲେ । ଏ ଉପରେ ପ୍ରଶାସନ ଦୃଷ୍ଟି ଦେଇ ଘର ଖଣ୍ଡେ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ଗଞ୍ଜେଇ ଜବତ, ଜଣେ ଗିରଫ



**ଜୟପୁର(ଅମୃତ ମିଡିଆ):** ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢାଉ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ବୈପାରିଗୁଡା ଥାନା ଅନ୍ତର୍ଗତ କୁମ୍ଭିଗୁଡା ଗ୍ରାମର ଭଗୁ ମଝୀ (୪୬) । ପୋଲିସ ସୂଚନା ଅନୁଯାୟୀ, ପୋଲିସ ପେଟ୍ରୋଲିଂ କରୁଥିବାବେଳେ ପାତ୍ରପୁଟ ଛକରେ ଜଣେ ଅପେକ୍ଷା କରିଥିବାବେଳେ ସନ୍ଦେହରେ ଯାଞ୍ଚ କରାଯାଇଥିଲା । ପରେ ବୈପାରିଗୁଡା ଥାନା ଅନ୍ତର୍ଗତ କୁମ୍ଭିଗୁଡା ଗ୍ରାମର ଭଗୁ ମଝୀ (୪୬)ଙ୍କ ଠାରୁ ୨୫୨ ଗଞ୍ଜେଇ ଜବତ କରାଯାଇଥିଲା । ରାୟପୁର ଚାଲାଣ କରିବା ପାଇ ଯୋଜନା କରୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିବା ଜୟପୁର ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# କେଲୁଅ ନଦୀରେ ବୁଡ଼ି ଯୁବକ ମୃତ



**ଧର୍ମଶାଳା(ଅମୃତ ମିଡିଆ):** ଧର୍ମଶାଳା ଥାନା ଅର୍ନ୍ତଗତ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁର ଗ୍ରାମରେ କେଲୁଅ ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ ଘଟିଛି । ସୂଚନା ମୁତାବକ, ଏହି ଗ୍ରାମର ଅଜୟ ତରାଇଙ୍କ ପୁଅ ଅମର ତରାଇ(୩୨) ମଧ୍ୟାହ୍ନ ୧ ଟା ସମୟରେ ନଦୀକୁ ଗାଧୋଇବାକୁ ଯାଇଥିବା ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ । ପରେ ଫେରିବାରେ ବିଳମ୍ବ ହେବାରୁ ଘର ଲୋକ ତାଙ୍କୁ ନଦୀରେ ପଡିଥିବାର ଦେଖିବାକୁ ପାଇଥିଲେ । ସଙ୍ଗେ ସେଙ୍ଗ ପରିବାର ଲୋକେ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଛନ୍ତି ।

# 'ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ବାରିପଦା /ଉଦଳା(ଅମୃତ ମିଡିଆ):** ନୂଆସାହି ସ୍ଥିତ କପ୍ତିପଦା ମହାବିଦ୍ୟାଳୟ ପରିସରରେ +୨ ଓ +୩ ବିଭାଗ ତରଫରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ (ଜାତୀୟ ଯୁବ ଦିବସ) ପୃଥକ ପୃଥକ ଭାବରେ ପାଳିତ ହୋଇଯାଇଛି । +୩ରେ ଥିବା ଯୁବ ରେଡ଼କ୍ରସ, ଜାତୀୟ ସେବା ଯୋଜନା ଓ ମୋ କଲେଜ ଅଭିଯାନ ତରଫରୁ ଏହି ଦିବସ ପାଳନ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା । ଅଧ୍ୟାପକ ଡ଼. ଶାନ୍ତ ସୁନ୍ଦର ଆଚାର୍ଯ୍ୟ ଏହାର ନେତୃତ୍ୱ ନେବା ସହିତ ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ସେହିପରି +୨ ବିଭାଗରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଚନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନାଚକ୍ରରେ ଅଧ୍ୟାପକ ସନ୍ତୋଷ କୁମାର ମହାନ୍ତି, ଶଙ୍କର୍ଷଣ ମିଶ୍ର ଓ ଡ଼. ଶ୍ରୀହରି ପଣ୍ଡା ଅଂଶ ଗ୍ରହଣ କରି ସ୍ୱାମୀ ବିବେକାନନ୍ଦ କିପରି ସମଗ୍ର ପୃଥିବୀର ଜନମାନସକୁ ପ୍ରଭାବିତ କରିପାରିଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ ।




# ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା ଶେଷ



**ଜୟପୁର (ଅମୃତ ମିଡିଆ):** ଜୟପୁର ସହରରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା ଶେଷ କରିଛି । ଆସନ୍ତା ୧୭ ତାରିଖରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବ । ଏହି ଅବସରରେ ଗତ ୮ ତାରିଖ ଠାରୁ ୧୪ ତାରିଖ ମଧ୍ୟରେ ଜୟ ଜଗନ୍ନାଥ ଅର୍ପଣ ରଥ ଜୟପୁର ସହରର ସମସ୍ତ ଓାର୍ଡ, ସାହି ପରିକ୍ରମା କରି ଆଜି ଶେଷ କରିଛି । ଶେଷ ଦିନରେ ଓାର୍ଡ ନମ୍ବର ୪, ୫ ୬ ଓ ୧୬ ପରିକ୍ରମା କରିଥିଲା । ଜୟପୁର ପୌରପାଳିକା ଦ୍ୱାରା ସବୁ ବ୍ୟବସ୍ଥା କରାଯାଇଥିଲା । ସଂକୀର୍ତ୍ତନ ଜୟ ଜଗନ୍ନାଥ ଧ୍ୱନିରେ ରଥକୁ ସହରର ୨୮ଟି ଓ୍ୱାର୍ଡର ପ୍ରତ୍ୟେକ ସାହି ପ୍ରରିକ୍ରମା କରାଯାଇଥିଲା । ପ୍ରତ୍ୟେକ ଘରୁ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା । ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇ ଅର୍ପଣ ରଥ ପରିକ୍ରମା କରିବା ସହ ଗୁଆ ଓ ଚାଉଳ ସଂଗ୍ରହ କରାଯାଇଥିଲା । ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ବିଜେଡିର ଇନ୍ଦିରା ନନ୍ଦ, କାଉନସିଲର, ବୁଦ୍ଧୀଜୀବୀ ପ୍ରମୁଖ ଉପସ୍ଥିତ ଥିଲେ । ସଂଗ୍ରହ ହୋଇଥିବା ଗୁଆ ଚାଉଳ ମହାପ୍ରଭୁ ଜଗନ୍ନାଥଙ୍କ ସେବାରେ ବିନିଯୋଗ କରିବା ପାଇଁ ପୁରୀ ପଠାଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି । ଜୟପୁର ସହରରେ ଦୁଇଟି ଜୟ ଜଗନ୍ନାଥ ଅର୍ପଣ ରଥ ସହର ପରିକ୍ରମା କରିଥିଲା । ଏଠାରେ କାଉନସିଲର, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁରଭାଇଜର ଉପସ୍ଥିତ ରହିବା ସହ ସହରର ସଂକୀର୍ତ୍ତନ ମଣ୍ଡଳୀ ଭାଗ ନେଇଛନ୍ତି ।

# ଭୋଗି ଲଗାଇଲେ ତେଲୁଗୁ ସମ୍ପ୍ରଦାୟ ଲୋକେ

**ଜୟପୁର(ଅମୃତ ମିଡିଆ):** ଜୟପୁର ସହର ପୋଙ୍ଗଲ ପାଇଁ ଉତ୍ସବ ମୁଖର ହୋଇଛି । ଜୟପୁର ସହରର ପ୍ରସାଦରାଓପେଟା, ମହାରାଣିପେଟା, ସମ୍ବାରତୋଟା ଅଞ୍ଚଳରେ ପର୍ବ ବହୁ ଆଡମ୍ବରରେ ଚାଲୁଥିବା ଲକ୍ଷ୍ୟ କରାଯାଇଛି । ଏହି ଅବସରରେ ତେଲୁଗୁ ସମ୍ପ୍ରଦାୟର ଲୋକେ ବର୍ଷ ସାରା ଘରେ ରଖିଥିବା କାଠକୁ ଆଣି ଭୋଗୀ ଲଗାଇ ଉତ୍ସବ ମୁଖରରେ ପାଳନ କରିଛନ୍ତି । ଜୟପୁରରର ଜଗତ ଜନନି ମନ୍ଦିର ସମ୍ମୁଖରେ, ସମ୍ବାରତୋଟା, ଏନକେଟି ରୋଡ ପରି ୧୫ ରୁ ଅଧିକ ସ୍ଥାନରେ ଭୋଗି ଆସର ଜମିଥିଲା । ଛୋଟ ଛୋଟ ପିଲା ମାନେ ହାତରେ ଆଳୁ, କନ୍ଦମୂଳ ପୋଡାଇ ଖାଉଥିବା ଦେଖିବାରୁ ମେଳିଥିଲା । ଏହାକୁ ଅଧିକ ଆକର୍ଷଣ କରିବା ପାଇ ସହର ସାରା ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ସମେତ ଅନ୍ୟ ନେତା ମାନେ ମାନେ ଶୁଭେଚ୍ଛାର ବାର୍ତ୍ତା ଲଗାଇ ତେଲୁଗୁ ସମ୍ପ୍ରଦାୟକୁ ଶୁଭେଚ୍ଛା ଜଣାଇଥିବାବେଳେ ସବୁ ବର୍ଷ ଏହି ତେଲୁଗୁ ସମ୍ପ୍ରଦାୟର ପର୍ବକୁ ଆକର୍ଷଣ କରିବା ପାଇଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ତେଲୁଗୁ ସମ୍ପ୍ରଦାୟ ଲୋକଙ୍କ ପାଇଁ ଏହି ଉତ୍ସବ ମୁଖର ହୋଇପଡିଛି । ଏହି ଅବସରରେ ତେଲୁଗୁ ସମ୍ପ୍ରଦାୟର ଲୋକେ ବିଭିନ୍ନ ସ୍ଥାନରେ ନିଆଁ ଜାଳି ଶୀତକୁ ବିଦାୟ ଦେଇଥାନ୍ତି ।

# ନାବାଳିକା ଛାତ୍ରୀକୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

**ଜୟପୁର (ଅମୃତ ମିଡିଆ):** ନବାଳିକା ଛାତ୍ରୀକୁ ଅପହରଣ ଓ ଦୁଷ୍କର୍ମ ହୋଇଥିବା ମାମଲାରେ ଆଜି ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ମହିଳା ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ବିସିଂପୁର ଥାନା ଅନ୍ତର୍ଗତ କୁସୁମଗୁଡାର ଘନସ୍ୟାମ ଗୌଡ (୨୩) । ପୋଲିସ ସୂଚନା ଅନୁଯାୟୀ, ଯୁକ୍ତ ଦୁଇ ପଢୁଥିବା ଜଣେ ନାବାଳିକାକୁ ଅପହରଣ ହୋଇଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ବାଲାପୁଟ ଗ୍ରାମ କ୍ଲବ ଘରୁ ନାବାଳିକାକୁ ଉଦ୍ଧାର କରି ଅଭିଯୁକ୍ତ କୁ ଗିରଫ କରିଥିଲା । ନାବାଳିକା ଓ ଅଭିଯୁକ୍ତର ଡାକ୍ତରି ମାଇନା କରାଯାଇଛି । ନାବାଳିକାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବାବେଳେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବିଷୟ ମହିଳା ଥାନା ଅଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି ।

# ବିଏସ୍‌ଏନଏଲ ୪ଜି ଟାୱାର ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ




**ବାରିପଦା(ଅମୃତ ମିଡିଆ):** କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ବେତନଟୀ ବିଏସଏନଏଲ ସବ୍ ଡିଭିଜନ ଅଧିନସ୍ଥ ମଣତାପାଳ ଠାରେ ଏକ ୪ଜି ଭାରତ ସଞ୍ଚାର ନିଗମର ଟାୱାରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ବେତନଟୀ ବିଏସଏନଏଲର ସେବା ତିନି କିମି ବ୍ୟାସାର୍ଦ୍ଧ ମଧ୍ୟରେ ଏତେ ଦୁର୍ବଳ ଯେ, ଉପଭୋକ୍ତାମାନେ ବର୍ଷ ଯାକ ସେବା ପାଇବାରୁ ବଞ୍ଚିତ ହୋଇଥାନ୍ତି । ଯେଉଁଥିପାଇଁ ବିଏସ୍‌ଏନ୍‌ଏଲ୍ ଉପଭୋକ୍ତାମାନେ ସେମାନଙ୍କ ଦୁର୍ବଳ ନେଟୱର୍କ ପାଇଁ ସିମ ବଦଳାଇବାକୁ ବାଧ ହୋଇଥାନ୍ତି । ଏହି ଧାରା ଏଠାରେ ବର୍ଷବର୍ଷ ଧରି ଲାଗି ରହିବା ଏବଂ ସବ୍‌ଡିଭିଜନାଲ ଏକ୍ସଚେଞ୍ଜରେ ଷ୍ଟାଫ୍ ଅଭାବ ଯୋଗୁଁ ଏହା ଏବେ ଅବହେଳିତ ଏବଂ ପରିତ୍ୟକ୍ତ ଅବସ୍ଥାରେ ସେବା ପ୍ରଦାନ କରି ନପାରି ପଡି ରହିଥିଲା । ଏହି ଆଦିବାସୀ ବହୁଳ ଗ୍ରାମାଞ୍ଚଳର ବିସ୍ତୀର୍ଣ୍ଣ ଅଞ୍ଚଳର ଉପଭୋକ୍ତା ନେଟୱର୍କର ବିଭ୍ରାଟର ସମ୍ମୁଖିନ ହୋଇ ଆସୁଥିଲେ । ସାଧାରଣ ଜନତାଙ୍କ ସୁବିଧା ନିମନ୍ତେ ଏହି ୪ଜି ସେବା ପ୍ରଦାନ କରାଯିବା ଉଦ୍ଦେଶ୍ୟରେ ଏକ ବିରାଟ ସମାବେଶର ଆୟୋଜନ କରାଯାଇ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀଙ୍କ ମାରାଥନ ଗସ୍ତର ଆୟୋଜନ କରାଯାଇଥିଲା । ଏହା ସହିତ ଭାରତ ସଞ୍ଚାର ନିଗମର ବହୁ ପଦସ୍ଥ ଅଧିକାରୀମାନଙ୍କ ସହିତ ସ୍ଥାନୀୟ ବିଧାୟକ ସନାତନ ବିଜୁଳି, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଧାନମନ୍ତ୍ରୀଙ୍କ ଜନାଭିମୁଖୀ କାର୍ଯ୍ୟର ପ୍ରଶଂସା କରିବା ସହିତ ପ୍ରଧାନମନ୍ତ୍ରୀ ସାରା ଭାରତ ସହିତ ବିଶ୍ୱକୁ ମୋବାଇଲ ନେଟୱର୍କ ସହିତ ଯୋଡିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣତାପାଳର ଦନ୍ଦୁ ମୁର୍ମୁ, ସୁନାରାମ ସୋରେନ୍, ହାଡ଼ିବନ୍ଧୁ ହାଁସଦା ପ୍ରମୁଖ ଯୋଗ ଦେଇ ନିଜ ବକ୍ତବ୍ୟ ରଖିବା ସହିତ କେନ୍ଦ୍ରମନ୍ତ୍ରୀଙ୍କ ପଦକ୍ଷେପ ଓ ପ୍ରତିଶ୍ରୁତିକୁ ପ୍ରଶଂସା କରିଥିଲେ ।

# ସହରରେ ଖୋଲିଲା ସ୍କିନ୍ ଏକାଡେମୀ

## ଉଭୟ ପୁରୁଷ ଓ ମହିଳାଙ୍କୁ ଦିଆଯିବ ତାଲିମ

**କଟକ (ବ୍ୟୁରୋ):** କଟକ ସହରରେ ଖୋଲିଲା ସ୍କିନ୍ ଏକାଡେମୀ । ଯେଉଁଠି ଉଭୟ ପୁରୁଷ ଓ ମହିଳାଙ୍କୁ ଅଭିଜ୍ଞ ଟ୍ରେନର କସ୍‌ମେଟିକ ଉପରେ ଦେବେ ତାଲିମ । ଚୁଟି କାଟିବା, ସ୍କିନର ସମସ୍ୟା, ଫେସିଆଲ, ବିଭିନ୍ନ କାର୍ଯ୍ୟକ୍ରମରେ ମେକଅପ୍‌ର ଦେବେ ତାଲିମ । କଟକ ଲିଙ୍କ ରୋଡରେ ଲାକ୍ମୀର ସହ ଭାଗିତାରେ ଖୋଲାଯାଇଥିବା ଏହି ଏକାଡେମୀକୁ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଉଦ୍‌ଘାଟନ କରିଥିଲେ । କମ୍ ଟଙ୍କାରେ ସମସ୍ତେ ଏଠାରେ ଆସି ତାଲିମ ନେଇ ପାରିବେ । ବର୍ତ୍ତମାନ ସମୟରେ ସେଲୁନ ଠାରୁ ଆରମ୍ଭ କରି ପାର୍ଲର ଚାହିଦା ବଢୁଥିବାବେଳେ ଏଭଳି ପାଠ ପଢି ନିଜେ ରୋଜଗାରକ୍ଷମ ହୋଇପାରିବ ଜଣେ ବ୍ୟକ୍ତି ବୋଲି କହିଛନ୍ତି ମନ୍ତ୍ରୀ । ଏହି ଏକାଡେମୀରେ ଲାକ୍ମୀର ଅଭିଜ୍ଞ କସମେଟିକସିଆନ ତାଲିମ ଦେବା ସହ ସ୍ୱତନ୍ତ୍ର ପାଠ ପଢାଇବେ । ଏଥିସହ ଯେଉଁ ଲୋକ ଯାହା ଉପରେ ତାଲିମ ନେବାକୁ ଚାହିଁବ ନେଇପାରିବ ବୋଲି ଏକାଡେମୀର ପ୍ରୋପାଇଟର କହିଛନ୍ତି ।



# ବିଶିଷ୍ଟ ସାହିତ୍ୟିକା ବିଜୟିନୀ ଦାସଙ୍କ ପରଲୋକ

**କଟକ (ବ୍ୟୁରୋ):** ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖିକା ବିଜୟିନୀ ଦାସ (୮୦)ଙ୍କ ପରଲୋକ ହୋଇଯାଇଛି । ସେ କିଛି ଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ପରଲୋକ ପରେ ତାଙ୍କ ମରଶରୀରକୁ ଷ୍ଟୋନିରୋଡ ସ୍ଥିତ ତାଙ୍କ ବାସଭବନରେ ଶେଷଦର୍ଶନ ପାଇଁ ରଖାଯାଇଥିଲା । ଶେଷଶଯ୍ୟା ନିକଟରେ ପୁଅ ଅମରଜିତ ଦାସ, ବୋହୂ ମିନତୀ ଦାସ, ଝିଅ ମଧୁମିତା ମହାନ୍ତି, ଜ୍ୱାଇଁ ସୌରଭ ମହାନ୍ତି, ଦେଢ଼ଶୂର ପ୍ରଫେସର ଡାକ୍ତର ରଘୁବୀର ଦାସଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ପରଲୋକ ଖବର ପାଇ ବସୁନ୍ଧରା ସଂପାଦିକା ଶୈଳ ବେହେରା, ସମାଜସେବୀ ସାବିତ୍ରୀ ଚୌଧୁରୀ, ଉତ୍କଳ ପ୍ରସଙ୍ଗ ସଂପାଦିକା କସ୍ତୁରୀ ମହାପାତ୍ର, ରୀନି ମହାନ୍ତି, କଂଗ୍ରେସ ନେତ୍ରୀ ଗିରିବାଳା ବେହେରା, ସୁଧାଂଶୁ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସନ୍ଧ୍ୟାରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ସତୀଚଉରା ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ଏକମାତ୍ର ପୁଅ ଅମରଜିତ ମୁଖାଗ୍ନି ଦେଇଥିଲେ । ୧୯୪୪ ମସିହା ସେପ୍ଟେମ୍ବର ୨୩ରେ ନୟାଗଡ଼ ଜିଲ୍ଲା ବାଉଁସିଆପଡ଼ା ଗ୍ରାମରେ ବିଜୟିନୀ ଦାସ ଜନ୍ମଗ୍ରହଣ କରିଥିଲେ । ଭାଗବତ ପଟ୍ଟନାୟକ-କୁମୁଦିନୀ ପଟ୍ଟନାୟକଙ୍କ ଝିଅ ବିଜୟିନୀ ମନସ୍ତତ୍ତ୍ୱ ବିଜ୍ଞାନରେ ଉଚ୍ଚ ଶିକ୍ଷା ଗ୍ରହଣ କରିବା ପରେ ସାରସ୍ୱତ ସାଧନା ଓ ସମାଜସେବା କ୍ଷେତ୍ରରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିଥିଲେ । ଓଡ଼ିଶାରେ ମହିଳା ଓ ଶିଶୁଙ୍କ ଅଧିକାର ଓ ନ୍ୟାୟ ପାଇଁ ତାଙ୍କର ଉଦ୍ୟମ ସର୍ବଦା ଉଲ୍ଲେଖନୀୟ । ୧୯୭୦ ମସିହାରେ ମାସିକ ସାହିତ୍ୟ ପତ୍ରିକା 'ଜୀବନରଙ୍ଗ'ର ସଂପାଦକ ଭାବେ ସାରସ୍ୱତ ସେବା ଆରମ୍ଭ କରିଥିଲେ । ସେ ଓଡ଼ିଶା ମହିଳା ସ୍ୱେଚ୍ଛାସେବୀ ସଂଘ, ବସୁନ୍ଧରା, ଉତ୍କଳ ମହିଳା ସମିତି ଭଳି ସାମାଜିକ ସଂଗଠନ ସହ ସଂପୃକ୍ତ ଥିଲେ । ସାରସ୍ୱତ ସେବା ପାଇଁ ସେ ପ୍ରଜାତନ୍ତ୍ର ବିଷୁବ ସମ୍ମାନ, ସାହିତ୍ୟ ଏକାଡେମୀ ପୁରସ୍କାର, ରାଧାନାଥ ରାୟ ସ୍ମୃତି ସମ୍ମାନ, ଦାସରଥୀ ପଟ୍ଟନାୟକ ସାହିତ୍ୟ ସମ୍ମାନ, ମାନସିଂହ ସମ୍ମାନ, ଓଡ଼ିଶା ପ୍ରତିଭା ସମ୍ମାନ, ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବସନ୍ତ କୁମାରୀ ଦେବୀ ଲେଖିକା ସମ୍ମାନ, ଭୁବନେଶ୍ୱର ପୁସ୍ତକ ମେଳା ସମ୍ମାନ ଭଳି ବହୁ ସମ୍ମାନ ଓ ପୁରସ୍କାର ଲାଭ କରିଛନ୍ତି । ତାଙ୍କ ବିୟୋଗରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସଂପାଦକ ଆଦିତ୍ୟ ପ୍ରତାପ ଧଳ, ବିଶିଷ୍ଟ ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁ, ସାହିତ୍ୟିକ ଡକ୍ଟର ବିଜୟାନନ୍ଦ ସିଂହ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ଧୋବେନ ଚଞ୍ଚରାରେ ଅତିରିକ୍ତ ଗୋଦାମ ଗୃହ ଉଦ୍‌ଘାଟିତ

**କୋକସରା(ଅମୃତ ମିଡିଆ):** କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ଧୋବେନ ଚଞ୍ଚରା ଠାରେ ଅସ୍ଥାୟୀ ଅତିରିକ୍ତ ଗୋଦାମ ଗୃହ ରବିବାର ଉଦ୍‌ଘାଟିତ ହୋଇଯାଇଛି । ଡୁଡୁକାଠେଙ୍ଗା ପଞ୍ଚାୟତ ସରପଞ୍ଚ ହରିପ୍ରିୟା ନାଗଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ ଯୋଗ ଦେଇଥିବାବେଳେ ଅନ୍ୟତମ ଅତିଥି ଭାବେ ଆମପାଣି ଜୋନ ଜିଲ୍ଲା ପରିଷଦ ସଭ୍ୟ ହେମନ୍ତ ମାଝି , ଧର୍ମଗଡ ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ପ୍ରସାଦ ଯୁଏଡ, ସ୍ଥାନୀୟ ନାଏବ ସରପଞ୍ଚ ଖଗେଶ୍ୱର ବାଣୁଆ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମେ ଗାଁ ମୁଣ୍ଡରୁ ଅତିଥିମାନଙ୍କୁ ସୁ ସ୍ୱାଗତ ଜଣାଇ ପାଛୋଟି ଆଣିଥିଲେ । ଢୋଲ ନିସାନ ଓ ବାଜା ମହୁରୀ ସାଙ୍ଗକୁ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ହୋଇ ଉଠୁଥିଲା ପୁରା ଗାଁ । ସ୍ୱାଗତ ସମ୍ବର୍ଦ୍ଧନା ସମାରୋହରେ ଯୁବକଯୁବତୀମାନେ ବେଶ୍ ଉତ୍ସାହିତ ହୋଇ ଆନନ୍ଦରେ ନାଚି ଉଠିଥିବା ଦେଖିବାକୁ ମିଳିଥିଲା । ଶତାଧିକ ମହିଳାଙ୍କ ସମେତ ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ । ଅତିଥିମାନଙ୍କ ଦ୍ୱାରା ଅସ୍ଥାୟୀ ଅତିରିକ୍ତ ଗୋଦାମ ଗୃହ ଉଦ୍‌ଘାଟିତ ହୋଇଥିଲା । ଏବଂ ହିତାଧିକାରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପିଡିଏସ୍ ଚାଉଳ ବଣ୍ଟନର ଶୁଭାରମ୍ଭ କରାଯାଇଥିଲା । ଗ୍ରାମବାସୀମାନେ ସରପଞ୍ଚ ହରିପ୍ରିୟା ନାଗଙ୍କ ଅକ୍ଳାନ୍ତ ପରିଶ୍ରମ ସାଙ୍ଗକୁ ସତ ଚେଷ୍ଟା ଫଳରେ ଆଜି ଆମ ଦୀର୍ଘ ଦିନର ଆଶା ପୂରଣ ହୋଇପାରିଛି ବୋଲି ଶ୍ରୀମତୀ ହରିପ୍ରିୟା ନାଗଙ୍କୁ ଅଶେଷ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥିମାନେ ମଧ୍ୟ ତାଙ୍କର ଏଭଳି ଏକ ମହତ କାର୍ଯ୍ୟ ଉପରେ ବେଶ୍ ପ୍ରଶଂସା କରିଥିଲେ । ପୂର୍ବରୁ ଧୋବେନ ଚଞ୍ଚରା ଏବଂ ନୂଆପଡା ଗ୍ରାମର ଖାଉଟିମାନେ ପିଡିଏସ୍ ସାମଗ୍ରୀ ନେବା ସମୟରେ ଦୂରତା ଥିବା ହେତୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ । ହେଲେ ସେହି ଭଳି ସମସ୍ୟାକୁ ଦୂର କରିବାରେ ସଫଳତା ହାସଲ କରିଛନ୍ତି ପ୍ରଶଂସାର ପାତ୍ର ସାଜିଥିବା ସରପଞ୍ଚ ଶ୍ରୀମତୀ ହରପ୍ରିୟା ନାଗ । ଉକ୍ତ ଉଦ୍‌ଘାଟନୀ ସଭା କାର୍ଯ୍ୟକୁ ଖଗେଶ୍ୱର ପାଣିଗ୍ରାହୀ ପରିଚାଳନା କରିଥିଲେ ।



## ସମ୍ପାଦକୀୟ...

# ବିଦେଶୀଙ୍କ ଅଧିକାର

ଆମେ ଯଦି ଆପଣାର ଦେଶ ବାହାରକୁ ଅନ୍ୟ କୌଣସି ଦେଶକୁ ଭ୍ରମଣରେ ଯାଉଛୁ ଅବା ଅନ୍ୟ କୌଣସି ବିଶେଷ କାମରେ ଯାଉଛୁ ଏବଂ ଆମର ଭ୍ରମଣ ସରିଗଲା ପରେ କିମ୍ବା ଆମର ସେ ସବୁ କିଛି କାମ ସରିଗଲା ପରେ ଆମେ ପୁଣି ଆମର ସେହି ପୂର୍ବ ସ୍ଥାନକୁ ଅର୍ଥାତ୍ ଆମ ଦେଶକୁ ଫେରି ଆସୁଛୁ। ଏଭଳି ପ୍ରକ୍ରିୟା ପ୍ରାୟତଃ ଅନେକ ସମୟରେ ବିଭିନ୍ନ ସ୍ଥାନରେ ଜାରି ରହିଥାଏ। ଅଥବା ସରଳ ଭାଷାରେ କହିବାକୁ ଗଲେ କେବେ କେବେ ଆମେ କିମ୍ବା ଆମ ମଧ୍ୟରୁ କେହି କେବେ ଆପଣାର ଦେଶ ଛାଡ଼ି ବିଦେଶ ଯାଇଥାଉ। ବିଦେଶ ଯିବା ଇଚ୍ଛା ତ ଏମିତି ଆମ ସମସ୍ତଙ୍କ ମନରେ ଆସିପାରେ ହେଲେ ଆମେ ସମସ୍ତେ କି ବିଦେଶ ଯାଇପାରିବା, ଆମେ ଯେଉଁ ଦେଶର ମୂଳ ନାଗରିକ , ଆମେ ହିଁ ସେହି ଦେଶର ମୂଳ ବାସିନ୍ଦା ଅବା ସେହି ଦେଶର ମୂଳ ଅଧିବାସୀ । ଯାହା ବି ଆମେ କହିପାରିବା ଅବା ଭାବିପାରିବା। ଆଉ ଏକ ଆକ୍ଷରିକ ଭାଷାରେ କହିଲେ ଆମେ ହିଁ ସେହି ଦେଶର ନାଗରିକ। ଆମ ଦେଶ ଛାଡ଼ି ଆମେ ଯଦି ଅନ୍ୟ କୌଣସି ଦେଶକୁ ଯାଉ ଅବା ଆମ ଦେଶର ସୀମାରେଖା ଅତିକ୍ରମ କରି ଆମେ କେବେ ବିଶ୍ୱର ଅନ୍ୟ କୌଣସି ଦେଶକୁ ଯାଉ , ତେବେ ସେହି ବାହାର ଦେଶ ଆମ ପାଇଁ ନିଶ୍ଚିତରୂପେ ବିଦେଶର ମାନ୍ୟତା ଲାଭ କରିବ ଏବଂ ବିଦେଶରେ ଆମର ସେମିତି କିଛି ଅଧିକାର ରହିବ କି ? କିଛି ବି ରହିବ ନାହିଁ । ଯଦି ଆମର କିଛି ବି ଲାଭ ରହିବ ନାହିଁ, ତେବେ ଆମେ କାହିଁକି ବିଦେଶ ଯିବା ? ଏହା ହିଁ ମୁଖ୍ୟ ପ୍ରଶ୍ନ । ତେବେ ଏହା କେବେ ବି ମୁଖ୍ୟ ପ୍ରଶ୍ନ ନୁହେଁ, କି ଆମେ ବିଦେଶ କିପରି ଯିବା ଅବା ଯାଇ ସେଠାରେ ଆମେ କ'ଣ କରିବା ? ବିଦେଶ ଯିବା ଇଚ୍ଛା ତ ଏମିତି ସମସ୍ତଙ୍କର ଥାଏ ହେଲେ ସମସ୍ତେ କେବେ ବି ଯାଇପାରନ୍ତି ନାହିଁ ବିଦେଶ। କିଏ ଅର୍ଥ ଅଭାବରୁ ହେଉ ଅବା କିଏ ଅନ୍ୟ କୌଣସି କାରଣରୁ ହେଉ। ହେଲେ ଯିଏ ବି ଯାଏ, ସେ ବିଦେଶରେ ନିଜକୁ କେବେ ବି ସେ ଦେଶର ନାଗରିକ ଭାବେ ଦାବି କରିପାରିବ କି୍ ? କେବେ ନୁହେଁ। ତେବେ ସଂପୃକ୍ତ ଦେଶର ନାଗରିକତା ଗ୍ରହଣ କଲା ପରେ ସେ ହୁଏତ୍ ନିଜକୁ ସେହି ଦେଶର ନାଗରିକ ଭାବେ ଗ୍ରହଣ କରିପାରିବ । ସେ ତ ଭିନ୍ନ କଥା । ହେଲେ ଆମେ ଯେ ଯାବତ୍ ବିଦେଶରେ ରହିଛୁ , ଆମେ କେବେ ବି ଏ କଥା କହିପାରିବା ନାହିଁ କି ଆମେ ଏ କଥା କେବେ ବି ଭାବି ପାରିବା ନାହି ଯେ ଆମେ ସେ ଦେଶର ନାଗରିକ ବୋଲି। ତେବେ ଆମେ ଆମର କେତେକ ମୌଳିକ ଅଧିକାର ବିଶ୍ୱର କୌଣସି ବି ଦେଶରେ ସାବ୍ୟସ୍ତ କରିପାରିବା। ଯାହା ମଧ୍ୟରେ ସଂପୃକ୍ତ ଦେଶରେ ନିଜର ସ୍ୱାଧୀନତା ସାବ୍ୟସ୍ତ କରିବା ଅବା ସେ ଦେଶରେ ନିଜର ସୁରକ୍ଷାକୁ ନିଶ୍ଚିତ କରିବା ଆଦି ପ୍ରସଙ୍ଗ ସ୍ଥାନ ପାଇପାରେ । ସେହିପରି ଆଉ କିଛି ପ୍ରସଙ୍ଗକୁ ବି ସ୍ଥାନ ଦିଆଯାଇପାରେ ଯାହା ମଧ୍ୟରେ ରହିଛି, ସଂପୃକ୍ତ ଦେଶରେ ଜଣେ ବିଦେଶୀ ବ୍ୟକ୍ତିର ଅନୁସନ୍ଧାନମୂଳକ କିଛି କାର୍ଯ୍ୟକ୍ରମ ଅବା ଗବେଷଣା ମୂଳକ କାର୍ଯ୍ୟକ୍ରମ ଅବା କୌଣସି ବିଶେଷ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ନେଇ ଅବା କୌଣସି ବିଶେଷ ଇଚ୍ଛା ନେଇ କେହି କେବେ ଯଦି ବିଦେଶ ଯାଏ ,ତେବେ ସେ ସବୁ ଉପରେ ସେମାନେ ବି ନିଜ ଇଚ୍ଛା ମୁତାବିକ୍ ସେଠାରେ କିଛି ନା କିଛି କରି ପାରିବେ । ସେ ସବୁ ଅଧିକାର ସମସ୍ତଙ୍କର ରହିଛି। ହେଲେ କେହି ବି ବିଦେଶ ଗସ୍ତରେ ଯିବା ଅବା ବିଦେଶ ଯିବା ଇଚ୍ଛା ତ ଏମିତି ଆମ ସମସ୍ତଙ୍କ ମନରେ ଆସିପାରେ ହେଲେ ଆମେ ସମସ୍ତେ କି ବିଦେଶ ଯାଇପାରିବା, ଆମେ ଯେଉଁ ଦେଶର ମୂଳ ନାଗରିକ , ଆମେ ହିଁ ସେହି ଦେଶର ମୂଳ ବାସିନ୍ଦା ଅବା ସେହି ଦେଶର ମୂଳ ଅଧିବାସୀ । ଯାହା ବି ଆମେ କହିପାରିବା ଅବା ଭାବିପାରିବା। ଆଉ ଏକ ଆକ୍ଷରିକ ଭାଷାରେ କହିଲେ ଆମେ ହିଁ ସେହି ଦେଶର ନାଗରିକ। ଆମ ଦେଶ ଛାଡ଼ି ଆମେ ଯଦି ଅନ୍ୟ କୌଣସି ଦେଶକୁ ଯାଉ ଅବା ଆମ ଦେଶର ସୀମାରେଖା ଅତିକ୍ରମ କରି ଆମେ କେବେ ବିଶ୍ୱର ଅନ୍ୟ କୌଣସି ଦେଶକୁ ଯାଉ , ତେବେ ସେହି ବାହାର ଦେଶ ଆମ ପାଇଁ ନିଶ୍ଚିତରୂପେ ବିଦେଶର ମାନ୍ୟତା ଲାଭ କରିବ ଏବଂ ବିଦେଶରେ ଆମର ସେମିତି କିଛି ଅଧିକାର ରହିବ କି ? କେବେ ବି ରହିବ ନାହିଁ । ଏହା ହିଁ ସତ। ହେଲେ ଯେଭଳି ପୂର୍ବରୁ କହି ସାରିଛୁ ଯେ ଆମେ ସେ ଦେଶରେ ଆମର ମୌଳିକ ଅଧିକାର ସାବ୍ୟସ୍ତ କରିପାରିବା। ହେଲେ ଆମେ ଯଦି ଆମର ପୂର୍ବ ଇତିହାସକୁ ତର୍ଜମା କରିବା ତେବେ ସେଥିରୁ ସ୍ପଷ୍ଟ ଜାହିର ହୁଏ କି ଅତୀତରେ ଯେତେ ସବୁ ବିଦେଶୀ ମାନେ ଭାରତ ବର୍ଷରେ ପ୍ରବେଶ କରିଛନ୍ତି, ସେମାନେ ଧୀରେ ଧୀରେ ଭାରତରେ ସେମାନଙ୍କର ଆଧିପତ୍ୟ ସାବ୍ୟସ୍ତ କରିବାର ପ୍ରୟାସ କରିଛନ୍ତି କାରଣ ଆରମ୍ଭରୁ ହିଁ ସେମାନେ ସେହିଭଳି ମନ୍ଦ ଉଦ୍ଦେଶ୍ୟ ନେଇ ଆରମ୍ଭ କରିଥିଲେ ସେମାନଙ୍କର ମନ୍ଦ ଭାରତ ଅଭିଯାନ ଯାହା ପଛରେ ସେମାନଙ୍କର ପ୍ରାଥମିକ ଉଦ୍ଦେଶ୍ୟ କିଛି ଭିନ୍ନ ଥିଲା ହେଲେ ଧୀରେ ଧୀରେ ସେମାନେ ସେମାନଙ୍କର ମୂଳ ଉଦ୍ଦେଶ୍ୟରେ ପରିବର୍ତ୍ତନ ଆଣିଲେ, ସେମାନେ ତାଙ୍କର ମୂଳ ଚିନ୍ତାଧାରାରେ ପରିବର୍ତ୍ତନ ଆଣି ଧୀରେ ଧୀରେ କଠୋର ତଥା କପଟୀ ବନିଗଲେ ଏବଂ ଭାରତର ଦୁର୍ବଳତାକୁ ଦେଖି ଭାରତରେ ନିଜର ଆଧିପତ୍ୟ ବିସ୍ତାର କରିବାର ଉଦ୍ୟମ ଆରମ୍ଭ କରିଦେଲେ। ପରବର୍ତ୍ତୀ ସମୟର ପରିଣାମ ... ଯାହା ଆମେ ସମସ୍ତେ ଜାଣୁ। ଯାହାକୁ ଦୁର୍ଭାଗ୍ୟ ବଶତଃ ଆମକୁ ସ୍ୱୀକାର କରିବାକୁ ପଡ଼ିଲା ଦୀର୍ଘ ଅବଧି ପର୍ଯ୍ୟନ୍ତ। ଯାହା ତତ୍କାଳୀନ ସରକାରଙ୍କ ପ୍ରବଳ ଦୁର୍ବଳତାର ପ୍ରମାଣ।

# ଶିକ୍ଷା, ସାକ୍ଷରତା ଓ ମାନବ ସମ୍ବଳ

### ହିମାଂଶୁ ଶେଖର ଆଚାର୍ଯ୍ୟ

ଶିକ୍ଷା ଗୋଟିଏ ଜାତିର ସମ୍ପଦ,ପରିଚୟ ଓ ସ୍ୱୀକୃତି। ଯେଉଁ ଦେଶ ଯେତେ ଶିକ୍ଷିତ,ସେ ଦେଶ ସେତେ ଉନ୍ନତ। ଏହା ଉପରେ ମାନବ ସମ୍ବଳର ବିକାଶ ନିର୍ଭର କରେ। ଏହି କଥାକୁ ଦୃଷ୍ଟିରେ ରଖି ୧୯୬୬ ମସିହାରୁ ପ୍ରତିବର୍ଷ ସେପ୍ଟେମ୍ବର ୮ ତାରିଖକୁ ଆନ୍ତର୍ଜାତିକ ସାକ୍ଷରତା ଦିବସ ରୂପେ ପାଳନ କରାଯାଇ ଆସୁଅଛି। ସେଥିପାଇଁ ୟୁନେସ୍କୋ ତରଫରୁ ପ୍ରତିବର୍ଷ ନିରକ୍ଷରତା ଦୂରୀକରଣ ପାଇଁ ଉଦ୍ୟମ ଜାରି ରହିଛି। ସେହିପରି ବିଭିନ୍ନ ଦେଶମାନଙ୍କରେ ମଧ୍ୟ ଭିନ୍ନଭିନ୍ନ ଯୋଜନା ପ୍ରଣୟନ କରାଯାଉଛି । ତଥାପି ଏଦିଗରେ ହେଉଥିବା ଉଦ୍ୟମ ସଫଳ ହୋଇପାରୁନାହିଁ। ବିଶେଷକରି କମ୍ପ୍ୟୁଟର,ଇ ରନେଟ୍, ମୋବାଇଲ, ହ୍ୱାଟସଆପ୍,ଫେସବୁକ୍ ଓ ଟ୍ୱିଟର ସମଗ୍ର ବିଶ୍ୱକୁ ଏକ ଛୋଟିଆ ଗାଆଁରେ ପରିଣତ କରିଥିବା ବେଳେ ସାକ୍ଷରତାର ଯଥେଷ୍ଟ ଗୁରୁତ୍ୱ ରହିଛି। ସାକ୍ଷରତା କେବଳ ଏକ ଅଧିକାର ନୁହେଁ ବରଂ ସାମାଜିକ ଓ ମାନବିକ ବିକାଶର ମାଧ୍ୟମ ଅଟେ। ତେଣୁ କୌଣସି ଦେଶର ବାସ୍ତବ ବିକାଶ ସେ ଦେଶର ସାକ୍ଷରତା ସହ ଅଙ୍ଗାଙ୍ଗୀଭାବେ ଜଡିତ। ଦାରିଦ୍ର୍ୟ ଦୂରୀକରଣ, ଶିଶୁ ମୃତ୍ୟୁହାର ହ୍ରାସ, ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣ, ପୁରୁଷ ମହିଳା ଲିଙ୍ଗାନୁପାତ ହ୍ରାସ ଓ ଉଚ୍ଚମାନର ଜୀବନଧାରଣର ମାନକୁ ଏହା ସିଧାସଳଖ ପ୍ରଭାବିତ କରେ । ଏବେବି ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଉର୍ଦ୍ଧ୍ୱ । ପ୍ରତି ପା ଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର। ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବ ିତ। କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ। ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ । ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ। କିନ୍ତୁ ବିଶ୍ୱର ସାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି। ଏକ ସର୍ବେକ୍ଷଣରୁ ଜଣାପଡିଛିଯେ ଏବେବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଉର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ। ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ । ତନ୍ମରୁ ପୁରୁଷ ସାକ୍ଷରତା ହାର ୮୨.୧୪ ପ୍ରତିଶତ ହୋଇଥିବା ବେଳେ ନାରୀ ସାକ୍ଷରତା ହାର ୬୫.୪୬ ପ୍ରତିଶତ । ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର। ସେହିପରି ଆମ ପ୍ରଦେଶ ଓଡ଼ିଶା କଥା ଚିନ୍ତାକଲେ ଅନ୍ୟ ରାଜ୍ୟ ତୁଳନାରେ ଆମେ ପଛରେ। କେରଳ ଓ ମିଜୋରାମରେ ସାକ୍ଷରତା ହାର ଯଥାକ୍ରମେ ୯୩.୯୧ ପ୍ରତିଶତ ଓ ୯୧.୬ ପ୍ରତିଶତ ହୋଇଥିବା ବେଳେ ବିହାରରେ ସର୍ବନିମ୍ନ ସାକ୍ଷରତା ହେଉଛି ୬୩.୮୨% । ଆମ ଓଡ଼ିଶାର ସାକ୍ଷରତା ହାର ୭୩.୫ ପ୍ରତିଶତ ଯାହାକି ଜାତୀୟ ହାର ଠାରୁ କମ୍। ଏମାନଙ୍କ ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୪ ପ୍ରତିଶତ ଓ ମହିଳା ସାକ୍ଷରତା ହାର ୬୪.୩୬ ପ୍ରତିଶତ ।ମାନବ ଜାତିର ସର୍ବାଙ୍ଗୀନ ବିକାଶର ଉତ୍ସ ହେଉଛି ଶିକ୍ଷା। ପ୍ରତ୍ୟେକ ମଣିଷକୁ ଶିକ୍ଷାର ଅଙ୍ଗନକୁ ଆଣିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି। ଏସବୁ ସତ୍ତ୍ୱେ ବିଶ୍ୱ ସ୍ତରରେ ପ୍ରତି ୫ଜଣ ବୟସ୍କଙ୍କ ମଧ୍ୟରେ ଜଣେ ଅଶିକ୍ଷିତ ଅଛନ୍ତି। ଆମ ଦେଶ ଓ ରାଜ୍ୟ କଥା ଆହୁରି ତଦ୍ରୂପ। ଏହି ସମସ୍ୟାର ସମାଧାନ ପାଇଁ ପ୍ରାକ୍ ସ୍ୱାଧୀନତା କାଳରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ ଭାରତ ସରକାର ବହୁଚର୍ଚ୍ଚିତ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ ଓ ୧୯୮୭ ମଇ ମାସ ୫ ତାରିଖରୁ ଦେଶରେ ସାକ୍ଷରତା ମିଶନ୍ କାର୍ଯ୍ୟକାରୀ ହେଉଛି । ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ସାକ୍ଷରତା ଯୋଜନା, ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଭଳି ଅନେକ ଯୋଜନା ପ୍ରଣୟନ ହୋଇଛି । ସେହିପରି ଓଡ଼ିଶା ସରକାର ୨୦୦୨ ମସିହାରୁ ସର୍ବଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରିଛନ୍ତି। ଭାରତ ସରକାର ୨୦୦୯ ମସିହାରେ ଐତିହାସିକ ଶିକ୍ଷା ଅଧିକାର ବିଲ୍ ଆଣି ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି। ଏହାଦ୍ୱାରା ୬ ରୁ ୧୪ ବର୍ଷ ବୟସର ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭର ସୁଯୋଗ ପାଇବାର ଲକ୍ଷ୍ୟ ରଖାଯାଇଛି। ଏକ ହିସାବରୁ ଜଣାଯାଏ ଓଡ଼ିଶାରେ ମଧ ମୋଟ ୬୮ ଲକ୍ଷ ୨୮ ହଜାର ୩୫୭ ଜଣ ଶିଶୁଙ୍କ ମଧ୍ୟରୁ ୩ ଲକ୍ଷ ୫୧ ହଜାର ୧୪୭ ଜଣ ପିଲା ସ୍କୁଲ ଦୁଆରମୁହଁ ମାଡିନାହାଁନ୍ତି। ନିକଟରେ ୨୦୨୦ ମସିହାରେ ନୂତନଶିକ୍ଷା ନୀତି ପ୍ରଣୟନ କରାଯାଇଛି। ଏସବୁ ସତ୍ତ୍ୱେ ସମସ୍ତଙ୍କ ପାଇଁ ଶିକ୍ଷା ଏବେ ବି ଅପହ ହୋଇ ରହିଛି। ଏହାହିଁ କ୍ଷୋଭର ବିଷୟ। ସବୁଠୁ ବଡ କଥା ହେଉଛି ନାରୀ ସାକ୍ଷରତା କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷ ଜନକ ନୁହେଁ। ଗୋଟିଏ ଲୋକକଥା ଅଛି - "ଝିଅ ହେଲେ ପାଠୋଇ, ଦେଶ ଯିବ ଆଗେଇ" । ଦିନେ କେବେ ବ୍ୟାସକବି ଫକିର ମୋହନଙ୍କ ଆଖି ଦେଖା କଥାରେ ପାଠପଢି ବସିଥିବା ଝିଅ ରେବତୀକୁ ତା ବୁଢୀ ମା କହିଥିଲା - ରେବତୀ ପାଠ ପଢିବ ! ଘର ଉଜୁଡି ଯିବ । ହେଲେ ରେବତୀ ଆଜି ଅର୍ଗଳିରୁ ବାହାରି ଯାଇ ପାଠ ପଢିଛି। ପୁଅମାନଙ୍କ ସହ ତାଳ ଦେଇ ଅନେକରେ ଏକ ହୋଇଛି। ତଥାପି ସଂଗ୍ରାମ ସରିନାହିଁ। ନାରୀଶିକ୍ଷାର ପ୍ରସାର ଓ ପ୍ରଚାର ପାଇଁ ଅ ।ଭିଡି ବାହାରିଥିବା ମଲାଲାକୁ ତାଲିବାନଙ୍କ ଗୁଳିମାଡର ଆଘାତ ସହିବାକୁ ପଡିଛି। ଆଜି ବି ବିଶ୍ୱର ବିଭିନ୍ନ ଦେଶରେ ପୁରୁଷ ସାକ୍ଷରତା ତୁଳନାରେ ନାରୀ ସାକ୍ଷରତା ହାର ପଛରେ ରହିଛି। ସମଗ୍ର ବିଶ୍ୱରେ ନାରୀ ସଶକ୍ତିକରଣର ସ୍ଲୋଗାନ ଦିଆଯାଉଥିବା ବେଳେ ନାରୀ ସାକ୍ଷରତା ହାର ବୃଦ୍ଧି କରାଯିବା ଉପରେ ଅଗ୍ରାଧିକାର ଦିଆଯିବା ଉଚିତ୍ ।କାରଣ ନାରୀ ଜାଗିଲେ, ପରିବାର ଜାଗିବ,ପରିବାର ଜାଗିଲେ, ଦେଶ ଜାଗିବ ଓ ଦେଶ ଜାଗିଲେ, ବିଶ୍ୱ ଜାଗିବ। ଏକଥା ଆମକୁ ମନେ ରଖିବାକୁ ହେବ।

**ଅବସରପ୍ରାପ୍ତ ଅଧ୍ୟାପକ**
**ତିର୍ତ୍ତୋଲ, ଜଗତସିଂହପୁର**
**ମୋ-୯୯୩୭୧୫୧୦୫୨**

# ଓଡିଆ ସାହିତ୍ୟର ଯୁଗାନ୍ତକାରୀ ସ୍ରଷ୍ଟା ଫକିର ମୋହନ

### ଉମାଶଙ୍କର ପ୍ରସାଦ

ଫକିର ମୋହନ ୧୮୪୩ ମସିହା ପବିତ୍ର ମକର ସଂକ୍ରାନ୍ତି ଦିନ ବାଲେଶ୍ୱର ଜିଲ୍ଲାର ମଲିକାଶପୁର ନାମକ ସ୍ଥାନରେ ଜନ୍ମ ଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଲକ୍ଷ୍ମଣଚରଣ ସେନାପତି ଓ ମାତାଙ୍କ ନାମ ତୁଳସୀ ଦେଈ। ତାଙ୍କର ବାଲ୍ୟଗୁରୁ ଥିଲେ ବୈଷ୍ଣବ ମହାନ୍ତି। ଗ୍ରାମ ଚାଟଶାଳୀ ରେ ପଢା ଶେଷରେ ସେ ନିଜ ଗୁରୁଙ୍କ ରୋଷାଇ କାର୍ଯ୍ୟ କରୁଥିଲେ ଯାହା ଥିଲା ତାଙ୍କ ବଡବାପାଙ୍କ ନିର୍ଦ୍ଦେଶ। କାରଣ ଦେଢ ବର୍ଷ ବୟସରେ ନିଜ ପିତାଙ୍କୁ ହରାଇବା ସହ ରୋଗାକ୍ରାନ୍ତ ରହୁଥିଲେ କିନ୍ତୁ ତାଙ୍କର ପିତାମହୀ ତାଙ୍କର ରୋଗମୁକ୍ତି ପାଇଁ ପୀରଙ୍କ ପାଖରେ ତାଙ୍କୁ ଟେକିଦେଇ କହିଥିଲେ ସେ ଆରୋଗ୍ୟ ହେଲେ ସେ ତାକୁ ଫକିର କରିଦେବେ। ରୋଗ ମୁକ୍ତ ହେବା ପରେ ସେ ଫକୀର ହେବା ସହ ମହରମ ସମୟରେ ଯାହା ଭିକ୍ଷା କରି ଆଣୁଥିଲେ ତାହା ପୀରଙ୍କୁ ଭୋଗ ଓ ସିରିଣି ଭାବେ ଦିଆ ଯାଉଥିଲା। ଏହା ଥିଲା ତାଙ୍କର ବାଲ୍ୟ ଜୀବନର କଥା। ବାଲ୍ୟକାଳରୁ ଅନେକ ଦୁଃଖ କଷ୍ଟ ସହ୍ୟ କରି ନିଜକୁ ବିଦ୍ୟାଧ୍ୟୟନରେ ପ୍ରତିଷ୍ଠିତ କରିଥିଲେ। ଅର୍ଥାଭାବ ଯୋଗୁ ସେ ଅଧିକ ପାଠ ପଢି ପାରିନଥିଲେ। କିନ୍ତୁ ତାଙ୍କର ବିଦ୍‌ବତ୍ତା ବଳରେ ସେ ବାରବାଟୀସ୍କୁଲରେ ଶିକ୍ଷକତା କରିବା ସହ ବାଲେଶ୍ୱର ମିଶନ ସ୍କୁଲର ପ୍ରଧାନ ଶିକ୍ଷକ ପଦରେ ୧୮୬୪ ମସିହାରେ ନିଯୁକ୍ତ ହୋଇ ନିଜକୁ ଜଣେ ଦକ୍ଷ ଓ ଆଦର୍ଶ ଶିକ୍ଷକ ଭାବରେ ପ୍ରତିଷ୍ଠିତ କରାଇ ପାରିଥିଲେ। ୧୮୬୬ ମସିହାରେ ତାଙ୍କର ଶିକ୍ଷକତା ସମୟରେ 'ଓଡିଶାରେ ନ'ଅଙ୍କ ଦୁର୍ଭିକ୍ଷ' ପଡିଥିଲା। ଜଣେ ପ୍ରଚଣ୍ଡ ଈଶ୍ୱର ବିଶ୍ୱାସୀ ଭାବେ ଲୋକମାନଙ୍କ ରକ୍ଷା ନିମନ୍ତେ ବିଲରେ ଆସନପାରି ଈଶ୍ୱରଙ୍କୁ ଆରାଧନା କରୁଥିଲେ। ୭୪ ବର୍ଯରେ ତାଙ୍କ ଠାକୁର ମା'ଙ୍କ ଦେହାନ୍ତ ପରେ ସେ ଭାଙ୍ଗି ପଡିଥିଲେ। ସେ ନିଜ ଜୀବନର ଯାହା କିଛି ଉନ୍ନତି ତାହା ସବୁକିଛି ସେଇ ଠାକୁର ମାଙ୍କର ପୁଣ୍ୟର ଫଳ ବୋଲି ଭାବିବା ସହ ତାଙ୍କର ସ୍ମୃତି ଚାରଣ କରି ଲେଖିଥିଲେ " ମୋତେ ବ ାଇବା ପାଇଁ ଆହେ ବିଶ୍ୱପତି/ ଆପଣ କି ଠାକୁର ମାଙ୍କୁ ପଠାଇ ଅଛନ୍ତି ?- ଠାକୁର ମାଙ୍କ ଦୟା ଦେଖି ଭାବିଛିତ ମନେ / ତୁମ୍ଭେ ଏହିପରି ଦୟା କର ପ୍ରାଣୀଗଣେ"। ଓଡିଶାରେ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ଅବିସ୍ମରଣୀୟ। ୧୮୬୮ ମସିହାରେ ବାଲେଶ୍ୱରଠାରେ ଏକ ଛାପାକଳ ପ୍ରତିଷ୍ଠା କରି ଉକ୍ତ ପ୍ରେସରୁ " ସମ୍ବାଦବାହିକା ନାମରେ ଏକ ସମ୍ବାଦପତ୍ର ଓ ବୋଧଦାୟିନୀ" ନାମରେ ଏକ ସାହିତ୍ୟ ପତ୍ରିକା ପ୍ରକାଶ କରି ସମାଜକୁ ଏକ ଦର୍ପଣ ଦେଖାଇବା ସହ ସାହିତ୍ୟକୁ ଋଦ୍ଧିମନ୍ତ କରିଥିଲେ। ଏହି ସମ୍ବାଦ ବାହିକା ଥିଲା ଓଡିଶାର ଦ୍ୱିତୀୟ ସମ୍ବାଦ ପତ୍ର ଯାହାର ସମ୍ପାଦକ ଥିଲେ ଗୋବିନ୍ଦ ପଟ୍ଟନାୟକ। ତା ପୂର୍ବରୁ ୧୮୬୬ ମସିହାରୁ ଗୌରୀଶଙ୍କର ରାୟଙ୍କ ଦ୍ୱାରା 'ଉତ୍କଳଦୀପିକା' ପ୍ରକାଶ ପାଉଥିଲା। ଏହି ଦୁଇଟି ସମ୍ବାଦପତ୍ର ସେତେବେଳେ ଉତ୍କଳର ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟ କରୁଥିଲା। କାନ୍ତି ଭଟ୍ଟାଚାର୍ଯ୍ୟ ସ୍କୁଲ ମାନଙ୍କରେ ଓଡିଆ ଭାଷାର ଉଚ୍ଛେଦ ବିରୁଦ୍ଧରେ ଫକିର ମୋହନ ସ୍ୱର ଉତ୍ତୋଳନ କରିବ ସହ ଅ ।ଭିଡି ବାହାରି ଥିଲେ। ଓଡିଆ ଭାଷାକୁ ବ ।ଇବା ପାଇଁ ଫକିରମୋହନ ଅନେକ ପାଠ୍ୟପୁସ୍ତକ ରଚନା କରିଥିଲେ ଯାହା ଭାରତ ବର୍ଷର ଇତିହାସ ବୃତ୍ତି ପରୀକ୍ଷାରେ ମନୋନିତ ହୋଇଥିଲା। କମିଶନର ରେଭେନ୍‌ସା ତାଙ୍କୁ ତିନିଶହ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସେ ସମ୍ବାଦପତ୍ର ମାଧ୍ୟମରେ ବଂଗ ଭାଷାର ପ୍ରଚଳନ ବିରୋଧରେ କଟୁମନ୍ତବ୍ୟ ଦେବା ଫଳରେ ବଙ୍ଗାଳୀ ମାନେ ତାଙ୍କୁ 'ଶାଳା ରିଙ୍ଗ ଲିଡର' ବୋଲି କହୁଥିଲେ। ସେ ୧୩ ବର୍ଷ ବୟସରେ ନାରାୟଣ ପରିଡାଙ୍କ କନ୍ୟା ଲୀଳାବତୀଙ୍କ ସହିତ ବିବାହ ହୋଇଥିଲେ ସୁଦ୍ଧା ତାଙ୍କ ପତ୍ନିଙ୍କ କର୍କଶ ସ୍ୱଭାବ ଯୋଗୁ ତାଙ୍କ ସହିତ ମନୋମାଳିନ୍ୟ ରହୁଥିଲା। ମାତ୍ର ଅଳ୍ପ କିଛିଦିନ ପରେ ସେ ରୋଗଗ୍ରସ୍ତ ହୋଇ ମୃତ୍ୟୁ ବରଣ ପରେ ଫକିର ମୋହନ ଫୌଜଦାରୀ ହେଡକ୍ଲର୍କ ଶିବପ୍ରସାଦ ଚୌଧୁରୀଙ୍କ କନ୍ୟା କୃଷ୍ଣାକୁମାରୀଙ୍କ ସହ ୨୯ ବର୍ଷ ବୟସରେ ବିବାହ ହୋଇଥିଲା। କୃଷ୍ଣାକୁମାରୀ ଅତିବ ଧର୍ମପରାୟଣା ଥିଲେ। ଏ ବିବାହ ଫକିର ମୋହନଙ୍କ ଜୀବନରେ ଅମୃତର ବାରିଧାରା ପ୍ରବାହିତ କରିଥିଲା। ପତ୍ନିଙ୍କ ସହଯୋଗରେ ସେ ହୋଇପାରିଥିଲେ ଓଡିଆ ସାହିତ୍ୟର ଭାଗୀରଥି। ସେ ଉତ୍କଳର ବାଣୀଭଣ୍ଡାରକୁ ନିଜର ଅନେକ ରଚନା ବଳରେ ଋଦ୍ଧିମନ୍ତ କରିପାରିଥିଲେ। ଉପନ୍ୟାସ କ୍ଷେତ୍ରରେ ତାଙ୍କର 'ମାମୁଁ ଓ ପ୍ରାୟଶ୍ଚିତ' ଥିଲା ଅତିବ ଚମତ୍କାର। ତାଙ୍କର ପ୍ରଥମ ଗଳ୍ପ 'ଲଛମନିଆ' 'ବୋଧଦାୟିନୀ'ରେ ପ୍ରକାଶ ପାଇଥିଲା। ଓଡିଆ ଭାଷାରେ ପାଠ୍ୟପୁସ୍ତକର ଅଭାବ ଦୂର କରିବା ପାଇଁ "ଭାରତ ଇତିହାସ, ରାଜପୁତ ଇତିହାସ, ଅଙ୍କମାଳା" ପ୍ରଭୃତି ରଚନା କରିଥିଲେ। ନିଜର ୨ୟ ପତ୍ନୀ ରୋଗଶଯ୍ୟାରେ ପଡିଥିବା ସମୟରେ ସେ ତାଙ୍କ ଚିତ୍ତ ବିନୋଦନ ପାଇଁ 'ସାତଖଣ୍ଡ ରାମାୟଣ, ଅଠରଖଣ୍ଡ ମହାଭାରତ, ଶ୍ରୀମଦ୍ ଭାଗବତ, ଗୀତା, ମୂଳ ହରିବଂଶ ପ୍ରଭୃତି ଅନୁବାଦ କରି ନିଜର ପତ୍ନୀଙ୍କ ଚିତ୍ ବିନୋଦନ ସହ ସାହିତ୍ୟ ଭଣ୍ଡାରକୁ ଝଙ୍କୃତ କରିଥିଲେ। ସେଥିପାଇଁ ସେ ଉତ୍କଳର ବ୍ୟାସ କବି ଭାବରେ ପରିଚିତ। ତାଙ୍କ ରଚିତ 'ଉତ୍କଳ ଭ୍ରମଣ' ଥିଲା ତାଙ୍କ ମାନସିକ ଅବସାଦର ପ୍ରତିଫଳନ। ୧୮୯୧ ମସିହାରେ ସେ କବି ଭାବରେ ରଚନା କରିଥିଲେ " ପୁଷ୍ପମାଲ୍ୟ, ଉପହାର" ପୁଷ୍ପମାଲ୍ୟ ଥିଲା ନିଜ ପତ୍ନୀ କୃଷ୍ଣାକୁମାରୀ ଙ୍କ ପ୍ରତି ଏକ ଗଭୀର ଶ୍ରଦ୍ଧାଞ୍ଜଳି। ସେ ଲେଖିଥିଲେ " କୁସୁମ କଳିକା ଥିଲା ସୌରଭର ଖଣି, ମଧୁମୟ ହାସ୍ୟମୁଖୀ ପ୍ରେମଲତା ମଣି- ଦୁଇ ଦିନ ପାଇଁ ମାୟା ମମତା ଲଗାଇ, ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ"। ନିଜ ପତ୍ନୀଙ୍କ ପ୍ରତି ଥିଲା ଏହା ତାଙ୍କ ହୃଦୟର କରୁଣ ଅଭିବ୍ୟକ୍ତି। ତାଙ୍କର ରଚିତ "ପୂଜାଫୁଲ, ଧୂଳି" ଥିଲା ମାତୃଭାଷାର ଶ୍ରେଷ୍ଠତ୍ୱ ପ୍ରତିପାଦନ। ତାଙ୍କ "ବୌଦ୍ଧାବତାର" ଥିଲା ଓଡିଶା ପ୍ରବନ୍ଧ ସାହିତ୍ୟକୁ ଏକ ଅମୂଲ୍ୟ ଦାନ। ତାଙ୍କ ରଚିତ ଛ'ମାଣ ଆଠଗୁଣ୍ଠ, ଲଛମା, ମାମୁଁ ଇତ୍ୟାଦୀ ଏକ ଅନବଦ୍ୟ ସୃଷ୍ଟି ସମ୍ଭାର। ତାଙ୍କ ରଚିତ ଆତ୍ମ ଚରିତ , ନନାଙ୍କ ପାଞ୍ଜି, ଥିଲା ସାହିତ୍ୟିକଙ୍କ ପାଇଁ ଦର୍ପଣ ସଦୃଶ। ଯଥାର୍ଥରେ ଫକିର ମୋହନ ଥିଲେ ଆଧୁନିକ ଓଡିଆ ସାହିତ୍ୟର ସେନାପତି। ଓଡିଆ ଭାଷାର ଘୋର ଦୁର୍ଦ୍ଦିନରେ ସେ ଲେଖନୀ ଚାଳନା କରି ସରଳ, ସରସ , ମୌଳିକ ଓ ମାର୍ଜିତ ଗଦ୍ୟ ସାହିତ୍ୟ ସୃଷ୍ଟି କରିଥିଲେ। କୌଣସି ପରମ୍ପରା ନଥିଲେ ସୁଦ୍ଧା ସେ ପ୍ରଥମଥର ପାଇଁ ସମାଜର ଅବହେଳିତ , ନଷ୍ପେଷିତ,ଜୀବନ ସଂଗ୍ରାମରେ ଉତ୍ପୀଡିତ ବ୍ୟକ୍ତି ବିଶେଷଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିଥିଲେ। ପଣ୍ଡିତ ନୀଳକଣ୍ଠ ଙ୍କ ଭାଷାରେ ଫକିର ମୋହନଙ୍କ ଉପନ୍ୟାସରେ ରୁଚିର ଅଭାବ ନାହିଁ, ଗରିମା ଅଛି ଅଥଚ ଗ୍ରାମ୍ୟତା ନାହିଁ। ତାଙ୍କୁ ଅନେକ ଉପନ୍ୟାସ ଜଗତର 'ଟମାସ୍ ହାର୍ଡି' କହିଥାନ୍ତି। ତାଙ୍କର ସାହିତ୍ୟ କୌଣସି ଏକ ନିର୍ଦ୍ଦିଷ୍ଟ ଦଳ ବା ଗୋଷ୍ଠି ପାଇଁ ଉଦ୍ଦିଷ୍ଟ ନଥିଲା। ସେ ନିଜ ଶିଶୁ ଅବସ୍ଥାରୁ ଲେଖନୀ ଚାଳନା କରିଥିଲେ ମଧ ଏ ପର୍ଯ୍ୟନ୍ତ ଓଡିଆ ଗଳ୍ପ, ଉପନ୍ୟାସ ଜଗତରେ ଅନତିକ୍ରମଣୀୟ ହୋଇ ରହିଛନ୍ତି।

**ସ୍ତମ୍ଭକାର ଖୋର୍ଦ୍ଧା (୬୩୭୦୬ ୭୫୫୬୨)**

## ଜ୍ଞାନାମୃତ

# ବଳିଷ୍ଠ ବିଶ୍ୱାସ

ପ୍ରଭୁ ତତ୍ତ୍ୱ ଅବା ଈଶ୍ୱର ତତ୍ତ୍ୱ ଏକ ବଳିଷ୍ଠ ବିଶ୍ୱାସ ଯାହା ଆଦିମ କାଳରୁ ମଣିଷର ଚିନ୍ତାଧାରା ଏବଂ ବିଚାରଧାରା ସହିତ ଜଡ଼ିତ ହୋଇଥାଏ। ମଣିଷର ଜନ୍ମରୁ ଏପରି ବିଚାରଧାରା ତା'ସହିତ ଜଡ଼ିତ ହୋଇଯାଏ ଯାହା ମରଣ ପର୍ଯ୍ୟନ୍ତ ଚାଲିଥାଏ। ଏଭଳି ବଳିଷ୍ଠ ବିଶ୍ୱାସ ଉପରେ ଆଧାରିତ ଭଗବତ୍ ବିଚାରଧାରା୍ ଯାହା ମଣିଷର ପ୍ରଗତିରେ ସହାୟକ ହୋଇଥାଏ। ସେହିଭଳି ବିଚାରଧାରା ହେଉଛି ଭଗବତ୍ ବିଚାରଧାରା ଯେଉଁଥିରେ ସମସ୍ତେ ବିଶ୍ୱାସ କରନ୍ତି। ସେହି ବିଶ୍ୱାସ ହିଁ ଜୀବନର ମୂଳ ଆଧାର। ଭଗବାନଙ୍କୁ ସମସ୍ତେ ବିଶ୍ୱାସ କରନ୍ତି। ଏହା ଏକ ସାଧାରଣ କଥା ହେଲେ ଭଗବାନଙ୍କୁ ଏଯାବତ୍ କେହି ଦେଖିନାହାଁନ୍ତି। ଭଗବାନଙ୍କ ରୂପରେ ସାଧୁ ସନ୍ଥମାନଙ୍କୁ ଲୋକେ ଦେଖିଛନ୍ତି ଏବଂ ସେମାନଙ୍କୁ ଅନୁଭବ ବି କରିଛନ୍ତି। ହେଲେ ସାଧାରଣ ଲୋକଙ୍କୁ ଭଗବାନଙ୍କ ମାନ୍ୟତା ପ୍ରଦାନ ବା ସାଧାରଣ ଲୋକଙ୍କୁ ଈଶ୍ୱରୀୟ ମାନ୍ୟତା ପ୍ରଦାନ ନେଇ କେନ୍ଦ୍ରମନ୍ତ୍ରୀ ପଶୁପତି ପାରସଙ୍କ ମନ୍ତବ୍ୟକୁ ନେଇ ଏବେ ଚର୍ଚ୍ଚା ଜୋରଦାର। ଏଇ ନିକଟରେ ବିହାରରୁ ଲୋକ ଜନଶକ୍ତି ପାର୍ଟିର ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ରମନ୍ତ୍ରୀ ପଶୁପତି ପାରସ ରାଜ୍ୟର ହାଜିପୁରରେ ଆୟୋଜିତ ହେଉଥିବା ଏନଡିଏର ଏକ ବୈଠକରେ ଯୋଗଦେଇ ସେ ଏନ୍‌ଡିଏ ସପକ୍ଷରେ କହିବା ସହ ବିରୋଧୀଙ୍କୁ ବକ୍‌ରୀ ସହ ତୁଳନା କରି କେନ୍ଦ୍ରରେ ଶାସନ ଦାୟିତ୍ୱରେ ଥିବା ଶାସକ ଦଳକୁ ବାଘ ସହ ତୁଳନା କରିଛନ୍ତି। ତାଙ୍କର ଏପରି ବୟାନରୁ ସେ ଦେଶର ପ୍ରଧାନମନ୍ତ୍ରୀ୍ ମୋଦିଜୀଙ୍କୁ ସମ୍ଭବତଃ ବାଘ ସହ ତୁଳନା କରିଛନ୍ତି । ଯଦି ସେପରି କରିଥାନ୍ତେ ତେବେ ବି ଠିକ୍ ହୋଇଥାନ୍ତା। ବାସ୍ତବରେ ଭାରତର ଜାତୀୟ ପଶୁ ସଦୃଶ ମୋଦିଜୀ ମଧ ସେହିଭଳି ଏକ ସଶକ୍ତ ଚରିତ୍ର ଯାହା ଆଜିର ଦିନରେ ଭାରତର ଜାତୀୟ ସମ୍ପତ୍ତି ସହ ତୁଳନୀୟ। ସେ ଆଜି ତାଙ୍କର ବିଶେଷ ଯୋଗ୍ୟତା ବଳରେ ଦେଶର ସୀମା ସରହଦ ଡେଇଁ ବିଦେଶରେ ବି ନିଜକୁ ଏକ ବିଶେଷ ଚରିତ୍ର ଭାବେ ସାବ୍ୟସ୍ତ କରିପାରିଛନ୍ତି। ବିଦେଶ ମାଟିରେ ନିଜକୁ ବି ଏକ ବିଶେଷ ଚରିତ୍ର ଭାବେ ପରିଚିତ କରାଇବାରେ ସେ ବେଶ୍ ସକ୍ଷମ ହୋଇପାରିଛନ୍ତି। ତା'ପଛରେ ବି ରହିଛି ବିଶେଷ କାରଣ । ଭାରତରେ ସ୍ୱାଧନତା ପରଠାରୁ ଦେଶରେ ଏକାଧିକ ପ୍ରଧାନମନ୍ତ୍ରୀ ଆସିଛନ୍ତି। ସେମାନେ ବି ଭାରତ ପାଇଁ ଅନେକ କିଛି କଲ୍ୟାଣମୂଳକ କାର୍ଯ୍ୟ କରିଯାଇଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ମୋଦିଜୀ ମଧ ସେହିପରି କିଛି କଲ୍ୟାଣମୂଳକ କାର୍ଯ୍ୟ କରିବାରେ କୌଣସି କମି କରୁନାହାଁନ୍ତି। ଦେଶର କଲ୍ୟାଣ ସହ ସମାଜରେ ସଂସ୍କାରମୂଳକ କାର୍ଯ୍ୟ କରିବାର ପ୍ରଚେଷ୍ଟାରେ ଅଛନ୍ତି ସେ ଯାହା ସମାଜରେ ଭିନ୍ନ ଏକ ପରିବର୍ତ୍ତନ ଆଣିପାରିବ।

# ପାଟି ସୁଆଦରୁ ମୃତ୍ୟୁ

### ଗିରିଧାରୀ ସାମଲ

ଆମ ଓଡ଼ିଆରେ ଏକ ନିତିଦିନିଆ ଢ଼ଗ କଥାଟିଏ ଅଛି। 'ଖାଇ ଶୋଇଲେ ବଢ଼ଇ ଆୟୁ, ଖାଇ ଚାଲିଲେ ବଢ଼ଇ ବାୟୁ, ଖାଇ ବସିଲେ ବଢ଼ଇ ପେଟ, ଖାଇ ଖାଇଲେ ଯମର ଭେଟ'। ସେହିପରି ଆଧ୍ୟାତ୍ମିକ ଶାସ୍ତ୍ର ଭଲ କଥାଟିଏ କହିଛି। ମଣିଷ ପାଇଁ ଖାଦ୍ୟ ନା ଖାଦ୍ୟ ପାଇଁ ମଣିଷ। ଆମ ଭିତରେ ଅନେକ ପାଟି ଟକଳା ରହିଛନ୍ତି ଯେଉଁମାନେ ଖାଦ୍ୟ ପାଇଁ ଆମେ ଯେପରି ଜନ୍ମ ହୋଇଛେ। ଅନେକ ଲୋକ ରହିଛନ୍ତି ଯେଉଁମାନଙ୍କର ରହିବା ପାଇଁ ଭଲଘର ନଥାଏ, ଦାମିକିଆ ଡ୍ରେସ ପତ୍ର କି ଆଦବ କାଇଦାରେ ବଞ୍ଚନ୍ତି ନାହିଁ କିନ୍ତୁ ଖାଇବାରେ ନୋ କମ୍ପ୍ରୋରମାଇଜ। ଆମ୍ଭମାନଙ୍କ ଏହିପରି ଢ଼ଙ୍ଗରଙ୍ଗ ଓ ଖାଦ୍ୟ ଦୁର୍ବଳତାକୁ ଦେଖି ବଢୁଥିବା ବିଶ୍ୱ ବଜାର ପରିସ୍ଥିତି ଏବଂ ଜୀବନଶୈଳୀ କାରଣରୁ ଗତ ଦଶନ୍ଧି ଧରି ଫାଷ୍ଟଫୁଡ ସଂସ୍କୃତି ଆଗକୁ ବଢ଼ିବାରେ ଲାଗିଛି। ସ୍ୱାସ୍ଥ୍ୟ ପାଇଁ ଫାଷ୍ଟଫୁଡ ଅନୁପଯୁକ୍ତ ବୋଲି ଡାକ୍ତରମାନେ ବାରମ୍ବାର କହି ଆସୁଥିଲେ ମଧ ସେଥିପ୍ରତି କେହି ଦୃଷ୍ଟି ଦେଉନାହାଁନ୍ତି। ଛୋଟ ପିଲାଙ୍କ କ୍ଷେତ୍ରରେ ମୋଟାପଣ ବଢୁଥିଲା ବେଳେ ସ୍ୱାସ୍ଥ୍ୟଜନିତ ସମସ୍ୟା ଭୟଙ୍କର ରୂପ ନେଉଛି। ଫାଷ୍ଟଫୁଡ ସହ ଚଟପଟି ଦୋକାନ ସଂଖ୍ୟା ମଧ ଗଳିକନ୍ଦିରେ ବଢ଼ି ଚାଲିଛି। କର୍ମବ୍ୟସ୍ତ ଜୀବନରେ ରୋଷେଇ ଘରକୁ ନଯାଇ ବାହାରୁ ପଲିଥିନରେ ଖାଇବା ଆଣିବାକୁ ଅନେକ କରୁଛନ୍ତି ପସନ୍ଦ। ମାଆ ମାନେ ବି ହାତରନ୍ଧା ଖାଇବା ତିଆରି କରି ଝିନଝଟରୁ ମୁକ୍ତି ପାଇବା ପାଇଁ ବଜାର କିଣା ଖାଇବା ପ୍ରଥମରୁ ହିଁ ପିଲାମାନଙ୍କୁ ଦେଇ ଦଉଛନ୍ତି। ପରିଣାମ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଜୀବନହାନୀ। ଅସୁରକ୍ଷିତ ଖାଦ୍ୟ କେବଳ ସ୍ୱଳ୍ପ ମିଆଦିରେ କ୍ଷତି ପହଞ୍ଚାଇନଥାଏ ବରଂ ଶରୀରରେ ରୋଗର ଏକ ଭୟଙ୍କର ଚକ୍ର ସୃଷ୍ଟି କରେ। ମେଡ଼ିକାଲ ସାଇନ୍ସ ରିପୋର୍ଟ ଅନୁସାରେ ଭାରତରେ ପ୍ରତିବର୍ଷ ଦୂଷିତ ଖାଦ୍ୟ ଏବଂ ଜଳ ପାଇଁ ୨୦ ଲକ୍ଷରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥାଏ। ତେଲ ମସଲା ଏବଂ ବାସି ଖାଦ୍ୟ କାରଣରୁ ହେଉଥିବା ରୋଗ ଏବଂ ରୋଗଜନିତ ମୃତ୍ୟୁ ସଂଖ୍ୟା କାହିଁ କେତେ ଅଛି। ତେଣୁ ବଡ଼ ପ୍ରଶ୍ନ ଦୂଷିତ ଖାଦ୍ୟକୁ କାହିଁକି ଆମେ ରୋକିପାରୁନାହୁଁ?ଆମ ବଜାରକୁ ଦେଖିଲେ ଯେ କେହି ଭି କହିବ ଭାରତର ପ୍ରତିଟି ସ୍ଥାନରେ ଦୂଷିତ ଓ ନକଲି ସାମଗ୍ରୀର ପସରା ଖୋଲିସାରିଛି। ଓଡ଼ିଶାର କଟକ ସହରକୁ ରୌପ୍ୟ ନଗରୀ କୁହାଯାଉଥିଲା ବେଳେ ଏବେ ଏହାର ନାମ ବଦଳି ନକଲି ସହର ହୋଇଗଲାଣି। ଚା'ମସଲା ଠାରୁ ଆରମ୍ଭ କରି, ତେଲ, ଘିଅ ସବୁ ଏଠି ମିଳୁଛି ନକଲି। ଧରା ହେଉଛି, କିଛି ବନ୍ଧା ହେଉଛନ୍ତି ପୁଣି ଚାଲୁଛି ବେପାର। ସରକାରୀ କଳର ବିଫଳତାର ଏହା ହେଉଛି ନମୁନା। ସେହିପରି ରାଜ୍ୟର ପ୍ରତିଟି ସହରରେ ଅପମିଶ୍ରିତ ଏବଂ ଦୂଷିତ ଖାଦ୍ୟର ପସରା ଚାଲିଛି। କାଁ ଭାଁ ସିଏମସି ବା ବିଏମସି ଏବଂ ପ୍ରଶାସନିକ ଅଧିକାରୀମାନେ ଚଢ଼ାଉ କରୁଛନ୍ତି, ପରେ ଚୁପ ଚାପ ବସିଯାଉଛନ୍ତି। ଗରିବ ଠେଲାବାଲାଙ୍କ ଉପରେ ଦାଦାଗିରି ଦେଖାଇ ବଡ଼ ହୋଟେଲ ମାଲିକଙ୍କ ପାଖରେ ଲାଙ୍ଗୁଡ଼ ଯାକି ଠିଆ ହେଉଛନ୍ତି। ଗତ ବାଲିଯାତ୍ରା ବେଳେ ଛୋଟ ଛୋଟ ଦୋକାନୀଙ୍କ ଉପରେ ଦୂଷିତ ଅପରିଷ୍କାର ଖାଦ୍ୟ କହି ଚଢ଼ଉ କରିଥିଲେ କିନ୍ତୁ କୌଣସି ବଡ଼ ବଡ଼ିଆଙ୍କ ଦୋକାନ ଦୁଆର ମୁହଁ ବି ଏହି ଚଢ଼ଉକାରୀ ଦଳ ଯାଇନଥିଲେ। ଏହା ଖାଲି ଓଡ଼ିଶାର କଥା ନୁହେଁ ଦେଶର ପ୍ରତିଟି ସ୍ଥାନରେ ଏହି ଚିତ୍ର ଦେଖିବାକୁ ମିଳୁଛି। ଅପମିଶ୍ରିତ ଖାଦ୍ୟକୁ ଦୃଷ୍ଟିରେ ରଖି ନିକଟରେ କେନ୍ଦ୍ରର ସଂସଦୀୟ ସମିତି ପରାମର୍ଶ ଦେଇଛି ଯେ ନକଲି ଓ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ବିକୁଥିବା ଦୋଷୀଙ୍କୁ ସର୍ବନିମ୍ନ ଛଅ ମାସ ଦଣ୍ଡ ମିଳିବା ଦରକାର। ଏଥିସହ ସମିତି ୨୫ ହଜାର ଟଙ୍କାର ଜରିମାନା ପାଇଁ ମଧ ପରାମର୍ଶ ଦେଇଛି। ସାଂସଦ ବ୍ରଜଲାଲଙ୍କ ଅଧ୍ୟକ୍ଷତାରେ ଗଠିତ ସମିତି ପକ୍ଷରୁ କୁହାଯାଇଛି ଯେ, ନକଲି ଅପମିଶ୍ରିତ ଖାଦ୍ୟ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଛି। ଏହା ଉପରେ ଲଗାମ ଲଗାଇବା ଜରୁରୀ। ନିୟମ ଲାଗୁ ହେବ, ହେଲେ ଏହାକୁ କାର୍ଯ୍ୟକାରୀ କରିବ କିଏ ? ଖାଦ୍ୟ ସୁରକ୍ଷା ଯାଞ୍ଚରେ ଥିବା ଅଧିକାରୀମାନେ ଯଦି ସେମାନଙ୍କ ଦାୟିତ୍ୱ ସଠିକ ଭାବେ ତୁଲାଇପାରନ୍ତେ ତେବେ ଅଧିକାଂଶରେ ଏହି ସମସ୍ୟା ଦୂର ହୋଇପାରନ୍ତା। ଏହି କ୍ଷେତ୍ରରେ ସାଧାରଣ ଲୋକଙ୍କର ଭୂମିକା ମଧ ଗୁରୁତ୍ୱପୂର୍ଣ୍ଣ। ସୋସିଆଲ ମିଡ଼ିଆରେ ଗୁପଚୁପ ଆଳୁକୁ ପାଦରେ ଦଳିବା, ବାସି ମସଲାରେ ଚାରିଦିନ ତଳର ଚିକେନ କଷା କରିବା, ଅଳିଆ ଆବର୍ଜନା ସ୍ଥାନରେ ଖାଦ୍ୟ ପ୍ରସ୍ତୁତି ହେଉଥିବା ଦୃଶ୍ୟ ଆମେ ନିୟମିତ ଦେଖୁଛେ। ହେଲେ ପାଟି ସୁଆଦ, ଘରେ କାମ କରିବାକୁ ପଡ଼ିବନି ଭାବି ଏହି ଦୋକାନ ଆଗରେ ଲାଇନ ଲଗାଇବା ସୂଚାଇ ଦେଉଛି ଯେ, ଆମେ ଆଦୌ ନିଜ ସ୍ୱାସ୍ଥ୍ୟ ପାଇଁ, ପରିବାର ପାଇଁ ଚିନ୍ତିତ ନୁହେଁ। ସରକାରୀ ଅଧିକାରୀମାନେ ପୂଜାପାର୍ବଣ ଆସିଗଲେ ଖାଓ ଗଳି ଠାରୁ ଆରମ୍ଭ କରି ରାସ୍ତାକଡ଼ର ଠେଲା ଦୋକାନୀଙ୍କ ଉପରେ ଚଢ଼ାଉ କରନ୍ତି। ଆଗକୁ କଟକ ବାଲିଯାତ୍ରା। ହଣ୍ଡାହଣ୍ଡା ବାସି ଦହିବରା ଆଳୁଦମ, ବଭାଗୀୟ ଅଧିକାରୀମାନେ ତଳେ ଫିଙ୍ଗୁଥିବା ଫଟୋ ଏବଂ ଭିଡ଼ିଓ ମଧ ଆମେ ଦେଖିବା। ହେଲେ ଆମେ ସଚେତନ ନୁହେଁ କି ଅଧିକାରୀମାନେ ମଧ ନିଜ ଦାୟିତ୍ୱକୁ ନେଇ ସତର୍କ ନୁହଁନ୍ତି। ଦିନେ ଅଧେ ବେପାର କ୍ଷତି ପରେ ଏହି ବ୍ୟବସାୟୀମାନେ ପୁଣି ଆରମ୍ଭ କରିଦିଅନ୍ତି। ସେହି ପୁରୁଣା ଧାରା ।ଦୋଷ ଲଦି ଖସିବାର ଅଭ୍ୟାସ ଆମ ସମସ୍ତଙ୍କର। ନିୟମ ପ୍ରଣୟନ କରିଦେଲେ ଯେ, ଲୋକେ ତାକୁ ମାନିବେ ତାହା ଭାବିବା ଭୁଲ। ଦୀପାବଳି ସମୟରେ ସୁପ୍ରିମକୋର୍ଟ ବାଣ ଉପରେ କଡ଼ା କଟକଣା କରିଥିଲେ। ହେଲେ ତାକୁ କେହି ମାନିଲେ ନାହିଁ। ଭୁବନେଶ୍ୱର ପୁଲିସ ପ୍ରଶାସନ ରାତି ୧୦ଟା ପରେ ବାଣ ଫୁଟାଇବା ବାରଣ କରିଥିଲା। ତାକୁ କେହି ଭୃକ୍ଷେପ କଲେ ନାହିଁ। ଏବେ ସଂସଦୀୟ ସୀମିତ ପ୍ରସ୍ତାବ ଦେଉଛି। ଏହା ଆଇନରେ ପରିଣତ ହେଲେ ମଧ ସେଭଳି ପୂର୍ବଧାରା ଚାଲୁଥିବ ଏହା ଭାବିବା ଭଲ ହେବନାହିଁ। ଆମେ ସଚେତନ ନୁହଁ। ପ୍ରଶାସନିକ ଅଧିକାରୀମାନେ ମଧ ସେମାନଙ୍କ ଦାୟିତ୍ୱକୁ ଗୁରୁତ୍ୱ ଦେଉନାହାଁନ୍ତି। ଯେଉଁ କାରଣରୁ ଅପମିଶ୍ରିତ ଏବଂ ଦୂଷିତ ଖାଦ୍ୟର ପ୍ରସାର ବଢ଼ିବାରେ ଲାଗିଛି। ଏହା ସରକାରୀ ବ୍ୟବସ୍ଥାର ବିଫଳତା ଏଥିରେ ସନ୍ଦେହ ନାହିଁ। ତେଣୁ ଆମେ ସମସ୍ତେ ବ୍ୟବସ୍ଥା ଉପରେ ନିର୍ଭର କରିବା ଅପେକ୍ଷା ନିଜ ପାଇଁ ଏବଂ ନିଜ ପରିବାର ପାଇଁ କିଣୁଥିବା ବିଷ ଠାରୁ ସତର୍କ ରହିବା ହିଁ ଶ୍ରେୟସ୍କର। ନଚେତ ଖଟା-ମିଠା ଓ ଚଟପଟିର ସ୍ୱାଦ ଆମ ପ୍ରିୟଜନ ଠାରୁ ଦୂରେଇ ଦେବ। ଏହି ଲେଖା ଭିତରେ ଆଗେ ମାଆ ମାନଙ୍କୁ ଗୋଟିଏ ଅନୁରୋଧ ରଖିବୁ ପିଲାମାନଙ୍କୁ ହାତ ପ୍ରସ୍ତୁତ, ଘରୋଇ ଓ ସୁଷମ ଖାଦ୍ୟ ଦିଅନ୍ତୁ। ଆପଣ ଜାଣିଛନ୍ତି ଆପଣଙ୍କ ପିଲାଟି ଭଗବାନଙ୍କ ପ୍ରଦତ୍ତ ଆପଣଙ୍କର ଶ୍ରେଷ୍ଠ ସମ୍ପତ୍ତି। ତେଣୁ ପିଲାବେଳୁ ସେମାନଙ୍କୁ ଖାଦ୍ୟରେ ବାଟବଣା କରନ୍ତୁ ନାହିଁ। କିଛିଟା ପରିଶ୍ରମ ପାଇଁ ନିଜକୁ ହଲକା କରି ବଜାରର ବିଷ ଖାଇବା ଆଦୌ ଦିଅନ୍ତୁ ନାହିଁ। ଆପଣଙ୍କ ହାତରନ୍ଧା ଖାଇବାଟି ପିଲାଟି ପାଇଁ ଯେ ଅମୂଲ୍ୟ ସମ୍ପଦ ଓ ଅମୃତ ଖାଦ୍ୟ ତାହା ଆପଣ ଭୁଲନ୍ତୁ ନାହିଁ। ସବୁ ମାଆ ମାନେ ଯେ ବଜାର ଖାଇବା ଆଣି ପିଲାମାନଙ୍କୁ ଦିଅନ୍ତି ତାହା ଆମେ କହୁନାହୁଁ କିନ୍ତୁ ହାତରନ୍ଧା ଖାଇବାରେ ଯେଉଁ ମହକ ଓ ପରଷ ଥାଏ ତାହା କ'ଣ ଆଉ କେଉଁଠି ମିଳିଥାଏ। ତେଣୁ ନିଜେ ସତର୍କ ରହି ନିଜେ ପାଟି ଟକଳା ବଜାର ଖାଇବା ଠାରୁ ଦୂରେଇ ପିଲାମାନଙ୍କୁ ସେହି ରାସ୍ତାରେ ନିଅନ୍ତୁ। ଦେଖିବେ ପିଲାଟି ସୁସ୍ଥ ସୁନ୍ଦର ହୋଇପାରିବେ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇ ସେମାନେ ଉତ୍ତମ ସ୍ୱାସ୍ଥ୍ୟର ଅଧିକାରୀ ହୋଇପାରିବେ।

**ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,**
**ଦୂରଭାଷ : ୯୪୩୭୪୫୦୧୧୪**



# ଫେରାର ୪ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

**ଜୟପୁର(ଅମୃତ ମିଡିଆ) :** ଫେରାର ଚାରି ଅଭିଯୁକ୍ତ କୁ ଗିରଫ କଲା ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ବାରିଣିପୁଟର ଲକି ଖିଲ (୪୫), ଏକମ୍ବାର ଜଗୁ ହରିଜନ (୪୩. କଙ୍ଗା ଗ୍ରାମର ଅନ୍ତର୍ଗତ ରନ୍ଦାରିଗୁଡାର ସୁବାସ ଭତ୍ରା (୨୭) ଓ ନିଳାଗୁଡାର ଦଇତାରି ହରିଜନ (୩୦) । ପୋଲିସ ସୁଚନା ଅନୁଯାଇ ବାରିଣିପୁଟର ଲକି ଖିଲ ନାମରା ୨୦୧୯ ମସିହାରେ ଅପରାଧିକ ମାମଲା ରହିଥିବା ବେଳେ ଏକମ୍ବାର ଜଗୁ ହରିଜନ ୨୦୨୧ ମସିହାରେ ଅପରାଧିକ ମାମଲା ରହିଥିଲା । ୨୦୨୩ ମସିହାରେ କଙ୍ଗା ଗ୍ରାମର ଅନ୍ତର୍ଗତ ରନ୍ଦାରିଗୁଡାର ସୁବାସ ଭତ୍ରା (୨୭) ଓ ନିଳାଗୁଡାର ଦଇତାରି ହରିଜନ (୩୦) ନାମରେ ଜୟପୁର ସଦର ଥାନାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ସେ ମାନେ ଫେରାର ଥିବା ବେଳେ ଆଜି ବିଭିନ୍ନ ସ୍ଥାନରେ ଚଢାଉ କରି ୪ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ସଦର ଥାନା ଅଧିକାରି ଈଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ଚୋରି ମାମଲାରେ ଜଣେ ଗିରଫ



**ଜୟପୁର(ଅମୃତ ମିଡିଆ) :** ଚୋରି ମାମଲାରେ ଜଣେ ଅଭିଯୁକ୍ତ ରୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ପେପର ମିଲ ଛକର ଦେବେନ୍ଦ୍ର ଖରା (୨୧) । ବାଙ୍କବିଜା ଚୋରି ମାମଲାରେ ଜଡିତ ଅଭିଯୁକ୍ତ କ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ଈଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ନର୍ଲା ବିଧାନସଭାରୁ ଭକ୍ତ, ଭୂପିନ୍ଦର ଓ ବସନ୍ତଙ୍କ ମଧ୍ୟରେ ଲଢ଼େଇ

**କଳାହାଣ୍ଡି(ଅମୃତ ମିଡିଆ) :** ପ୍ରାୟ ୩୯ ବର୍ଷର ବ୍ୟବଧାନ ପରେ ବିଧାନସଭା ମଇଦାନକୁ ଓହ୍ଲାଇ ପାରନ୍ତି ଭକ୍ତ ଦାସ । ନୂଆପଡା ଓ ଖଡିଆଳ କାର୍ଯ୍ୟକ୍ରମରେ ସାମିଲ ହେବା ସମୟରେ ନର୍ଲା ବିଧାନସଭା ଆଡକୁ ଇସାରା କରିଛନ୍ତି ପୂର୍ବତନ କେନ୍ଦ୍ର ମନ୍ତ୍ରୀ । କୁହାଯାଉଛି, ନର୍ଲା ବିଧାନସଭାରେ ଏଥର ଦେଖିବାକୁ ମିଳିପାରେ ବଡ ଲଢେଇ । ଶାସକ ଦଳର ବିଧାୟକ ଭୂପିନ୍ଦର ସିଂଙ୍କ ସହ ସିଧାସଳଖ ଟକ୍କର ଦେଇପାରନ୍ତି ଭକ୍ତ । ଆଉ ଏହାରି ଭିତରେ ନର୍ଲା ବିଧାନସଭା ଆସନରେ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ହୁଏତ ଶେଷ ଥର ପାଇଁ '୨୪' ନିର୍ବାଚନରେ ମୈଦାନକୁ ଓହ୍ଲାଇ ପାରନ୍ତି ଓଡ଼ିଶା କଂଗ୍ରେସ ଟାଣୁଆଁ ନେତା ତଥା କଳାହାଣ୍ଡି କଂଗ୍ରେସ ରାଜନୀତିର ସବୁଠାରୁ ବଡ଼ ଚେହେରା ଭକ୍ତ ଦାସ । କୁହାଯାଉଛି, ଶେଷ ଲଢ଼େଇରେ ଭକ୍ତ ଦାସଙ୍କୁ ଲୋକସଭା ନୁହେଁ ବିଧାନସଭା ଆସନରୁ ମୁକାବିଲା କରିବେ । ଖରିଆରରେ ଆୟୋଜିତ ସଭାରେ ଯୋଗେ ଦେବା ପାଇଁ ଯେତେବେଳେ ଭକ୍ତ ଦାସ ପହଂଚିଥିଲେ, ସ୍ଥାନୀୟ ନେତା ଓ ଦଳୀୟ କର୍ମୀ ତାଙ୍କୁ ବିପୁଳ ସ୍ୱାଗତ କରିଥିଲେ । ଆଉ ଦଳୀୟ କର୍ମୀ ଓ ଜନତାଙ୍କୁ ଉଦ୍‌ବୋଧନ ଦେବା ସମୟରେ ନର୍ଲା ଆସନରେ ଲଢ଼ିବା ପାଇଁ ଏକାଧିକ ଥର ସଂକେତ ଦେଇଥିଲେ ଭକ୍ତ ଦାସ ।ଭକ୍ତ ଦାସ ଯଦି ବିଧାନସଭା ଆସନରୁ ନିର୍ବାଚନ ଲଢ଼ନ୍ତି, ତେବେ ଏକ ବଡ଼ ଲଢ଼େଇ ଦେଖିବ ନର୍ଲା ବିଧାନସଭା । କାରଣ, ନର୍ଲା ଆସନରୁ ଏବେ ଶାସକବିଜେଡି ଦଳରୁ ଭୂପିନ୍ଦର ସିଂ ବିଧାୟକ ଅଛନ୍ତି । ଆଉ ଚର୍ଚ୍ଚା ହେଉଛି କଳାହାଣ୍ଡିରୁ ସାଂସଦ ଥିବା ବସନ୍ତ ପଣ୍ଡା, ୨୪ ନିର୍ବାଚନରେ ଲୋକସଭ ବଦଳରେ ବିଧାନସଭାରୁ ନିର୍ବାଚନ ଲଢ଼ିବେ । ଏବଂ ବସନ୍ତଙ୍କ ଆଖିରେ ରହିଛି ନର୍ଲା ବିଧାନସଭା ଆସନ । ଯଦି ବସନ୍ତ ପଣ୍ଡା ନର୍ଲା ଆସନରୁ ନିର୍ବାଚନ ଲଢନ୍ତି ତେବେ ଭୂପିନ୍ଦର ସିଂ ବନାମ ଭକ୍ତ ଦାସ ବନାମ ବସନ୍ତ ପଣ୍ଡା, ତ୍ରିମୁଖୀ ଲଢ଼େଇ ହୋଇପାରେ ।ଯଦିଓ ନର୍ଲା ବିଧାନସଭା ଆସନରେ ପ୍ରଥମରୁ କଂଗ୍ରେସର ଦବଦବା ଥିଲା, କିନ୍ତୁ ୧୯୯୦ ନିର୍ବାଚନ ପରେ ଅଣକଂଗ୍ରେସ ଦଳକୁ ଚାଲିଯାଇଥିଲା ନର୍ଲା ଆସନ । ଶେଷଥର ପାଇଁ ୨୦୦୯ରେ ଭୂପିନ୍ଦର ସିଂ ନର୍ଲା ଆସନରୁ କଂଗ୍ରେସ ଟିକେଟରେ ବିଜୟୀ ହୋଇଥିଲେ । ହେଲେ କଂଗ୍ରେସ ଛାଡ଼ି ଭୂପିନ୍ଦର ବିଜେଡରେ ସାମିଲ ହେବା ପରଠାରୁ ୨୦୧୪ ଓ ୨୦୧୯ରେ ବିଜେଡି ହାତକୁ ଯାଇଛି ନର୍ଲା ଆସନ । ଏଭଳି ସ୍ଥିତିରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସର ଟାଣୁଆ ନେତା ଭକ୍ତ ଦାସଙ୍କ ପାଇଁ ସହଜ ହୋଇନପାରେ ନର୍ଲା ବିଜୟ । ଆଉ ଏହାରି ଭିତରେ ଯଦି ବସନ୍ତ ପଣ୍ଡା ଯଦି ନର୍ଲା ବିଧାନସଭାରୁ ନିର୍ବାଚନ ଲଢ଼ନ୍ତି, ତେବେ କଡ଼ା ଟକ୍କର ଦେଖିବାକୁ ମିଳିବ । ଲୋକସଭା ହେଉ ବା ବିଧାନସଭା, ଯେଉଁ ଆସନରୁ ଦଳ ପ୍ରାର୍ଥୀ କରିବ ସେଠୁ ଲଢ଼ିବେ ବୋଲି ଯଦିଓ ବସନ୍ତପଣ୍ଡା ପୂର୍ବରୁ ସ୍ପଷ୍ଟ କରିଛନ୍ତି, ତଥାପି ନର୍ଲାରେ ବସନ୍ତ ପଣ୍ଡା ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି ।




# ଶ୍ରୀଜଗନ୍ନାଥ ଅର୍ପଣ ରଥକୁ ଭାବ୍ୟ ସ୍ୱାଗତ



**ଦଶପଲ୍ଲା (ଅମୃତ ମିଡିଆ) :** ଦଶପଲ୍ଲା ସହରରୁ ଗାଁ ସବୁ ଆଡେ ଶ୍ରୀ ଜଗନ୍ନାଥ ଅର୍ପଣ ରଥକୁ ପ୍ରତିଦୁଆରେ ନାମକୀର୍ତ୍ତନ ସହ ପ୍ରତିଘର ଦୁଆରେ ଝୋଟି,ଚିତା ସହ ପୁର୍ଣ୍ଣକୁମ୍ଭ ଦିପ ଥୋଇ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ। ଗାଁରୁ ସହର ସବୁଆଡେ ଭକ୍ତିମୟ ପରିବେଶ ମଧ୍ୟରେ ପ୍ରସାଦ ସେବନ।ଆଜ ଦଶପଲ୍ଲାର ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସର ୫ ଓ ୭ନଂମ୍ବର ୱାର୍ଡ ରଥ ଭ୍ରମଣକରି ୭ନଭେମ୍ବର ୱାର୍ଡର ମା ଡୁମାଲୁଣୀ ମନ୍ଦିର ଠାରେ ପ୍ରସାଦ କରାଯାଇଥିଲା।ସେହିଭଳି ଅଧିବାସୀ ବହୁଳ ଚଡେୟାପଲୀ ପଞ୍ଚାୟତ ଜଗନ୍ନାଥ ଅର୍ପଣ ରଥକୁ ପ୍ରତିଗାଁ ଭ୍ରମଣ ଚାଲିଥିବାର ଶୁଚନା।

# ବେତନଟୀ ରେଳ ଷ୍ଟେସନରେ ସବୱେ ରାସ୍ତାର ଶୁଭ ଉଦ୍‌ଘାଟନ କଲେ ରେଳ ମନ୍ତ୍ରୀ



**ବେତନଟୀ(ଅମୃତ ମିଡିଆ) :** ସ୍ଥାନୀୟ ରେଳ ଷ୍ଟେସନର ମଧ ସ୍ଥଳରେ ୫.୧୨କୋଟି ଟଙ୍କାର ଏକ ସବୱେ ନିର୍ମାଣର ଶୁଭଉଦଘାଟନ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କରିଛନ୍ତି। ଏଥି ନିମନ୍ତେ ବେତନଟୀ ରେଳ ଷ୍ଟେସନରେ ଅନୁଷ୍ଠିତ ବିରାଟ ଜନସମାବେଶ ରେ ଉଦ୍ ?ବୋଧନ ଦେବାସହ ସହଜରେ ଦୂରସ୍ଥାନକୁ ରେଳରେ ସଂରକ୍ଷିତ ଟିକଟ କାଟିବାର ବ୍ୟବସ୍ଥାକୁ ମଧ ଶୁଭ ଉଦ୍ ?ଘାଟନ କରିଛନ୍ତି । ଉକ୍ତ ସଭାରେ ଦକ୍ଷିଣପୂର୍ବ ରେଳପଥର ମହାପ୍ରବନ୍ଧକଙ୍କ ସଭାପତିତ୍ୱ କରିଥିଲେ। ସମ୍ମାନନୀୟ ଅତିଥିଭାବେ କେନ୍ଦ୍ରର ଜଳସଂଚାଳନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଶେଶ୍ୱର ଟୁଡୁ ମାନ୍ୟବର ବଡସାହି ର ବିଧାୟକ ସନାତନ ବିଜୁଳୀ ବକ୍ତବ୍ୟ ସହ ବିଭିନ୍ନ ସ୍ଥାନକୁ ରେଳ ଚଳାଚଳର ଦାବୀ ଜଣାଇଥିଲେ। ରେଳମନ୍ତ୍ରୀ କିଛି ଦିନ ମଧରେ ସେ ସବୁ ପୁରଣ ର ପ୍ରତିଶ୍ରୁତି ଦେଇଥିଲେ। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ବ୍ୟକ୍ତବ୍ୟରେ ଭାରତର ପ୍ରଧାନମନ୍ତ୍ରୀଙ୍କର ଓଡ଼ିଶା ଓ ରେଳ ବିକାଶ ନିମନ୍ତେ ସଂକଳ୍ପ କଥା ଦୋହରାଇଲେ । ବାରିପଦା ବିଧାୟକ ପ୍ରକାଶ ସୋରେନ ସଭା ମଞ୍ଚରେ ଉପସ୍ଥିତ ଥିଲେ। ସବୱେ ନିମନ୍ତେ ଭୂମି ପୂଜନ କରାଯିବା ସହ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ମଧ ମନ୍ତ୍ରୀଙ୍କ କରକମଳରେ ଉଦ୍ ?ଘାଟିତ ହୋଇଥିବାରୁ ଏବଂ ଅମୃତଭାରତ ଷ୍ଟେସନ ନିମନ୍ତେ ୧୨କୋଟି ଟଙ୍କାର କାର୍ଯ୍ୟ ।ରମ୍ଭ ହୋଇଥିବାରୁ ବେତନଟୀ ତଥା ଆଖପାଖ ଜନସାଧାରଣ ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ଇତ୍ୟବସରରେ ଅନେକ ସଂଗଠନ ରେଳର ବିକାଶ ସଂର୍ପକୀତ ଦାବୀପତ୍ର ପ୍ରଦାନ କରିଥିଲେ ।

## ବିପଦରେ ଗୋ ସମ୍ପଦ

# ଦିନ ଦ୍ୱିପହରରେ ଚାଲିଛି ଗାଈ, ଗୋରୁ ଚାଲାଣ



## ଦେଖି ନ ଦେଖିଲା ଭଳି ରହୁଛି ପୋଲିସ ପ୍ରଶାସନ

**କଳାହାଣ୍ଡି(ଅମୃତ ମିଡିଆ) :** ଦିନ ଦ୍ୱିପହରରେ ଅତି ନୁର୍ବଂଶ ଭାବରେ ବେଧଡକ ଚାଲିଛି ଗାଈ, ଗୋରୁ ଚୋରା ଚାଲାଣ । ଗାଈ ଗୋରୁ ଗୁଡ଼ିକୁ ଅତି କଦର୍ଯ୍ୟ ଭାବରେ ଧର୍ମଗଡ଼ ଠାରୁ ଆମପାଣି କୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ ୱେ ରାସ୍ତା ଉପରେ ଶହଶହ ଗାଈ, ଗୋରୁଙ୍କୁ ଦଲାଲ ମାନେ ଚଲାଇ ଚଲାଇ ନେଉଛନ୍ତି । ଗୋରୁ ଦଲାଲ ମାନେ ଏହି ବିଜୁ ଏକ୍ସପ୍ରେସ ୱେ ରାସ୍ତା ଦେଇ ପଡୋଶୀ ଜିଲ୍ଲା ନବରଙ୍ଗପୁର ଏବଂ କୋରାପୁଟକୁ ନେଇଥାନ୍ତି । ସବୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଧର୍ମଗଡ଼ ଠାରୁ ଆମପାଣି ବିଜୁ ଏକ୍ସପ୍ରେସ ୱେ ରାସ୍ତା ପ୍ରାୟ ୪୦ କିଲୋମିଟର ମଧରେ ରହି ଥିବା ବେଳେ ଏହା ମଧ ଗୋଡମୁଣ୍ଡା ଫାଣ୍ଡି ଏବଂ ଆମପାଣି ପୋଲିସ ଥାନା ହେଲେ ଗୋରୁ ଦଲାଲ ମାନେ ବିଜୁ ଏକ୍ସପ୍ରେସ ୱେ ରାସ୍ତାଅବରୋଧ କରି ଗୋରୁ ଗୁଡ଼ିକୁ ଚଲାଇ ଚଲାଇ ନେଇଥିଲେ ମଧ ଦେଖି ନ ଦେଖିଲା ଭଳି ରହୁଛି ପୋଲିସ ପ୍ରଶାସନ। ହେଲେ ଏଇଠି ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ଯେ ଗାଈ, ଗୋରୁ ଚୋରା ଚାଲାଣ ଦିଗରେ କୌଣସି ମନ୍ତ୍ରୀ, ନେତାର ହାତ ଅଛିକି କିମ୍ବା ଗୋରୁ ଦଲାଲ ମାନଙ୍କ ସହିତ ପୋଲିସ ପ୍ରଶାସନର ସଲାସୁତୁରା ଚାଲିଛି କି ଯେଉଁଠି ପାଇଁ କି ଗୋରୁ ଦଲାଲ ମାନେ କାହାକୁ ଖାତିର ନ କରି ଦିନ ଦ୍ୱିପହରରେ ବିଜୁ ଏକ୍ସପ୍ରେସ ୱେ ରାସ୍ତା ଉପରେ କରୁଛନ୍ତି ଗୋ ଚାଲାଣ ଏଭଳି ପୋଲିସ ପ୍ରଶାସନର କାର୍ଯ୍ୟକୁ ଦେଖି ବୁଦ୍ଧିଜୀବୀ ମହଲରେ ତ୍ରୀବ ଭାବରେ ନିନ୍ଦା କରୁଛନ୍ତି।

# ଅଣ ସଂକ୍ରାମକ ରୋଗର ନିରୂପଣ ଶିବିର



**ଜୟପୁର(ଅମୃତ ମିଡିଆ) :** ଜୟପୁର ସହର ଗୋଡିଆ ଧୋବା ସାହି ସ୍ଥିତ ସଭାଗୃହରେ ଅଣ ସଂକ୍ରମକ ରୋଗର ନିରୁପଣ ଶିବିର ଅନୁଷ୍ଠିତ ହୋଇଛି । ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଜଗଧାତ୍ରୀପୁର ଆନୁକୁଲ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ୧ ହଜାର ୧୧ ଜଣ ରୋଗୀ ଚିକିତ୍ସିତ ହୋଇଥିଲେ । ଲୋକଙ୍କୁ ରକ୍ତଚାପ ମଧୁମେୟ, ରକ୍ତହୀନତା ସହ ସାଧାରଣ ରୋଗର ଚିକିତ୍ସା କରାଯାଇଥିଲା । ଗୁଟୁଖା ଓ ତମାଖୁ ଦ୍ୱାରା କର୍କଟ ରୋଗ କେତେ ଭୟଙ୍କର ଅଟେ ସେ ନେଇ ଫଟୋ ଚିତ୍ର ମାଧମରେ ସଚେତନ କରାଯାଇଥିଲା । ଏହି କାଯ୍ୟକ୍ରମରେ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ତଥାଗତ ରଥ, ମ୍ୟାନେଜର ସଞ୍ଜୟ ସ୍ୱାଇଁ , ହିସାବ ରକ୍ଷକ ଲିଙ୍ଗରାଜ ପାଢୀ, ସୁପରଭାଇଜର ସତ୍ୟ ନାରାୟଣ ପାତ୍ର ପ୍ରମୁଖ ଉପସ୍ଥତ ରହି ପରିଚାଳନା କରିଥିଲେ ।

# ବିକାଶମୂଳକ କାଯ୍ୟର ଲୋକାର୍ପଣ କଲେ ବିଧାୟକ

**ଜୟପୁର(ଅମୃତ ମିଡିଆ) :** ଜୟପୁର ପୌରାଞ୍ଚଳରରେ ବିକାଶ ମୁଳକ ପ୍ରକଳ୍ପ ଓ ପ୍ରକଳ୍ପ ଓ ଉଦ୍ୟାନ ଶନିବାର ଲୋକାର୍ପଣ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲୋକାର୍ପଣ କରିଥିଲେ । ୭୨ ଲକ୍ଷ ୩୩ ହଜାର ଟଙ୍କା ବିନିୟମରେ ଖଜୁରିବନ୍ଧ ନିକଟରେ ବିଜୁ ପଟ୍ଟନାୟକ ଶାନ୍ତି ଉଦ୍ୟାନ କୁ ଲୋକାର୍ପଣ କରିଥିଲେ । ଏହା ସହ ୧୬ ଲକ୍ଷ ଟଙ୍କା ବିନିମୟରେ ଗଙ୍ଗାନଗରରେ ଗଙ୍ଗା ମାଁ ମନ୍ଦିର ପରିସରରେ ଖୋଲା ଜାଗାର ବିକାଶ, ୧୮ ଲକ୍ଷ ୫୧ ହଜାର ଟଙ୍କା ବିନିମୟରେ ଜାମବାଡ ସାହିରେ ଗୋଷ୍ଠି ଶୌଚାଳୟ ର ଲୋକାର୍ପଣ ହୋଇଛି । ଏହି କାଯ୍ୟକ୍ରମରେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ପୌର ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର, କନିଷ୍ଠ ଯନ୍ତ୍ରୀ ଅଜୟ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅରଖପୁର ଗ୍ରାମପଞ୍ଚାୟତରେ ବୁଲିଲା ଅର୍ପଣ ରଥ




ଚଣ୍ଡିଖୋଲ ୧୩/୦୧(ଅମୃତ ଦୁନିଆ) ଆଗାମୀ ୧୭ ତରିକରେ ପୁରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଉପଲକ୍ଷେ ସମଗ୍ର ଓଡ଼ିଶା ରେ ପରିକ୍ରମା କରୁଥିବା ଜଗନ୍ନାଥ ଅର୍ପଣ ରଥ ର ଆଜି ବଡ଼ଚଣା ବ୍ଲକ ଅନ୍ତର୍ଗତ ଆରଖପୁର୍ ଗ୍ରାମପଞ୍ଚାୟତରେ ପରିକ୍ରମା କରି ଥିଲା ପଞ୍ଚାୟତରେ ଗୌଡ଼ ପାଟଣା ସ୍ଥିତ ଜଗନ୍ନାଥ ମନ୍ଦିରରୁ ଏକ ସୁସଜ୍ଜିତ ରଥରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପ୍ରତିଷ୍ଠା କରି ସଙ୍କୀର୍ତ୍ତନ , ଗଣ୍ଟ,ଘଣ୍ଟା ଓ ହୁଳା ହୁଳି ,ହରିବୋଲ ଜୟ ଜଗନ୍ନାଥ ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା କ୍ଷ ସ୍ଥାନୀୟ ବିଧାୟକ ଅମର ପ୍ରସାଦ ଶତପଥୀ ଏହି ରଥ ର ଶୁଭାରମ୍ଭ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଂଚ ସ୍ନେହଲତା ସ୍ୱାଇଁ ,ଜିଲ୍ଲାପରିଷଦ ସଭା ଅରବିନ୍ଦ ସାମଲ ,ଯତୀନ୍ଦ୍ର ନାୟକ ,ସମାଜ ସେବୀ ମିହିର ସ୍ୱାଇଁ ,ରବୀନ୍ଦ୍ର ସାମଲ ପ୍ରହଲ୍ଲାଦ ନାୟକ , ଏକନ ସାମଲ, ସମରେନ୍ଦ୍ର ସାମଲ,ଭାସ୍କର ସାମଲ ,ପ୍ରକାଶ ପ୍ରଧାନ, ମଧୁସୂଦନ ବଳ ପ୍ରମୁଖ ସହଯୋଗ କରିଥିଲେ ଅର୍ପଣ ରଥ ଗୌଡ଼ ପାଟଣା ରୁ ବାହାରି ସୂର୍ଖକ୍ଷଦେଇପୂର୍ ,ପଦ୍ମଲକ୍ଷଭ ପୁର ,ଆରଖପୂର୍ ବଜାର ବାରବାଟି ,ନୀଳାମ୍ବର ପୁର ,ଖଇରା ପାଟଣା ,ହରିଚନ୍ଦନ ପୁର ପ୍ରମୁଖ ଗ୍ରାମ ପରିକ୍ରମା କରିଥିଲା ଏହି ପରିକ୍ରମା ରଥଙ୍କୁ ମହିଳା ଓ ପୁରୁଷ ସଙ୍କୀର୍ତ୍ତନ ମଣ୍ଡଳୀ ସଙ୍କୀର୍ତ୍ତନ ବାରିବେଷଣ କରିଥିଲେ !

# ସଙ୍ଗୁଡ଼ା ଖେଳପଡ଼ିଆ ଉନ୍ନତିକରଣ ଶୁଭାରମ୍ଭ

**ଚଣ୍ଡିଖୋଲ(ଅମୃତ ମିଡିଆ) :** ରାଜ୍ୟରେ କ୍ରୀଡ଼ା ଭିତି ଭୂମିର ବିକାଶ ଓ ଗ୍ରାମାଞ୍ଚଳରେ ଥିବା ଯୁବ କ୍ରୀଡ଼ା ବିତି ମାନଙ୍କ ମଧ୍ୟରେ ଥିବା ଲୁକାଇତ ପ୍ରତିଭା ମାନଙ୍କୁ ଲୋକଲୋଚନକୁ ଆଣିବାକୁ ରାଜ୍ୟ ସରକାର ପ୍ରତେକ୍ ଗ୍ରାମପଞ୍ଚାୟତରେ ମିନି ଷ୍ଟାଡିୟମ ନିର୍ମାଣ କରିବା ସହିତ ଖେଳ ପଡିଆର ଉନ୍ନତି କରିବା ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି । ଏହି ପରି ପେଖିରେ ଆଜି ଶୁଂଗୁଡ଼ା ଗ୍ରାମରେ ଥିବା ଖେଳ ପଡିଆ ର ଉନ୍ନତି କରଣ କାର୍ଯ୍ୟ ଆରମ୍ଭ ହୋଇଛି । ବଡଚଣା ଅଞ୍ଚଳର କେନ୍ଦ୍ରରେ ଥିବା ସୁଙ୍ଗୁଡ଼ା ଖେଳ ପଡିଆଟି ଗୁରୁତତ୍ୱପୂର୍ଣ୍ଣ ଭୂମିକା ରହିଛି । ପୂର୍ବରୁ ଏହି ଖେଳ ପଡିଆରେ ରାଜ୍ୟ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତି ଯୋଗିତ ସଫଳତାର ସହିତ ହୋଇଯାଇଛି । ଆଜିର ଏହି ଉନ୍ନତି କରଣ କାର୍ଯ୍ୟରେ ଯୁବ ସମାଜ ସେବୀ ସଞ୍ଜୟ କୁମାର ସ୍ୱାଇଁ ଙ୍କ ନେତୃତ୍ୱରେ ପ୍ରକାଶ ରାଉତ, ବୈକୁଣ୍ଠ ସାହୁ ମୁସ୍ତାକ ଅଲ୍ଲି ଖାଁ , ଜବକ୍ଷର ଖାଁ, ସକ୍ଷବିର ଖାଁ , ଅଭିଷେକ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।



# ସ୍ୱଭାବ କବିଙ୍କ ଶତବାର୍ଷିକୀରେ ଯୋଗ ଦେବାକୁ ରାଜ୍ୟପାଳଙ୍କ ସ୍ୱୀକୃତି



**ସିନାପାଲି (ଅମୃତ ମିଡିଆ) :** ଆସନ୍ତା ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ କବି ପୀଠ ବରପାଲି ଠାରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଓ ମେହେର ସମାଜର ଶତବାର୍ଷିକ ମହାସଭା ଆୟୋଜନ କରାଯାଉଥିବା ବେଳେ ଏହି ଐତିହାସିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆୟୋଜକ କମିଟି ତରଫରୁ ଓଡ଼ିଶା ରାଜ୍ୟପାଳଙ୍କୁ ନିମନ୍ତ୍ରଣ କରାଯାଇଥିବା ଜଣାପଡ଼ିଛି । ନିଖିଳ ଓଡ଼ିଶା ମେହେର ସମାଜର ସଭାପତି ତଥା ନୂଆପଡ଼ା ଜିଲ୍ଲା ସିନାପାଲିର ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେରଙ୍କ ନେତୃତ୍ୱରେ ଯାଇଥିବା ଏକ ପାଂଚ ଜଣିଆ ପ୍ରତିନିଧି ଦଳ ସହ ରାଜଭବନରେ ସାକ୍ଷାତ ଆଲୋଚନା ବେଳେ ମହାମହିମ ରାଜ୍ୟପାଳ ରଘୁବର ଦାସ କାର୍ଯ୍ୟକ୍ରମକୁ ନେଇ ଖୁସି ବ୍ୟକ୍ତ କରିବା ସହ ପ୍ରଥମ ଦିବସରେ ଯୋଗଦେଇ ଏହି ସମରୋହକୁ ଉଦଘାଟନ କରିବାକୁ ସ୍ୱୀକୃତି ଦେଇଛନ୍ତି । ଆଲୋଚନା ବେଳେ ରାଜ୍ୟପାଳ ମେହେର ସମାଜର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ବିଷୟରେ ମଧ୍ୟ ପଚାରି ବୁଝିଥିଲେ । ସମାଜ ତରଫରୁ ପ୍ରଥମେ ରାଜ୍ୟପାଳଙ୍କୁ ଫୁଲତୋଡ଼ା ଏବଂ କବି ଗଙ୍ଗାଧରଙ୍କ ଏକ କାବ୍ୟ ସଙ୍କଳନ ପ୍ରଦାନ କରାଯାଇଥିଲା । ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ସମାଜର ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁରେଂଦ୍ର ମୋହନ ମେହେର, ଭୁବନେଶ୍ୱର ନଗର ସଭାପତି ମିହିର କୁମାର ମେହେର, ରାଜ୍ୟ ସଂଗଠକ ପ୍ରଫୁଲ୍ଲ କୁମାର ମେହେର, ଭୁବନେଶ୍ୱର ୟୁନିଟ୍ ସଂଯୋଜକ ଅଶୋକ କୁମାର ମେହେର ସାମିଲ ଥିଲେ । ସୂଚନାଯୋଗ୍ୟ ଯେ ସପ୍ତାହ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଶ୍ରାଦ୍ଧ ଶତବାର୍ଷିକୀ ନିମନ୍ତେ ଆୟୋଜକ ମେହେର ସମାଜ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ଏନେଇ ପ୍ରସ୍ତୁତି ମଧ୍ୟ ଜୋରଦାର ଚାଲିଥିବା ସୂଚନା ଦିଆ ଯାଇଛି ।

# ବଡ଼ଚଣା ମହୋତ୍ସବ ଉଦ୍‌ଯାପିତ

**ଚଣ୍ଡିଖୋଲ(ଅମୃତ ମିଡିଆ) :** ବଡଚଣାର କଳା ସଂସ୍କୃତି ଓ ପରମ୍ପରାର ମହା ମିଳନ ଅଷ୍ଟମ ବାର୍ଷିକ ବଡ଼ଚଣା ମହୋତ୍ସବ ଆଜି ଉଦଯାପିତ ହୋଇ ଯାଇଛି । ଗତ ପାଞ୍ଚ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଆଜି ଶେଷ ହୋଇଛି ଆଜିର ଉଦଯାପନୀ ଉତ୍ସବରେ ସଭାପତି ମନୋରମା ଆଚାର୍ଯ୍ୟଙ୍କ ତରଫରୁ ସଂପାଦକ ଦିଲ୍ଲୀପ କୁମାର ଚୌଧୁରୀଙ୍କ ସଭାପତତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ ମୁଖ୍ୟ ବକ୍ତା ବଡ଼ଚଣା ପଂଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ସମ୍ମାନିତ ଅତିଥି ଭାବେ। ବଡଚଣା ଗ୍ରାମ ପଂଚାୟତ ସରପଞ୍ଚ ରାଜ ଲକ୍ଷ୍ମୀ ମହାନ୍ତି, ସମିତି ସଭ୍ୟ ମଧୁସୂଦନ ବଳ, ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ, ରମାକାନ୍ତ ରାଉତ, ପ୍ରମୁଖ ଯୋଗ ଦେଇଥିଲେ, ନାରାୟଣ ରାଉତ ଅତିଥି ପରିଚିତ ଦେଇଥିବା ବେଳେ ଧନ୍ୟ ବାଦ ଅର୍ପଣ କରିଥିଲେ, ଶେଷରେ ମହା ଲକ୍ଷ୍ମୀ ଝୁମର ନୃତ୍ୟ ଦଳ ଓ ଟକର ଦ୍ୟାନ୍ସ କଟକ ନୃତ୍ୟ ପରିବେଷଣ କରିଥଲେ । ଶେଷରେ ବଳରାମ ରଣା ଧନ୍ୟବାଦ୍ ଅର୍ପଣ କରିଥିଲେ ।



# କୁଖ୍ୟାତ ଅପରାଧୀକୁ ଗିରଫ କଲା ପୋଲିସ

**ଧର୍ମଶାଳା(ଅମୃତ ମିଡିଆ) :** ଧର୍ମଶାଳା ଥାନା ଅଞ୍ଚଳରେ ଦିନକୁ ଦିନ ଅପରାଧିକ ଗତିବିଧି ବୃଦ୍ଧି ପାଇବାରେ ଲାଗିଛି। ଏମିତିକି ଅପରାଧୀମାନେ ପୁଲିସକୁ ଆକ୍ରମଣ କରିବାକୁ ପଛାଉ ନାହାନ୍ତି । ଏଭଳି ଏକ ଘଟଣା ଘଟିଛି ଏହି ଥାନା ଅର୍ନ୍ତଗତ ଜାରକା ଠାରେ। ସୂଚନା ମୁତାବକ, ଚଳିତ ମାସ ୯ ତାରିଖରେ ଦିନ ପୁଲିସ ପକ୍ଷରୁ ରାସ୍ତାରେ ଗାଡ଼ି ଅଟକାଇ ଯାଞ୍ଚ କରୁଥିଲେ । ଏହି ସମୟରେ କୁଆଖିଆ ଆଡୁ ଦୁଇଟି ପଲ୍ସର ବାଇକ୍ ଦ୍ରୁତ ଗତିରେ ଆସିଥିଲେ । ପୁଲିସ ସନ୍ଦେହରେ ଗାଡ଼ି ଦୁଇଟି ଅଟକାଇବାରୁ ଗୋଟେ ପଲ୍ସର ବାଇକ୍ ଯାହାର ନମ୍ବର ଓ ଡି ୩୩ ଜେ ୩୯୦୮ ଚଳାଉଥିବା ଚାଳକ ଜଣକ ଅଚାନକ ଗାଡ଼ି ବୁଲାଇ ସେଠାରୁ ଫେରାର ହେବାରେ ସଫଳ ହୋଇଯାଇଥିଲା । ଆଉ ଏକ ପଲ୍ସର ବାଇକ୍ ଟି ଯାହାର ନମ୍ବର ଓ ଡି ୦୨ ୱାଇ ୨୪୭୨ ଫେରାର ହେବାକୁ ଉଦ୍ୟମ କରୁଥିବା ସମୟରେ। ପ୍ରଭାତ ଜେନା ନାମକ ପୁଲିସ ଜଣଙ୍କ ବାଇକ୍ ଚାଳକକୁ ଅଟକାଇବାକୁ ଚେଷ୍ଟା କରିବା ସମୟରେ ଉଭୟଙ୍କ ମଧ୍ୟରେ ହତାପାଇ ହୋଇଥିଲା । ଏହି ସମୟର ଅପରାଧି ଜଣକ ତାଙ୍କ ବେକକୁ ଚାପି ତାଙ୍କୁ ମାରିବାକୁ ଉଦ୍ୟମ କରିଥିଲା ଓ ତାଙ୍କ ଆଖିକୁ କୌଣସି ଜ୍ୱଳନଶୀଳ ସ୍ପ୍ରେ ମାରିଥିଲେ । କିଛି ସମୟ ପାଇଁ ପୁଲିସ କର୍ମଚାରୀ ଜଣଙ୍କୁ କିଛି ଦୃଶ୍ୟ ହୋଇନଥଲା । ଏହାର ସୁଯୋଗ ନେଇ ଅପରାଧି ଜଣଙ୍କ ତାର ବାଇକ୍ ଛାଡି ସେଠାରୁ ଖସିଯିବାରେ ସକ୍ଷମ ହୋଇଥିଲେ । ସେହି ସମୟରେ ତା ପାକେଟରୁ ଏକ ମୋବାଇଲ ଖସି ପଡିଥିଲା । ପୁଲିସ ବାଇକ୍ ଓ ମୋବାଇଲକୁ ଜବତ କରି କେସ ନମ୍ବର - ୩୩/୨୪, ୩୨୩/୩୫୩/୩୦୭/୩୭୯/୩୪ ଆଇ ପି ସି ଧାରାରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିଲା । ଚଳିତ ମାସ ୧୨ ତାରିଖ ଦିନ ପୁଲିସ ଘଟଣାର ତଦନ୍ତ କରି ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମର ଶାନ୍ତ ବିଶୋଇଙ୍କ ପୁଅ ତୋଫାନ ବିଶୋଇକୁ ଗିରଫ କରିବାରେ ସଫଳ ହୋଇଛି । ତା ନିକଟରୁ ବାଇକ୍ ଓ ମୋବାଇଲ ସହିତ ଗୋଟେ ଦେଶୀ ବନ୍ଧୁକ,ଗୋଟିଏ ଜୀବନ୍ତ ଗୁଳି,ଗୋଟିଏ ଛୁରୀ, ଲୁହା ରଡ଼,ଲଙ୍କା ଗୁଣ୍ଡ,କଟର, ପ୍ଲାସ , ପେଚକସ, ଟେଷ୍ଟର,ଷ୍ଟିଲ ସ୍କେଲ୍ ଆଦି ଜବତ କରିଛି । ତୋଫାନ ଜଣେ ପେଶାଦାର ଅପରାଧୀ ହୋଇଥିବା ବେଳେ ପୁଲିସ ତାକୁ ଗିରଫ କରି ଆହୁରି ତଦନ୍ତ ଚଳାଇଛି।

# ଆଞ୍ଚଳିକ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ 'ଜାତୀୟ ଯୁବ ଦିବସ' ପାଳିତ

**ଭଞ୍ଜନଗର (ଅମୃତ ମିଡିଆ):** କ୍ଷତ୍ରିୟବରପୁର ସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ଼କ୍ରସ ଶାଖା ଏବଂ ରେଡ଼ ରିବନ୍ କ୍ଲବ ତରଫରୁ 'ଜାତୀୟ ଯୁବ ଦିବସ' ପାଳିତ ହୋଇଯାଇଛି । ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଘୁମୁସର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହ ଗୁରୁଙ୍କ ପ୍ରତି ସମର୍ପଣ ଭାବ ନେଇ ସ୍ୱାମୀ ବିବେକା ନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଗଠନରେ ସାମିଲ ହେବାକୁ ବିଦ୍ୟାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଗଞ୍ଜାମ ଜିଲ୍ଲା ଏଡ଼ସ ନିରାକରଣ ଓ ନିୟନ୍ତ୍ରଣ ଶାଖାର ନୋଡାଲ ଅଧିକାରୀ ହେମନ୍ତ କୁମାର ଦାସ




ଉପସ୍ଥିତ ରହି ସ୍ୱାମୀଜୀଙ୍କ ନୀତି ଆଦର୍ଶରେ ବିଦ୍ୟାର୍ଥୀ ମାନେ ଅନୁପ୍ରାଣିତ ହୋଇ ସତପଥରେ ଯାଇ ସାମାଜିକ ସଚେତନତା କାର୍ଯ୍ୟରେ ଉତ୍ସର୍ଗୀକୃତ ହେବାକୁ ପ୍ରେରଣା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସନ୍ତୋଷ ରାଜୁ ଓ ଆଇ. ଟି. ସିଟି କାଉନସିଲର ଅର୍ଚ୍ଚନା କୁମାରୀ ମଞ୍ଚାସିନ ଥିଲେ । ଯୁବ ରେଡକ୍ରସ୍ ଉପଦେଷ୍ଟା ଶୁଶାନ୍ତ କୁମାର ଲେଙ୍କା ସ୍ୱାଗତ ଅଭିଭାଷଣ ଦେବା ସହ ଅତିଥିମାନଙ୍କ ସମ୍ବର୍ଦ୍ଧନା କାର୍ଯ୍ୟ ପରିଚାଳନା କରିଥିଲେ। ଅତିଥି ମାନଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ଯୁବ ରେଡ଼କ୍ରସ ଦ୍ୱାରା ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରଶଂସା ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଶିଶିରକାନ୍ତ ସ୍ୱାଇଁ ,ପ୍ରାଧାପକ କୁମୁଦ ଚନ୍ଦ୍ର ମହାପାତ୍ର, ଅଧାପିକା ରୁନୀ ବାଳା ତ୍ରିପାଠୀ , ଦେବେଶ ଚନ୍ଦ୍ର ମହାପାତ୍ର, ଅଧାପକ ପ୍ରମୁଖ ଦିପୁ ଭୂୟାଁ, ପି ଦୀପକ ରାଓ, ମହେଶ୍ୱର ରାଉତ, ତ୍ରିନାଥ ବେହେରା , ବିଭୂତି ଭୂଷଣ ଗୌଡ଼ , ଭାରତୀ ବିଶ୍ୱାଳ, ଗଙ୍ଗାଧର ରଣା ପଦ୍ମ ଚରଣ ନାୟକ, ବଳରାମ ଗୌଡ଼, ରମେଶ ଚନ୍ଦ୍ର ବିଷୋୟୀ, ରାମଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଯୁବ ରେଡକ୍ରସ୍ ସହ-ଉପଦେଷ୍ଟା ସ୍ୱରୂପା ରାଣୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବିଦ୍ୟାର୍ଥି ମାନଙ୍କ ଦ୍ୱାରା ସାମାଜିକ ସଚେତନ ମୂଳକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# କଳାନିଧି ପୁରସ୍କାର ପାଇଲେ ସିନେ ଅଭିନେତା କୁମାର ନାୟକ

**ବ୍ରହ୍ମପୁର (ଅମୃତ ମିଡିଆ):** ଆନ୍ଧ୍ରପ୍ରଦେଶ ଓଡିଆ କଳାକାର ମହାସଂଘର ରାଜ୍ୟ ଉପ-ସଭାପତି ତଥା ସୁନାମଧନ୍ୟ ସିନେ କଳାକାର କୁମାର ନାୟକ ରାଜମହେନ୍ଦ୍ରୀ ନରେନ୍ଦ୍ର ମଞ୍ଚ ଠାରେ ଜାନୁଆରୀ ସାତ ତାରିଖରେ ଅନୁଷ୍ଠିତ ଆନ୍ତର୍ଜାତୀୟ ତେଲୁଗୁ ମହାସଭାରେ ସମ୍ମାନଜନକ କଳାନିଧି ପୁରସ୍କାରରେ ସମ୍ମାନିତ। ନାଗାଲାଣ୍ଡ ରାଜ୍ୟପାଳ ମହାମହିମ ଲାଲ୍ ଗଣେଶନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଜଣେ ଓଡ଼ିଆ କଳାକାର ଚାଳିଶ ଗୋଟି ତେଲୁଗୁ ଚଳଚ୍ଚିତ୍ର, କ୍ଷୁଦ୍ର ଚଳଚ୍ଚିତ୍ର, ଟିଭି ଧାରାବାହିକ ଇତ୍ୟାଦିରେ ଅଭିନୟ କରି ସୁନାମ ଅର୍ଜନ କରିବା ଅତ୍ୟନ୍ତ ବିରଳ। ତାଙ୍କରି ଏହି ସଫଳତା ନିମନ୍ତେ ବଧେଇ ଜଣାଇବା ନିମନ୍ତେ ସ୍ଥାନୀୟ ରାଜ ନବର ପାର୍ଶ୍ୱ ସ୍ଥିତ ସୁରେଶ ହସ୍ପିଟାଲ୍ ସଭାକକ୍ଷଠାରେ ମହାସଂଘ ସଭାପତି ନାଲ୍ଲା ତିରୁପତି ରାଓଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ମହାସଚିବ ସୁବାସ ଚନ୍ଦ୍ର ସାହୁ ରୋଶନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ କଳାକାର ମହାସଂଘର କାର୍ଯ୍ୟଧାରା ଏବଂ ଆନ୍ଧ୍ର ନିବାସୀ ଓଡିଆ କଳାକାରଙ୍କ ଏକତ୍ରୀକରଣ ଓ ଏକାତ୍ମତା ଅନ୍ୟମାନଙ୍କ ପ୍ରତି ଆଦର୍ଶ ଭାବେ ପ୍ରତିଭାତ ବୋଲି ମତବ୍ୟକ୍ତ କରିବା ସହ ବରିଷ୍ଠ କଳାକାର ମହାସଂଘ ପକ୍ଷରୁ ସମସ୍ତ ସହଯୋଗ ରହିବାନେଇ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷାବିତ୍ ନାଲ୍ଲା ନୀଳକଣ୍ଠ,ଜଳନ୍ଧର ସାହୁ, କଳାକାର ୟୁ. ବ୍ରହ୍ମାନନ୍ଦ ପ୍ରମୁଖ ଅତିଥି ଭାବରେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂପାଦକ ସୁରେଶ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପରିଶେଷରେ ଖଗେଶ୍ୱର ଗୌଡ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ। ଶତାଧିକ ଆନ୍ଧ୍ର ନିବାସୀ ଓଡିଆ କଳାକାର ଉପସ୍ଥିତ ରହି କାର୍ଯ୍ୟକ୍ରମର ଶ୍ରୀବୃଦ୍ଧି ଘଟାଇବାରେ ସହଯୋଗ କରିଥିଲେ।

# ବନାଖଣ୍ଡି ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ

## ପ୍ରଥମ ଦିନରେ ୫ଜଣ ଚାଷୀଙ୍କ ୨୦୦ କୁଇଣ୍ଟାଲ ଧାନ ଉଠିଲା

**କୋଣାର୍କ (ଅମୃତ ମିଡିଆ):** କୋଣାର୍କ ଥାନା ଅଧୀନସ୍ଥ ବନାଖଣ୍ଡି ଗ୍ରାମପଞ୍ଚା (୧୪/୦୧) ତର ଅଗ୍ରଣୀ ସମବାୟ ସମିତି ବନାଖଣ୍ଡି ସେବା ସମବାୟ ସମିତି ପକ୍ଷରୁ କୃଷି ଓ କୃଷକ ମାନଙ୍କର କଲ୍ୟାଣ ନିମନ୍ତେ ଜୁଣେଇ ହାଟ ଠାରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଜିଲ୍ଲା ଯୋଗାଣ ବିଭାଗ ଓ ସମବାୟ ବିଭାଗ ନିର୍ଦ୍ଦେଶ କ୍ରମେ ବନାଖଣ୍ଡି ସେବା ସମବାୟ ସମିତିର ସଭାପତି ତଥା କୃଷକ ନେତା ଲିଙ୍ଗରାଜ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଧାନମଣ୍ଡି ଶୁଭ ଉଦଘାଟନ ସମାରୋହରେ ଅତିଥି ଭାବରେ ସେବା ସମବାୟ ସମିତିର ଧାନ ମାନ ନିର୍ଦ୍ଧାରଣ କମିଟି ଅଧ୍ୟକ୍ଷ ତଥା ପୂର୍ବତନ କାଉନସିଲର ରଣଜିତ ରାଉତରାୟ, ସମିତିର ସଂପାଦକ କୈଳାସ ଚନ୍ଦ୍ର ମୁଦୁଲି, ସମିତିର ବୋର୍ଡ ମେମ୍ବର ସୁଶାନ୍ତ କୁମାର ସେଠ ଓ କୋଣାର୍କ



ସାମ୍ବାଦିକ ସଂଘର ଉପସଭାପତି ତଥା କୃଷକ ନେତା ଭାଗିରଥି ସ୍ୱାଇଁ ପ୍ରମୁଖ ଯୋଗଦାନ କରି ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ରାଜ୍ୟ ସମବାୟ ବିଭାଗର ମିଳିତ ଆନୁକୁଲ୍ୟରେ କୃଷକ ମାନଙ୍କର ଉତ୍ପାଦିତ ଧାନ ଫସଲ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ କ୍ରୟ କରିବା ପାଇଁ ଜୁଣେଇ ହାଟ ପରିସରରେ ଧାନମଣ୍ଡି ଖୋଲିବା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଅଭିହିତ କରିଥିଲେ। ଧାନମଣ୍ଡି ଶୁଭାରମ୍ଭ ପରିପ୍ରେକ୍ଷୀରେ ବନାଖଣ୍ଡି ସେବା ସମବାୟ ସମିତିର ୫ଜଣ ଚାଷୀଙ୍କ ଠାରୁ ୨୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ସମିତି ପକ୍ଷରୁ ପର୍ଯ୍ୟାୟ କ୍ରମେ କୃଷକ ମାନଙ୍କୁ ଟୋକନ ବଣ୍ଟନ କାର୍ଯ୍ୟ ଶେଷ କରାଯିବା ସହ ଧାନମଣ୍ଡି ମାଧ୍ୟମରେ ଧାନ କ୍ରୟ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ସମିତିର ସଂପାଦକ କୈଳାସ ଚନ୍ଦ୍ର ମୁଦୁଲି ପ୍ରକାଶ କରିଛନ୍ତି।

## ବାଇକ୍ ସହ ଗଞ୍ଜେଇ ଜବତ ଜଣେ ଗିରଫ

**ଭଞ୍ଜନଗର (ଅମୃତ ମିଡିଆ):** ବାଇକ୍ ରେ ଗଞ୍ଜେଇ ଚାଲାଣ ବେଳେ , ଭଂଜନଗର ପୋଲିସ ଗଞ୍ଜେଇ ସହ ବାଇକ୍ କୁ ଜବତ କରିଥିବା ବେଳେ ଜଣକୁ ଗିରଫ କରିଛି । ସଂପୃକ୍ତ ଯୁବକ ଜଣକ ଆସିକା ଥାନା ଅନ୍ତର୍ଗତ ଘଟକୁରୀ ଗାଁ ର କାହ୍ନୁ ଚରଣ ନାହାକ ବୋଲି ଜଣାପଡ଼ିଛି । ପୋଲିସ ସୂତ୍ରରୁ ଦିଆଯାଇଥିବା ସୂଚନା ପ୍ରକାରେ ଶନିବାର ଦିନ , ମୁଜାଗଡ ରାସ୍ତା ଦେଇ ଭଂଜନଗର ଅଭିମୁଖେ ଏକ ବାଇକ୍ ଦ୍ରୁତଗତିରେ ଆସୁଥିଲା । ନିଧିଆପଲ୍ଲୀ ନିକଟରେ ପେଟ୍ରୋଲିଂ କରୁଥିବା ଏସଆଇ କେଶବ ଷଡ଼ଙ୍ଗୀ ଏବଂ ପୋଲିସ ଟିମ୍, ଯାଞ୍ଚ କରିଥିଲେ। ଘଟଣାସ୍ଥଳରୁ ବାଇକ୍ ରେ ଥିବା , ୨୨ କିଲୋ ୬୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲେ । ଏବଂ ଅଭିଯୁକ୍ତ କାହ୍ନୁଚରଣ କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୋଲିସ। ଏନେଇ ସଂପୃକ୍ତ ବାଇକ୍ ଓଡି - ୦୭ କେ - ୩୨୮୭ କୁ ଜବତ କରିବା ସହ ଥାନା କେଶ୍ ନଂ - ୩୬/୨୪ ରେ ଏକ ମାମଲା ରୁଜୁ କରାଯାଇଥିବା ନେଇ ଥାନାଧିକାରୀ ଭଗବାନ ପୂଜାରୀ ସୂଚନା ଦେଇଛନ୍ତି ।

# ପୁରୁଣାବାନ୍ଧଗୋଡାରେ ବିଜେପି ସମ୍ମିଳନୀ

**ଆନନ୍ଦପୁର (ଅମୃତ ମିଡିଆ):** ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକର ଜନସାଧାରଣ ଦୀର୍ଘ ୨୪ ବର୍ଷ ହେବ ପ୍ରତାରଣାର ଶିକାର ହୋଇଛନ୍ତି। ନ୍ୟାୟ ପାଇଁ ଲୋକେ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଛନ୍ତି। ୨୪ ବର୍ଷର ହିସାବ ନିକାସ ଲୋକେ କରିବେ। ବିଜେପି ଘଷିପୁରାରେ ଲୋକଙ୍କ ସେବା କରିବାର ସୁଯୋଗ ପାଇଲେ ଏହାର ଜବାବ୍ ଦିଆଯିବ। ଆଜି ପୁରୁଣାବାନ୍ଧଗୋଡା ପଞ୍ଚାୟତରେ ଆୟୋଜିତ ବିଜେପି ସମ୍ମିଳନୀରେ ଯୋଗଦେଇ ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁ କହିଛନ୍ତି। ଯୁବନେତା ମନୋରଞ୍ଜନ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ବରିଷ୍ଠ ନେତା ମଦନ ମଲ୍ଲିକ, ସୁବାସ ମଲ୍ଲିକ, ରଘବାନନ୍ଦ ସାହୁ, ପୂର୍ବତନ ସମିତି ସଭ୍ୟ ସଞ୍ଜୟ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେଡି



ବିଧାୟକଙ୍କ ଅତ୍ୟାଚାର ସମ୍ପର୍କରେ ଆଲୋକପାତ କରିଥିଲେ। ବିପିନ୍ ବିହାରୀ ଚକ୍ର, ହରିହର ମହାରଣା, ଧନେଶ୍ୱର ବରାଳ, ରଞ୍ଜନ ମହାରଣା, ସନ୍ତୋଷ ସାମଲ, ପରମେଶ୍ୱର ସାହୁ, ପ୍ରତାପ ମଲ୍ଲିକ, ତରୁଣ ମଲ୍ଲିକ, ସୂର୍ଯ୍ୟ ବରାଳ, ସୁବାସ ମଲ୍ଲିକ, ରଞ୍ଜନ ନାୟକ, ବିଶ୍ୱନାଥ ମହାରଣା, ବାମନ ମଲ୍ଲିକ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପୂର୍ବତନ ମଣ୍ଡଳ ସଭାପତି ଜିତେନ୍ଦ୍ର ବେହେରା ଧନ୍ୟବାଦ୍ ଦେଇଥିଲେ। ଏହି ସମ୍ମିଳନୀରେ ଅଳତି, ଗଡବାନ୍ଧଗୋଡ଼ା, ପୁରୁଣାବାନ୍ଧଗୋଡା ଓ ଗାଁପୁର୍ ପଞ୍ଚାୟତରେ ଶତାଧିକ କର୍ମୀ ସାମିଲ ହୋଇଥିଲେ ।

# ଇନ୍‌ଫୋର୍ସ ଏକାଡେମୀର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ପିପିଲି (ଅମୃତ ମିଡିଆ):** ରାଜ୍ୟ ସରକାରଙ୍କ ପୋଲିସ ଓ ଅଗ୍ନିଶମ ବିଭାଗରେ କୃତିତ୍ୱ ହୋଇଥିବା ପିପିଲି ଇନଫୋର୍ସ ଏକାଡେମୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଇନଫୋର୍ସ ଏକାଡେମୀ ଠାରେ ଅନୁଷ୍ଠାନର ନିର୍ଦ୍ଦେଶକ ସରୋଜ କୁମାର ସ୍ୱାଇଁ ଙ୍କ ସଭାପତିତ୍ୱରେ ଅୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପିପିଲି ଥାନା ଅଧିକାରୀ ଦିପକ କୁମାର ଖଣ୍ଡାୟତରାୟ ଯୋଗଦେଇ କୃତିତ୍ୱ ପାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ ଏହି ସଫଳତାର ମାର୍ଗଦର୍ଶନ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ପିପିଲି ପେସାଦାର ସାମ୍ବାଦିକ ସଂଘ ସଭାପତି ମନୋରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ଅଗ୍ନିଶମ ବିଭାଗ ଅଧିକାରୀ ଭଗବାନ ପରିଡା ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ର ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶଂସା କରିଥିଲେ । ଏହାସହ ଦୃଢ ଇଚ୍ଛାଶକ୍ତି ପ୍ରଗାଢ ନିଷ୍ଠା ସର୍ବଦା ସଫଳତା ଆଣିଦିଏ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଏକାଡେମୀରେ ପ୍ରଶିକ୍ଷଣ ପାଇ ପୋଲିସ ବିଭାଗର ଏସ୍‌ଆଇ ୨ଜଣ ଓ ଅଗ୍ନିଶମ ବିଭାଗରେ ୧୬ଜଣ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଉପଢୌକନ, ପୁଷ୍ପଗୁଚ୍ଛ ଓ ସାର୍ଟିଫିକେଟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଶିକ୍ଷକ ସିଦ୍ଧେଶ୍ୱର ବେହେରା ସଭା ପରିଚାଳନା କରିଥିବା ବେଳେ ପ୍ରଶିକ୍ଷକ ଜ୍ୟୋତିପ୍ରକାଶ ସାହୁ , ପ୍ରଫୁଲ୍ଲ କୁମାର ସାହୁ , କାଳୁ ଚରଣ ପ୍ରମୁଖଙ୍କୁ ମଧ୍ୟ ଅତିଥିମାନେ ବହୁ ପ୍ରଶଂସା କରିବା ସହ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ତେବେ ଇନଫୋର୍ସ ଏକାଡେମୀ ରେ ପ୍ରଶିକ୍ଷଣ ନେଇ କୃତି ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ବେଶ୍ ପ୍ରଶଂସା କରିବା ସହ ଏହା ନୂତନ ଦିଗର ପ୍ରେରଣା ଦାୟକ ହୋଇ ରହିଛି ବୋଲି ଅତିଥି ମାନେ କହିଛନ୍ତି ।

# ଭାଲିଆଖାଇରେ କିଶୋରୀ ମେଳା - ୨୦୨୩-୨୪

## ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୃଷ୍ଟି ଯୋଜନା ଉପରେ ଫୋକସ୍

**ଭଞ୍ଜନଗର (ଅମୃତ ମିଡିଆ):** ଭଞ୍ଜନଗର ବ୍ଲକର ଭାଲିଆଖାଇ ଠାରେ ମୁଦୁଲି ପଲ୍ଲୀ ପଞ୍ଚାୟତ ସ୍ତରୀୟ କିଶୋରୀ ମେଳା -୨୦୨୩-୨୪ ଆୟୋଜିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ସହାୟତାରେ ତଥା ଭଞ୍ଜନଗର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଉପରେ ଫୋକସ୍ କରାଯିବା ସହ ଏହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଓ ଏହି



କାର୍ଯ୍ୟକ୍ରମରେ ମୁଦୁଲପଲ୍ଲୀ ସରପଞ୍ଚ କାହ୍ନୁ ଚରଣ ପ୍ରଧାନ, ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ସ୍ୱାଇଁ, ସିଡିପିଓ ବିଷ୍ଣୁପ୍ରିୟା ସେଠୀ ଓ ସୁପରଭାଇଜର ଲକ୍ଷ୍ମୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କିଶୋରୀ ମାନଙ୍କ ପୁଷ୍ଟି ସାଧନ,କିଶୋରୀଙ୍କ ପାଇଁ ଥିବା ବିଭିନ୍ନ ସରକ୍ଷକାରୀ ଯୋଜନା,ବାଲ୍ୟ ବିବାହକୁ ରୋକିବା ଦିଗରେ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଏହି ଅବସରରେ କିଶୋରୀ ମାନଙ୍କ ମଧ୍ୟରେ ଝୋଟି ଚିତା, ବକ୍ତୃତା, ନୃତ୍ୟ ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କୃତୀ କିଶୋରୀମାନଙ୍କୁ ଅତିଥି ମାନେ ପ୍ରଶଂସା ପତ୍ର ଏବଂ ପୁରସ୍କାର ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମକୁ ପଞ୍ଚାୟତର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକା ତଥା ସ୍ୱୟଂ ସହାୟିକା ଗୋଷ୍ଠୀ ର ମାଆ ମାନେ ସହଯୋଗ କରିଥିଲେ ଓ ଏହି ଅବସରରେ ସ୍ୱୟଂସହାୟକ ଗୋଷ୍ଠୀର ମାଆ ମାନେ ହାତ ତିଆରି ବଡ଼ି, ପାମ୍ପଡ, ବିସ୍କୁଟ୍, ପିଠା, ମିକ୍ସର ଆଦି ଖାଦ୍ୟ ପଦାର୍ଥ ପ୍ରଦର୍ଶନ କରିଥିଲେ ଓ ଶେଷରେ ସୁପରଭାଇଜର ଲକ୍ଷ୍ମୀ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଗ୍ରାମୀଣ ନ୍ୟାୟାଳୟ ଗୃହର ସ୍ଥିତି ଅନୁଧ୍ୟାନ କଲେ ଜଜ୍





**ଅସ୍ତରଙ୍ଗ (ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ନୂତନ ଗ୍ରାମୀଣ ନ୍ୟାୟାଳୟ ଆଗାମୀ ଦିନରେ ଖୋଲିବାକୁ ଥିବା ବେଳେ ଶନିବାର ମଧ୍ୟାହ୍ନସମୟରେ ପୁରୀ ଜିଲ୍ଲା ଜଜ ଅଜନ୍ତା ସଡ଼ଙ୍ଗୀ ପହଂଚି ଅସ୍ଥାୟୀ ଗ୍ରାମୀଣ ନ୍ୟାୟଳୟ ଗୃହର ସ୍ଥିତି ଅନୁଧ୍ୟାନ କରିବା ସହ ସ୍ଥାନୀୟ ତହସିଲିଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତିଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ. ଖୁବ ଶୀଘ୍ର ଏହା ଖୋଲିବ ବୋଲି ସୂଚନା ମିଳିଛି. ଯାହା ଦ୍ୱାରା ଗ୍ରାମାଞ୍ଚଳର ସାଧାରଣ ଲୋକ ସହଜ ଓ ସୁବିଧା ଲୋକଙ୍କୁ ନ୍ୟାୟ ମିଳିବାରେ ସହଜ ହେବ. ଏହି ପରିଦର୍ଶନ ସମୟରେ ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାର ସିଂ, ବଜାର କମିଟି ସଭାପତି ତଥା ସମାଜସେବୀ ଦୁଷ୍ମନ୍ତ ପରିଡା ଉପସ୍ଥିତ ଥିଲେ ।

# ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳମ୍ବରେ ନିମନ୍ତ୍ରଣ ଓ ଅକ୍ଷତ କାର୍ଯ୍ୟକ୍ରମ

**ପୋଲସରା (ଅମୃତ ମିଡିଆ):** ଆସନ୍ତା ୨୨ ତାରିଖ ଦିନ ଉତ୍ତରପ୍ରଦେଶ ରାଜ୍ୟ ସ୍ଥିତ ଅଯୋଧ୍ୟାରେ ହେବାକୁ ଥିବା ଭବ୍ୟ ଓ ବିଶାଳକାୟ ଶ୍ରୀରାମ ମନ୍ଦିର ପ୍ରାଣପ୍ରତିଷ୍ଠା ନିମେନ୍ତ ଗଂଜାମ ଜିଲ୍ଲା ପୋଲସରା ବ୍ଲକ କଳମ୍ବ ଗ୍ରାମେର ରାମ ରଥ ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରେର ପଞ୍ଚାୟତ ବାସୀମାନେ ଶୁଦ୍ଧପୁତ ଭାବେ ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ସ୍ଥାପନ କରି ଶ୍ରୀରାମ ରଥକୁ ସ୍ୱାଗତ କରିଥିଲେ। ସଂକୀର୍ତ୍ତନମଣ୍ଡଳୀଙ୍କ ସମେତ ଗ୍ରାମର ସାଧାରଣ ଜନତା, ସ୍ଥାନୀୟ ହାଇଟେକ୍ ଷ୍ଟଡି ସେଂଟର ଛାତ୍ରଛାତ୍ରୀ ଓ ଓଡିଶା ଆଦର୍ଶ ବିଦ୍ୟାଳୟ ହାତୀଓଟ ଛାତ୍ରଛାତ୍ରୀମାନଙ୍କ ସେମତ ଅଧାପକ ମେନାଜ କୁମାର ସାହୁ, ଅଧାପକ ଚିତ୍ରେସନ ବେହେରା, ଅଧାପକ ଡ. ସୁଶାନ୍ତ କୁମାର ସାହୁ ଏବଂ ପୂବର୍ତନ ସରପଞ୍ଚ କାଶିନାଥ ସାହୁ, ପ୍ରଶାନ୍ତ ପ୍ରଧାନ, କାଳୁଚରଣ ସାହୁ ପ୍ରମୁଖଙ୍କ ସେମତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶୁଭାରମ୍ଭ ସ୍ଥାନୀୟ ଜଗନ୍ନାଥ ମନ୍ଦିର ରୁ ଆରମ୍ଭ କରାଯାଇ ଅଯୋଧ୍ୟାରୁ ଆସିଥିବା ଗୁଆ ଅକ୍ଷତ ଓ ନିମନ୍ତ୍ରଣ ପତ୍ର ପ୍ରଭୁ ଦଧିବାମନ ସ୍ୱାମୀଙ୍କ ଠାରେ ଅପର୍ଣ କରାଯିବା ପେର ପଞ୍ଚାୟତ ସ୍ଥିତ କଳମ୍ବପାଟଣା, ରଖାକଣା ଏବଂ ଅନ୍ୟ ସମସ୍ତ ସାହିକୁ ସାହି ଯାଇ ପ୍ରତି ପରିବାରକୁ ପ୍ରଦାନ କରାଯାଇଥିଲା। ଏଥି ସହ ଉକ୍ତ ପବିତ୍ର ଦିବସ ଦିନ ପ୍ରେତ୍ୟକ ପରିବାର ପକ୍ଷରୁ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରେର ୫ ଗୋଟି ଦ୍ୱୀପ ଜଳାଇ ପୂଜାପାଠ କରିବାକୁ ନବେଦନ କରାଯାଇଥିଲା।

# ନବୀନଙ୍କ ୪୯ ଫର୍ମୁଲା ଲାଗୁହେଲେ ନିମାପଡ଼ାରୁ ଯୋଗ୍ୟ କିଏ

## ରୋଚକରେ ରୋଜାଲିନ ...

**ନିମାପଡା (ଅମୃତ ମିଡିଆ):** ୨୪ ନିର୍ବାଚନରେ ଟିକେଟ ବାଣ୍ଟିବା ପାଇଁ ବିଜେଡ଼ି ଏଥର ନବୀନଙ୍କ ୪୯ ଫର୍ମୁଲା ଆପଣେଇବ ବୋଲି କୁହାଯାଉଛି । ଏହି ଫର୍ମୁଲା ଅନୁସାରେ ୧୪୭ ସିଟ୍ ର ଏକ ତୃତୀୟାଂଶ ଲେଖାଏଁ ଟିକେଟ ତିନି ବର୍ଗର ଲୋକ ଯେମିତିକି ମହିଳା ବର୍ଗଙ୍କୁ ୪୯, କାର୍ଯ୍ୟରତ ଅଥବା ଅବସରପ୍ରାପ୍ତ ଅଫିସର ମାନଙ୍କୁ ୪୯ ଏବଂ ରାଜନେତାଙ୍କୁ ୪୯ ଟିକେଟ ବଣ୍ଟାଯିବ । ରାଜନେତାଙ୍କ ଠିଠାରେ ପୁରୁଖା ନେତାଙ୍କ ଅପେକ୍ଷା ନୂଆ ମୁହଁ ମାନଙ୍କୁ ଟିକେଟ ଦେବାକୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିବା ସହ ଏହାର ବ୍ଲୁପ୍ରିଣ୍ଟ ରେଡି ହୋଇ ଗଲାଣି ବୋଲି ଜଣାପଡିଛି। ନିର୍ବାଚନ ନିକଟତର ହୋଇ ଥିବାରୁ କେଉଁମାନଙ୍କୁ ଟିକେଟ ଦିଆଗଲେ ଜିତିବାର ସମ୍ଭାବନା ଅଧିକ, ସେଥିପାଇଁ ବିଜୁ ଜନତାଦଳ ପକ୍ଷରୁ ଏକ ସର୍ଭେ କରାଯାଇଛି । ଦିଲ୍ଲୀର ଏକ ଘରୋଇ ସଂସ୍ଥାକୁ



ସର୍ଭେ କରିବାକୁ କଣ୍ଟ୍ରାକ୍ଟ ଦିଆ ଯାଇଥିଲା । ସର୍ଭେ ସରିଯାଇଛି, ଉକ୍ତ ସଂସ୍ଥା ତା' ରିପୋର୍ଟ ମଧ୍ୟ ଦେଇ ସାରିଛି। ଏ ସମ୍ବନ୍ଧରେ ବିଜେଡ଼ିର ବରିଷ୍ଠ ନେତାମାନେ ମଧ୍ୟ ସ୍ୱୀକାର କରି ସାରିଛନ୍ତି । ୨୪ ନିର୍ବାଚନ ପାଇଁ ମହିଳା ଭୋଟ ବିଜୁ ଜନତାଦଳର ଏକ ବଡ଼ ଶକ୍ତି ହୋଇ ଥିବାରୁ ୪୯ଟି ସିଟ୍ ମହିଳାଙ୍କୁ ମିଳିବ । ସେହି ଦୃଷ୍ଟିରୁ ଗଣନା କଲେ ନିମାପଡ଼ା ଯଦି ମହିଳା ଆସନ ହୁଏ ତେବେ ବିଜେଡ଼ିର ଉପଯୁକ୍ତ ମହିଳା ପ୍ରାର୍ଥୀ ଦୌଡରେ ଏକ ମାତ୍ର ବିକଳ୍ପ ସମାଜସେବୀ ରୋଜାଲିନ ନାୟକ ବୋଲି ଆଲୋଚନା ହେଉଛି। ଖୁବ କମ ସମୟ ଭିତରେ ରୋଜାଲିନ ସମାଜସେବାକୁ ଆଧାର କରି ଜନସାଧାରଣଙ୍କ ଅତି ପ୍ରିୟପାତ୍ର ହୋଇ ପାରିଛନ୍ତି । ରୋଜାଲିନ ମଧ୍ୟ ତୃତୀୟ ମହଲାରୁ ଡାକରା ପାଇ ସାରିଲେଣି। କେବଳ ଔପଚାରିକତା ବାକି ଅଛି ବୋଲି ଜଣା ପଡିଛି। ସେହିଭଳି ନବୀଙ୍କ ଫର୍ମୁଲାର ଦ୍ୱିତୀୟ ବର୍ଗ ହେଉଛି କାର୍ଯ୍ୟରତ ଅଥବା ଅବସର ପ୍ରାପ୍ତ ଅଫିସର । ଏମାନଙ୍କୁ ବି ମିଳିବ ୪୯ ଆସନ। ଚାକିରୀ ଛାଡି ଅଥବା ଅବସର ନେଇ ବହୁଅଫିସର ବିଜେଡିରେ ସାମିଲ ହେବାର ନଜିର ଆଗରୁ ରହିଛି। ଭୋଗରାଇ ବିଧାୟକ ଅନନ୍ତ ଦାସ, ନିଆଳି ବିଧାୟକ ଡ଼ଃ ପ୍ରମୋଦ ମଲ୍ଲିକ ମାନଙ୍କ ଭଳି ଅନେକ ବ୍ୟକ୍ତି ଚାକିରୀ ଛାଡି ନେତା ବନିଛନ୍ତି। ଏହି ଚାକିରିଆ ବର୍ଗର ବ୍ୟକ୍ତିମାନଙ୍କ ଦୌଡରେ ଜିତୁ ମହାନ୍ତି ଆଗରେ ଅଛନ୍ତି। ଜଣେ





ଦକ୍ଷ ସମାଜସେବୀ ତଥା ଲୋକ ମାନଙ୍କର ଭରଷା ଯୋଗ୍ୟ ବ୍ୟକ୍ତିତ୍ୱ ଜିତୁ ମହାନ୍ତି ନୂଆଦିଲ୍ଲୀର ଏକ ପ୍ରତିଷ୍ଠିତ ମୋଟର କମ୍ପାନୀରେ ଉଚ୍ଚ ପଦବୀରେ କାର୍ଯ୍ୟରତ। ତାଙ୍କୁ ମଧ୍ୟ ତୃତୀୟ ମହଲାରୁ ଡାକରା ଆସି ସାରିଛି । ଚାକିରୀରୁ ଅବସର ନେଇ ସେ ନିର୍ବାଚନ ମୈଦାନକୁ ଆସିବେ ବୋଲି ଆଲୋଚନା ହେଉଛି। ନବୀନଙ୍କ ୪୯ ଫର୍ମୁଲାର ଅନ୍ୟ ଏକ ବର୍ଗ ହେଉଛନ୍ତି ପୁରୁଷ ରାଜନେତା। ପୁରୁଖାଙ୍କୁ ବାଦ୍ ଦେଇ ନୂଆମୁହଁ ଖୋଜା ଅଭିଯାନରେ ଅନ୍ୟ ଏକ ବ୍ୟକ୍ତିତ୍ୱ ହେଲେ ସୁବ୍ରତ ଛାଟୋଇ। ବିଜେଡ଼ିର ତୃଣମୂଳ ସ୍ତରୀୟ ତଥା ଦଳରେ ଅସନ୍ତୁଷ୍ଟ ଥିବା ଅଧିକାଂଶ ତୁଙ୍ଗନେତା,କର୍ମୀ ସୁବ୍ରତଙ୍କ କ୍ୟାମ୍ପରେ ଯୋଗଦେବା ଫଳରେ ସୁବ୍ରତଙ୍କ ଲୋକପ୍ରିୟତା ବଢ଼ିବଢ଼ି ଚାଲିଛି। ପୁରୁଖା ନେତା ମାନଙ୍କର କାରନାମାରେ ଅତିଷ୍ଠ ହୋଇ ପଡ଼ିଥିବା ଜନସାଧାରଣ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରୁଥିବାର ଦେଖା ଯାଉଛି। ସୁବ୍ରତଙ୍କ ପ୍ରତି ଏପ୍ରକାର ସମର୍ଥନରୁ ଏହା ହିଁ ଜଣାପଡୁଛି ଯେ, ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶକୁ ବଜାୟ ରଖିବା ନିମନ୍ତେ ନିମାପଡ଼ା ରେ ସୁବ୍ରତ ଏକମାତ୍ର ବିକଳ୍ପ। ନବୀନଙ୍କ ୪୯ ଫର୍ମୁଲାରେ ୩ଜଣ ବ୍ୟକ୍ତିତ୍ୱ କେହି କାହାଠୁ ଊଣାରେ ନାହାନ୍ତି। ଯଦି ନବୀନଙ୍କ ଏହି ଫର୍ମୁଲା ବିଧିବଦ୍ଧ ଭାବେ ଲାଗୁ ହୁଏ, ନିମାପଡ଼ାରେ କିଏ ବଳି ପଡିବ ଆଉ କିଏ ରାଜମୁକୁଟ ପିନ୍ଧିବ ତାହା ଏବେ ଜୋର ଚର୍ଚ୍ଚା ଚାଲିଛି ।

# ରେଳ ଷ୍ଟେସନରେ ସବ୍‌ୱେ ଶିଳାନ୍ୟାସ କଲେ ରେଳ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ



**ବାରିପଦା(ଅମୃତ ମିଡିଆ):** କେନ୍ଦ୍ର ସରକାରଙ୍କ ରେଳ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଙ୍କ ଦ୍ୱାରା ୧୩ ତାରିଖ ଅପରାହ୍ନେର ବେତନଟୀ ରେଳ ଷ୍ଟେସନ ଠାରେ ଅଣ୍ଡର ପାସ ( ସବେଓ୍ୱ) ର ଭିତ୍ତି ପ୍ରସ୍ଥ ସ୍ଥାପନ କରା ଯାଇଛି। ବେତନଟୀ ସହର ଓ ଅଞ୍ଚଳ ବାସୀଙ୍କର ଏକ ସ୍ଥାୟୀ ପ୍ରତିବନ୍ଧକ ଓ ସମସ୍ୟା ଭାବେ ରହି ଆସିଥିଲା ଏବଂ ବେତନଟୀ ପୁରାତନ ବସ ଷ୍ଟାଣ୍ଡ ରାସ୍ତାରୁ ଆନନ୍ଦ ବଜାର କୁ ବିଛିନ୍ନ କରିବା ଯୋଗୁଁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଯାତାୟାତ ପାଇଁ ଭୋଗ କରି ଆସୁଥିଲେ। ସହରର ବ୍ୟବସାୟ ଠାରୁ ଜରୁରୀକାଳିନ ସେବା ପ୍ରଦାନ କରୁଥିବା ଯାନ ବାହାନ ମଧ ରେଳ ଫାଟକ ପାଇଁ ଅଟକି ରହି ଆସୁଥିଲା । ଏହି ସ୍ଥାୟୀ ସମସ୍ୟାର ସମାଧାନ ହୋଇ ପାରିବା ସହିତ ସବେଓ୍ୱ ର ନିର୍ମାଣ ଶେଷ ହେଲ ଦୁଇଟି ମକୋର୍ଟ କୁ ସଂଯୋଗ କରିବା ସହିତ ଯାତାୟାତ ରେ ପ୍ରତିବନ୍ଧକ ରହିବ ନାହିଁ। ସେହିପରି ବ୍ରଡଗ୍ୟାଜ ହେବା ପେର ବେତନଟୀ ରେଳ ଷ୍ଟେସନ ପରିବେର୍ତ୍ତ ପାସେଞ୍ଜର ହଲଟ ଭାବେ ରହି ଆସିଥିବା ହେତୁ କମିଶନ ଏଜେଣ୍ଟ ମାଧମେର ରେଳ ଟିକେଟ ବିକ୍ରି ହୋଇ ଆସୁଥିଲା। ଅମୃତ ଭାରତ ଯୋଜନାରେ ବେତନଟୀ ରେଳ ଷ୍ଟେସନ ର ପୁନର୍ବିନ୍ୟାସ କାର୍ଯ୍ୟ ଚାଲୁ ହେବା ସହିତ ନୂତନ ରେଳ ଷ୍ଟେସନ ବିଲଡିଂ ଏବଂ କମ୍ପ୍ୟୁଟରାଇଜଡ ରେଳ ଟିକେଟ ସଂରକ୍ଷଣ ବ୍ୟବସ୍ଥା କୁ ରେଳମନ୍ତ୍ରୀ ଏଠାରେ ଉଦଘାଟନ କରିଥିଲେ। ଏହି ସବେଓ୍ୱ ଓ ରେଳ ଟିକେଟ ସଂରକ୍ଷଣ ବ୍ୟବସ୍ଥା କୁ ଉଦଘାଟନ କରିବା ଉପଲେକ୍ଷ ଏକ ଉଦଘାଟନ ଉତ୍ସବର ଅାୟୋଜିତ ହୋଇଥିଲା। ଏହି ଉତ୍ସବେର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଙ୍କ ସେମତ କେନ୍ଦ୍ର ଜଳ ସଂପଦ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶେଶ୍ୱର ଟୁଡୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବଡ଼ସାହି ବିଧାୟକ ସନାତନ ବିଜୁଳି ବାରିପଦା ବିଧାୟକ ପ୍ରକାଶ ସୋରେନ ଦକ୍ଷିଣପୂର୍ବ ରେଳବାଇ ଡିଭିଜନ ର ଜେନେରାଲ ମ୍ୟାନେଜର ଅନୀଲ କୁମାର ମିଶ୍ରା ଙ୍କ ସହିତ ଡିଆରଏମ କେ ଆର ଚୌଧୁରୀ ଙ୍କ ସେମତ ବିଭାଗୀୟ ବହୁ ଅଧିକାରୀ ମାନେ ଯୋଗ ଦେଇଥିଲେ । ମୟୂରଭଞ୍ଜ ଜିଲ୍ଲାରେ ରେଳବାଇ ପକ୍ଷରୁ ଯେଉଁ ସବୁ କାର୍ଯ୍ୟର ଆବଶ୍ୟକତା ରହିଛି ସେ ସବୁ ଖୁବ ଶୀଘ୍ର ପୂରଣ କରାଯିବ ବୋଲି ରେଳ ମନ୍ତ୍ରୀ ଘୋଷଣା କରିଥିଲେ। ଅନ୍ୟମାନଙ୍କ ମଧ୍ୟେର ଏହି ସମାବେଶେର ବେତନଟୀ ମଣ୍ଡଳ ସଭାପତି ରାଜକିଶୋର ସାହା ବାଲେଶ୍ୱର ସାଂସଦ ଙ୍କର ପ୍ରତିନିଧି ପ୍ରଦୀପ କୁମାର ପରିଡା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବ୍ରଜ ମୋହନ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମେର ଯୋଗ ଦେଇଥିଲେ।

# ବିବେକାନନ୍ଦ ସ୍ୱୟଂସେବକ ସଂଗଠନର ୧୧ ତମ ବାର୍ଷିକ ଉତ୍ସବ

**ବେତନଟୀ(ଅମୃତ ମିଡିଆ):** ଦାନ୍ତିଆମୁହାଁ ଅଞ୍ଚଳର ଅଗ୍ରଣୀ ସ୍ୱାମୀବିବେକାନନ୍ଦ ସ୍ୱୟଂସେବକ ସଂଗଠନର ୧୧ତମ ପ୍ରତିଷ୍ଠାଦିବସ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଜୟନ୍ତୀ ଶୁକ୍ରବାର ବଡଜାମବଣିଠାରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଂଗଠନର କାର୍ଯ୍ୟକର୍ତ୍ତା ଏବଂ ସମସ୍ତ ସଦସ୍ୟଗଣ ପ୍ରଭାତଫେରୀ କରିବା ସହିତ ବଡଜାମବଣି, ଦାନ୍ତିଆମୁହାଁ ଗାଁ ପରିକ୍ରମା କରାଯାଇଥିଲା। ଏହାପରେ ବଡଜାମବଣି ପଡିଆରେ ସଂଗଠନ ସଭାପତି ରଞ୍ଜନ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକାର୍ଯ୍ୟରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ଅନନ୍ତ କୁମାର ମହାନ୍ତ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଶିକ୍ଷକ ହରିଶ୍ଚନ୍ଦ୍ର ମିଶ୍ର,ସମ୍ମାନୀତ ଅତିଥି ? ଭାବେ ପ୍ରଶାନ୍ତ ସି, ଇଶ୍ୱରଚନ୍ଦ୍ର ମହାନ୍ତ, ହିମାଂଶୁ ମହାନ୍ତ, ବୁଲୁ ମହାନ୍ତ, କିଶନ ପାତ୍ର, ଯୋଗେଶ ପାତ୍ର,ସଞ୍ଜୟ ସିଂ, ରାଜକିଶୋର ମହାନ୍ତ, ଜୟରାମ ମହାନ୍ତ, ଅମରେନ୍ଦ୍ର ମୁଖୀ, ଚନ୍ଦନ ସିଂ, ବସନ୍ତ ମହାନ୍ତ, ଯଶୋବନ୍ତ ମହାନ୍ତ, ପ୍ରିୟବ୍ରତ ମହାନ୍ତ, ଲଳିତ ମହାକୁଡ ପ୍ରମୁଖ ମଞ୍ଚାସୀନ ଥିଲେ । ତେବେ ଗରିବ,ଦୁଃଖୀ, ଅସହାୟ ଲୋକଙ୍କୁ ଥଇଥାନ ଠାରୁଆରମ୍ଭକରି ରୋଗୀଙ୍କୁ ଉପଯୁକ୍ତ ଡାକ୍ତରୀସେବା ଯୋଗାଇବା, ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ପହଞ୍ଚାଇବା, ରକ୍ତପାଇଁ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ରୋଗୀଙ୍କୁ ଓଡିଶାର ବିଭିନ୍ନ ଜିଲ୍ଲାରେ ପହଞ୍ଚି ତୁରନ୍ତ ରକ୍ତଦାନ କରିବା ଭଳି ବହୁ ସମାଜିକ ତଥା ସାମୁହିକ ଜନକଲ୍ୟାଣକାରୀ କାର୍ଯ୍ୟରେ ସଂଗଠନର ଭୂମିକା ଅତୁଳନୀୟ ଏବଂ ପ୍ରଶଂସନୀୟ ବୋଲି ମଞ୍ଚାସୀନ ଅତିଥିଗଣ ନିଜନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ତେବେ ଏଭଳି ସମାଜସେବାର କାର୍ଯ୍ୟଧାରାକୁ ବର୍ଷବର୍ଷ ଧରି ବଜାୟ ରଖୁବା.ସହିତ ଦିନକୁଦିନ ଯୁବପୀଢୀଙ୍କୁ ଏଥିରେ ଅନ୍ତର୍ଭୁକ୍ତକରି ରକ୍ତଦାନ ଅଭିଯାନରେ ସାମିଲ କରାଇବାର ଗଠନମୂଳକ ପ୍ରୟାସ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ବୋଲି ମତପ୍ରକାଶ ପାଇଥିଲା ।ସଭାପତି ରଞ୍ଜନ ମହାନ୍ତ ଏବଂ ସଂଗଠନର ସାଧାରଣ ସମ୍ପାଦକ ରାଜକିଶୋର ସିଂଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ପରିଚାଳନା କରିଥିଲେ।

# ନଳୀପୁର ପଞ୍ଚାୟତରେ ଭକ୍ତିମୟ ପରିବେଶରେ ବୁଲିଲା ଅର୍ପଣ ରଥ



**ବାଲିଚନ୍ଦ୍ରପୁର(ଅମୃତ ମିଡିଆ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନଳୀପୁର ଗ୍ରାମ ପଞ୍ଚାୟତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦଘାଟନ ପାଇଁ ପଞ୍ଚାୟତର ବିଭିନ୍ନ ଗ୍ରାମର ଘର ଘରକୁ ଯାଇ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଅକ୍ଷତ ଓ ଗୁଆ ଗ୍ରହଣ କରାଯାଇଛି । ନଳୀପୁର ତାରିଣୀ ମନ୍ଦିରରୁ ରଥ ପୂଜାର୍ଚ୍ଚନା କରାଯାଇ ବାଜା, ବାଣ ଓ ସଂକ୍ରିର୍ତ୍ତନ ମଣ୍ଡଳୀ ସହ ବିଭିନ୍ନ ଜଗନ୍ନାଥ ମନ୍ଦିର, ମହାପୁରୁଷ, ଗ୍ରାମଦେବତୀ, ମଠ ମନ୍ଦିର ପ୍ରମୁଖରେ ପହଞ୍ଚିବା ପରେ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବିଭିନ୍ନ ଗ୍ରାମର ଘରକୁ ଘର ରଥ ପରିକ୍ରମା ସମୟରେ ଶଙ୍ଖ ହୁଳୁହୁଳି ସହ ଗ୍ରାମବାସୀ ମାନେ ଶ୍ରଦ୍ଧାର ସହିତ ଅକ୍ଷତ ଓ ଗୁଆ ସମର୍ପଣ କରିଥିଲେ। ସମଗ୍ର ପଞ୍ଚାୟତରେ ଏକ ପ୍ରକାର ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ଗାଁ ଦାଣ୍ଡରେ ମହିଳାମାନେ ମୁରୁଜ ପକାଇ ବିଭିନ୍ନ ପ୍ରକାର ଚିତ୍ରାଙ୍କନ କରିଥିବା ବେଳେ ସଂକ୍ରିର୍ତ୍ତନ, ହୁଳୁହୁଳି, ହରିବୋଲ ଓ ଜୟ ଜଗଜନ୍ନାଥ ଧୋନିରେ ପ୍ରକମ୍ପିତ ହୋଇଥିଲା। ଏଥିରେ ଅନେକ ସଂଖ୍ୟାରେ ମୁସଲମାନ ଧର୍ମାବଲମ୍ବି ସାମିଲ ହୋଇଥିବା ଦେଖାଯାଇଥିଲା। କାର୍ଯ୍ୟକ୍ରମରେ ଟିମ୍ ବଡ଼ଚଣା ଅଧକ୍ଷ ଆଦିତ୍ୟ ଶତପଥି, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଯୋଗଦେଇ ରଥକୁ ସ୍ୱାଗତ କରିଥିଲେ। ଆମ୍ଭ ଅଧକ୍ଷ ବିପିନ ବିହାରୀ ଜେନା, ପ୍ରାକ୍ତନ ସରପଞ୍ଚ ମନ୍ମଥ କେଶରୀ ସାହେବରାୟ, ମନୋରଞ୍ଜନ ମଲ୍ଲିକ, ରଶ୍ମିରଞ୍ଜନ ବଳ, ଖଗେଶ୍ୱର ବଳ, ଜଗବନ୍ଧୁ ବଳ, ଉମେଶ ମଲ୍ଲିକ, ଜୟନ୍ତ ବେହେରା, କ୍ଷୀରୋଦ ଜେନା, ବିଜୟ ମଲ୍ଲିକ, ନାରାୟଣ ରାଉତ, ଶିଶର କୁମାର ରାଉତ, ନସିଉଦ୍ଦିନ୍ ଖାଁ, ସେକ୍ ଲାକୋଦ୍ଦିନ୍ ଖାଁଏ ସେକ୍ ଇମାଉଦ୍ଦିନ୍, ସତ୍ୟଜିତ୍ କାନୁନଗୋ, ନୀଳମଣି ମଲ୍ଲିକ, ଅକ୍ଷୟ କୁମାର ମଲ୍ଲିକ, ସେକ୍ ନାସିର ମିଆଁଉଦ୍ଦିନ୍ ଖାଁ, ପଞ୍ଚାୟତର ପି.ଇ.ଓ ଧନଞ୍ଜୟ ସ୍ୱାଇଁ, ଜି.ଆର.ଏସ୍ ନିକୁଞ୍ଜ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ। ବାଉଜଙ୍ଗ ହନୁମାନ ମନ୍ଦିର ପାଖରେ ପରିକ୍ରମା ରଥ କାର୍ଯ୍ୟ ସମାପନ ହୋଇଥିଲା ବେଳେ ଶ୍ରଦ୍ଧାଳୁ ମାନଙ୍କ ସେବନ ନିମନ୍ତେ ସେଠାରେ ଅନ୍ନଯଜ୍ଞ ଆୟୋଜନ କରାଯାଇଥିଲା।

# ମହାବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ



**ବେତନଟୀ(ଅମୃତ ମିଡିଆ):** ବେତନଟୀ କଲେଜରେ 'ବିଶ୍ୱ ଓଡିଆ ଭାଷା ସମ୍ମିଳନୀ'ର ଆୟୋଜନ ସାଙ୍ଗକୁ ଶ୍ରୀଜଗନ୍ନାଥ ସଂସ୍କୃତିରପ୍ରଚାର ପ୍ରସାର ପରିପ୍ରେକ୍ଷୀରେ 'ନୂଆ-ଓ' ସାହିତ୍ୟିକ କାର୍ଯ୍ୟକ୍ରମର ଶୁକ୍ରବାର ଶୁଭାରମ୍ଭ କରାଯାଇଛି । ଉଭୟ ଉଚ୍ଚମାଧ୍ୟମିକ ଏବଂ ସ୍ନାତକଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନିଷ୍ପତ୍ତି ସ୍ଥିରୀକୃତ ହୋଇଛି । ଏଥିରେ ଓଡିଆ କବିତା ଲିଖନ, ପ୍ରବନ୍ଧ,କ୍ଷୁଦ୍ରଗଳ୍ପ, ହସ୍ତାକ୍ଷର, ସାଧାରଣଜ୍ଞାନ, ଭଜନଗାନ, ତର୍କ, ଆଲୋଚନାଚକ୍ର, ଓଡିଆଖାଦ୍ୟ ପ୍ରସ୍ତୁତି, ଚଳଚ୍ଚିତ୍ର ପ୍ରଦର୍ଶନ ପ୍ରଭୃତି ସୃଜନାତ୍ମକ କାର୍ଯ୍ୟକ୍ରମ ପ୍ରଭୃତିକୁ ସ୍ଥାନୀତ କରାଯାଇଛି । ଓଡିଆ ଭାଷା ସାହିତ୍ୟ, ସଂସ୍କୃତି, ଐତିହ୍ୟ, ପରମ୍ପରା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଆଧାରକରି ସମସ୍ତ କାର୍ଯ୍ୟକ୍ରମ ଗୁଡିକର ଅୟୋଜନ କରାଯିବ । କଲେଜ ଅଧକ୍ଷ ଅଧ୍ୟାପକ ମନୋରଞ୍ଜନ ମହାନ୍ତଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନୀ ସମାରୋହରେ ପରିଚାଳନା କମିଟି ସଭାପତି ତଥା ପ୍ରାକ୍ତନ ପ୍ରାଧ୍ୟାପକ ଅଲେଖ କୁମାର ବିଶ୍ୱାଳ, ବଡସାହି କଲେଜର ପ୍ରାକ୍ତନ ଅଧକ୍ଷ, କୁମୁଦଚନ୍ଦ୍ର ସାହୁ ପ୍ରମୁଖ ଅତିଥିଗଣ ମଞ୍ଚାସୀନ ରହି ଆୟୋଜିତ କାର୍ଯ୍ୟକ୍ରମର ଶୀର୍ଷକ ସନ୍ଦର୍ଭରେ ନିଜନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଓଡିଆବିଭାଗ ମୂଖ୍ୟଅଧ୍ୟାପକ ଉମାକାନ୍ତ ନାୟକ କାର୍ଯ୍ୟକ୍ରମର ସଂଯୋଜନା ଏବଂ ପରିଚାଳନା ଦାୟୀତ୍ୱ ତୁଲାଇଥିଲେ । ଦ୍ୱିତୀୟପର୍ଯ୍ୟାୟରେ ଶ୍ରୀଜଗନ୍ନାଥଙ୍କ ଚେତନାକୁ ନେଇ ଆୟୋଜିତ କବିତା ରଚନା ଏବଂ ସୁନ୍ଦର ହସ୍ତାକ୍ଷର ଲିଖନ କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ଚିତ୍ତରଞ୍ଜନ ରାଉତ ପରିଚାଳିତ କରିଥିଲେ । ପରିଚାଳନାରେ ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ ସୀମାନ୍ତ ଜେନା, ରାଜନ ମିଶ୍ର, କରୀସ୍ମା ରଣା, ଉଦୟନାଥ ମୁର୍ମୁ, ଅର୍ଚ୍ଚନା ମୁର୍ମୁ, ମଧୁଛନ୍ଦା ପାଲ, ତରୁଲତା ମଲ୍ଲିକ, ରଣଜିତ ବେହେରା,ଦିଲ୍ଲୀପ ସାହୁ, ଚିନ୍ତାମଣି ବାରିକ, ଶମ୍ଭୁନାଥ ବାରିକ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ଅଣଶିକ୍ଷା କର୍ମଚାରୀ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ । ଶେଷରେ ଅଧ୍ୟାପିକା ବାଲିମଣି ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଭିଲ କୋର୍ଟ ପ୍ରତିଷ୍ଠା ପାଇଁ ଭୂମିପୂଜନ କଲେ ମୁଖ୍ୟ ବିଚାରପତି



**ବାରିପଦା(ଅମୃତ ମିଡିଆ):** ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକେର ନୂତନ ସିଭିଲ କୋର୍ଟ ପରିସର ପାଇଁ ୧୩ ତାରିଖ ଅପରାହ୍ନେର ଭୂମି ପୂଜା ଅନୁଷ୍ଠିତ ହୋଇଯାଇଛି କ୍ଷ ଓଡିଶା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତଥା ବିଲଡିଂ କମିଟି ଅଧକ୍ଷ ଡ଼ଃ. ବି. ଆର. ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗେଦଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରେର ଉଚ୍ଚ ଅଦାଲତର ଜଷ୍ଟିସ ଡି. ଦାଶ ଏବଂ ଜଷ୍ଟିସ ଏ. କେ. ମହାପାତ୍ର ଯୋଗେଦଇ ସହେଯାଗ କରିଥିଲେ । ଉପସ୍ଥିତ ଜନସାଧାରଣଙ୍କୁ ଉଦେବାଧନ ଦେଇ ଏହି ନୂତନ ସିଭିଲ କୋର୍ଟ ପରିସର ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନେର ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଆଦିବାସୀ ନୃତ୍ୟେର ବିଚାରପତି ମାନଙ୍କୁ ଭୂମି ପୂଜନସ୍ଥଳୀକୁ ପାଛୋଟି ନିଆଯାଇଥିଲା । ଭୂମି ପୂଜନ ସମୟେର ଜିଲ୍ଲା ଜଜ ଅରବିନ୍ଦ ପଟନାୟକ, ଏଡଜେ ପ୍ରଶାନ୍ତ କୁମାର ମିଶ୍ର (କରଞ୍ଜିଆ ) ଏଡଜେ ବାରିପଦା ସତ୍ୟନାରାୟଣ ପାତ୍ର, କରଞ୍ଜିଆ ସବ-ଜଜ ଶଙ୍ଖ ତୁଷାର ଚକ୍ରବର୍ତ୍ତୀ, ବାରିପଦା ସବ ଜଜ କୈଳାସ ଚନ୍ଦ୍ର ସାହୁ, ରେଜିଷ୍ଟ୍ରାର ପ୍ରତାପ କୁମାର ପାତ୍ର, ରେଜିଷ୍ଟ୍ରାର ଭିଜିଲାନ୍ସ ଅଖିଳ କୁମାର ପଶ୍ଚିମ କବାଟ, ରେଜିଷ୍ଟ୍ରାର ତଥା ପ୍ରିନ୍ସିପାଲ ସେକ୍ରଟାରୀ ଆନନ୍ଦ ଦାସ, ରେଜିଷ୍ଟ୍ରାର ଆଶିଷ କୁମାର ପରିଛା ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ ଶ୍ରୀମତୀ ବନଜା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କ୍ଷ କରଞ୍ଜିଆ ବାର କାଉନସିଲ ସଭାପତି ବାଞ୍ଛାନିଧି ପୃଷ୍ଟି ସମ୍ପାଦକ ଦିବ୍ୟରଞ୍ଜନ ସାହୁ ଙ୍କ ସେମତ ବହୁ ଅଧିବକ୍ତା, ସ୍ଥାନୀୟ ଗଣମାଧମ ପ୍ରତିନିଧି ଓ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।

# କରଞ୍ଜିଆ ବନଖଣ୍ଡରେ ପକ୍ଷୀଗଣନା ଶେଷ,ବିଭିନ୍ନ ପ୍ରଜାତିର ୪୯୭୩ ପକ୍ଷୀଙ୍କ ସମାଗମ



**ବାରିପଦା /କରଞ୍ଜିଆ(ଅମୃତ ମିଡିଆ):** କରଞ୍ଜିଆ ବନଖଣ୍ଡ ଅଧିନେର ଥିବା ବିଭିନ୍ନ ଜଳାଶୟେର ବନବିଭାଗ ପକ୍ଷରୁ ୧୦ ତାରିଖେର ପକ୍ଷୀ ଗଣନା ଆରମ୍ଭ କରାଯାଇଥିଲା। ପ୍ରେତ୍ୟକ ବର୍ଷ ଜାନୁଆରୀ ପ୍ରଥମରୁ ଦ୍ୱିତୀୟ ସପ୍ତାହ ମଧ୍ୟେର ହେଉଥିବା ପକ୍ଷୀ ଗଣନା କାର୍ଯ୍ୟକ୍ରମେର ବିଦେଶାଗତ ପକ୍ଷୀ ଙ୍କ ସେମତ ବହୁ ଦେଶୀୟ ପକ୍ଷୀଙ୍କ ଗତିବିଧି ଉପେର ଲକ୍ଷ୍ ରଖାଯାଇ ଗଣନା କରାଯାଇଥାଏ। ବନବିଭାଗ ପକ୍ଷରୁ ସାତେକାଶିଆ ଅଭୟାରଣ୍ୟ ଠାରୁ ଘାଗରେବଡା ପର୍ଯ୍ୟନ୍ତ ବିଭିନ୍ନ କର୍ମଚାରୀଙ୍କୁ ପକ୍ଷୀ ଗଣନା ପାଇଁ ପୂର୍ବରୁ ତାଲିମ ପ୍ରଦାନ କରାଯାଇଥିଲା। କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକଙ୍କ ନେତୃତ୍ୱେର ଏହାର ଅଧିନେର ଥିବା ବିଭିନ୍ନ ଜଳାଶୟ, ବନ୍ଧ,ନାଳ, ନଦୀ ଗୁଡ଼ିକେର ପକ୍ଷୀ ଗଣନା କରାଯାଇଥିଲା। ବନବିଭାଗ ଅଧିକାରୀ ଓ ପାରା କର୍ମଚାରୀଙ୍କୁ ନେଇ ୨୭ ଗୋଟି ଟିମ୍ ଗଠନ କରାଯାଇ ସକାଳୁ ପକ୍ଷୀ ଗଣନା କାର୍ଯ୍ୟକ୍ରମ କରାଯାଇଥିଲା । ବନଖଣ୍ଡେର ଥିବା ବନାଞ୍ଚଳ ମାନଙ୍କେର ସମୁଦାୟ ୨୭ ଗୋଟି ଜଳାଶୟ ମଧ୍ୟରୁ ଠାକୁରମୁଣ୍ଡା (୪), କରଞ୍ଜିଆ (୧୦),ଦୁଧିଆଣି (୧୧) ଏବଂ ସାତେକାଶିଅାରେ ଥିବା ୨ ଗୋଟି ଜଳାଶୟ ସହିତ ଚଳିତ ବର୍ଷ ପ୍ରଥମ ଥର ପାଇଁ କରଞ୍ଜିଆ ବନାଞ୍ଚଳର ପ୍ରଦୀପ ସାଗର ବନ୍ଧକୁ ପକ୍ଷୀ ଗଣନା ପାଇଁ ଅନ୍ତର୍ଭୁକ୍ତ କରାଯାଇଥିଲା । ଏଂ ଏଠାରେ କିଛି ଆସିଥିବା ଦେଖିବାକୁ ମିଳିଥିଲା। ତେବେ ସୂଚନାଯୋଗ୍ୟ ଯେ ଗତବର୍ଷ ଠାକୁରମୁଣ୍ଡା, କରଞ୍ଜିଆ,ଦୁଧିଆଣୀ ଓ ସାତେକାଶିଆ ବନାଞ୍ଚଳେର ଯଥାକ୍ରେମ ୮୭ ଗୋଟି,୧୦୮୩ ଗୋଟି,ଦୁଧିଆଣରେ ୩୪୦୪ ଗୋଟି ଓ ସାତେକାଶିଅାରେ ୧୪୩୪ ଗୋଟି ପକ୍ଷୀଙ୍କୁ ମିଶାଇ ୬୦୦୮ ଗୋଟି ପକ୍ଷୀ ଆସିଥିଲେ। ଚଳିତ ବର୍ଷ ଠାକୁରମୁଣ୍ଡାରେ ୧୫୭, କରଂଜିଅାରେ ୧୨୫୫, ଦୁଧିଆଣରେ ୨୨୭୧ ଓ ସାତେକାଶିଅାରେ ୧୨୯୦ ଗୋଟି ପକ୍ଷୀଙ୍କୁ ମିଶାଇ ସମୁଦାୟ ୪୯୭୩ ଗୋଟି ବିଭିନ୍ନ ପ୍ରଜାତିର ପକ୍ଷୀ ଆସିଥିବା ଗଣନା କରାଯାଇଛି। ସୁଦୂର ରୁଷ, ସାଇେବରିଆ, ତଥା ଅନ୍ୟାନ୍ୟ ଦେଶର ବହୁ ପ୍ରଜାତିର ପକ୍ଷୀଙ୍କ ସମାଗମ ହେଉଥିବାବେଳେ ଚଳିତ ବର୍ଷ ଜଳାଶୟର ପୁନରୁଦ୍ଧାର କାର୍ଯ୍ୟ ହୋଇଥିବାରୁ ପକ୍ଷୀ ସଂଖ୍ୟା କମିଥିବା କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀକାନ୍ତ ନାୟକ ସୂଚନା ଦେଇଥିଲେ। ପକ୍ଷୀ ଗଣନା ସମୟେର ୟୁରୋପ, ସାଇେବରିଆ ଅଞ୍ଚଳରୁ ଆସିଥିବା ବିଭିନ୍ନ ବିଦେଶାଗତ ପକ୍ଷୀଙ୍କୁ ଠାବ କରାଯାଇଥିଲା । ରୁଷିଆରୁ ଆସିଥିବା ଓପନବିଲ୍ ଷ୍ଟର୍କ,କିଙ୍ଗଫିସର, ଲିଟିଲଗ୍ରାବ,କଟନ ପିଗମି ଗୁଜ୍, ପ୍ରଭୃତି ପ୍ରଜାତୀର ପକ୍ଷୀ ଦେଖିବାକୁ ମିଳିଥିଲା। ସେମାନେ ହଜାର ହଜାର କିଲୋମିଟର ଅତିକ୍ରମ କରି ଶୀତ ଋତୁ କାଟିବା ପାଇଁ ଏଠାକୁ ଆସିଥାନ୍ତି ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଉକ୍ତ ପକ୍ଷୀ ଗଣନା କାର୍ଯ୍ୟକ୍ରମେର ବନପାଳଙ୍କ ସେମତ ବନକର୍ମଚାରୀ ଏବଂ ପାରା ବନକର୍ମଚାରୀ ମାନେ ଅଂଶ ଗ୍ରହଣ କରିଥିଲେ।

# ମୟୂରଭଞ୍ଜରେ ଗଣପର୍ବ ମକର ପାଇଁ ଅଞ୍ଚଳ ଚଳଚଞ୍ଚଳ



**ବାରିପଦା(ଅମୃତ ମିଡିଆ):** ଖରିଫ ଧାନ ଅମଳର ପେର ପେର ମକର ସଂକ୍ରାନ୍ତି ପାଇଁ ସାରା ମୟୂରଭଞ୍ଜ ଏକ ପ୍ରକାରର ଉତ୍ସବ ମୁଖର ହୋଇଥାଏ। ଚଳିତ ବର୍ଷ ୨୦୨୪ ରେ ଏହି ମକର ପର୍ବ ହର୍ଷ ଉଲ୍ଲାସେର ପାଳନ କରାଯାଉଛି। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ସମେସ୍ତ ନବ ବସ୍ତ୍ର ପରିଧାନ କରିବା ସହିତ ନୃତ୍ୟଗୀତେର ମସଗୁଲ ହୋଇ ଥାଆନ୍ତି। ଏଥି ପାଇଁ ଦୋକାନ ,ବଜାର , ହାଟ ମାନଙ୍କେର ଗଣ ପର୍ବ ମକର ନିମେନ୍ତ ବିଭିନ୍ନ ଦ୍ରବ୍ୟ କିଣା ବିକା କରାଯାଉଥିବାର ଦେଖାଯାଇଥିଲା। ଏହି ଉତ୍ସବେର ଆଦିବାସୀ ମାନଙ୍କର ଆଉ ଏକ ପରମ୍ପରା ଦାମୋଦର ଯାତ୍ରା ମଧ ପାଳନ କରାଯାଇଥାଏ । ଏହି ଦିନ ଆଦିବାସୀ ସମ୍ପ୍ରଦାୟର ପିତୃ ପୁରୁଷଙ୍କ ଅସ୍ଥିକୁ ବିଭିନ୍ନ ନଦୀର ତ୍ରୀବେଣୀ ସଂଗମେର ବିସଜର୍ନ କରାଯାଇଥାଏ। ସାଧାରଣ ଲୋକଙ୍କ ଘେର ପିଠା ପଣା , ମକର ଚାଉଳ ପ୍ରସ୍ତୁତି କରାଯାଇଥାଏ ।ଏହି ମକର ପର୍ବ ମୟୂରଭଞ୍ଜ ଜିଲ୍ଲାରେ ଏକ ସପ୍ତାହ ଧରି ପାଳନ କରାଯାଉଥିବା ବେଳେ ଖେଳ କୁଦ ପ୍ରତିଯୋଗିତା ହେବା ସହିତ ଆଦିବାସୀ ଏବଂ କୁଡୁମି ସମ୍ପ୍ରଦାୟର ପରମ୍ପରା ଅନୁଯାୟୀ ଆରାଧ ଦେବୀ ଟୁସୁ ଦେବୀଙ୍କୁ ପୂଜାର୍ଚ୍ଚନା କରିବା ସହିତ ଶୋଭା ଯାତ୍ରା ନିଆଯାଇ ପୁଷ୍କରିଣୀ ଓ ନଦୀ ରେ ବିସଜର୍ନ କରାଯାଇଥାଏ। ମକର ପବର୍ର ପୂର୍ବଦିନ ରେ ବୈଶିଙ୍ଗା ଥାନା ଅଧୀନ ଡାହିବାଡି ସାପ୍ତାହିକ ହାଟେର ମଧ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା କ୍ଷ ହାଟେର ମୂଖ୍ୟତଃ ମକର ପ୍ରସ୍ତୁତି ନିମିତ୍ତ ଚୂଡା , ଗୁଡ, ତିଳଉ, ଫେଣି,ଫଳମୂଳ ସାଙ୍ଗକୁ ଲୁଗା ଦୋକାନେର ପ୍ରବଳ ଭିଡ ଥିବାର ଦେଖାଯାଇଥିଲା କ୍ଷ ଅନ୍ୟ ଏକ ମୂଖ୍ୟ ଆକଷର୍ଣ ଲେଢଇ ପାଇଁ ବ୍ୟବହୃତ ଦେଶୀ କୁକୁଡା ବିକ୍ରି ହେଉଥିବା ବେଳେ ଅେନକ ବେପାରୀ ଏବଂ ଗ୍ରାହକଙ୍କ ଭିଡ ମଧ ଜମିଥିଲା ।

# ଆଦର୍ଶ ଶିକ୍ଷକଙ୍କ ସ୍ମୃତିଚାରଣ ସଭା



**ବାଲିଚନ୍ଦ୍ରପୁର(ଅମୃତ ମିଡିଆ):** ବଡ଼ଚଣା ବ୍ଲକ ଗୋପାଳପୁର ପଞ୍ଚାୟତସ୍ଥିତ କଳାଶ୍ରୀ ଗ୍ରାମର ଆଦର୍ଶ ଶିକ୍ଷକ ଅମର କୁମାର ସାମଲଙ୍କ ଏକାଦଶାହ ଅବସରରେ ତାଙ୍କ ନିଜ ଗ୍ରାମ କଳାଶ୍ରୀସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଦିନବନ୍ଧୁ ବେହେରାଙ୍କ ସଂଚାଳନାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରୀ ସାମଲଙ୍କ ଜୀବନାଦର୍ଶ ଓ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡ଼ଃ ଭଗ୍ୟଧର ସାହୁ, ବରିଷ୍ଠ ଶିକ୍ଷକ ନଟବର ଦାସ, ଅନନ୍ତ କୁମାର ମହାନ୍ତି, କୃତିବାସ ମହାରଣା, ଉମାକାନ୍ତ ବଳ, ଶରତ କୁମାର ମଲ୍ଲିକ, ମଥୁରି ଚରଣ ବେହେରା, ପ୍ରସନ୍ନ କୁମାର ପରିଡ଼ା, ଅଜିତ୍ କୁମାର ମହାନ୍ତି, ପରିବେଶ ବିତ୍ କ୍ଷୀରୋଦ ଚନ୍ଦ୍ର ଜେନା, ସୁରେଶ ଚନ୍ଦ୍ର ନାୟକ, ଅଜୟ କୁମାର ସାମଲ, କ୍ଷେତ୍ରବାସୀ ସାମଲ, ସ୍ୱର୍ଣ୍ଣଲତା ସାମଲ, ପ୍ରଦୀପ ଦାସ ପ୍ରମୁଖ ଯୋଗଦେଇଥିବା ବେଳେ ଶିକ୍ଷକ ପ୍ରସନ୍ନ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଛତ୍ରପୁରରେ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମଣ ବେଳେ ଫୁଟୁଛି ଆତସ୍‌ବାଜି



**ବ୍ରହ୍ମପୁର / ଛତ୍ରପୁର (ଅମୃତ ମିଡିଆ):** ଛତ୍ରପୁରରେ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମଣ ବେଳେ ଫୁଟୁଛି ଆତସ୍ ବାଜି । ଘଣ୍ଟ-ମୃଦଙ୍ଗ, ଢ଼ୋଲ୍, ଶଙ୍ଖ, ମହୁରୀ, ସଂକୀର୍ତ୍ତନ ମଣ୍ଡଳୀ ସମେତ ନାନା ବାଦ୍ୟଧ୍ୱନି ମାଧ୍ୟମରେ ଜୟ ଜଗନ୍ନାଥ ସ୍ୱରରେ ଜୟଗାନ ଓ ଏବଂ ହୁଳାହୁଳି ଧ୍ୱନିରେ ସହର ଉଛୁଳି ପଡୁଛି । ଯାହାକି ଶନିବାର ଲାୟନସ୍ କ୍ଲବ୍ ପରିସରରେ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମଣ ବେଳେ ଶହଶ୍ରାଧିକ୍ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖାଦେଇଛି । ଛତ୍ରପୁର ୧୧ ନମ୍ବର ୱାର୍ଡର ପୁରୁଣା ପୋଲିସ ଲାଇନ୍ ଓ ନାନେୟାପେଟା ସାହି ପରିଭ୍ରମଣ କରିଥିବା ବେଳେ ଲୟନ୍ସକ୍ଲବ୍ ତରଫରୁ ରଥା ପରିକ୍ରମଣ କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମାଜସେବୀ ତଥା ପୂର୍ବତନ କାଉନସିଲର ଟି.ଚନ୍ଦ୍ରଶେଖର ରାଓ ଏହି ବ୍ୟାପକ କାର୍ଯ୍ୟକ୍ରମର ମୁଖ୍ୟ-ଉଦ୍ୟକ୍ତା ତଥା ଆୟୋଜକ ଅଟନ୍ତି । ଏହି ପରିକ୍ରମଣ ବେଳେ ଭକ୍ତଗଣ ନିଜ ନିଜ ଘର ଦାଣ୍ଡମାନଙ୍କରେ ନାନା ପ୍ରକାର ଝୋଟି, ରଙ୍ଗ ବେରଙ୍ଗର ରଙ୍ଗୋଲୀ, କୁମ୍ଭ ସଂସ୍ଥାପନ କରି ଘଣ୍ଟ ତାଳ ବାଦ୍ୟରେ ରଥକୁ ସ୍ୱାଗତ କରିଥିବା ଦେଖାଯାଇଛି । ଏଠାରେ ନିଆରା ଭାବେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଭକ୍ତିଭରା ଭାବପୂର୍ଣ୍ଣରେ ମହାପ୍ରଭୁଙ୍କ ରଥ କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିବାର ଏକ ନିଆରା ପରମ୍ପରା ଦେଖିବାକୁ ମିଳିଛି ।

# ବ୍ରହ୍ମପୁର ବନଖଣ୍ଡରେ ସରିଲା ପକ୍ଷୀ ଗଣନା

## ୧୪୯ ପ୍ରଜାତିର ୨୭ ହଜାର ପକ୍ଷୀଙ୍କ ଆଗମନ

**ବ୍ରହ୍ମପୁର (ଅମୃତ ମିଡିଆ):** ଚଳିତ ବର୍ଷ ବ୍ରହ୍ମପୁର ବନଖଣ୍ଡରେ ଅନୁଷ୍ଠିତ ହୋଇଥିବା ପକ୍ଷୀ ଗଣନା ଗୁରୁବାର ସମାପ୍ତ ହୋଇଛି । ଏହି ବନଖଣ୍ଡରେ ମୋଟ ୪ ଗୋଟି ବନାଞ୍ଚଳ ରହିଥିବା ବେଳେ ୪୯ ଗୋଟି ଟିମ୍ ଚଳିତ ବର୍ଷ ପକ୍ଷୀ ଗଣନା ପାଇଁ ନିୟୋଜିତ ହୋଇଥିଲେ । ଏହି ଟିମ୍ ଗୁଡ଼ିକ ବନଖଣ୍ଡ ରେ ପକ୍ଷୀଙ୍କ ସମାଗମ ହେଉଥିବା ବିଭିନ୍ନ ସ୍ଥାନ ମାନଙ୍କରେ ନିୟୋଜିତ ରହିଥିଲେ । ଚଳିତ ବର୍ଷ ମୁଖ୍ୟତଃ ବନଖଣ୍ଡ ଅଧିନରେ ଖପରା ଖାଇ, ଲାଞ୍ଜି ଗେଣ୍ଡି, ହଂସରାଳି, ପାଣିଚିରା ଗେଣ୍ଡି, ପାଣି ଚିରା, କୁକୁଭା, ରଙ୍ଗ ଗେଣ୍ଡି, ଧୂସୁରା ଗେଣ୍ଡି,ଗୋଠ ବଗୁଲି, ଗେଣ୍ଡାଳିଆ ପ୍ରଜାତିର ପକ୍ଷି



ବହୁମାତ୍ରାରେ ଦେଖିବାକୁ ମିଳିଛି । ପୂର୍ବ ବର୍ଷ ଭଳି ଚଳିତ ଥର ମଧ ବନଖଣ୍ଡ ର ବାହୁଦା ନଦୀ ଓ ସମୁଦ୍ରର ମିଳନ ସ୍ଥଳରେ ସର୍ବାଧିକ ପକ୍ଷୀଙ୍କ ସମାଗମ ହୋଇଥିଲା । ଚଳିତ ଥର ବନଖଣ୍ଡ ଅଧୀନରେ ହୋଇଥିବା ଗଣନାରେ ମୋଟ ୧୪୯ ପ୍ରଜାତିର ୨୬ ହଜାର ୯୮୫ ଗୋଟି ପକ୍ଷୀ ନଜର ଆସିଥିଲେ । ବନଖଣ୍ଡ ଅଧୀନରେ ପ୍ରଥମ କରି ଫ୍ଲାମୀଙ୍ଗୋ ପକ୍ଷୀ କୁ ଗଣନା କାରୀ ଟିମ୍ ଦେଖିଥିଲେ । ସେହିପରି ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ବନଖଣ୍ଡ ପକ୍ଷୀଙ୍କ ଆଗମନ ବହୁତ୍ ସଂଖ୍ୟାରେ କମି ଯାଇଛି । ବିଗତ ବର୍ଷ ଗଣନା ଅନୁଯାୟୀ ଏହି ବନଖଣ୍ଡ କୁ ୩୪ ହଜାରରୁ ଉର୍ଦ୍ଧ୍ୱ ପକ୍ଷୀ ଆସିଥିବା ବେଳେ ଚଳିତ ବର୍ଷ ଏହାର ସଂଖ୍ୟା ୨୭ ହଜାର ଛୁଇଁ ପାରି ନଥିବା ଦେଖା ଦେଇଛି । ତେବେ ଗଣନା କାରୀ ଟିମ୍ ବିଭିନ୍ନ ନୂତନ ପ୍ରଜାତିର ପକ୍ଷୀ ଦେଖିଥିବା ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖର ସୂଚନା ଦେଇଛନ୍ତି ।

## ୧୬ଗ୍ରାମ୍ ବ୍ରାଉନ ସୁଗାର ସହ ମୋବାଇଲ ଫୋନ, ୫୫୦୦ଟଙ୍କା ଜବତ

# ଜଣେ ଗିରଫ



**ପିପିଲି (ଅମୃତ ମିଡିଆ):** ପିପିଲି ପୌରାଞ୍ଚଳ ଦେବୀଗଳି ଠାରେ ଗତକାଲି ରାତିରେ ଜଣେ ଯୁବକ କୁ ବ୍ରାଉନ ସୁଗାର କାରବାରରେ ପିପିଲି ପୋଲିସ ଗିରଫ କରିଛି । ଗିରଫ ହୋଇଥିବା ଯୁବକ ଜଣକ ସ୍ଥାନୀୟ ଭବାନୀପୁର ଗ୍ରାମ ର ଅରମାନ ଶା( ୨୪) । ଏନେଇ ପିପିଲି ପୋଲିସ ଥାନା କେସ ନଂ ୨୩/ ୨୪ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ଆବେଦନ ନାମଞ୍ଜୁର ହୋଇଯିବାରୁ ଅଭିଯୁକ୍ତ କୁ ନିମାପଡ଼ା ବିଚାର ବିଭାଗ ହାଜତକୁ ପଠାଯାଇଛି । ପୋଲିସ ସୂତ୍ରରୁ ପ୍ରକାଶ ଗତକାଲି ସନ୍ଧ୍ୟାରେ କୌଣସି ସୂତ୍ରରୁ ଖବର ପାଇ ପିପିଲି ପୋଲିସ ପୌରାଞ୍ଚଳ ଦେବୀଗଳି ଠାରେ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ସ୍ଥାନୀୟ ଅଂଚଳର ଯୁବକ ଅରମାନ ଶା କୁ ପୋଲିସ ଧରିଥିବା ବେଳେ ତା ଠାରୁ ପୋଲିସ ୧୬ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲେ । ଏଥିସହ ପାଖରେ ରଖିଥିବା ଭିଭୋ ଦାମିକା ମୋବାଇଲ ଫୋନ ସହ ନଗଦ ୫୫୦୦ଟଙ୍କାକୁ ପୋଲିସ ଜବତ କରି ଆଜି କୋର୍ଟ ଚାଲାଣ କରିଥିବା ପୋଲିସ କହିଛି । ପ୍ରକାଶ ଥାଉ କି ପିପିଲି ରେ ତରୁଣ ଯୁବକ ମାନେ ବ୍ରାଉନ ସୁଗାର ରେ ନିଶାସକ୍ତ ହେବା ସହିତ ଏହି କାରବାର ରେ ଜଡିତ ଥିବା ଜଣାପଡିଛି । ଏହି କାରଣ ରୁ ଅପରାଧିକ ଘଟଣା ଚୋରି ରାହାଜାନୀ ଏବଂ ଲୁଟପାଠ୍ ଇତ୍ୟାଦି ବାରମ୍ବାର ହେଉଛି ।

## ଅର୍ପଣ ରଥର ଗଣ୍ଡାନାଳୀ ପଞ୍ଚାୟତ ପରିକ୍ରମା

**ହିନ୍ଦୋଳ (ଅମୃତ ମିଡିଆ):** ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହେବାକୁ ଥିବା ବେଳେ ଏଥି ନିମନ୍ତେ ସାରା ରାଜ୍ୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କରୁଛି । ଏହି ଅବସରରେ ଶନିବାର ଦିନ ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ଗଣ୍ଡାନାଳୀ ଗ୍ରାମ ପଞ୍ଚାୟତ ରେ ଅର୍ପଣ ରଥ ପହି ଥିଲା । ସରପଞ୍ଚ ସୁନିଲ୍ କୁମାର୍ ସ୍ୱାଇଁ ଙ୍କ ନେତୃତ୍ୱରେ ଗଣ୍ଡାନାଳୀ ପଞ୍ଚାୟତର ବିଭିନ୍ନ ଗାଁ ଅର୍ପଣ ରଥ ପରିକ୍ରମା କରିଥିଲା । ଏହି ଅର୍ପଣ ରଥରେ ସଂକୀର୍ତ୍ତନ ମଣ୍ଡଳୀ ସମେତ ଶହ ଶହ ସଂଖ୍ୟାରେ ମହିଳା ଓ ପୁରୁଷ ମାନେ ସାମିଲ୍ ହେବା ସହ ଅରୁଆ ଚାଉଳ ଓ ଗୋଟାଗୁଆ ପ୍ରଦାନ କରୁଥିବାର ଦେଖିବାକୁ ମିଳିଥିଲା । ରଥ ପରିକ୍ରମା ସମୟରେ ହରିବୋଲ ହୁଳହୁଳି ଓ ଶଙ୍ଖ ନାଦରେ ପଞ୍ଚାୟତ କମ୍ପି ଉଠିଥିଲା ।

## ୩ଦିନଆ ପଲ୍ଲିଶ୍ରୀମେଳା ଓ ଛତ୍ରପୁର ମହୋତ୍ସବର ବ୍ୟାପକ ପ୍ରସ୍ତୁତି

**ବ୍ରହ୍ମପୁର (ଅମୃତ ମିଡିଆ):** ୧୪ ତାରିଖ ଠାରୁ ୧୬ ତାରିଖ ମଙ୍ଗଳବାର ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ଛତ୍ରପୁର ଷ୍ଟାଡିୟମ୍ ଠାରେ ପଲ୍ଲିଶ୍ରୀ ମେଳା ସହିତ ଛତ୍ରପୁର ମହୋତ୍ସବ ଅନୁଷ୍ଠିତ ହେବ । ଏଥି ସକାଶେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଭି. କୀର୍ତ୍ତି ଭାସନ୍ ଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ଆୟୋଜିତ ହେଉଥିବା ପଲ୍ଲିଶ୍ରୀ ମେଳାରେ ସମୁଦାୟ ୫୦ ଗୋଟି ଷ୍ଟଲରେ ବିକ୍ରୀବଟା ହେବ । ୪୦ ଗୋଟି ଷ୍ଟଲ ରେ ରାଜ୍ୟର ମିଶନ୍ ଶକ୍ତି ଦ୍ୱାରା ପ୍ରସ୍ତୁତ ଗ୍ରାମ୍ୟ ସାମଗ୍ରୀ ବିକ୍ରିବଟା ଏବଂ ୧୦ ଗୋଟି ଷ୍ଟଲରେ ଫୁଡ ଷ୍ଟଲ କରାଯିବାର ବ୍ୟବସ୍ଥା କରାଯାଇଛି । ଏହି ପଲ୍ଲିଶ୍ରୀ ମେଳାରେ ଯାଜପୁର, ମୟୂରଭଞ୍ଜ, ନୟାଗଡ, କେନ୍ଦୁଝର, ଜଗତସିହପୁର, ନୂଆପଡା, କୋରାପୁଟ, କଳାହାଣ୍ଡି, କଟକ, କନ୍ଧମାଳ, ପୁରୀ, ଭଦ୍ରକ, ଗଜପତି ଦେବଗଡ,ବୌଦ୍ଧ ଏବଂ ଗଞ୍ଜାମ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନୀ ସହିତ ବିକ୍ରି ହେବ । ବିଶେଷ କରି ଗ୍ରାମୀଣ ସାମଗ୍ରୀ ସହିତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପ୍ରସ୍ତୁତ ହାତ ତିଆରି ସାମଗ୍ରୀ ବିକ୍ରୀ ହେବ । ପ୍ରତ୍ୟେକ ସଂଧ୍ୟାରେ ଗଞ୍ଜାମ ଜିଲ୍ଲାର ଲୋକକଳା କଳାକାର ମାନଙ୍କ ଦ୍ୱାରା ଲୋକକଳା ପ୍ରଦର୍ଶନୀ ସହିତ ସ୍ଥାନୀୟ କଳାକାର, ବଲିଉଡ୍ ଓ ଓଲିଉଡ୍ କଳାକାରଗଣ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ଆସନ୍ତା କାଲି ୧୪ ତାରିଖ ଦିନ ସ୍ଥାନୀୟ କଳାକାର ସମେତ ଓଲିଉଡ୍ କଳାକାର ହ୍ୟୁମାନ୍ ସାଗରଙ୍କ ଦଳ କାର୍ଯ୍ୟକ୍ରମ ପରିବେଷଣ କରିବେ । ୧୫ ତାରିଖ ଦିନ ସ୍ଥାନୀୟ କଳାକାରଙ୍କ ସମେତ ଓଲିଉଡ୍ କଳାକାର ଶଶାଙ୍କ ଶେଖର, ଅନ୍ତରା ଚକ୍ରବର୍ତ୍ତି, ସୌରିନ, ଶିଳ୍ପୀ, ପ୍ରିନସ୍ ଡ୍ୟାନ୍ସ ଦଳ କାର୍ଯ୍ୟକ୍ରମ ପରିବେଷଣ କରିବେ । ସେହିପରି ୧୬ ତାରିଖ ଦିନ ସ୍ଥାନୀୟ କଳାକାରଙ୍କ କଳା ପ୍ରଦର୍ଶନୀ ସହିତ ତାରିକ୍ ଆଜିଜ୍, ନାଭ୍ୟା ଜାଇତି (ତେଲୁଗୁ ଓଡିଆ) ସତ୍ୟ ବାବୁ (ତେଲୁଗୁ) ଇତ୍ୟାଦି ସେମାନଙ୍କ କାର୍ଯ୍ୟକ୍ରମ ପରିବେଷଣ କରିବାର ଯୋଜନା ରହିଛି । ଛତ୍ରପୁର ମହୋତ୍ସବ ସକାଶେ ଅଂଶ ଗ୍ରହଣ କରିବାକୁ ଥିବା ସମସ୍ତ ଜିଲ୍ଲାର ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ରହିବା ବ୍ୟବସ୍ଥା, ପାନୀୟ ଜଳ, ବିଦ୍ୟୁତ କରଣ, ଆଇନ ଶୃଙ୍ଖଳା ପରିସ୍ଥିତି, ପ୍ରାଥମିକ ଚିକିତ୍ସା, ସଫେଇ, ପୋଲିସ ଦଳ ମୁତୟନ, ଅଗ୍ନିଶମ ନିରାପତ୍ତା ବ୍ୟବସ୍ଥା ଇତ୍ୟାଦି ସମସ୍ତ ବ୍ୟବସ୍ଥା ସଂପର୍କିତ ଆଲୋଚନା ହୋଇଯାଇଛି । ଏହି ବୈଠକରେ ଛତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ ବରାଳ, ଓରମାସ୍ ଡେପୁଟି ସି.ଇ.ଓ ସତ୍ୟ ସୁନ୍ଦର ଶିବରାମ ପାଇତାଲ, ଓଡିଶା ଜୀବୀକା ମିଶନ୍ ଡିପିଏମ୍ ନବୀନ ସେନାପତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ରାଧା କୃଷ୍ଣ ରାମ, ଜିଲ୍ଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ସାହୁ, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କନିଷ୍ଠ ଯନ୍ତ୍ରୀ, ବିଦ୍ୟୁତ ବିଭାଗୀୟ ଅଧିକାରୀ, ଅଗ୍ନିଶମ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗାଁ କୁ ଗାଁ ଗଡୁଛି ଜଗନ୍ନାଥ ଅର୍ପଣ ରଥ



**ଆଳି (ଅମୃତ ମିଡିଆ):** ଗାଁ କୁ ଗାଁ ଗଡିଚାଲିଛି ଜଗନ୍ନାଥ ଅର୍ପଣ ରଥ । ରଥ ଗାଁ କୁ ଆସିବା ସମୟରେ ଗାଁ ରେ ସୃଷ୍ଟି ହେଉଛି ଆଧ୍ୟାତ୍ମିକ ପରିବେଶ । ସଂକୀର୍ତ୍ତନ ମଣ୍ଡଳୀର ସଂକୀର୍ତ୍ତନରେ ଗାଁ ଏବେ ଉଠୁଛି ପଡୁଛି । ଏହି ଅବସରରେ ରବିବାର ଦିନ ଆଳି ବ୍ଲକର ଦେମାଳ, ବଡାମ୍ବିଳା, ଜୁଆଣିଆ, ସଂସିଧା, ମେଣ୍ଟପୁର ପଞ୍ଚାୟତରେ ଏହି ଜଗନ୍ନାଥ ଅର୍ପଣ ରଥ ବୁଲିଛି । ଦେମାଳ ପଞ୍ଚାୟତର ଗିରିବନ୍ଧ, ମୂଳସାହି ଆଦି ଗ୍ରାମକୁ ଏହି ଅର୍ପଣ ରଥ ଯାଇଥିବା ବେଳେ ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ସରପଞ୍ଚ ରିତାରାଣୀ ପରିଡା, ସମିତିସଭ୍ୟ ମିନତୀ ରାୟ ପ୍ରମୁଖଙ୍କ ସମେତ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ । ମେଣ୍ଟପୁର ପଞ୍ଚାୟତରେ ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି ପ୍ରମୁଖ ଏହି ରଥ ପରିକ୍ରମା ସମୟରେ ଉପସ୍ଥିତ ଥିଲେ । ବଡାମ୍ବିଳା ପଞ୍ଚାୟତରେ ସରପଞ୍ଚ ସଚଳା ମହୀ, ସମିତି ସଭ୍ୟ ବଂଶୀଧର ପଣ୍ଡା,ପ୍ରଦ୍ୟୁମ୍ନ ଦାଶ, ବିଜୟମହୀ, ସାରଳା ଦାସଙ୍କ ନେତୃତ୍ୱରେ ଜଗନ୍ନାଥ ଅର୍ପଣ ରଥ ବୁଲିଥିଲା । ଜୁଆଣିଆ ପଞ୍ଚାୟତରେ ସରପଞ୍ଚ ସୁବ୍ରତ ନାୟକଙ୍କ ନେତୃତ୍ୱରେ ଏହି ରଥ ଗାଁ ଗାଁ ବୁଲିଥିଲା । ମହିଳା ମାନେ ରଥକୁ ବନ୍ଦାପନା କରି ସ୍ୱାଗତ କରିବା ସହିତ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଗୁଆ ଅରୁଆ ଚାଉଳ ପ୍ରଦାନ କରିଥିଲେ । ସଂସିଧା ପଞ୍ଚାୟତରେ ସରପଞ୍ଚ ଦୀପକ ଭୂୟାଁ, ସମିତିସଭ୍ୟା ମମତା ରାଣୀ ଭୂୟାଁ ପ୍ରମୁଖଙ୍କ ନେତୃତ୍ୱରେ ଅର୍ପଣ ରଥ ପଞ୍ଚାୟତ ପରୀକ୍ରମା କରିଥିଲା । ରଥ ପରିକ୍ରମା ସମୟରେ ଗ୍ରାମର ମହିଳା ମାନେ ବେଶ ଭାବବିହ୍ୱଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା ।

## ଉତ୍କଳ ସାମ୍ବାଦିକ ସଙ୍ଘ କନ୍ଧମାଳ ଜିଲ୍ଲା ଶାଖାର ବନ୍ଧୁମିଳନ -୨୦୨୪




**ଫୁଲବାଣୀ (ଅମୃତ ମିଡିଆ):** ଉତ୍କଳ ସାମ୍ବାଦିକ ସଙ୍ଘ କନ୍ଧମାଳ ଜିଲ୍ଲା ଶାଖା ପକ୍ଷରୁ ସଭାପତି ସନ୍ତୋଷ ଦାସ ଙ୍କର ଅଧ୍ୟକ୍ଷତାରେ ରାଇକିଆ ବ୍ଲକ ସଙ୍ଘ ସଦସ୍ୟ ଙ୍କର ସମ୍ପୂର୍ଣ୍ଣ ସହଯୋଗ ରେ ରାଇକିଆ ସ୍ଥିତ ସ୍ୱସ୍ତିକ କଲ୍ୟାଣ ମଣ୍ଡପ ଠାରେ ବନ୍ଧୁ ମିଳନ ୨୦୨୪ ଓ ଉପ ବାଚସ୍ପତି ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ର ପ୍ରଥମ ପର୍ଯ୍ୟାୟରେ କନ୍ଧମାଳ ଜିଲ୍ଲା ର ସମସ୍ତ ବ୍ଲକର ଉତ୍କଳ ସାମ୍ବାଦିକ ସଙ୍ଘ ର ସଦସ୍ୟ ମାନେ ସ୍ନେହାର୍ଦ୍ଧ ଭାବାପୂର୍ଣ୍ଣ ବନ୍ଧୁମିଳନ କାର୍ଯ୍ୟକ୍ରମ ରେ ଯୋଗ ଦେଇ ସାମ୍ବାଦିକ ମାନେ ବିଭିନ୍ନ ପରିସ୍ଥିତି ର ମୁକାବିଲା କରି ନିଜ ଜୀବନ କୁ ବାଜି ଲଗାଇ କାର୍ଯ୍ୟ କରୁଛନ୍ତି ,ସମାଜ ର ଦର୍ପଣ ହିସାବରେ କାମ କରିଥାନ୍ତି ହେଲେ ମଧ୍ୟ ସାମ୍ବାଦିକ ପ୍ରଶାସନ , ପୋଲିସ, କଣ୍ଟାକ୍ଟର ର ଆକ୍ରୋଶ ର ଶିକାର ହେଉଛନ୍ତି । ଏହି କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ର ସୁରକ୍ଷା ପାଇଁ ସଙ୍ଘ ପକ୍ଷରୁ ସରକାର ଙ୍କ ଠାରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ସଙ୍ଘ ଦାବୀ କରିଛି, ଉତ୍କଳ ସାମ୍ବାଦିକ ସଙ୍ଘ ସଧାବେଳେ ସାମ୍ବାଦିକ ମାନଙ୍କର ସମସ୍ୟା ସମାଧାନ କରିବା ପାଇଁ ଅହ ରହ ଉଦ୍ୟମ ଜାରି ରଖିଛି । ସମସ୍ତ ସାମ୍ବାଦିକ ଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ । ଜିଲ୍ଲା ସଭାପତି ସନ୍ତୋଷ ଦାସ ସାମ୍ବାଦିକ କଲ୍ୟାଣ ପାଣ୍ଠି ଗଠନ କରିବା ନିମନ୍ତେ କହିଥିଲେ । ଆଜି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅବସର କଲ୍ୟାଣ ପାଣ୍ଠି ଗଠନ କରାଯାଇଥିଲା । ଏହି କଲ୍ୟାଣ ପାଣ୍ଠି ସାମ୍ବାଦିକ ମାନଙ୍କର ଦୁଖଃ ସମୟରେ କାର୍ଯ୍ୟ କରିବ, ସାମ୍ବାଦିକ ଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବ ବୋଲି ଜିଲ୍ଲା ସାମ୍ବାଦିକ ଶ୍ରୀ ଦାସ କହିଥିଲେ । କଲ୍ୟାଣ ପାଣ୍ଠି କୁ ସୁ ପରିଚାଳନା କରିବା ପାଇଁ କଲ୍ୟାଣ ପାଣ୍ଠି ଅଧକ୍ଷ ଭାବେ ଜି. ଉଦୟଗିରି ବରିଷ୍ଠ ସାମ୍ବାଦିକ ସମିର ପାଢ଼ୀ ଙ୍କୁ ଦାୟିତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମ ର ଦ୍ୱିତୀୟ ପର୍ଯ୍ୟାୟରେ ଆୟୋଜନ କରାଯାଇଥିବା ସମ୍ବର୍ଦ୍ଧନା ସଭାରେ କନ୍ଧମାଳ ଜିଲ୍ଲାର ଗର୍ବ ଗୌରବ ରାଜ୍ୟ ବିଧାନସଭା ଉପ ବାଚସ୍ପତି ଶ୍ରୀଯୁକ୍ତ ସାଲୁଗା ପ୍ରଧାନ ଙ୍କୁ ସଙ୍ଘ ପକ୍ଷରୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି ଶ୍ରୀଯୁକ୍ତ ପ୍ରଧାନ ସଂଘର କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କୁ ନୂତନ ବର୍ଷ ର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ସାମ୍ବାଦିକ ମାନେ ନିଜ କର୍ତ୍ତବ୍ୟ କରିଚାଲନ୍ତୁ ଯେତେ ସମସ୍ୟା ବାଧା ବିଘ୍ନ ଦେଖାଦେଲେ ମଧ ପଛଘୁଞ୍ଚା ଦିଅନ୍ତୁ ନାହିଁ । ଆପଣଙ୍କ ର ପ୍ରକୃତ କର୍ତ୍ତବ୍ୟ ଯୋଗୁଁ ସଠିକ ସ୍ଥାନରେ ପହଞ୍ଚି ପାରିବେ । ସାମ୍ବାଦିକ ମାନେ ଲୋକ ମାନଙ୍କର ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରିଥାନ୍ତି, ସାମ୍ବାଦିକ କାର୍ଯ୍ୟ ଏକ ସାମାଜିକ କାର୍ଯ୍ୟ ବୋଲି କହି ଉତ୍ସାହିତ କରିଥିଲେ । ବରିଷ୍ଠ ସାମ୍ବାଦିକ ପ୍ରେମଚାନ୍ଦ ସିଂ ସଙ୍ଗଠନ କୁ ଆହୁରି ଅଧିକ ସୁଦୃଢ଼ କରିବା ପାଇଁ ସଦସ୍ୟ ମାନଙ୍କ ମଧ୍ୟରେ ଏକତା ରହିବା ଦରକାର ଏବଂ ସଦସ୍ୟତା ବୃଦ୍ଧି କଲେ ସଙ୍ଘର ଉନ୍ନତ ତର କାର୍ଯ୍ୟ ହୋଇ ପାରିବ ମତ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ରେ କ. ନୂଆଗାଁ ବ୍ଲକ ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ମହାରଣା ସୁନ୍ଦର ଭାବରେ ମଞ୍ଚ ସଂଯୋଜନା କରିଥିବା ବେଳେ ସଂଘ ପକ୍ଷରୁ ସାମାଜିକ କାର୍ଯ୍ୟ ଯଥା ରକ୍ତଦାନ ଶିବିର, ଗରୀବ ଲୋକଙ୍କୁ କମଳ ବଣ୍ଟନ, ଅସହାୟ ଲୋକଙ୍କୁ ସାହାର୍ଯ୍ୟ ଏଭଳି କାର୍ଯ୍ୟ କଲେ ଆମ ଉତ୍କଳ ସଙ୍ଘ ଉପରେ ପ୍ରଶାସନ ର ଦୃଷ୍ଟି ଆକର୍ଷଣ ହେବା ସହ ଲୋକଲୋଚନ ଆସି ପାରିବ ବୋଲି ପ୍ରସ୍ତାବ ଆଗତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଙ୍ଘର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ଫିଲିମୋହନ ନାୟକ , ଗଞ୍ଜାମ ଜିଲ୍ଲା ସଭାପତି ବରିଷ୍ଠ ସାମ୍ବାଦିକ ଅନୀଲ କୁମାର ପଟ୍ଟନାୟକ, ସତ୍ୟ ନାରାୟଣ ପାଢ଼ୀ,ସମିର ପାଢ଼ୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବରିଷ୍ଠ ସାମ୍ବାଦିକ ବି ଭି ଶଙ୍କର ,ଭଞ୍ଜନଗର ସଭାପତି ଅମରେନ୍ଦ୍ର ପଟ୍ଟନାୟକ ମଞ୍ଚାସିନ ଅତିଥି ଭାବରେ ଯୋଗ ଦେଇଥିବା ବେଳେ କନ୍ଧମାଳ ଜିଲ୍ଲାର ଅନ୍ୟ ବ୍ଲକର ଉତ୍କଳ ସାମ୍ବାଦିକ ସଙ୍ଘ କର୍ମକର୍ତ୍ତା ଓ ସଦସ୍ୟ ଶତାଧିକ ସଂଖ୍ୟା ରେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ ।

## ପଣ୍ଡିତ ଶ୍ରୀଧର ରଥ, ବ୍ୟାସକବି ଫକୀରମୋହନଙ୍କ ଜନ୍ମଜୟନ୍ତୀ

**ଭଞ୍ଜନଗର(ଅମୃତ ମିଡିଆ):** ଡିଏଭି ପିଟି ଏସ ଆର ପବ୍ଲିକ ସ୍କୁଲ ଭଞ୍ଜନଗର ପରିସରରେ ସମାଜ ସଂସ୍କାରକ ପଣ୍ଡିତ ଶ୍ରୀଧର ରଥ ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜନ୍ମଜୟନ୍ତୀ ପାଳନ କରାଯାଇଛି । ବିଦ୍ୟାଳୟ ତରଫରୁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମୀରା ରାଣୀ ପାଣିଗ୍ରାହୀ ପରିଚାଳନା କରିଥିଲେ । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ବାସୁଦେବ ପାଣିଗ୍ରାହୀ ସମାଜ ସଂସ୍କାରକ ପଣ୍ଡିତ ଶ୍ରୀଧର ରଥ ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପ୍ରଧାନ ଶିକ୍ଷକ ଶ୍ରୀ ବାସୁଦେବ ପାଣିଗ୍ରାହୀ ଶିକ୍ଷା ସଂସ୍କାରକ ପଣ୍ଡିତ ଶ୍ରୀଧର ରଥଙ୍କ ତ୍ୟାଗ ଓ ଡିଏଭି ବିଦ୍ୟାଳୟ ଗଠନରେ ମହାନ ଅବଦାନକୁ ସ୍ମୃତି ଚାରଣ କରିଥିଲେ । ଫକୀରମୋହନ ସେନାପତିଙ୍କ ଓଡ଼ିଶା ଗଠନ ଓ ଓଡ଼ିଆ ଭାଷା ପ୍ରତି ବଳିଷ୍ଠ ଭୂମିକା ସମ୍ବନ୍ଧରେ ବିଦ୍ୟାଳୟ ର ଶିକ୍ଷକ ଶ୍ରୀ ଚିତ୍ତରଞ୍ଜନ ଆଚାର୍ଯ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଭିତରକନିକା ଖୋଲିବାର ପ୍ରଥମ ଦିନରେ ପର୍ଯ୍ୟଟକଙ୍କ ଭିଡ

**ରାଜନଗର (ଅମୃତ ମିଡିଆ):** କୁମ୍ଭୀର ଗଣନା ପାଇଁ ଭିତରକନିକା ଜାତୀୟ ଉଦ୍ୟାନେର ପର୍ଯ୍ୟଟକଙ୍କ ଗତ ୫ତାରିଖରୁ ୧୩ତାରିଖ ପର୍ଯ୍ୟନ୍ତ ବନ୍ଦ ରହିଥିଲା । ୧୪ତାରିଖ ଦିନ ଭିତରକନିକା ଜାତୀୟ ଉଦ୍ୟାନ ଖୋଲିବାର ପ୍ରଥମ ଦିନେର ୧୨୯୬ ଜଣ ପର୍ଯ୍ୟଟକ ଆସିଥିବା ଜଣାପଡିଛି । ସେମାନଙ୍କ ମଧ୍ୟେର ୪ଜଣ ନେଦରଲ୍ୟାଣ୍ଡର ବଦେଶୀ ପର୍ଯ୍ୟଟକ ଆସିଥିବା ଜଣାପଡିଛି । ପର୍ଯ୍ୟଟକମାନେ ବୋଟେର ବସି ନଦୀର ବୁଲିବା ସମୟେର ନଦୀପଠାରେ ଶୋଇ ଖରା ଖାଉଥିବା କୁମ୍ଭୀର, ହରିଣ ପଲ ଓ ବିଭିନ୍ନ ରଙ୍ଗେବରଙ୍ଗର ପକ୍ଷୀ ପର୍ଯ୍ୟଟକଙ୍କୁ ଆନମନା କରିଥିଲା । ଭିତରକନିକା ସେଲଫି ପଏଟଂରେ ଫଟୋ ଉଠାଇବା ପାଇଁ ପର୍ଯ୍ୟଟକମାନେ ଭିଡ ଜମାଇଥିଲେ । ମେଟା ନସର୍ଗୀ, ସଂଗ୍ରହାଳୟ, ଗୋରୀ ଓ ମଳୀ ରହୁଥିବା ପୋଖରୀ ନିକଟେର ମଧ୍ୟ ଭିଡ ପରିଲକ୍ଷିତ ହୋଇଥିଲା । ସେଠାରେ ରହିଥିବା ହରିଣର ଫଟୋ ନେଇଥିଲେ । ହ୍ୟାଚେରରୀର ଛୋଟ ଛୋଟ କୁମ୍ଭୀର ଛୁଆଙ୍କୁ ଦେଖିବା ସହ ଧଳା କୁମ୍ଭୀର ଶ୍ୱେତାକୁ ଦେଖିବା ପାଇଁ ଗହଳି ଲାଗିଥିଲା । ବୋଟ ଲାଇବ୍ରେରୀକୁ ଦେଖିବା ସହ ନିକଟରୁ ପର୍ଯ୍ୟଟକମାନେ ସେଲଫି ନେଉଥିବା ଦେଖିବାକୁ ମିଳିଥିଲା । ଭିତରକନିକା ମୁଖ୍ୟ ଗେଟ ଦେଇ ସ୍ଥଳପଥେର ୫୧୫ ଜଣ ପର୍ଯ୍ୟଟକ ଭିତରକୁ ପ୍ରେବଶ କରିଥିଲେ । ସେମାନଙ୍କ ମଧ୍ୟରୁ ୨୩ ଟ୍ରିପ ବୋଟେର



ବସି ପର୍ଯ୍ୟଟକ ଭିତରକନିକାର ଶୋଭା ଦେଖିବା ସହ ବୋଟିଙ୍ଗର ମଜା ନେଇଛନ୍ତି । ଖୋଲାରୁ ୬୪ ଟ୍ରିପ୍ ବୋଟେର ୪୭୩ ଜଣ ଆସିଥିବା ବେଳ ଚାନ୍ଦବାଲିରୁ ୧୨ଟି ବୋଟେର ୧୧୨ ଜଣ, ଗୁପ୍ତିରୁ ୨୨ ଟ୍ରିପ୍ ବୋଟେର ୧୯୬ ଜଣ ପର୍ଯ୍ୟଟକଙ୍କ ମଧ୍ୟରୁ ନେଦରଲ୍ୟାଣ୍ଡରୁ ଆସିଥିବା ୪ଜଣ ବଦେଶୀ ପର୍ଯ୍ୟଟକ ଭିତରକନିକା ପରିଭ୍ରମଣ କରିଥିବା ବନବିଭାଗ ସୂତ୍ରରୁ ଜଣାପଡିଛି ।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ପାଇଁ ଛତ୍ରପୁର ବ୍ଲକସ୍ତରୀୟ ପ୍ରସ୍ତୁତି



**ଛତ୍ରପୁର (ଅମୃତ ମିଡିଆ):** ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଓ ବିଭିନ୍ନ ବିକାଶ କାର୍ଯ୍ୟ ସମ୍ପର୍କରେ ଗାଁ ଗାଁ ର ଲୋକଙ୍କୁ ସଚେତନ କରିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଗଞ୍ଜାମ ଜିଲ୍ଲା ର ଛତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଆମ ଓଡିଶା -ନବୀନ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ପଂଚାୟତ ସ୍ତରରେ ଲୋକଙ୍କୁ ବିଭିନ୍ନ ଯୋଜନା ସହିତ ପଂଚାୟତର ବିକାଶ କାର୍ଯ୍ୟ ସମ୍ପର୍କରେ ସଚେତନତା କରାଯିବ । ବିଏସକେୱାଇ କାର୍ଡ, ସାମାଜିକ ସୁରକ୍ଷା, ଜଗନ୍ନାଥ ସଂସ୍କୃତି ,ମିଶନ ଶକ୍ତି ସମେତ ବିଭିନ୍ନ ବିକାଶ ଏବଂ ପଂଚାୟତ ସ୍ତରରେ ହୋଇଥିବା ବଡ ବଡ ପ୍ରକଳ୍ପର ବିକାଶ ଗୁଡିକ ଏଲଇଡି ମାଧ୍ୟମରେ ଜନ ସାଧାରଣ ମାନଙ୍କୁ ସଚେତନ କରାଯିବ । ଏହି ଅବସରରେ ବିଭିନ୍ନ ବିଭାଗର ଷ୍ଟଲ ରହିବା ସହ ହିତାଧିକାରୀ ମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଅଧିକାରୀ ମାନଙ୍କୁ ଭେଟି ଜଣାଇ ପାରିବେ । ଆସନ୍ତା ୧୭ ତାରିଖ ଠାରୁ ଛତ୍ରପୁର ବ୍ଲକର ବିଭିନ୍ନ ପଂଚାୟତରୁ ଏହି ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ ବୋଲି ବିଡିଓ ସୁଶାନ୍ତ କୁମାର ବରାଳ ଅଧକ୍ଷତା କରି ଏହା ସୂଚନା ଦେଇଛନ୍ତି । ଏହା କିପରି ସଫଳ ହୋଇପାରିବ ସେଥି ସକାଶେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗ ଦେଇ ପଂଚାୟତ ପ୍ରତିନିଧି ଓ ଲାଇନ ବିଭାଗର ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ । ଏହି ପ୍ରସ୍ତୁତି ବୈଠକରେ ବ୍ଲକ ଅଧକ୍ଷା କିରଣ କୁମାରୀ ଦାସ, ଉପାଧକ୍ଷ ଏସ୍ ?. ସାରଦା ରେଡ୍ଡୀ, ଏବିଡିଓ ଜୟଶ୍ରୀ ନାୟକ. ବ୍ଲକ ଫାଇନାନ୍ସ ଅଧିକାରୀ ଗିରିସ ଚନ୍ଦ୍ର ମହାରଣାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଦେବ ପୀଠକୁ ଶଙ୍ଖରେ ଦେଖିବାର ସୁଯୋଗ ନେବେ ଭକ୍ତ



**ପୁରୀ(ବ୍ୟୁରୋ):** ଶଙ୍ଖ କହିବ ଶଙ୍ଖକ୍ଷେତ୍ରର କଥା। ଶ୍ରୀକ୍ଷେତ୍ରରେ ଶଙ୍ଖ ସ୍ୱରୂପରେ ରହିଥିବା ପ୍ରମୁଖ ଦେବ ପୀଠକୁ ଶଙ୍ଖରେ ଦେଖିବାର ସୁଯୋଗ ନେବେ ଭକ୍ତ। ପଟ୍ଟଚିତ୍ରର ନିଖୁଣ କାରିଗରୀରେ ୯୬ ବର୍ଗ ଫୁଟର ଶଙ୍ଖରେ ଶଙ୍ଖ କ୍ଷେତ୍ରର ଉପଲବ୍ଧି ନେବେ ଭକ୍ତବୃନ୍ଦ। ଜଗନ୍ନାଥବଲ୍ଲଭ ପରିସରସ୍ଥ ବେଣ୍ଟ ପୋଖରୀ ନିକଟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରଦର୍ଶନୀ କକ୍ଷରେ ଏହି ସ୍ଥାପତ୍ୟ ଓ ପଟ୍ଟଚିତ୍ରର କାରିଗରୀ ଶୋଭା ପାଇବ। ମହାପ୍ରଭୁଙ୍କ ବେଶ ପ୍ରଦର୍ଶନୀ କକ୍ଷରେ ପ୍ରବେଶ ପଥର ଆରମ୍ଭରେ ଶଙ୍ଖକ୍ଷେତ୍ର ଦେଖିବେ ଭକ୍ତ। ଏହିଭଳି ପ୍ରାୟ ୨୬ଟି ଶଙ୍ଖ ବିଭିନ୍ନ ସ୍ଥାନରେ ସ୍ଥାନିତ ହୋଇ ଶଙ୍ଖକ୍ଷେତ୍ରର ଗାଥା ବଖାଣିବ। ଶ୍ରୀକ୍ଷେତ୍ରର ଭିନ୍ନଭିନ୍ନ ନାମ ରହିଥିବା ବେଳେ ଏହାକୁ ଶଙ୍ଖକ୍ଷେତ୍ର ବୋଲି ମଧ୍ୟ ଅଭିହିତ କରାଯାଇଛି। ଭୌଗୋଳିକ ସୀମା ସରହଦ ତଥା ଶାସ୍ତ୍ରୀୟ ସିଦ୍ଧାନ୍ତ ଅନୁସାରେ ଶଙ୍ଖକ୍ଷେତ୍ର ନୀଳାଚଳର ପରିସୀମା ହେଉଛି ଦକ୍ଷିଣାବର୍ତ୍ତ ଶଙ୍ଖ ସଦୃଶ। ଦକ୍ଷିଣାବର୍ତ୍ତ ଶଙ୍ଖର ଆକୃତି ଭେ?ମାକାର, ଅର୍ଥାତ ତ୍ରିକୋଣାକାର। ଜଗନ୍ନାଥ ପୁରାଣରେ ଶଙ୍ଖ କ୍ଷେତ୍ରର ଏହି ମାହାତ୍ମ୍ୟ ଉଲ୍ଲେଖ ରହିଛି। ବାଙ୍କି ମୁହାଣ ନଦୀ, ମିଟିଆଣି ନଦୀ, ମଙ୍ଗଳା ନଦୀ ଓ ତୀର୍ଥରାଜ ମହୋଦଧି ପରିବେଷ୍ଟିତ ଦ୍ୱୀପାଞ୍ଚଳ ଶଙ୍ଖ କ୍ଷେତ୍ର ଭାବେ ଅଭିହିତ। ଶଙ୍ଖ କ୍ଷେତ୍ରର ଆୟତନ ପାଞ୍ଚ ଯୋଜନ ଓ ବିସ୍ତୀର୍ଣ୍ଣତା ଦଶ ଯୋଜନ ବୋଲି କୁହାଯାଏ। ସ୍କନ୍ଦପୁରାଣ ସିଦ୍ଧାନ୍ତ ଅନୁସାରେ ଶଙ୍ଖକ୍ଷେତ୍ର ତ୍ରିକୋଣାକାର ଓ ପାଞ୍ଚକୋଶ ବିଶିଷ୍ଟ। ଏହାର ପଶ୍ଚିମ ସୀମାରେ ଶ୍ରୀଲୋକନାଥ, ଅଗ୍ରଭାଗରେ ତଥା ପୂର୍ବ ସୀମାରେ ବେଲେଶ୍ୱର ମହାଦେବ, ମଧ୍ୟ ଭାଗରେ ମାଉସୀମା' ଏବଂ କେନ୍ଦ୍ରସ୍ଥଳରେ ରୋହିଣୀ କୁଣ୍ଡ ଓ କଳ୍ପବୃକ୍ଷ ରହିଛି। ଯଦିଓ ଶଙ୍ଖ ସଦୃଶ ଶତାଧିକ ଦେବ ପୀଠ ରହିଛି, କିନ୍ତୁ ଏହି ଶଙ୍ଖକ୍ଷେତ୍ର କଳାକୃତିରେ ୨୮ଟି ମନ୍ଦିର ଓ ତୀର୍ଥଙ୍କୁ ସ୍ଥାନିତ କରାଯାଇଛି। ପଟ୍ଟଚିତ୍ର ଶିଳ୍ପୀ ଜୀବନଜ୍ୟୋତି ମହାକୁଡ଼ଙ୍କ କହିବା ଅନୁଯାୟୀ, ୧୨ ଫୁଟ ଲମ୍ବ ଓ ୮ ଫୁଟ ଓସାରର ଏକ ଶଙ୍ଖ ପ୍ରସ୍ତୁତ କରାଯାଇଛି। ଏହା ମଧ୍ୟରେ ପଟ୍ଟଚିତ୍ରରେ ଶ୍ରୀଜିଉଙ୍କ ସୁନାବେଶର ଚିତ୍ର ସମେତ ଶ୍ରୀମନ୍ଦିର ଭିତରେ ଥିବା ଗରୁଡ଼ ସ୍ତମ୍ଭ, ମହାଲକ୍ଷ୍ମୀ, ମା' ବିମଳା, ଈଶାନେଶ୍ୱର, କଳ୍ପବଟ, ବଟ ଗଣେଶ, ରୋହିଣୀ କୁଣ୍ଡ, ସୂର୍ଯ୍ୟ ନାରାୟଣ ଓ ବିଭିନ୍ନ ସ୍ଥାନରେ ଥିବା ଶ୍ରୀଲୋକନାଥ, ମାର୍କଣ୍ଡେଶ୍ୱର, ଅଲାମଚଣ୍ଡୀ, ନୀଳକଣ୍ଠେଶ୍ୱର, ବେଲେଶ୍ୱର, ଗୁଣ୍ଡିଚା ମନ୍ଦିର, ମାଉସୀମା ମନ୍ଦିର, ଦକ୍ଷିଣକାଳୀ, କପାଳମୋଚନ, ବାସେଳୀ ଠାକୁରାଣୀ, ବନଦୁର୍ଗା, ହରଚଣ୍ଡୀ, ବଟ ମାର୍କଣ୍ଡେୟ, କାତ୍ୟାୟିନୀ, ଉତ୍ତର ଦୁର୍ଗା, ବାଟ ମଙ୍ଗଳା, ମହୋଦଧି ତୀର୍ଥକୁ ସ୍ଥାନିତ କରାଯାଇଛି। ଶ୍ରୀ ମହାକୁଡ଼ଙ୍କ ସମେତ ଆଶିଷ ଦାସ, ଶୁଭାଶିଷ ଗିରି, ବିଭୁପ୍ରସାଦ ନାୟକ ଓ ଶିବାଶିଷ ପଣ୍ଡା ପ୍ରମୁଖ ପଟ୍ଟଚିତ୍ର ଶଙ୍ଖକ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ଶ୍ରୀ ମହାକୁଡ଼ କହିଛନ୍ତି, ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଅସୀମ।

# ଲୋକାର୍ପଣ ପୂର୍ବରୁ ଆରମ୍ଭ ହେଲା ଯଜ୍ଞ, ପୂଜାନୀତି



**ପୁରୀ(ବ୍ୟୁରୋ):** ପାଖେଇ ଆସୁଛି 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ର ଲୋକାର୍ପଣ ସମୟ। ମଝିରେ ଆଉ ମାତ୍ର ଦୁଇ ଦିନ ଅର୍ଥାତ ପୌଷ ଶୁକ୍ଳ ସପ୍ତମୀ ତିଥି (ଜାନୁଆରି ୧୭ ତାରିଖ)ରେ ଭବ୍ୟ, ଦିବ୍ୟ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଐତିହ୍ୟ ପ୍ରକଳ୍ପର ଲୋକାର୍ପଣ କରିବେ। ଏହି ପ୍ରକଳ୍ପର ଲୋକାର୍ପଣ ପୂର୍ବରୁ ଯଜ୍ଞ ପାଇଁ ପୂଜାନୀତି ଆରମ୍ଭ ହୋଇଯାଇଛି। ଯଜ୍ଞମଣ୍ଡପ ଓ ପରିକ୍ରମା ମାର୍ଗ ବି ପ୍ରସ୍ତୁତ ହୋଇସାରିଛି। ମନ୍ତ୍ରୋଚ୍ଚାରଣରେ ଶ୍ରୀକ୍ଷେତ୍ର କମ୍ପୁଛି। ଜୟ ଜଗନ୍ନାଥ ଧ୍ୱନି ଗୁଞ୍ଜରିତ ହେଉଛି। ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ଶୁକ୍ରବାର ଠାରୁ ଆଦ୍ୟପର୍ବ ଯଜ୍ଞର ବିଭିନ୍ନ ପୂଜାନୀତି ଆରମ୍ଭ ହୋଇଛି। ଶନିବାର ଅଙ୍କୁର ପୂଜନ ଓ ମଣ୍ଡଳକଟା ଯାଇଥିବାବେଳେ, ରବିବାର ହୋଇଛି ମଣ୍ଡଳ ସ୍ଥାପନ, ଯଜ୍ଞ ଅଧିବାସ, ଧ୍ୱଜା ସ୍ଥାପନ, ତୋରଣ ସ୍ଥାପନ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଶୋତ୍ରିୟ ବ୍ରାହ୍ମଣ ଏହି ନୀତିକାନ୍ତି ସମାପନ କରିଛନ୍ତି। ଲୋକାର୍ପଣ ଉତ୍ସବ ଦିନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବଡ଼ଦେଉଳର ଐଶାନ୍ୟ କୋଣରେ ଯଜ୍ଞ ଚାଲିଥିବାବେଳେ ଶ୍ରୀମନ୍ଦିରର ଚାରି ଦ୍ୱାରରେ କରାଯିବ ବେଦ ପାଠ ଓ ନାମ ସଂକୀର୍ତ୍ତନ। ୧୭ତାରିଖରେ ପ୍ରବଳ ଭିଡକୁ ଲକ୍ଷ୍ୟରେ ରଖି ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି। ଆଲୋକମାଳାରେ ଶ୍ରୀମନ୍ଦିର ଝଲସୁଛି। ଶ୍ରୀକ୍ଷେତ୍ର ଅପରୂପ ସୌନ୍ଦର୍ଯ୍ୟରେ ସଜେଇ ହୋଇଛି। ସମଗ୍ର ପୁରୀର ପରିପାଟି ବଦଳିଛି। ଯୁଆଡେ ଚାହିଁବ ଆଖି ଲାଖି ଯାଉଛି। ପ୍ରତିଟି କାରୁକାର୍ଯ୍ୟରେ ଉତ୍କଳର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ଝଲସୁଛି। ଜଗନ୍ନାଥଙ୍କ ଲୀଳା, ଭକ୍ତ-ଭଗବାନ ସମ୍ପର୍କ, ପୁରାଣ ଓ କିମ୍ବଦନ୍ତୀ କାହାଣୀର ଚିତ୍ରକୁ ଦେଖିବା ପାଇଁ, ଶ୍ରଦ୍ଧାଳୁମାନେ ଏବେ ପୁରୀ ମୁହାଁ ହୋଇଛନ୍ତି। କାଳିଆ ସାଆନ୍ତଙ୍କ ଡୋରି ଭକ୍ତଙ୍କୁ, ଶ୍ରୀକ୍ଷେତ୍ରକୁ ହାତ ଠାରୁଛି। ଶ୍ରୀମନ୍ଦିରରେ ଗହଳି ବି ହୋଇଛି।

# ସୁନେଲି ଆଲୋକରେ ଝଲସିବ ମେଘନାଦ ପାଚେରୀ



**ପୁରୀ(ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଶନିବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଓ ପ୍ରତିଷ୍ଠାକୁ ନେଇ ସମୀକ୍ଷା କରିଛନ୍ତି। ସନ୍ଧ୍ୟାରେ ପୁରୀ ଆସି ଶ୍ରୀମନ୍ଦିର ଚତୁର୍ପର୍ଶ୍ୱ ଓ ଶ୍ରୀସେତୁ, ଶ୍ରୀଦାଣ୍ଡ ଦେଖିବା ସହ ମେଘନାଦ ପାଚେରୀର ସୌନ୍ଦର୍ଯ୍ୟୀକରଣକୁ ଅନୁଧ୍ୟାନ କରିଥିଲେ। ତେବେ ଧଳା ଲାଇଟ ବଦଳରେ ସୁନେଲି ଲାଇଟରେ ମେଘନାଦ ପାଚେରୀକୁ ଆଲୋକିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପୁଣି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ସଫଳ ପାଇଁ ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଯଜ୍ଞସ୍ଥଳ ସହ ଦର୍ଶନ ବ୍ୟବସ୍ଥା, ସଭାସ୍ଥଳର ଅନୁଧ୍ୟାନ ବେଳେ ଜିଲ୍ଲାପାଳ, ଆଇଜି ଓ ଏସ୍‌ପିଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମହାପ୍ରଭୁଙ୍କ ଇଛାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ହୋଇଛି। ଜମିଦାନ କରିଥିବା ପରିବାରକୁ ଧନ୍ୟବାଦ ଜଣାଉଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କୁ ଦୁଇଟି ରାସ୍ତା ହୋଇଛି। ପ୍ରକଳ୍ପର ପ୍ରତିଷ୍ଠା ଉତ୍ସବକୁ ସମସ୍ତଙ୍କର ଅପେକ୍ଷା ରହିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିମନ୍ତ୍ରଣ ନେଇ କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ କହିଛନ୍ତି, ଶ୍ରୀକ୍ଷେତ୍ରରୁ ନିମନ୍ତ୍ରଣପତ୍ର ଆସିଛି। କିନ୍ତୁ ମୁଁ ଯଦି ଅନୁଭବ କରିବି ଏବଂ ଜଗନ୍ନାଥଙ୍କର ଯଦି ଡୋରି ଲାଗେ ନିଶ୍ଚୟ ଯିବି। ତେବେ ଯେପରି ଭାବେ ପରିକ୍ରମା ରଥ ବୁଲୁଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପ୍ରଭୁ ଜଗନ୍ନାଥଙ୍କ ଫଟୋ ସହିତ ଆଉ ଯେଉଁମାନଙ୍କର ଫଟୋ ଲାଗିଛି। ସେ ଫଟୋ ଲାଗିବା ପଛରେ ଉଦ୍ଦେଶ୍ୟ କଣ? ଏହା ରାଜନୀତି ନୁହେଁ ତ? ଏ କଥା ଓଡ଼ିଶାର ସାଢେ ଚାରି କୋଟି ଓଡ଼ିଆ ଏବଂ ଭାରତବର୍ଷର ଯେତେ ଜଗନ୍ନାଥପ୍ରେମୀ ଅଛନ୍ତି ଏହାକୁ ଖୁବ ନିକଟରୁ ଦେଖୁଛନ୍ତି। ଜଗନ୍ନାଥ ତାଙ୍କର ବିଚାର କରିବେ।

# 'ଶ୍ରୀକ୍ଷେତ୍ର ଓ ଶ୍ରୀ ଜଗନ୍ନାଥ' ଶୀର୍ଷକ ଏକ ଆଲୋଚନାଚକ୍ର




**ପୁରୀ(ବ୍ୟୁରୋ):** ଶ୍ରୀରାଧାରମଣ ଫାଉଣ୍ଡେସନ ର ୩୪ ତମ ପ୍ରତିଷ୍ଠା ଦିବସ ଅବସରରେ 'ଶ୍ରୀକ୍ଷେତ୍ର ଓ ଶ୍ରୀ ଜଗନ୍ନାଥ' ଶୀର୍ଷକ ଏକ ଆଲୋଚନା ଚକ୍ର ପୁରୀ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଗୁରୁ ଚରଣ ଦାସଙ୍କ ସଂଯୋଜନାରେ ଅୟୋଜିତ ଏହି ଆଲୋଚନା ଚକ୍ରକୁ ମାନ୍ୟବର ନ୍ୟାୟମୂର୍ତ୍ତି ମାନସ ରଞ୍ଜନ ପଟ୍ଟନାୟକ ଉଦଘାଟନ କରି ଶ୍ରୀ ଜଗନ୍ନାଥ ଚେତନାର ଉଦାରତା ହିଁ ଏହି ସଂସ୍କୃତିକୁ ବିଶ୍ୱବ୍ୟାପୀ କରିଛି ବୋଲି ମତ ରଖିଥିଲେ। ଯେଉଁ କେତେଜଣ ମହାପୁରୁଷ ଏହି ସଂସ୍କୃତି ର ବାର୍ତାବହ ସାଜିଥିଲେ ସେମାନଙ୍କ ମଧ୍ୟରେ ଶ୍ରୀ ଶ୍ରୀ ରାଧାରମଣ ଦେବ ହେଉଛନ୍ତି ଅନ୍ୟତମ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଦୈନିକ ଖବର କାଗଜ ରାଜଭୂମୀ ର ମୁଖ୍ୟ ସମ୍ପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକ ଯୋଗଦେଇ ମାନବ ସେବା ହିଁ ଜୀବନର ମୂଳଲକ୍ଷ୍ୟ ହେବା ଉଚିତ ବୋଲି ମତ ଦେବାସହ ଜଗନ୍ନାଥ ସଂସ୍କୃତି ବିଶ୍ୱରେ ସ୍ୱତଃ ପ୍ରସାରିତ ବୋଲି କହିଥିଲେ।ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଅତିଥି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ନିର୍ମଳା କୃତି ବିକାଶ ଟ୍ରଷ୍ଟ ର ଅଧ୍ୟକ୍ଷ ଇଂ ଦିଲ୍ଲିପ କୁମାର ପଟ୍ଟନାୟକ, ପୂର୍ବତନ ଶିକ୍ଷା ମଣ୍ଡଳାଧିଶ ବିଜୟ ଲକ୍ଷ୍ମୀ ଦାଶ, ଶିକ୍ଷାବିତ ସଦାଶିବ ମିଶ୍ର, ଡ଼ଃ ଶ୍ରୀନିବାସ ଆଚାର୍ଯ୍ୟ, ପଞ୍ଜାବ ନ୍ୟାସନାଲ ବାଙ୍କ ର ଆଞ୍ଚଳିକ ମହା ପ୍ରବନ୍ଧକ ପ୍ରଶାନ୍ତ ପଟ୍ଟନାୟକ, ଆୟୁର୍ବେଦାଚାର୍ଯ୍ୟ ଡାକ୍ତର ଏ ନାରାୟଣ ଆଚାରୀ, ସ୍ତମ୍ଭକାର ହରିଶଙ୍କର ମିଶ୍ର ଆଲୋଚନା ରେ ଭାଗ ନେଇ ନିଜ ନିଜର ମତ ଦେଇଥିଲେ। ଡାକ୍ତର ଶ୍ରୀ ଜଗନ୍ନାଥ ଆଚର୍ଯ୍ୟ ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ।ଉକ୍ତ ସଭାରେ ୧୦୦ ଜଣ ଛାତ୍ରଛାତ୍ରୀ ଙ୍କୁ ପଠନ ସାମଗ୍ରୀ ୪୦ ଜଣ ପରିବାରଙ୍କୁ କମ୍ବଳ ବସ୍ତ୍ର ବଣ୍ଟନ କରଣାଇଥିଲା। ଚଳିତ ବର୍ଷ ଶ୍ରୀ ମଧୁସୂଦନ ସ୍ମୃତି ପୁରସ୍କାର ଶ୍ରୀମତୀ ଶାନ୍ତିଲତା ମହାନ୍ତି ଓ ଶ୍ରୀ ରାଧାରମଣ ସ୍ମୃତି ପୁରସ୍କାର ଡାକ୍ତର ଏ ନାରାୟଣ ଆଚାରୀଙ୍କୁ ପ୍ରଦାନ କରାଯାଇଥିଲା।

# ଆୟୋଜିତ ବିଦ୍ୟାଳୟସ୍ତରୀୟ ସ୍ତୋତ୍ର ପ୍ରତିଯୋଗିତା

**ପୁରୀ(ବ୍ୟୁରୋ):** ଦେବଦେବୀଙ୍କୁ ଜାଣିଲେ ଶିଶୁମାନେ। ନିଜର ମହାନ୍ ସଂସ୍କୃତି ବିଷୟରେ ଅବଗତ ହେଲେ। ଭଲ ଭାବେ କଥା ସିଖି ନଥିବା ଶିଶୁ କଣ୍ଠ ରେ ଶୁଭିଲା ବିଭିନ୍ନ ଦେବଦେବୀଙ୍କ ଶ୍ଳୋକ ଓ ସ୍ତୋତ୍ର। ରବିବାର ପୂର୍ବାହ୍ନରେ ୟୁଥ୍ ହଷ୍ଟେଲରେ ଡା ଫୋଡିଲ୍ ନର୍ସରୀ ସ୍କୁଲ୍ ଓ କେଶବ ସୁଭଦ୍ରା ଫାଉଣ୍ଡେସନ ଦ୍ୱାରା ଆୟୋଜିତ ବିଦ୍ୟାଳୟ ସ୍ତରୀୟ ସ୍ତୋତ୍ର ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା।ଏଥିରେ ୧୩ ବିଦ୍ୟାଳୟର ୪୯ ଜଣ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବେ ମଞ୍ଚାଶୀନ ଥିଲେ ଡ ମହେଶ କୁମାର ପାଣିଗ୍ରାହୀ, ଡ ଅଜୟ କୁମାର ସାହୁ ଓ ଗବେସିକା ନିଶିଗନ୍ଧା ପଣ୍ଡା। କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରିଥିଲେ ବୈରାଗୀ ନାୟକ। ସଂଯୋଜନା କରିଥିଲେ ଡାଫୋଡିଲ୍ ନର୍ସରୀ ସ୍କୁଲ୍ ର ଅଧ୍ୟକ୍ଷ ଡ ଅଶ୍ୱିନୀ ମହାନ୍ତି। ଅଧ୍ୟକ୍ଷ ମହାନ୍ତି କୁହନ୍ତି ଶ୍ଳୋକ ଓ ସ୍ତୋତ୍ର ଉଚ୍ଚାରଣ ଦ୍ୱାରା ସକାରାତ୍ମକ ମାନସିକ କ୍ରିୟା ଘଟି ଶିଶୁର ବୌଦ୍ଧିକ ବିକାଶ ଘଟେ। ପୁଣି ଶିଶୁ ସମୟରୁ ମଣିଷ ହୃଦୟରେ ଆଧାତ୍ମିକତାର ସ୍ପର୍ଶ ପାଇ ଜୀବନ ସରଳ ଓ ସାବଲୀଳ ହୋଇଥାଏ। ଏହି ମହତ୍ ଉଦ୍ଦେଶ୍ୟ ରଖି ଆମ ବିଦ୍ୟାଳୟର ସମସ୍ତେ ମିଶି କୁନି କୁନି ପିଲାଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲୁ। ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନରେ ସାରସ୍ୱତ ବିଦ୍ୟା ନିକେତନର ଅଶ୍ୱି ବେହେରା, ଡି ଏ ଭି ପବ୍ଲିକ ସ୍କୁଲ ର ସୌମ୍ୟଅଂସୁ ମହାପାତ୍ର ୨ ୟ ଓ ସାରସ୍ୱତ ବିଦ୍ୟା ନିକେତନର ରୁଦ୍ରାନସୁ ମହାପାତ୍ର ତୃତୀୟ ଓ କନିଷ୍ଠ ବର୍ଗରେ ଡି ଏ ଭି ପବ୍ଲିକ ସ୍କୁଲ ର ସ୍ୱସ୍ତିକ୍ ଦାଶ ପ୍ରଥମ, ଡା ଫୋଡିଲ୍ ନର୍ସରୀ ସ୍କୁଲ୍ ର ଦେବଂଶୀ ମାନସିଂ ୨ ୟ ଓ ସାରସ୍ୱତ ବିଦ୍ୟା ନିକେତନ ର ଅନ୍ୱେଷା ସାହୁ ୩ ୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ଉତ୍ତମ ପ୍ରଦର୍ଶନ କରିଥିବା ବିଦ୍ୟାର୍ଥୀ ଙ୍କୁ ମଧ୍ୟ ସମ୍ମାନମୂଳକ ପୁରସ୍କାର ଦିଆଯିବ ବୋଲି ସ୍ଥିର ହୋଇଛି।

# ବେଦଜ୍ଞ ବ୍ରାହ୍ମଣ ସମାଜ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

**ପୁରୀ(ବ୍ୟୁରୋ):** ପୌଷ ମାସରେ କୌଣସି ଶୁଭ କାର୍ଯ୍ୟ ଆୟୋଜନ କରିବା ବିଧି ସମ୍ମତ ନୁହେଁ ମାତ୍ର ଦୁଃଖର ବିଷୟ ଗଜପତି ମହାରାଜ ଙ୍କ ଦ୍ୱାରା ପୌଷ ମାସରେ ବେଦଜ୍ଞ ଶ୍ରେଣୀର ବ୍ରାହ୍ମଣ ମାନଙ୍କୁ ବରଣ କରିବା ଯାହାକି ଶାସ୍ତ୍ର ବିରୋଧ । ତେଣୁ ମହାରାଜ ପରବର୍ତ୍ତୀ ସମୟରେ ଏମିତି ଭୂଲ ନକରନ୍ତୁ ବୋଲି ବେଦଜ୍ଞ ବ୍ରାହ୍ମଣ ସମାଜ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଓଡ଼ିଶା ବ୍ରାହ୍ମଣ ସମାଜର ଅଧ୍ୟକ୍ଷ ରତିକାନ୍ତ ଦାଶ ଶର୍ମା। ।ଅନ୍ୟପଟେ ପୌଷ ମାସ ଏକ ପୁରୁଷ ମାସ ହୋଇଥିବାରୁ ଏହି ମାସରେ କୌଣସି ଶୁଭ କାର୍ଯ୍ୟ କରିବା ଉଚିତ ନୁହେଁ ଏବଂ ମହାପ୍ରଭୁ ଙ୍କୁ




ଯେଉଁଭଳି ଭାବେ ମଟର ଯାନରେ ବସାଇ ସାରା ରାଜ୍ୟରୁ ଚାଉଳ ଏବଂ ଗୁଆ ସଂଗ୍ରହ କରାଯାଉଛି ତାହା ଦ୍ୱାରା ମହାପ୍ରଭୁଙ୍କ ମାନ କ୍ଷୁର୍ଣ୍ଣ ହେଉଛି ବୋଲି ଓଡ଼ିଶା ବ୍ରାହ୍ମଣ ସମାଜ ପକ୍ଷରୁ କୁହାଯାଇଛି ।ଏହି ସାମ୍ବାଦିକ ସମ୍ମିଳନୀ ରେ ଅନ୍ୟ ମାନଙ୍କ ମଧ୍ୟରେ ଆଚାର୍ଯ୍ୟ ସଭାପତି ନିରଞ୍ଜନ ମିଶ୍ର,ପଣ୍ଡିତ ମନୋଜ କୁମାର ଆଚାର୍ଯ୍ୟ,ଆଚାର୍ଯ୍ୟ ଆନନ୍ଦ କୁମାର ଶତପଥୀ,ଆଚାର୍ଯ୍ୟ ହରପ୍ରସାଦ ଦାସ ଶର୍ମା,ପଣ୍ଡିତ ହରମୋହନ ଆଚାର୍ଯ୍ୟ,ଆଚାର୍ଯ୍ୟ ବୈଦ୍ୟନାଥ ପଣ୍ଡା,ଆଚାର୍ଯ୍ୟ ଦୈତାରି ଦାସ ଶର୍ମା, ଶିବ ନାରାୟଣ ଦାଶ ,ଚନ୍ଦ୍ର ମାଧବ ଦିକ୍ଷୀତ ପ୍ରମୁଖ ଯୋଗଦାନ କରିଥିଲେ ।

## ଅପରୂପ ସୌନ୍ଦର୍ଯ୍ୟରେ ସଜେଇ ହୋଇଛି ଶ୍ରୀମନ୍ଦିର

# ଶେଷ ସ୍ପର୍ଶ ପାଇଛି ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ





**ପୁରୀ(ବ୍ୟୁରୋ):** ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ଶେଷ ସ୍ପର୍ଶ ପାଇଛି ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଲୋକାର୍ପଣ ପାଇଁ ହୋଇଛି ଭବ୍ୟ ଆୟୋଜନ। ଅପରୂପ ସେ?ନ୍ଦର୍ଯ୍ୟରେ ସଜେଇ ହୋଇଛି ଶ୍ରୀମନ୍ଦିର, ପରିକ୍ରମା ପ୍ରକଳ୍ପ ସହ ଶ୍ରୀକ୍ଷେତ୍ରର ପରିପାଟୀ। ମନ୍ତ୍ରପାଠରେ ଗୁଞ୍ଜରିତ ହେଉଛି ଆଧାତ୍ମିକ ସହର। ବଢ଼ିଚାଲିଛି ଉତ୍କଣ୍ଠା। ଶ୍ରୀକ୍ଷେତ୍ରର ଏହି ଭବ୍ୟ ଆୟୋଜନ ଭକ୍ତଙ୍କୁ ହାତଠାରି ଡାକିଲାଣି। ଦିନ କେଇଟାର ଅପେକ୍ଷା। ଦେଶର ପ୍ରତି କୋଣରୁ ସାଧୁସନ୍ଥଙ୍କ ସହ ୮୫୦ଜଣ ନିମନ୍ତ୍ରିତ ଅତିଥି ବି ଏହି ଭବ୍ୟ ଆୟୋଜନର ଭକ୍ତିରସରେ ଭିଜିବାକୁ ଅନାଇ ବସିଛନ୍ତି। ଜାନୁଆରି ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ଭବ୍ୟ ମହୋତ୍ସବ। ଏଥିପାଇଁ ଗତକାଲିଠାରୁ ଉତ୍ସବମୁଖର ହୋଇଛି ଶ୍ରୀକ୍ଷେତ୍ର। ଅଙ୍କୁରରୋପଣ ପରେ ଆଜି ଅଙ୍କୁରପୂଜନ ନୀତି ସଂପନ୍ନ ହୋଇଛି। ଆସନ୍ତାକାଲି ଯଜ୍ଞ ଅଧିବାସ ପରେ ଜାନୁଆରି ୧୫ ତାରିଖରେ ଶ୍ରୀମନ୍ଦିର ଐଶାନ୍ୟ କୋଣରେ ମହାଯଜ୍ଞ ଆରମ୍ଭ ହେବ। ଗଜପତି ମହାରାଜା ଦିବ୍ୟସିଂହ ଦେବ କର୍ତ୍ତା ଭାବେ ପୂଜାରେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଓ ଫଳକ ଲୋକାର୍ପଣ କରିବେ। ଏହି ଭବ୍ୟ ଆୟୋଜନରେ ସାମିଲ୍? ହେବାକୁ ଓଡ଼ିଶା ସହ ଦେଶ ବିଦେଶର ମଠ, ମନ୍ଦିରର ସାଧୁସନ୍ଥ, କାର୍ଯ୍ୟକର୍ତ୍ତାଙ୍କୁ ନିମନ୍ତ୍ରଣ କରାଯାଇଛି। କେଉଁଠୁ କେଉଁମାନେ ଆସୁଛନ୍ତି, ସେମାନଙ୍କ ତାଲିକା ସହ ରହିବା ଓ ଖାଇବା ବ୍ୟବସ୍ଥା ବି ସରିଛି। ଏବେଠୁ ୪୪ ପ୍ଲାଟୁନ୍ ଫୋର୍ସ ଓ ଶତାଧିକ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ବହୁ ପ୍ରଶାସନିକ ଅଧିକାରୀ ପଇଁତରା ମାରିବା ଆରମ୍ଭ କରି ଦେଇଛନ୍ତି। ଲୋକାର୍ପଣ ଉତ୍ସବ ପୂର୍ବରୁ ଆଜି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସହ ଅନ୍ୟ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଛନ୍ତି। ଆୟୋଜନର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା କହିଛନ୍ତି, ୧୭ ତାରିଖରେ ପ୍ରକଳ୍ପ ଲୋକାର୍ପଣ ହେବ। ତା' ପୂର୍ବରୁ ଆମେ ସମସ୍ତ ପ୍ରସ୍ତୁତି ସାରିଦେବୁ। ସବୁ କାମ ବି ସରି ଯାଇଛି। ସଫାସଫା କାମ ଚାଲିଛି, ଯାହା ସରିଯିବ। ଶେଷ ସମୟରେ ସୌନ୍ଦର୍ଯ୍ୟୀକରଣ ପାଇଁ ଯେଉଁ ନିଷ୍ପତ୍ତି ହୋଇଥିଲା, ତାହା ବି ଶେଷ ହୋଇଯାଇଛି। ଆଲୋକୀକରଣ ବ୍ୟବସ୍ଥା ବି ସରିଛି। ଶ୍ରୀଦାଣ୍ଡ କାମ ବି ଶେଷ ହୋଇଛି। କେବଳ ଲୋକାର୍ପଣର ଭବ୍ୟ ମୁହୂର୍ତ୍ତକୁ ଅପେକ୍ଷା। ଅଦ୍ୟାବଧି ସବୁକିଛି ସୁରୁଖୁରୁରେ ଚାଲିଛି। ଗତକାଲିଠାରୁ ଯଜ୍ଞ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, ଛତିଶାନିଯୋଗ, ସେବାୟତ, ପୁରୀ ସହରବାସୀ, ବିଶେଷ କରି ଯେଉଁମାନେ ଏହି ପ୍ରକଳ୍ପ ପାଇଁ ଖୁସିରେ ଜମି ଦାନ କରିଛନ୍ତି, ସେମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛି। ଯେଉଁ ପ୍ରକଳ୍ପ ୭ ଦିନ ପୂର୍ବରୁ ଅସମ୍ଭବ ମନେ ହେଉଥିଲା, ତାହା ଆଜି ପୂର୍ଣ୍ଣ ହୋଇଛି। ମହାପ୍ରଭୁଙ୍କ ଇଚ୍ଛା ଥିଲା, ଏହି ପ୍ରକଳ୍ପ ଭଲରେ ହେଉ। ରାଜ୍ୟ ସରକାର ଯେଉଁ ଆଭିମୁଖ୍ୟ ଥିଲା ଓ ମୁଖ୍ୟମନ୍ତ୍ରୀ ଯାହା ଚିନ୍ତା କରିଥିଲେ, ତାହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସୁରୁଖୁରୁରେ ଶେଷ ହୋଇଛି। ଶ୍ରୀମନ୍ଦିରକୁ ଆସିବାକୁ ଆମକୁ ଦୁଇଟି ରାସ୍ତା ମିଳିଗଲା। ପୂର୍ବରୁ ବଡ଼ଦାଣ୍ଡ ଥିଲା। ଏବେ ଶ୍ରୀସେତୁ ଦେଇ ଶ୍ରୀଜଗନ୍ନାଥ ବଲ୍ଲଭ ପାର୍କିଂରେ ପହଞ୍ଚି ପାର୍କିଂ ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆସି ପାରିବେ। ଯେତେ ଲୋକ ଆସିଲେ ବି ସମଙ୍ଗ ପାର୍କିଂରେ ସବୁ ଗାଡ଼ି ପାର୍କିଂ ହୋଇପାରିବ। ଏବେ ଶ୍ରୀମନ୍ଦିର ପାଖକୁ ଗାଡ଼ି ଆସିବା ଦରକାର ନାହିଁ। ସବୁ ପାର୍କିଂ ସ୍ଥଳରୁ ବ୍ୟାଟେରି ଚାଳିତ ବସ ଓ ଅଟୋ ଚାଲିବ। ଦର୍ଶନ ପାଇଁ ଆସୁଥିବା ଭକ୍ତ ସୁବିଧାରେ ଯାଆସ କରିପାରିବେ। ବାକି ଏବେ ଆମର ଦାୟିତ୍ୱରେ ଏହି ପ୍ରକଳ୍ପ ସବୁକୁ ସୁରକ୍ଷିତ ରଖିବା ଓ ଶ୍ରୀକ୍ଷେତ୍ରର ଆଧାତ୍ମିକତା ବଜାୟ ରଖିବା। ଶ୍ରୀସେତୁ ଲୋକାର୍ପଣ ଦିନ ଲୋକାର୍ପିତ ହେବ ବୋଲି ଶ୍ରୀ ଜେନା କହିଛନ୍ତି। ଜିଲ୍ଲାପାଳ ସମର୍ଥ ବର୍ମା କହିଛନ୍ତି, ଏ ଭିତରେ ଯଜ୍ଞର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ୧୫ ତାରିଖରୁ ଅଖଣ୍ଡଦୀପ ସ୍ଥାପନ କରାଯିବ। ମହାପ୍ରଭୁଙ୍କ କୃପାରୁ ସବୁକିଛି ଭଲରେ ଚାଲିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସଂପୂର୍ଣ୍ଣ ହୋଇଯାଇଛି। ବଡ଼ଦାଣ୍ଡ ଓ ପୁରୀ ସହର ସେ?ନ୍ଦର୍ଯ୍ୟୀକରଣ ଶେଷ ହୋଇସାରିଛି। ୧୭ ତାରିଖରେ ୮୫୦ଜଣ ଅତିଥି ଯୋଗଦେବେ। ଦେଶ ବିଦେଶରୁ ନିମନ୍ତ୍ରିତ ଅତିଥି ଏଥିରେ ଯୋଗଦେବେ। ଶ୍ରୀମନ୍ଦିର ସେବାୟତମାନେ ବି ଯୋଗଦେବେ। ଏଥିସହ ଓଡ଼ିଶାର ସମସ୍ତ ବିଧାୟକ ଓ ସାଂସଦଙ୍କୁ ବି ନିମନ୍ତ୍ରଣ କରାଯାଇଛି। ଦେଶର ସବୁ ସାଧୁସନ୍ଥଙ୍କୁ ଡକାଯାଇଛି। ୧୭ ତାରିଖରେ ସମସ୍ତଙ୍କୁ ଡାକିପାରୁନୁ। ୧୭ ତାରିଖରେ ପରେ ବାକି ସମସ୍ତେ ଆସିବେ, ମହାପ୍ରଭୁଙ୍କ ଦର୍ଶନ ସହ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରଦକ୍ଷିଣ କରିବେ ବୋଲି ଶ୍ରୀ ବର୍ମା କହିଛନ୍ତି।




# କିପରି କରିବେ ଜବ୍ ସର୍ଚ୍ଚ

ସମୟ ଥିଲା ଚାକିରୀଟିଏ ପାଇବା ପାଇଁ ଖବରକାଗଜର ପୃଷ୍ଠା ପରେ ପୃଷ୍ଠାକୁ ଲେଉଟାଇବାକୁ ହେଉଥିଲା ବା ନିର୍ଦ୍ଧିଷ୍ଟ କୌଣସି ଦିନ ଚାକିରି ସୁଯୋଗ ବାହାରିଲେ ତାକୁ ଦେଖିବା ପାଇଁ କୌଣସି ପୁସ୍ତକ ଷ୍ଟଲକୁ ଯିବାକୁ ହେଉଥିଲା। କିନ୍ତୁ ଏବେ ସମୟ ବଦଳିବା ସହିତ କଂପ୍ୟୁଟର ଇଣ୍ଟରନେଟ୍‌ର ଯୁଗ ଆରମ୍ଭ ହୋଇଯାଇଛି। ତେଣୁ ଆଗଭଳି ଏବେ ଆଉ କାହାକୁ ପେପର ଖୋଜିବା ଦରକାର ପଡ଼ିବ ନାହିଁ। ବାସ୍ ଏକ ଚୁଟ୍‌କୀରେ କଂପ୍ୟୁଟର ଖୋଲନ୍ତୁ ଓ ଇଣ୍ଟରନେଟ୍‌ରେ ସର୍ଚ୍ଚ କରନ୍ତୁ ନିଜ ମନପସନ୍ଦର ଚାକିରିକୁ। ଏଥିପାଇଁ ଲୋଡ଼ା ଖାଲି ଏହାର ସାଇଟ୍‌ଗୁଡ଼ିକୁ ଜାଣିବା।

ଆଜିର ସମୟରେ ଅନ୍‌ଲାଇନ୍ ଜବ ସର୍ଚ୍ଚକାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ତେଣୁ ଯୁବପିଢିମାନେ ଆଉ ଖବରକାଗଜ ନଲେଉଟାଇ କୌଣସି କାଫେରେ ଯାଇ ଜବ୍‌ସର୍ଚ୍ଚ କରୁଛନ୍ତି। ଚାକିରୀ ଖୋଜିବା ପାଇଁ ଆଗଭଳି ଆଉ ଛୁଟି ନେବାର ଆବଶ୍ୟକତା ପଡୁନିକି ଚାକିରୀ କରୁଥିବା ଲୋକଙ୍କୁ ମିଛ ବାହାନା କରିବାକୁ ହେଉନି। ଏସବୁ ଏବେ ପୁରୁଣା କଥା ହୋଇଗଲାଣି। ଯେବେଠାରୁ ଜବ୍‌ସାଇଟ୍‌ରେ ଏସବୁ ଉପଲବ୍ଧ ହେଲାଣି ସେବେଠାରୁ ଯୁବପିଢିମାନେ ନିଦ୍ୱନ୍ଦରେ ଘରେ ବସି ଚାକିରି ଖୋଜିବାର ସୁଯୋଗ ପାଇପାରୁଛନ୍ତି।

## କେମିତି ହୁଏ ପ୍ରକ୍ରିୟା:

ଜବ୍‌ସର୍ଚ୍ଚ ପାଇଁ ଯେକୌଣସି ଜବ୍‌ସାଇଟ୍ କୁ ଯାଇ ନିଜର ଡ଼ିଟେଲ୍ସକୁ ଲେଖନ୍ତୁ। କାରଣ ଅନେକ ବଡ଼ ବଡ଼ କମ୍ପାନୀ ପ୍ରାର୍ଥୀଙ୍କର ଯୋଗ୍ୟତାକୁ ଜାଣି ସେମାନଙ୍କୁ ନିଜ ଆଡୁ ଡ଼ାକିଥାନ୍ତି। ଏବେ ପ୍ରାୟକମ୍ପାନୀ ନିଯୁକ୍ତି ପାଇଁ ଜବ୍‌ସାଇଟ୍‌ର ସାହାରା ନେଉଛନ୍ତି , ତେଣୁ ଆପଣ ଏହି ସୁଯୋଗକୁ ହାତଛଡ଼ା କରନ୍ତୁନି।

## ନିଜର ପ୍ରୋଫାଇଲ କିପରି କରିବେ ?

ଆଜି ସାକ୍ଷାତକାର ଠାରୁ ନେଇ ପ୍ରବେଶ ପରୀକ୍ଷା ପର୍ଯ୍ୟନ୍ତ ସବୁକିଛି ଅନ୍‌ଲାଇନ୍ ମାଧ୍ୟମରେ କରାଯାଉଛି। ଏବେ ଆଇଟି, ଆଇଟିଏସ୍, ଆର୍ଥିକ ସେବା ସହିତ ଜଡ଼ିତ କମ୍ପାନୀ ଗୁଡ଼ିକ ପଚାଶ ପ୍ରତିଶତରୁ ଅଧିକ କର୍ମଚାରୀଙ୍କ ନିଯୁକ୍ତିକୁ ଇ- ନିଯୁକ୍ତି ମାଧ୍ୟମରେ କରୁଛନ୍ତି। ମାତ୍ର ମନେରଖନ୍ତୁ ଭଲ ଚାକିରୀଟିଏ ପାଇବାକୁ ଇଚ୍ଛୁକ ଥିଲେ ଆପଣଙ୍କ ବାୟୋଡ଼ାଟା କୁ ପ୍ରଭାବଶାଳୀ କରନ୍ତୁ। ଏଣୁ ଆପଣଙ୍କୁ ପ୍ରଥମେ ଯେକୌଣସି ଜବ୍ ପୋର୍ଟାଲରେ ରେଜିଷ୍ଟ୍ରେସନ କରିବାକୁ ହେବ।

## ରେଜିଷ୍ଟ୍ରେସନ କାଳୀନ ସାବଧାନତା

ରେଜିଷ୍ଟ୍ରେସନ ପାଇଁ ଆପଣଙ୍କୁ ଏକ ଅନ୍‌ଲାଇନ୍ ଫର୍ମ ଭରିବାକୁ ହେବ। ଏହି ଫର୍ମରେ ଆପଣଙ୍କର ନାମ, ଠିକଣା, ଇ-ମେଲ ଆଇଡ଼ି, ମୋବାଇଲ୍ ନମ୍ବର, ଶିକ୍ଷାଗତ ଓ ବ୍ୟବସାୟିକ ଯୋଗ୍ୟତା, ଦକ୍ଷତା, କାଟେଗୋରୀ ତଥା ଏକ୍ସପେରିଏନ୍ସ ସମ୍ବନ୍ଧରେ ସମସ୍ତ ସୂଚନା ଦେବାକୁ ହୋଇଥାଏ। ଏହି ପ୍ରକ୍ରିୟାରେ ଆପଣଙ୍କୁ ଲଗ୍ ଇନ୍ ଆଇଡ଼ି, ପାସ୍‌ୱାର୍ଡ଼ବି ଦେବାକୁ ହୋଇଥାଏ , ଯାହାଦ୍ୱାରାକି ଭବିଷ୍ୟତରେ ଆପଣ ସାଇଟ୍‌ରେ ଲଗ୍‌ଇନ୍ କରି ଜବ୍‌ସର୍ଚ୍ଚ ବା ନିଜର ପ୍ରୋଫାଇଲ ଅପ୍‌ଡ଼େଟ୍ କରିପାରିବେ। ଏହି ଫର୍ମ ବିଭିନ୍ନ ସାଇଟ୍‌ରେ ଭିନ୍ନ ଭିନ୍ନ ଭାବେ ରହିଥାଏ। ମାତ୍ର ଏସବୁର ଏକମାତ୍ର ଉଦ୍ଦେଶ୍ୟ ଅଟେଯେ ଆପଣଙ୍କୁ ପ୍ରୋଫାଇଲ୍ ସମ୍ବନ୍ଧରେ ସୂଚନା ଏକାଠି କରିବାକୁ ହୋଇଥାଏ। ଏହାଦ୍ୱାରା ଆପଣଙ୍କର ଅନ୍‌ଲାଇନ୍ ରିଜ୍ୟୁମ୍ କ୍ରିଏଟ୍ ହୋଇଯାଏ।

## ଆବେଦନର ପ୍ରାରୂପ:

ଚାକିରୀ ଖୋଜିବା ପାଇଁ ସାଇଟ୍ ଉପରେ ଗୋଟିଏ ଲିଙ୍କ ରହିଥାଏ। ଏଥିରେ କ୍ଲିକ୍ କଲେ ଏକ ନୂତନ ୱେବ୍‌ପେଜ୍ ଖୋଲିଯାଏ। ଏହି ପେଜ୍‌ରେ ଆପଣଙ୍କୁ ନିଜର ମନ ପସନ୍ଦ ଜବ୍ ସମ୍ବନ୍ଧରେ ସୂଚନା ମଗାଯାଏ। ଅର୍ଥାତ ସ୍କିଲ, ଲୋକେସନ୍, ଦକ୍ଷତା, ଦରମା ପ୍ରଭୃତିକୁ ଲେଖି କ୍ଲିକ୍ କଲେ ଆପଣଙ୍କ ପାଇଁ ଏକ ନୂତନ ପେଜ୍ ଖୋଲିଯାଏ।, ଯେଉଁଥିରେକି ବିଭିନ୍ନ ପ୍ରକାରର ଜବ୍ସ ଉପଲବ୍ଧ ହୋଇଥାଏ। ଆପଣ ଯେଉଁ କ୍ଷେତ୍ର ପାଇଁ ନିଜକୁ ଦକ୍ଷ ବୋଲି ମନେ କରୁଥାନ୍ତି, ଏହାପାଇଁ ସିଧାସଳଖ ଆବେଦନବି କରିପାରିବେ। ଆପଣଙ୍କର ଏହି ଆବେଦନ ଇମେଲ୍ ଭାବରେ ଜବ୍‌ପୋଷ୍ଟ କରୁଥିବା କମ୍ପାନୀ ନିକଟକୁ ଚାଲିଯାଏ। ଏହାପରେ ଯଦି ଆପଣଙ୍କର ପ୍ରୋଫାଇଲ, କୌଣସି କମ୍ପାନୀ ମନକୁ ମାନିଥାଏ, ତେବେ ଇମେଲ୍ ବା ଫୋନ୍ ଜରିଆରେ ଆପଣ ଆଗାମୀ ପ୍ରକ୍ରିୟାକୁ ଆରମ୍ଭ କରିପାରିବେ।

## କମ୍ପାନୀ ମଧ୍ୟ କରନ୍ତି ସର୍ଚ୍ଚ

ଯେମିତି କୌଣସି ବ୍ୟକ୍ତି ଜବ୍‌ସର୍ଚ୍ଚ କରେ, ଠିକ୍ ସେମିତି କମ୍ପାନୀକୁ ବି ଉତ୍ତମ କାର୍ଯ୍ୟ କରିପାରୁଥିବା ଲୋକର ଆବଶ୍ୟକତା ରହିଥାଏ। ସେମାନେ ମଧ୍ୟ ଜବ୍‌ସାଇଟ୍‌କୁ ଯାଇ ରିଜ୍ୟୁମ୍ ସର୍ଚ୍ଚ କରନ୍ତି। ଏଣୁ ଆପଣଙ୍କୁ ଆପଣଙ୍କର ପ୍ରୋଫାଇଲ୍‌ରେ ଠିକ୍ ଠିକ୍ ତଥ୍ୟ ଅପ୍‌ଡ଼େଟ୍ ସୂଚନା ରଖିବା ଉଚିତ। ଯଦି ଆପଣ ଗମ୍ଭୀରତା ଭାବେ ଜବ୍ ସର୍ଚ୍ଚ କରୁଛନ୍ତି, ତେବେ ନିଜର ଦକ୍ଷତା, ଅନୁଭବ ଓ ଲୋକେସନ୍ ଇତ୍ୟାଦିର ବିସ୍ତୃତ ସୂଚନା ଦିଅନ୍ତୁ।

## ଏମ୍ପ୍ଲୟମେଣ୍ଟ ଏଜେନ୍ସୀର ଭୂମିକା

ଆଜିକାଲି ରୋଜଗାର ଦେବାରେ ଜବ୍ ପ୍ଲେସ୍‌ମେଣ୍ଟ ଏଜେନ୍ସୀର ଭୂମିକା ବହୁତ ବଢିବାରେ ଲାଗିଛି। ରାଜଧାନୀ ଦିଲ୍ଲୀରେ ହଜାରରୁ ଅଧିକ ପ୍ଲେସ୍ ମେଣ୍ଟ ଏଜେନ୍ସୀ ରହିଥିବା ବେଳେ ଭୁବନେଶ୍ୱରରେବି ଏହାଠାରୁ କୌଣସି ଗୁଣରେ କମ୍ ନାହିଁ। ତେବେ ଏଜେନ୍ସୀ ଗୁଡ଼ିକ ଏହି ପ୍ରକ୍ରିୟା ପାଇଁ କିଛି ଶୁଳ୍କ ୧୦୦ରୁ ୫୦୦ ପର୍ଯ୍ୟନ୍ତ ନେଇଥାନ୍ତି। ଏହି ଜବ୍‌ଏଜେନ୍ସୀଙ୍କ ନିକଟକୁ କିଛି କମ୍ପାନୀର ରିକ୍ୱାରମେଣ୍ଟବି ଆସିଥାଏ। ଏଥିରେ କୌଣସି ପ୍ରୋଫାଇଲ ମ୍ୟାଚ୍ କରିଥାଏତ, ତେବେ ତାଙ୍କୁ ତତ୍କାଳ କଲ୍ କରାଯାଏ।



# ଯୁବସଂକଳ୍ପର ତୂର୍ଯ୍ୟନାଦ-ୟୁଥ୍ ପାର୍ଲାମେଣ୍ଟ

ଅମାନିଆ ମନରେ ଅସୁମାରୀ ଆଶା। ଜୀବନରେ ସଫଳତାର ମଧୁସ୍ୱର୍ଶ କରିବା ସମସ୍ତଙ୍କ ଲକ୍ଷ୍ୟ। ଏହାରି ଭିତରେ ରାଜନୀତିର ପଶାପାଲି ଖେଳ ଟିକେ ନିଆରା। ଏ ଖେଳରେ ଏମିତି ଆକର୍ଷଣ ଯେ ଏହା ସଭିଙ୍କୁ ଆକର୍ଷିକ କରିପାରେ। ରାଜା ମାନଙ୍କର ନୀତିକୁ ରାଜନୀତି ବୋଲି କୁହାଯାଏ। ଗଣତନ୍ତ୍ରର ପରିସୀମା ଭିତରେ ରାଜନୀତି ଶବ୍ଦର ଗୁରୁତ୍ୱ ଅନେକ। ଏଠି ବାହୁବଳ କି କ୍ଷମତାବଳ ନୁହେଁ ବରଂ କଠୋର ମନୋବଳ ହିଁ ପ୍ରକୃତ ଅସ୍ତିତ୍ୱ। ଜାଣିବା ଓ ଜିଣିବାର ଏକ ଅପୂର୍ବ ସମନ୍ୱୟ ରାଜନୀତିରୁ ହିଁ ଶିଖିବାକୁ ମିଳେ। ପାର୍ଲାମେଣ୍ଟ- ଗଣତନ୍ତ୍ରର ମନ୍ଦିର। ଯେଉଁଠାରୁ ଶାସନର ସଂଜ୍ଞା ଆରମ୍ଭ ହୁଏ ଆଉ ଯିଏ ରାଜନୀତି ସିନ୍ଦୁକର ଅଦୃଶ୍ୟ ଚାବିକାଠି। ଏବର ଯୁବସମାଜ ରାଜନୀତିର ମରିଚିକା ପଛରେ ଧାଉଁଛନ୍ତି ସତ ହେଲେ ପ୍ରକୃତରେ ଆଜିର ଯୁବସମାଜ ହିଁ ଭବିଷ୍ୟତରେ ଏହାର ପରିମାପକ ହେବେ, ଏଥିରେ ସନ୍ଦେହ ନାହିଁ। ବହୁ ଅଭିଜ୍ଞ ରାଜନେତା ଯୁବାବସ୍ଥାରୁ ହିଁ ରାଜନୀତି ଆରମ୍ଭ କରି ଆଜି ସଫଳ ହୋଇପାରିଛନ୍ତି। ଇତି ମଧ୍ୟରେ ୟୁଥ୍ ପାର୍ଲାମେଣ୍ଟର ଆଭିମୁଖ୍ୟ ଅତି ସ୍ୱତନ୍ତ୍ର। ଆଜିର ଯୁବପିଢ଼ିଙ୍କ ପାଇଁ ଏହା ଏକ ପରିବ୍ୟାପ୍ତ ମାଇଲଖୁଣ୍ଟ। ଯାହା ସେମାନଙ୍କୁ ନିଜ ମଧ୍ୟରେ ଥିବା ଆତ୍ମବିଶ୍ୱାସକୁ ବଢ଼ାଇବାରେ ସାହାଯ୍ୟ କରିବା ସହ ଏକତାର ମନ୍ତ୍ରରେ ଦୀକ୍ଷିତ କରାଏ। ମିଳିମିଶି କାମ କରିବାର ଶିକ୍ଷା ସହିତ ଜାତୀୟ ସ୍ତରରେ ନିଜ ମତ ଉପସ୍ଥାପନ କରିବାର କୌଶଳ ବି ଶିଖାଏ। ଆମେରିକାରେ ସର୍ବପ୍ରଥମେ ୨୦୦୦ ମସିହାରେ ଆରମ୍ଭ ହୋଇଥିବା ୟୁଥ୍ ପାର୍ଲାମେଣ୍ଟ ୧୧ରୁ୧୮ ବର୍ଷ ବୟସର ଯୁବପିଢ଼ିଙ୍କୁ ସରକାରଙ୍କ ଆଗରେ ସ୍ୱମତ ଉପସ୍ଥାପନ କରିବାର ସୁଯୋଗ ଦିଆଯାଇଥିଲା। ସୁତରାଂ ଏହା ଯୁବପିଢ଼ୀଙ୍କ ପାଇଁ ମାଧ୍ୟମ ନୁହଁ ବରଂ ଯୁବସଂକଳ୍ପର ତୂର୍ଯ୍ୟନାଦ। ନବ ଭାରତର ସ୍ୱର ହିଁ ଯୁବ ସଂସଦ। ତେବେ ଏ ସମ୍ପର୍କରେ ଯୁବପିଢ଼ୀମାନେ କଣ କୁହନ୍ତି , ଆସନ୍ତୁ ଶୁଣିବା ..............।

ସାମ୍ବିଧାନିକ ବିଧିବ୍ୟବସ୍ଥା ବିଷୟରେ ସମ୍ୟକ ଜ୍ଞାନ ଆହରଣ ନିମନ୍ତେ ଯୁବସଂସଦ ବା ୟୁଥ୍ ପାର୍ଲାମେଣ୍ଟ ଏକ ସୁନ୍ଦର ବ୍ୟବସ୍ଥା। ମାତ୍ର ସୀମିତ କ୍ଷମତା ଯୋଗୁଁ ଏହାର କାର୍ଯ୍ୟ ପରିସର ବ୍ୟାପକ ହୋଇପାରୁନାହିଁ। ଏହା ଛଡ଼ା ନିତିଗତ ନିଷ୍ପତ୍ତି କ୍ଷେତ୍ରରେ ଏହାର କୌଣସି ଅସ୍ତିତ୍ୱ ନାହିଁ କହିଲେ ଚଳେ। ଏ ଧାରା ବଜାୟ ରହିଲେ ଯୁବ ସଂସଦ କେବଳ ଏକ ପାଠ୍ୟପୁସ୍ତକର ବିଷୟ ହୋଇ ରହିବ।

ସୌମ୍ୟଶ୍ରୀ ପାଣିଗ୍ରାହୀ
ସହକାରୀ ଜିଲ୍ଲାପାଳ , ଭଦ୍ରକ





ରାଷ୍ଟ୍ରନିର୍ମାଣରେ ରାଷ୍ଟ୍ର ଚରିତ୍ର ଗଠନ ଏକାନ୍ତ ଆବଶ୍ୟକ। ୨୦୨୨ରେ ଏକ ନୂଆ ଭାରତର ପରିକଳ୍ପନାରେ ଯୁବକଯୁବତୀ ମାନଙ୍କର ଭୂମିକାକୁ ନେଇ ଆରମ୍ଭ ହୋଇଥିବା ୟୁଥ୍ ପାର୍ଲାମେଣ୍ଟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ରାଷ୍ଟ୍ରହିତରେ କାମ କରିବା ଓ ଆମ ରାଷ୍ଟ୍ରକୁ ବିଶ୍ୱଗୁରୁ କରିବାର କଟିବଦ୍ଧିତାର ସ୍ୱରକୁ ଶାଣିତ କରିବା ପାଇଁ ୟୁଥ୍ ପାର୍ଲାମେଣ୍ଟର ଆବଶ୍ୟକତା ନିତାନ୍ତ ଆବଶ୍ୟକ।

ସମ୍ବିତ ମହାନ୍ତି,
ସଭାପତ, ଭାରତୀୟ ଜନତା
ଯୁବମୋର୍ଚ୍ଚା,ବାସୁଦେବପୁର

## ସାକ୍ଷାତକାର- ଡି. ଶୁଭମ୍

ଏବର ଯୁବସମାଜ ନିଜମଧ୍ୟରେ ଅତୁଟ ଇଚ୍ଛାଶକ୍ତି ଓ ଉଦ୍ଦମନାର ପରିଚୟ ଦେଇ ବାହ୍ୟ ଆବରଣକୁ ପରିତ୍ୟାଗ କରି ଦେଶ ପାଇଁ କିଛି କରିବାର ଅହେତୁକ ସ୍ପୃହା ସତରେ ପ୍ରଶଂସନୀୟ। ଆଜିର ଗଣତନ୍ତ୍ରରେ ଏମାନଙ୍କ ଭୂମିକା ଅପରିହାର୍ଯ୍ୟ। ନିଜର ଏହି ଇଚ୍ଛାଶକ୍ତି ହିଁ ଦିନେ ସେମାନଙ୍କୁ ଲୋକଲୋଚନରେ ପରିଚିତ କରାଇବାରେ ସାହାଯ୍ୟ କରିବ। ତେଣୁ ଯୁବସମାଜ ନିଜ ମତ ପ୍ରକାଶ କରିବାର ଶ୍ରେଷ୍ଠ ମାଧ୍ୟମ ଯୁବ ସଂସଦ।

ଚିନ୍ମୟ ଜେନା , ପୁରୀ



ୟୁଥ୍ ପାର୍ଲାମେଣ୍ଟ ଯୁବକମାନଙ୍କର ବହୁ ଅନ୍ତର୍ନିହିତ କାର୍ଯ୍ୟଦକ୍ଷତାକୁ ବିକଶିତ କରିବା ସହ ସର୍ବସାଧାରଣରେ ନିଜର ଅଭିମତକୁ ପରିପ୍ରକାଶ କରିବାର ପ୍ରତିବଦ୍ଧତାକୁ ଆଲୋକପାତ କରାଏ। ଚିନ୍ତା ଓ ଚେତନାର ଶକ୍ତି ସହିତ ବିଶ୍ୱସ୍ତରରେ ନିଜକୁ ପରିଚିତ କରାଇବାର ଏକ ମାଧ୍ୟମ ଯୁବ ସଂସଦ। ଏହା ଛଡ଼ା ଯୁବକମାନଙ୍କୁ ନିଜ ଜ୍ଞାନର ବିକାଶ ସହିତ ସଫଳତାର ଦିଗରେ ଅଗ୍ରସର ହେବାକୁ ପ୍ରେରଣା ଯୋଗାଏ।

ରାଜା ଅଭିଜିତ୍ କୁଣ୍ଡୁ
ଯୁବନେତା , ଭଦ୍ରକ



ସମ୍ପାଦକ- ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର ,ଭଦ୍ରକ
ମୋ - ୯୪୩୮୪୬୭୦୭୯

# କୃଷି ମେଳାରେ ଆଇକାଡ଼ାର ସମ୍ଭାର



**ଭୁବନେଶ୍ୱର, (ବ୍ୟୁରୋ):** ସ୍ଥାନୀୟ ଜନତା ମଇଦାନ ପରିସରରେ ଆୟୋଜିତ କୃଷି ଓଡିଶା-୨୦୨୪ ମେଳାରେ ଦେଖିବାକୁ ମିଳିଛି ବିହନ ବର୍ଗୀକରଣ ଯନ୍ତ୍ର, ଯାହାକି ଥିଲା ମୁଖ୍ୟ ଆକର୍ଷଣ । ବିଭିନ୍ନ ରକମର ଶସ୍ୟ ଜାତୀୟ ଫସଲର ମଞ୍ଜି/ ବିହନ ଯଥା- ହରଡ, ମୁଗ, ବିରି, ବୁଟ, ବାଜରା ଇତ୍ୟାଦି । ଅଧିକ ଡାଲି, ଉତ୍ପାଦନକ୍ଷମ ଜମି, ଉନ୍ନତ ବିହନ, ଗୋଷ୍ଠୀର ପ୍ରୟାସକୁ ସଶକ୍ତ କରିବା ଦିଗରେ ଆଇକାଡ଼ା (ଅନ୍ତଃରାଷ୍ଟ୍ରୀୟ ଶୁଷ୍କାଞ୍ଚଳ କୃଷି ଗବେଷଣା ସଂସ୍ଥାନ) କୃଷି ମେଳାରେ ଖୋଲିଛି ସମ୍ଭାର । ଉକ୍ତ ଷ୍ଟଲକୁ କୃଷକ, କୃଷି ବୈଜ୍ଞାନିକ ଓ ଛାତ୍ରଛାତ୍ରି ବୁଲିବା ସହ କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡଃ. ରାଜେଶ ଦାଶ, ଓୟୁଏଟିର ଭାଇସ୍ ଚାନ୍ସେଲର ଡଃ. ପି. କେ. ରାଉଳ, ଡିନ୍ ପ୍ରଶେନ୍‌ଜିତ ମିଶ୍ର, ଡଃ. ଏସ୍.କେ. ସ୍ୱାଇଁ, ଓଡିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଭବେଶ କୁମାର ନାୟକ, ଡେପୁଟି ଜେନେରାଲ ମ୍ୟାନେଜର ଆଦିତ୍ୟ କୁମାର ପଣ୍ଡା ପ୍ରମୁଖ ପରିଦର୍ଶନ କରିଥିଲେ । ଆଇକାଡ଼ାର ଡଃ. କିଶୋର କୁମାର ବେହେରା ଓ ଅନ୍ୟାନ୍ୟ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ କଳାକୃତି ପ୍ରଦର୍ଶନ

**ଭୁବନେଶ୍ୱର, (ବ୍ୟୁରୋ):** ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ଭୁବନେଶ୍ୱର ଜନତା ମଇଦାନ ଠାରେ ଚାଲିଥିବା ମହିଳା କୃଷି ଗ୍ରାଣ୍ଡ ଏକ୍ସପୋ ରେ ନିଜର କଳାକୃତି ପ୍ରଦର୍ଶନ କରିଛନ୍ତି । ଏହା ଚଳିତ ମାସ ରୁ ୧୨-୧୪ ଜାନୁୟାରୀ ପର୍ଯ୍ୟନ୍ତ ଚାଲିବ । ସେ ନିର୍ମାଣ କରିଥିବା ବାଲୁକା କଳାରେ ୨୨ ଟନ୍ ବାଲି ବ୍ୟବହାର କରିଥିଲେ ।ଏହାକୁ ନିର୍ମାଣ କରିବା ପାଇଁ ୧୦ ଘଣ୍ଟା ତାଙ୍କୁ ଲାଗିଥିଲା । ଏହା ୧୦ ଫୁଟ ଉଚ୍ଚତା ୨୫ ଫୁଟ ଲମ୍ବ ଏବଂ ୨୦ ଫୁଟ ଚଉଡା ବିଶିଷ୍ଟ ହୋଇଥିଲା । ଏହି କଳାକୃତି ମାଧ୍ୟମରେ ସେ ଦର୍ଶାଇଛନ୍ତି ଯେ ସରକାରୀ କୃଷକ କିପରି ଉପକୃତ ହେବେ । ବିଶେଷ ଭାବରେ ସେ ଏଠାରେ କାନକ ଜୈବ ବିଜ୍ଞାନ ଏବଂ ଅନୁସନ୍ଧାନ କ୍ଷୁଙ୍କସ୍ପ.କ୍ଷସ୍ପୟ କୃଷକମାନଙ୍କୁ କିପରି ଉପଦେଶ ଦେଉଛି ତାହା ଦର୍ଶାଇଛନ୍ତି । କୃଷି ଏବଂ କୃଷକର ଅବଦାନ ପାଇଁ ସେ ଓଡିଶା, ମିଶନ୍ ଶକ୍ତି ଏବଂ ନବୀନ ଓଡିଶାଙ୍କୁ ବିଶେଷ ଧନ୍ୟବାଦ ଦେଇଛନ୍ତି ।

# ଯୁବକଙ୍କୁ ତଣ୍ଟି କାଟି ହତ୍ୟା: କମ୍ବଳ ତଳୁ ମୃତଦେହ ଜବତ

**ବାଲିଅନ୍ତା, (ବ୍ୟୁରୋ):** ଆଜି ରାତିରେ ବାଲିଅନ୍ତା ଥାନା ପୁଲିସ ବାଲକାଟି ଫାଣ୍ଡି ଅନ୍ତର୍ଗତ ସାଗୁଆ ଗ୍ରାମରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି । ମୃତକ ହେଲେ ବିପିନ ବିହାରୀ ନାୟକଙ୍କ ବଡ଼ପୁଅ ବିଶ୍ୱଜିତ ନାୟକ(୪୩) ଓରଫ ବାବୁ । ବାବୁଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଥିବା ଜଣାପଡ଼ିଛି । ତାଙ୍କ ତଣ୍ଟିକୁ କୌଣସି ଧାରୁଆ ଅସ୍ତ୍ରରେ କାଟି ଦିଆଯିବା ପରେ ମୃତଦେହକୁ କମ୍ବଳ ଘୋଡ଼ାଇ ରଖାଯାଇଛି । ଏହି ଅଘଟଣ ପ୍ରାୟ ୨ ଦିନ ତଳେ ଘଟିଥିବା ଅନୁମାନ କରାଯାଉଛି । ହତ୍ୟାକାରୀ କିଏ ଓ କ'ଣ ପାଇଁ ବାବୁଙ୍କୁ ହତ୍ୟା କରିଛି, ତାହା ସ୍ପଷ୍ଟ ହୋଇପାରିନାହିଁ । ପୁଲିସ ମୃତଦେହକୁ ଜଗିରହିଛି ଏବଂ ଆସନ୍ତାକାଲି ସକାଳେ ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ମୃତଦେହର ପଞ୍ଚନାମା କରାଯିବ ବୋଲି ପୁଲିସ ସୂଚନା ଦେଇଛି । ଘଟଣା ପଦାକୁ ଆସିବା ପରେ ସାଗୁଆ ଗାଁରେ ଚାଞ୍ଚଲ୍ୟ ଖେଳିଯାଇଛି । ବାବୁ ଅଧିକାଂଶ ସମୟରେ ଭୁବନେଶ୍ୱରରେ ରହୁଥିଲେ । ଗତ ଦୁଇ ଦିନ ତଳେ ସେ ଗାଁକୁ ଆସିଥିଲେ । ଗାଁରେ ଏକ ଅଲଗା ଘର କରି ଏକାକୀ ରହୁଥିଲେ । ତେଣୁ ଗାଁରେ ଥିଲେ ବି ତାଙ୍କ ବାପା ବିପିନ ଏ ବାବଦରେ କିଛି ଜାଣିପାରିନଥିଲେ । ଆଜି ବାବୁଙ୍କ ସାନ ଭାଇ ରଞ୍ଜିତ ତାଙ୍କୁ ବାରମ୍ବାର ଫୋନ୍ କରିଥିଲେ ବି ବାବୁ କୌଣସି ଜବାବ ଦେଇନଥିଲେ । ତେଣୁ ରଞ୍ଜିତ ସନ୍ଦେହ କରି ସାନ ମା'ଙ୍କ ପୁଅ ନଟିଆକୁ ବାବୁଙ୍କ ଖବର ବୁଝିବାକୁ କହିଥିଲେ । ନଟିଆ ଆଜି ସନ୍ଧ୍ୟାରେ ବାବୁଙ୍କ ଘରକୁ ଯିବା ବେଳକୁ ଘର ଅନ୍ଧାର ଥିବା ଦେଖିଥିଲେ । ଭିତରୁ ଦୁର୍ଗନ୍ଧ ଆସୁଥିବାରୁ ନଟିଆଙ୍କର ସନ୍ଦେହ ବଢ଼ିଥିଲା । ସେ ଝରକା ବାଟେ ଟର୍ଚ୍ଚ ଲାଇଟ୍‌ରେ କମ୍ବଳ ତଳେ ରକ୍ତ ଜୁଡୁବୁଡୁ ମୃତଦେହ ଦେଖି ତୁରନ୍ତ ରଞ୍ଜିତଙ୍କୁ ଫୋନ୍ କରିଥିଲେ । ଖବର ପାଇ ଭୁବନେଶ୍ୱରରୁ ଯାଇ ରଞ୍ଜିତ ଗାଁରେ ପହଞ୍ଚିବା ସହ ବାଲିଅନ୍ତା ଥାନା ପୁଲିସକୁ ଜଣାଇଥିଲେ ।

# ଗୋଦରେଜ୍ ଇଂଟେରିଓ ପକ୍ଷରୁ ଉତମ ଓ ସବୁଜ ଉତ୍ପାଦରୁ ୪୨ ପ୍ରତିଶତ ଆୟ ହାସଲ ଲକ୍ଷ୍ୟ

**ଭୁବନେଶ୍ୱର, (ବ୍ୟୁରୋ):** ଗୋଦରେଜ୍ ଗ୍ରୁପ୍‌ର ସଂସ୍ଥା ଗୋଦରେଜ୍ ଇଂଟେରିଓ ପକ୍ଷରୁ ପରିବେଶ ଅନୁକୂଳ ସ୍ଥାୟୀ ଉତ୍ପାଦର ଚାହିଦାରେ ବୃଦ୍ଧି ପରିଲକ୍ଷିତ ହୋଇଛି । ତେଣୁ ଉତମ ଓ ସବୁଜ ଉତ୍ପାଦରୁ କଂପାନି ୨୦୨୩-୨୪ ଆର୍ଥିକ ବର୍ଷରେ ୪୨ ପ୍ରତିଶତ ଆୟହାସଲ କରିବାକୁ ଲକ୍ଷ୍ୟ ରଖିଛି । ୨୦୩୨ ସୁଦ୍ଧା ଏହି ବର୍ଗରୁ କଂପାନି ଏହାର ୫୦ ପ୍ରତିଶତ ରାଜସ୍ୱ ହାସଲ କରିବାକୁ ଯୋଜନା ପ୍ରସ୍ତୁତ କରିଛି । ମୂଳ କଂପାନିର ସମାନ ମୂଲ୍ୟବୋଧ ଓ ଦର୍ଶନକୁ ଅନୁସରଣ କରି ଗୋଦରେଜ୍ ଇଂଟେରିଓ ଉତମ ଓ ସବୁଜ (ଗୁଡ୍ ଆଣ୍ଡ୍ ଗ୍ରିନ୍) ଲକ୍ଷ୍ୟ ହାସଲ କରିବାକୁ ସ୍ଥିର କରିଛି । କଂପାନି ସ୍ଥାନୀୟ ଯୋଗାଣ ଶୃଙ୍ଖଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛି । ବର୍ତମାନ ୯୪ ପ୍ରତିଶତ ସ୍ଥାନୀୟ ବ୍ୟବସାୟ ସ୍ଥାନୀୟ ମୂଲ୍ୟ ଶୃଙ୍ଖଳାରୁ ଆସୁଛି । ଶକ୍ତି ଅନୁକୂଳ, ଜଳ ସଂରକ୍ଷଣ, ଅକ୍ଷୟ ଶକ୍ତି ବ୍ୟବହାର, ସବୁଜ ଘର ବାଷ୍ପ ନିର୍ଗମନ, ବର୍ଜ୍ୟ ପରିଚାଳନା, ଉପକରଣ ସଂରକ୍ଷଣ, ରିସାଇକ୍ଲିଂ, ସବୁଜ ଯୋଗାଣ ଶୃଙ୍ଖଳ ଏବଂ ସବୁଜ ଭିତିଭୂମି ଉପରେ ଯୋଗାଣକାରୀମାନଙ୍କ ସହ ମିଶି ଗୋଦରେଜ୍ ଇଂଟେରିଓ କାମ କରୁଛି । ଏକ ଉତମ ଭାବେ ସମନ୍ୱିତ ଯୋଗାଣ ଶୃଙ୍ଖଳ ଜରିଆରେ କଂପାନି ଅଭିବୃଦ୍ଧି ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରୁଛି । ଗୋଦରେଜ୍ ଇଂଟେରିଓର ବରିଷ୍ଠ ଉପସଭାପତି ଓ ବ୍ୟବସାୟ ମୁଖ୍ୟ ସ୍ୱପ୍ନୀଲ ନାଗରକର କହିଛନ୍ତି ଯେ, 'ଗୋଦରେଜ ଇଂଟେରିଓରେ ଆମେ ଆମର ବ୍ୟବସାୟିକ ପ୍ରତିଯୋଗିତାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଭାବରେ ଏକ ସ୍ଥାୟୀ ଏବଂ ସୁସମନ୍ୱିତ ଯୋଗାଣ ଶୃଙ୍ଖଳା ବିକଶିତ କରିବାକୁ ଉଚ୍ଚ ପ୍ରାଥମିକତା ଦେଉଛୁ । ଆମର ବିଶ୍ୱାସ ରହିଛି ଯେ ଏକ ଶକ୍ତିଶାଳୀ, ଦକ୍ଷ, ବିଶ୍ୱସନୀୟ ଏବଂ ସ୍ଥିର ଯୋଗାଣ ଶୃଙ୍ଖଳା ଆମର ବ୍ୟବସାୟ ଅଭିବୃଦ୍ଧିକୁ ଆଗକୁ ନେବାରେ ସହାୟକ ହେବ । ଏହା ଏକ ଶକ୍ତିଶାଳୀ ଯୋଗାଣକାରୀ କାର୍ଯ୍ୟକ୍ରମ, ଗୁଣବତା ମୂଲ୍ୟାଙ୍କନ ଏବଂ ଲୋକାଲାଇଜେସନ୍ ରଣନୀତି ମାଧ୍ୟମରେ ହାସଲ କରାଯାଉଛି । ଆମର ବିୟଣ୍ଡ ସୋର୍ସିଂ ଯୋଗାଣକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଏକ ଯୋଗାଣ ଶୃଙ୍ଖଳା ବ୍ୟବସ୍ଥା ବିକାଶ କରୁଛୁ ଯାହା ଆମର ଗ୍ରାହକମାନଙ୍କୁ ସେମାନଙ୍କ ପସନ୍ଦର ଉତ୍ପାଦ ପ୍ରଦାନ କରିବଯାହା ଏକ ସବୁଜ ଏବଂ ଅଧିକ ଆତ୍ମନିର୍ଭରଶୀଳ ଭବିଷ୍ୟତ ନିର୍ମାଣ କରିବା ଦିଗରେ ଆମର ପ୍ରତିବଦ୍ଧତା ସହିତ ସଂଯୁକ୍ତ । ସେ କହିଛନ୍ତି ଯେ ଆମର ସ୍ଥାୟୀତତ୍ୱ ରଣନୀତି ପରିବେଶ-ସଚେତନ ସାମଗ୍ରୀ ଏବଂ ଏର୍ଗୋନୋମିକାଲ ଡିଜାଇନ୍ ହୋଇଥିବା ଆସବାବପତ୍ରର ବିସ୍ତାରକୁ ପ୍ରାଥମିକତା ଦେଉଛି ।'ଗ୍ରିନ୍‌ପ୍ରୋ ସାର୍ଟିଫାଏଡ୍ ଆସବାବପତ୍ର ଉତ୍ପାଦ ଉପରେ ଆମର 'ଗ୍ରୀନ୍ ଆସ୍ୟୁରଡ୍' ଲୋଗୋ ଏକ ମାର୍ଗଦର୍ଶକ ଆଲୋକ ଭାବରେ କାର୍ଯ୍ୟ କରୁଛି ଯାହା ଗ୍ରାହକମାନଙ୍କୁ ପରିବେଶ ଅନୁକୂଳ ଏବଂ ସୁସ୍ଥ ପସନ୍ଦ ଆଡକୁ ଆଗେଇ ନେଉଛି ।ଉନ୍ନତ ଡିଜାଇନ୍ ତଥା ଇନିୟରିଂ ସାମଗ୍ରୀ ଏବଂ ଦକ୍ଷ ପ୍ରକ୍ରିୟାର ବ୍ୟବହାର ମାଧ୍ୟମରେ ଗୋଦରେଜ୍ ଇଂଟେରିଓ କମ୍ ସାମଗ୍ରୀ ବ୍ୟବହାର ସହିତ ଚେୟାର ତିଆରି କରୁଛି, କିନ୍ତୁ ତାହାର ଉଚ୍ଚ କାର୍ଯ୍ୟଦକ୍ଷତା ରହିଛି ଯାହା ଗ୍ରାହକଙ୍କୁ ଅଧିକ ଲାଭ ପ୍ରଦାନ କରୁଛି ।

# ଉଠାଦୋକାନୀ ଉଚ୍ଛେଦ ବେଆଇନ: ପୁରୀ ପୌର ପରିଷଦ ଅଧିକାରୀଙ୍କ ଦାଦାଗିରି

**ଭୁବନେଶ୍ୱର, (ବ୍ୟୁରୋ):** ପୁରୀ ସହରରେ ଗତ କିଛିଦିନ ହେଲା ଯେଉଁଭଳି ଭାବରେ ପୁରୀ ପୌର ପରିଷଦ ଷ୍ଟ୍ରିଟ ଭେଣ୍ଡର୍ସ ଆଇନ ନ ମାନି ଉଚ୍ଛେଦ କରିଚାଲିଛି ତାହା ବେଆଇନ ଦର୍ଶାଇ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ କୁମାର ସାହୁ, ପୁରୀ ଜିଲ୍ଲା ସମ୍ପାଦକ ପ୍ରଦୀପ କୁମାର ନାୟକ, ରାମଚନ୍ଦ୍ର ସାହୁ ପ୍ରମୁଖ ପୁରୀ କାର୍ଯ୍ୟନିର୍ବାହୀ ଅଧିକାରୀ, ପୁରୀ ମ୍ୟୁନିସିପାଲିଟି, ପୁରୀ ଜିଲ୍ଲାପାଳ ଏବଂ ପୁରୀ କୋଣାର୍କ ଉନ୍ନୟନ କର୍ତୃପକ୍ଷକଙ୍କୁ ଏକ ୬ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଶ୍ରୀଯୁକ୍ତ ସାହୁ କହିଛନ୍ତି ପୁରୀ ସହରରେ ପାଖାପାଖି ୪ ହଜାରରୁ ଅଧିକ ଉଠା ଦୋକାନୀ ଦୋକନ କରି ନିଜର ଜୀବନ ଜୀବିକା ବଞ୍ଚାଇବା ସହ ନିଜର ପରିବାର, ପିଲାଛୁଆଙ୍କର ମଧ୍ୟ ଦୁଃଖସୁଖ ବୁଝିଥାନ୍ତି । ଏତଦ୍‌ବ୍ୟତୀତ ସେମାନେ ପି.ଏମ୍ ସୋ ନିଧି ଯୋଜନାରେ ବହୁ ଦୋକାନୀ ଲୋନ୍ ନେଇ ବେପାର ବୃତି କରିଥାନ୍ତି । ଯାହାଫଳରେ ପୁରୀ ସହରରେ ଯଦି ଦେଖାଯାଏ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ୧୬ ହଜାର ଲୋକ ଏହି ଦୋକାନୀ ମାନଙ୍କ ଉପରେ ନିର୍ଭର କରି ସେମାନଙ୍କ ପରିବାର ଭରଣ ପୋଷଣ କରିଥାନ୍ତି । ଖାଲି ସେତିକି ନୁହେଁ, ବହୁ ଚାଷୀମାନଙ୍କର ସାମଗ୍ରୀ ଆଣି ବେପାର କରିଥାନ୍ତି ଏବଂ ପୁରୀ ଜିଲ୍ଲାରେ ଥିବା ଛୋଟ ଛୋଟ କତାଶିଳ୍ପ, କୁଟୀର ଶିଳ୍ପ କାରିଗରମାନଙ୍କର ସାମଗ୍ରୀ ଆଣି ପୁରୀ ସହରରେ ବେପାରବୃତି କରିଥାନ୍ତି । କିନ୍ତୁ ବଡ଼ ଦୁଃଖର କଥା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଚାରିପାଖରେ ଭୋଗ, ଦୀପ, ଫୁଲ, ଫଳ, ବିଭିନ୍ନ ପ୍ରକାର ଭଗବାନଙ୍କ ମୂର୍ତି, ଶଙ୍ଖଜାତୀୟ ଦ୍ରବ୍ୟ, ବିଭିନ୍ନ ପ୍ରକାର ମାଳି ଭଳି ସାମଗ୍ରୀ ଭକ୍ତମାନଙ୍କୁ ବିକ୍ରି କରିଥାନ୍ତି । କିନ୍ତୁ ଗତ କିଛିଦିନ ତଳେ ପୁରୀ ମ୍ୟୁନିସିପାଲିଟି ସମ୍ବିଧାନର ଧାରା ୧୯(୧) (ଛ) ଓ ଉଠା ଦୋକାନୀ ଆଇନକୁ ନ ମାନି ସେମାନଙ୍କୁ ଉଚ୍ଛେଦ କରିଛନ୍ତି ଏବଂ ମନ୍ଦିର ପାଖରୁ ମେଡ଼ିକାଲ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରୁ ୨ହଜାରରୁ ଉର୍ଦ୍ଧ୍ୱ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିଛନ୍ତି । ସେଥିମଧ୍ୟରୁ କିଛି ଦୋକାନୀମାନଙ୍କୁ ମାସିକ ୧୫ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ଆଉ ବହୁ ଉଠାଦୋକାନୀ ଅର୍ଥ ପାଇବାରୁ ବଂଚିତ ହୋଇଛନ୍ତି ଯାହାକି ଉଠାଦୋକାନୀ ଆଇନ ବିରୋଧୀ । ଷ୍ଟ୍ରିଟ ଭେଣ୍ଡର୍ସ ଆକ୍ଟ ଚାପ୍ଟର-୨ର ୩ ନମ୍ବରରେ କୁହାଯାଇଛି ଯେ, ଆପଣମାନେ ଉଠାଦୋକାନୀଙ୍କୁ ଉଚ୍ଛେଦ କରିପାରିବେ ନାହିଁ । ଯଦି ଉଚ୍ଛେଦ ଦରକାର ପଡ଼େ, ତାହେଲେ ଆପଣମାନେ ପ୍ରଥମେ ଉଠାଦୋକାନୀଙ୍କ ମତ ନେବେ, ସର୍ଭେ କରିବେ, ସାର୍ଟିଫିକେଟ ଦେବେ । ଯଦି ଦୋକାନୀମାନେ ଅନ୍ୟତ୍ର ଯିବା ପାଇଁ ରାଜି ହୁଅନ୍ତି, ତେବେ ଦୋକାନୀମାନଙ୍କୁ ଉଚ୍ଛେଦ ହୋଇପାରିବ, ଯଦି ରାଜି ନହୁଅନ୍ତି, ତେବେ ଉଚ୍ଛେଦ କରାଯାଇ ପାରିବ ନାହିଁ । ନିୟମକୁ ପାଳନ କରାଯାଇ ନାହିଁ ଯାହାକି ଆମେ ଦୁଃଖ ପ୍ରକାଶ କରୁଅଛୁ । ଦାବିଗୁଡ଼ିକ ହେଲା : ଆଇନ ଅନୁଯାୟୀ ପୁରୀ ସହରରେ ଯିଏ ଯେଉଁ ଜାଗାରେ ଉଠାଦୋକାନ କରି ବେପାର କରୁଛନ୍ତି, ସେହି ଜାଗାକୁ ଭେଣ୍ଡିଂଜୋନ ଘୋଷଣା କରାଯାଉ ।

# ସର୍ବାଧିକ ବିକାଶମୂଳକ କାର୍ଯ୍ୟ ହେଉଥିବା ରାଜ୍ୟ ଭାବେ ଉଭା ହୋଇଛି ଓଡ଼ିଶା: ମନ୍ତ୍ରୀ ଅଶୋକ ପଣ୍ଡା

**ଭୁବନେଶ୍ୱର, (ବ୍ୟୁରୋ):**କୃଷି କ୍ଷେତ୍ରରେ ମହିଳାମାନଙ୍କୁ ସଶକ୍ତ କରିବା ଏବଂ କୃଷି ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆଜି ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଆଇଆର୍‌ଆର୍‌ଆଇ), ମିଶନ ଶକ୍ତି ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଓଡ଼ିଶା ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗ ଏବଂ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏକ ପ୍ରମୁଖ କାର୍ଯ୍ୟକ୍ରମ 'କୃଷି ଓଡ଼ିଶା ୨୦୨୪'ର ଦ୍ୱିତୀୟ ଦିବସରେ ଏହି ଗୁରୁତ୍ୱପୂର୍ଣ୍ଣ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି ଯେ, '୧୯୯୯ ମହାବାତ୍ୟା ପରେ ଓଡ଼ିଶାରେ ଅନେକ କିଛି ପରିବର୍ତନ ଘଟିଛି । ରାଜ୍ୟର ବଜେଟ୍ ଆକାର ୧୧ ହଜାର କୋଟି ଟଙ୍କାରୁ ବୃଦ୍ଧି ପାଇ ୨ ଲକ୍ଷ ୩୦ ହଜାର କୋଟିରେ ପହଂଚିଛି । ଓଡ଼ିଶା ଏବେ ଦେଶର ସବୁଠୁ ଅଧିକ ବିକାଶମୂଳକ କାର୍ଯ୍ୟ ହେଉଥିବା ରାଜ୍ୟରେ ପରିଣତ ହୋଇଛି । ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ଏକ ଉଦାହରଣ ପାଲଟିଛି । ବିପର୍ଯ୍ୟୟ ମୁକାବିଲା ଓ ଖାଦ୍ୟ ପରିଚାଳନା କ୍ଷେତ୍ରରେ ଜାତିସଂଘ ଭଳି ସଂସ୍ଥା ଓଡ଼ିଶାକୁ ପ୍ରଶଂସା କରିଛନ୍ତି ବୋଲି ସେ କହିଛନ୍ତି । 'କୃଷି ଓଡ଼ିଶା ୨୦୨୪ରେ ପ୍ରଦର୍ଶିତ ହୋଇଥିବା



ଜ୍ଞାନକୌଶଳ ଓ ଯନ୍ତ୍ରପାତିଗୁଡ଼ିକୁ ଭଲ ଭାବେ ଜାଣି ଚାଷ କାମରେ ତାହାକୁ ସଦୁପଯୋଗ କରିବା ଲାଗି ସେ ଚାଷୀଭାଇମାନଙ୍କୁ ଆହ୍ୱାନ ଦେଇଛନ୍ତି । ମାନ୍ୟବର ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ ଉଭୟ ରାଜ୍ୟ ଓ ଦେଶର କୃଷି କ୍ଷେତ୍ରର ବିକାଶରେ ମହିଳା କୃଷକଙ୍କ ଅପରିହାର୍ଯ୍ୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ମହିଳା କୃଷକଙ୍କ ବିନା ଆମ ରାଜ୍ୟ ତଥା କୃଷି କ୍ଷେତ୍ରରେ ଦେଶର ବିକାଶ କଳ୍ପନା କରାଯାଇ ପାରିବ ନାହିଁ । ମୁଖ୍ୟ ଶାସନ ସଚିବ ଆଇଏଏସ୍ ପ୍ରଦୀପ କୁମାର ଜେନା କୃଷିର ବିକାଶ ପାଇଁ ମହିଳାଙ୍କ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ । ନିଜକୁ କୃଷି ଉଦ୍ୟୋଗୀ ଏବଂ ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)କୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ୟୁନିଟରେ ପରିଣତ କରିବା ପାଇଁ ସେ କୃଷକମାନଙ୍କୁ ଅନୁରୋଧ କରିଥିଲେ । ମୁଁ ଆଶା କରୁଛି ଆମର ମିଶନ ଶକ୍ତି କାର୍ଯ୍ୟକ୍ରମ ଦେଶ ପାଇଁ ଆଦର୍ଶ ପାଲଟିବ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ କୃଷି ଓଡ଼ିଶା ୨୦୨୪ରେ ୩୦ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନିତ କରାଯିବା ସହ ଏହି କୃଷି ସଂସ୍ଥାଗୁଡ଼ିକର ଉଲ୍ଲେଖନୀୟ ସଫଳତା ଉପରେ ଆଲୋକପାତ କରାଯାଇଥିଲା । ଏହି ଐତିହାସିକ କାର୍ଯ୍ୟକ୍ରମକୁ ସ୍ମରଣୀୟ କରିବା ପାଇଁ 'ମିଶନ ଶକ୍ତି' ଏବଂ 'ମୁଖ୍ୟମନ୍ତ୍ରୀ କୃଷି ଯୋଜନା' ନାମକ ଦୁଇଟି କଫି ଟେବୁଲ ପୁସ୍ତକ ଉନ୍ମୋଚନ କରାଯାଇଥିଲା, ଯେଉଁଥିରେ ଏହି ପ୍ରଭାବଶାଳୀ କାର୍ଯ୍ୟକ୍ରମ ଅଧୀନରେ ପଦକ୍ଷେପ ଏବଂ ଉପଲବ୍ଧି ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା । ମିଶନ ଶକ୍ତି ଅଧୀନରେ ପ୍ରାୟ ୭୦ ଲକ୍ଷ ମହିଳା ସକ୍ରିୟ ଭାବରେ ଅଂଶଗ୍ରହଣ କରୁଛନ୍ତି, ଯାହା କୃଷି କ୍ଷେତ୍ରରେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଏକ ପରିବର୍ତନଶୀଳ ଯୁଗ ।

# ଜନ୍ମମାଟିର ସ୍ୱାଭିମାନ ରକ୍ଷା ପାଇଁ ଶହୀଦ ପଦ୍ମନାଭ ଛୋଟରାୟ ଶହୀଦ ହୋଇଥିଲେ

**ଭୁବନେଶ୍ୱର, (ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ବଡ଼ଗଡ଼ ଗ୍ରାମବାସୀ ଓ ଶହୀଦ ପଦ୍ମନାଭ ଛୋଟରାୟ ସ୍ମୃତି ସଂସଦ ଆନୁକୂଲ୍ୟରେ ଖୋର୍ଦ୍ଧା ପାଇକ ବିଦ୍ରୋହର ଅନ୍ୟତମ ଦୁର୍ଦ୍ଧଶ ସେନାପତି ବଡ଼ଗଡ଼ ଗ୍ରାମର ଯୋଗ୍ୟ ଦାୟାଦ ଶହୀଦ ପଦ୍ମନାଭ ଛୋଟରାୟଙ୍କ ୨୦୧ତମ ବଳିଦାନ ଦିବସ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ବଡ଼ଗଡ଼ ତାଙ୍କ ପୈତୃକ ଗ୍ରାମସ୍ଥିତ ପ୍ରତିମୂର୍ତିସ୍ଥଳୀରେ ବିଭାଗର ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭାବପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର ପ୍ରତାପ ଜେନା, କର୍ପୋରେଟର ଅଜିତ୍ ବେହେରା, ଜିତେନ୍ଦ୍ର ମାର୍ଥା ବ୍ରଜବନ୍ଧୁ ପରିଡ଼ା, ଯତୀନ୍ଦ୍ର ମୋହନ ଛୋଟରାୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ, ଗିରିଜା ଶଙ୍କର ମହାପାତ୍ର, ଗନ୍ଧର୍ବସେନ ପାତ୍ର, ଲକ୍ଷ୍ମୀଧର ଶ୍ରୀଚନ୍ଦନ, ସୁଧୀର କୁମାର ପରିଡ଼ା, ଇତିଶ୍ରୀ ବାରିକ, ହରପ୍ରିୟା ପାଟଯୋଶୀ, ଲିପକ ମହାନ୍ତି, ସନ୍ତୋଷ ସେଠୀ, ବିକ୍ରମ ଦାସ, ଶିକ୍ଷାବିତ୍ ବୀରକିଶୋର ପ୍ରଧାନ, ସରୋଜ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରତିମୂର୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବକ୍ତାମାନେ ନିଜ ବକ୍ତବ୍ୟରେ ଶହୀଦ ପଦ୍ମନାଭ ଛୋଟରାୟ ବ୍ରିଟିଶ୍ କବଳରୁ ଖୋର୍ଦ୍ଧା ମାଟିର ସୁରକ୍ଷା ପାଇଁ ସଂଘର୍ଷ ଆରମ୍ଭ କରିଥିଲେ । ବକ୍ସି ଜଗବନ୍ଧୁଙ୍କ ଅତ୍ୟନ୍ତ ପ୍ରିୟ ସେନାପତି ଭାବରେ ବ୍ରିଟିଶ୍ ଶକ୍ତିକୁ ଥରହର କରିଥିଲେ । ପରବର୍ତ୍ତୀ ଅବସ୍ଥାରେ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ସେ ବ୍ରିଟିଶ୍ ହାତରେ ଧରାପଡ଼ି ଅବିଚାରିତ ଭାବରେ ମୃତ୍ୟୁ ଦଣ୍ଡରେ ଦଣ୍ଡିତ ହୋଇଥିଲେ । ତାଙ୍କ ତ୍ୟାଗ ଓ ବଳିଦାନ ଏ ଜାତିକୁ ଦେଶପ୍ରେମରେ ଅନୁପ୍ରାଣିତ କରିଆସୁଛି ବୋଲି ମତ ଦେଇ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ କ୍ରୀଡା ପ୍ରଶିକ୍ଷକ ପ୍ରଶାନ୍ତ ବେହେରା ଓ ଯୁବ ପ୍ରତିଭା ରଶ୍ମିତା ଭୋଇଙ୍କୁ ଶହୀଦ ପଦ୍ମନାଭ ଛୋଟରାୟ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ଅଧିକ୍ଷକ ଅଶ୍ୱିନୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୨ ନମ୍ବର ୱାର୍ଡରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା

**ଭୁବନେଶ୍ୱର, (ବ୍ୟୁରୋ):** ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉପଲକ୍ଷେ ଆଜି ବିଏମସି ୧୨ ନମ୍ବର ୱାର୍ଡରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି । କର୍ପୋରେଟର ଜୟନ୍ତୀ ସାହୁଙ୍କ ନେତୃତ୍ୱରେ ପ୍ରେସ ଛକ କାଳୀ ମନ୍ଦିର ପରିସରରେ ଅନୁଷ୍ଠିତ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥି ରାଜ୍ୟ ମତ୍ସ୍ୟ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର, ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର, ଜୋନାଲ ଡେପୁଟି କମିଶନର ସ୍ୱାଗତ ଦାସ, ଡେପୁଟି କମିଶନର ପ୍ରିୟଦର୍ଶିନୀ ଜେନା, ୱାର୍ଡ ଅଧିକାରୀ ରବିନାରାୟଣ ମିଶ୍ର, ବରିଷ୍ଠ ମୁରବି ଜନକର ସାହୁ, ଭଗବାନ ଦାଶ, ସୁକାନ୍ତ ରାଉତ ପ୍ରମୁଖ ଯୋଗଦେଇଥିଲେ । ଅର୍ପଣ ରଥକୁ ପୂଜାର୍ଚ୍ଚନା କରାଯାଇ ସଂକୀର୍ତନ, ଘଂଟା, ଶଙ୍ଖ ହରିବୋଲ, ହୁଳହୁଳି ଓ ଜୟ



ଜଗନ୍ନାଥ ଧ୍ୱନିରେ ୱାର୍ଡ ପରିକ୍ରମା କରାଯାଇଥିଲା । ୱାର୍ଡବାସୀଙ୍କ ମନରେ ଅପୂର୍ବ ଆନନ୍ଦ ଉଲ୍ଲାସ ଦେଖାଯାଇଥିଲା । ପ୍ରତ୍ୟେକ ଘର ଆଗରେ ମହିଳାମାନେ ଝୋଟି ଚିତା ପକାଇ କଳସ ବସାଇ ରଥକୁ ବନ୍ଦାପନା କରି ଅରୁଆ ଚାଉଳ ଗୁଆ ଅର୍ପଣ କରିଥିଲେ । ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ, ମହିଳା, ଯୁବକମାନେ ଯୋଗଦାନ କରିଥିଲେ ।

# ଟ୍ୟାଲେଂଟ୍‌ସ୍ପ୍ରିଂଟ୍ ପକ୍ଷରୁ ମହିଳା ଇନିୟର କାର୍ଯ୍ୟକ୍ରମର ଷଷ୍ଠ ସଂସ୍କରଣର ଶୁଭାରମ୍ଭ

**ଭୁବନେଶ୍ୱର, (ବ୍ୟୁରୋ):** ଏକ ବିଶ୍ୱସ୍ତରୀୟ ଏଡ୍‌ଟେକ୍ କମ୍ପାନି ଟ୍ୟାଲେଂଟ୍‌ସ୍ପ୍ରିଂଟ୍ ପକ୍ଷରୁ ଗୁଗୁଲ ଦ୍ୱାରା ସମର୍ଥିତ ଏହାର ମହିଳା ଇନିୟର୍ସ (ଡବ୍ଲୁଇ) କାର୍ଯ୍ୟକ୍ରମର ଷଷ୍ଠ ସଂସ୍କରଣ ଶୁଭାରମ୍ଭ ଘୋଷଣା କରାଯାଇଛି । ଷଷ୍ଠ ସଂସ୍କରଣରେ ଦେଶର ବିଭିନ୍ନ ସାମାଜିକ ଅର୍ଥନୈତିକ ପୃଷ୍ଠଭୂମିର ପ୍ରଥମ ବର୍ଷର ମହିଳା ଇନିୟରିଂ ଛାତ୍ରୀମାନଙ୍କୁ ୨୦୦ ସିଟ୍ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ୧୦୦% ଶିକ୍ଷାବୃତି ଅନ୍ତର୍ଭୁକ୍ତ ଯେଉଁଥିରେ ପ୍ରୋଗ୍ରାମ ଫି'ଏବଂ ଅତିରିକ୍ତ ୧୦୦,୦୦୦ ଟଙ୍କାର ନଗଦ ବୃତି ସାମିଲ ରହିଛି । ମହିଳା ଇନିୟର୍ସ ପ୍ରୋଗ୍ରାମ ଇନିୟରିଂରେ କ୍ୟାରିୟର କରୁଥିବା ମହିଳାମାନଙ୍କୁ ଉତ୍ସାହିତ ଏବଂ ସମର୍ଥନ କରୁଛି । ଆର୍ଥିକ ସହାୟତା ଏବଂ ଅନନ୍ୟ ସୁଯୋଗ ପ୍ରଦାନ କରି ଏହି କାର୍ଯ୍ୟକ୍ରମ ଆଶାୟୀ ଏବଂ ଯୋଗ୍ୟ ମହିଳା ଇନିୟରମାନଙ୍କୁ ସେମାନଙ୍କର ଶିକ୍ଷାଗତ ଏବଂ ବୃତିଗତ ଲକ୍ଷ୍ୟ ହାସଲ କରିବା ପାଇଁ ସଶକ୍ତ କରିବାକୁ ଚେଷ୍ଟା କରୁଛି । ଆର୍ଥିକ ସହାୟତା ବ୍ୟତୀତ ମନୋନୀତ ଛାତ୍ରଛାତ୍ରୀମାନେ ଗୁଗୁଲ୍ ଇନିୟରଙ୍କ ସହ ମେଂଟରସିପ୍ ପ୍ରୋଗ୍ରାମ, ବୁଟ୍ କ୍ୟାମ୍ପ, ନେଟୱାର୍କିଂ ଇଭେଂଟ୍‌ର ଆକସେସ୍ ଏବଂ ଯୁବ ମହିଳା ଇନିୟରମାନଙ୍କୁ ସେମାନଙ୍କ ଭବିଷ୍ୟତ ପ୍ରଯୁକ୍ତି କ୍ୟାରିୟର ପାଇଁ ଏକ ମଜଭୁତ ଭିତିଭୂମି ନିର୍ମାଣ କରିବାରେ ସାହାଯ୍ୟ କରିବା ପାଇଁ ସମ୍ଭାବ୍ୟ କ୍ୟାରିୟର ସୁଯୋଗ ସମେତ ଅନେକ ସୁବିଧା ମିଳିପାରିବ । ଏହି ଘୋଷଣା ଉପରେ ମନ୍ତବ୍ୟ ଦେଇ ଗୁଗୁଲର ଭିପି/ଜିଏମ୍ ଶିବ ଭେଙ୍କଟରମଣ କହିଛନ୍ତି ଯେ, 'ମହିଳା ଇନିୟର୍ସ ପ୍ରୋଗ୍ରାମ ପାଇଁ ଟ୍ୟାଲେଂଟ୍‌ସ୍ପ୍ରିଂଟ୍‌କୁ ସମର୍ଥନ କରି ଆମେ ଆନନ୍ଦିତ, କାରଣ ଏହା ଲିଙ୍ଗଗତ ବ୍ୟବଧାନକୁ ଦୂର କରିବା ପ୍ରକ୍ରିୟାରେ ଏହି ଶିଳ୍ପବ୍ୟାପୀ ଜରୁରୀ ଆବଶ୍ୟକତାକୁ ପୂରଣ କରିବା ସହିତ ଅଭିଜ୍ଞତା ଏବଂ ଦୃଷ୍ଟିକୋଣର ବିବିଧତା ପ୍ରଯୁକ୍ତିବିଦ୍ୟାର ଭବିଷ୍ୟତ ନିର୍ଧାରଣକୁ ସୁନିଶ୍ଚିତ କରିବ । ସମସ୍ତଙ୍କ ଉଜ୍ଜ୍ୱଳ ଏବଂ ଉନ୍ନତ ଭବିଷ୍ୟତ ପାଇଁ ସମାଧାନ କରିବାର ସାମର୍ଥ୍ୟକୁ ଉନ୍ମୋଚନ କରି ଏହି ପରବର୍ତୀ ପିଢ଼ିର ଇନିୟର ଏବଂ ଲିଡରମାନେ ଯେଉଁ ପରିବର୍ତନ ଆଣିବେ ତାହାକୁ ଆମେ ଅପେକ୍ଷା କରିଛୁ ।'' ଟ୍ୟାଲେଂଟ୍‌ସ୍ପ୍ରିଂଟ୍‌ର ପ୍ରତିଷ୍ଠାତା ସିଇଓ ତଥା ଏମଡି ଡ. ଶାନ୍ତନୁ ପଲ୍ କହିଛନ୍ତି ଯେ, 'ଟ୍ୟାଲେଂଟ୍‌ସ୍ପ୍ରିଂଟ୍‌ରେ ଆମେ ଶିକ୍ଷାର ପରିବର୍ତନଶୀଳ ଶକ୍ତିରେ ବିଶ୍ୱାସ କରୁ ଏବଂ ମହିଳା ଇନିୟର୍ସ କାର୍ଯ୍ୟକ୍ରମ ପ୍ରତିବନ୍ଧକ ଦୂର କରିବା ପାଇଁ ଆମ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି । ଆଶାୟୀ ମହିଳା ଇନିୟରମାନଙ୍କୁ ଆବଶ୍ୟକ ସମ୍ବଳ ଓ ସୁଯୋଗ ପ୍ରଦାନ କରି ସଫଳ କରିବା ଆମର ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମର ଷଷ୍ଠ ସଂସ୍କରଣ ପାଇଁ ଆବେଦନ କରିବାର ଶେଷ ତାରିଖ ହେଉଛି ୧୮ ଜାନୁଆରୀ ୨୦୨୪ । ପ୍ରୋଗ୍ରାମ ବିଷୟରେ ଅଧିକ ସୂଚନା ପାଇଁ, ୱେବସାଇଟ୍ ପରିଦର୍ଶନ କରନ୍ତୁ: we.talentsprint.com ଏହାର ପୂର୍ବ ପାଂଚଟି ସଂସ୍କରଣରେ ଏହି କାର୍ଯ୍ୟକ୍ରମ ୧୦୦,୦୦୦ରୁ ଅଧିକ ଆବେଦନକାରୀଙ୍କ ମଧ୍ୟରୁ ଚୟନ କରାଯାଇଥିବା ୯୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି । ଏହି କାର୍ଯ୍ୟକ୍ରମରେ ଆଜି ମହିଳା ଇନିୟରମାନଙ୍କର ଏକ ଆତ୍ମନିର୍ଭରଶୀଳ ସମୁଦାୟ ଅଛି ଯେଉଁମାନେ ବିଶ୍ୱର ଶୀର୍ଷ ସ୍ତରୀୟ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ସହିତ ପ୍ରିମିୟମ କ୍ୟାରିୟର ଆରମ୍ଭ କରିଛନ୍ତି ।



# ଆମ ପରମ୍ପରା ହେଉଛି ଋଷି ପରମ୍ପରା: ସ୍ୱାମୀ ବ୍ରହ୍ମାନନ୍ଦଙ୍କ ସ୍ୱନକ୍ଷତ୍ର ଉତ୍ସବ ପାଳିତ

**ଭୁବନେଶ୍ୱର, (ବ୍ୟୁରୋ):** ଶ୍ରୀ ଜଗନ୍ନାଥ ସଂସ୍କୃତିର ଅନନ୍ୟ ପ୍ରଚାରକ, ଭାଗବତ କଥାକାର, ସଦ୍‌ଗୁରୁ ଠାକୁର ନିଗମାନନ୍ଦ ସରସ୍ୱତୀଙ୍କ ଅନନ୍ୟ ଶିଷ୍ୟ, ନିଗମ କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତା, ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜଙ୍କ ସ୍ୱନକ୍ଷତ୍ର ଉତ୍ସବ, ଶନିବାର ପୂର୍ବାହ୍ନରେ ରୁଦ୍ରବିହାରସ୍ଥିତ ନିଗମ କଳ୍ପତରୁ ଆଶ୍ରମ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ମହାରାଜ କହିଲେ ଯେ, ଆମ ପରମ୍ପରା ହଉଛି ବୈଦିକ ପରମ୍ପରା ତଥା ଋଷି ପରମ୍ପରା । ଗୁରୁ କେବଳ ଜ୍ଞାନଦାତା ନୁହନ୍ତି, ସେ ଶିଷ୍ୟର ପଥ ପ୍ରଦର୍ଶକ । ମୁଖ୍ୟ ଅତିଥି ପ୍ରଫେସର ଡଃ ହରେକୃଷ୍ଣ ଶତପଥି କହିଲେ ଯେ, ଶ୍ରୀ ଜଗନ୍ନାଥ ଧର୍ମ, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର କ୍ଷେତ୍ରରେ ସ୍ୱାମୀ ବ୍ରହ୍ମାନନ୍ଦ ଜଣେ ଜ୍ଞାନଦୀପ୍ତ ସନ୍ନ୍ୟାସୀ । ସେ ସବୁଧର୍ମ ମତବାଦକୁ ସମ୍ମାନ ଦେବା ସହ ବୈଦିକ ସିଦ୍ଧାନ୍ତର ଜଣେ ବାର୍ତାବହ । ଅନ୍ୟତମ ଅତିଥି ପ୍ରଫେସର ଡଃ ଦାସ ବେନୁହୁର ସ୍ୱାମିଜୀଙ୍କୁ ଜଣେ ଦରଦୀ ବନ୍ଧୁ ଭାବେ ବର୍ଣ୍ଣନା କରିଥିଲେ । କାଠ ପାଷାଣର ପୂଜା ଠାରୁ ମଣିଷର ପୂଜା ପ୍ରଥମେ ହେବା ଉଚିତ ବୋଲି ସେ କହିଥିଲେ । ଅଧ୍ୟାପକ ବିଶ୍ୱରନ ଗୁରୁ ଆଶୀର୍ବାଦ ମଣିଷକୁ ସମାଜର ମୁଖ୍ୟସ୍ରୋତରେ ଠିଆ ହେବା ପାଇଁ ସାହସ ଦେଇଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥି



ସ୍ୱାମିଜୀଙ୍କ ଆଦର୍ଶ ଜୀବନଚର୍ଯ୍ୟା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ବୋଲି କହିଥିଲେ । ବାବା ବିଶ୍ୱନାଥ ଦାସ ସ୍ୱାମିଜୀଙ୍କୁ ଅଦ୍ୱୈତ ବ୍ରହ୍ମର ଶ୍ରେଷ୍ଠ ବାଖ୍ୟାକାର ବୋଲି କହିଥିଲେ । ରେକି ମିଶନର ସନ୍ଥ ଶ୍ରୀ ସ୍ୱାମିଜୀଙ୍କ ବନ୍ଧୁ ବତ୍ସଳତା ଅନ୍ୟକୁ ଆପଣେଇ ନେବାର ଗୁଣ ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ । ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ଆଶୀର୍ବଚନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବେଦବିତ୍ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡଃ ବଦ୍ରୀନାଥ ପଟ୍ଟନାୟକ, ପୂର୍ବ ପ୍ରଶାସକ ନରେନ୍ଦ୍ର କୁମାର ମିଶ୍ର, ଡଃ ବିଜୟାନନ୍ଦ ସିଂହ, ଶ୍ରୀମନ୍ଦିରର ସାମ' ସିଦ୍ଧେଶ୍ୱର ମହାପାତ୍ର, ଡଃ ପଦ୍ମନାଭ ତ୍ରିପାଠୀ, ଶ୍ରୀଜଗନ୍ନାଥ ଗବେଷକ ପ୍ରଫେସର ସୁରେନ୍ଦ୍ର ନାଥ ଦାସ ପ୍ରମୁଖ ସ୍ୱାମୀ ବ୍ରହ୍ମାନନ୍ଦଙ୍କ ତେଜସ୍ୱୀ ବ୍ୟକ୍ତିତ୍ୱ ଓ ତାଙ୍କର ପ୍ରଭାବଶାଳୀ ସ୍ପଷ୍ଟବାଦୀ ବକ୍ତବ୍ୟ ସାଧାରଣ ଜନତାଙ୍କୁ ଆକୃଷ୍ଟ କରିଥାଏ ବୋଲି କହିଥିଲେ । ଏହି ଅବସରରେ ଆଶ୍ରମର ପରିଚାଳକ ବ୍ରହ୍ମଚାରୀ ଆନନ୍ଦ ଚୈତନ୍ୟଙ୍କ ସମ୍ପାଦନାରେ ବ୍ରହ୍ମାନନ୍ଦ ସନ୍ଦେଶ ପ୍ରଫେସର ବ୍ରଜବନ୍ଧୁ ପଣ୍ଡାଙ୍କ ଲିଖିତ 'ଅନନ୍ୟା କଳିଙ୍ଗ କନ୍ୟା', ଶ୍ରୀମତୀ ଗୀତାଳି ପାଣିଙ୍କ ରଚିତ 'କୋମଳ ଗାନ୍ଧାର ଓ ନୀଳ ଜ୍ୟୋତ୍ସ୍ନା' ଏବଂ ଶୁଭେନ୍ଦୁ ଶେଖର ସ୍ୱାଇଁଙ୍କ ସମ୍ପାଦିତ 'ଆମ ପ୍ରଣାମ' ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଙ୍ଗୀତଜ୍ଞା ଶ୍ରୀମତୀ ଗୀତା ଦାସ ଓ ଶ୍ରୀମତୀ ଅନିନ୍ଦିତା ଦାସ ଭଜନ ପରିବେଷଣ କରିଥିଲେ । ଏହି ଅବସରରେ ପ୍ରଫେସର ସମରେନ୍ଦ୍ର ନାଥ ଦାସ, ଶ୍ରୀ ରାଜାରାମ ଶତପଥୀ, ପ୍ରଫେସର ଜିତେନ୍ଦ୍ର ନାରାୟଣ ଦାସ, ଗାୟକ ରମେଶ ଚନ୍ଦ୍ର ପଣ୍ଡା, ଡାକ୍ତର ଦୀନବନ୍ଧୁ ମହାରଣା, ଡଃ ବ୍ରଜବନ୍ଧୁ ପଣ୍ଡା, ସୁଧାଂଶୁ ଜେନା, ଡଃ ଗୌତମ ମହାରଣା, ଡଃ ମନୋଜ ଲେଙ୍କା, ଶରତ କୁମାର ସାହୁ, ତ୍ରୈଲୋକ୍ୟ ବାବୁ, ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ପଣ୍ଡିତ ଦିବାକର ଦାସଙ୍କୁ କଳିଙ୍ଗ ପ୍ରଜ୍ଞା ଗୌରବ ସମ୍ମାନ-୨୦୨୪ରେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ବ୍ରହ୍ମଚାରୀ ଆନନ୍ଦ ଚୈତନ୍ୟ ମହାରାଜ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବ ପ୍ରଶାସକ ସହଦେବ ଜୟସିଂହ, ଅମରେନ୍ଦ୍ର ମହାପାତ୍ର, ଡଃ ମିହିର ପଟ୍ଟନାୟକ, ନ୍ୟାୟଧୀଶ ସୟ କୁମାର ପଣ୍ଡା, ଆଡ଼ଭୋକେଟ ବନ ମହାନ୍ତି, ସ୍ୱାମୀ ହରିଶରଣା ନନ୍ଦ ସରସ୍ୱତୀ, ଗ୍ରହାଚାର୍ଯ୍ୟ ରାଜକିଶୋର ନାୟକ, ଶ୍ରୀମତୀ ବିଳାସିନୀ ବ୍ରହ୍ମା, ସମାଜସେବୀ ବରୁଣ ରାଜ, ସ୍ୱାମୀ ଓମାନନ୍ଦ, ସନ୍ତୋଷ ଚୈତନ୍ୟ ମହାରାଜ, ସତ୍ୟ ଚୈତନ୍ୟ ମହାରାଜ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋଟିଏ ଜୁଇରେ ଜଳିଲେ ବାପା-ପୁଅ



**କୋଲକାତା:** ପଶ୍ଚିମବଙ୍ଗର ଜଲପାଇଗୁଡ଼ିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଏକାଠି ବାପ ଓ ପୁଅଙ୍କ ଜୀବନ ନେଇଯାଇଥିବା ବେଳେ ମା'ଙ୍କ ଅବସ୍ଥା ଗୁରୁତର ଅଛି। ସୂଚନାଯୋଗ୍ୟ, ମୃତକ ଦୀପକ ଦାସ(୩୬) ତାଙ୍କ ସ୍ତ୍ରୀ ନୀଳିମା ଦାସ ଓ ପୁଅ ଧୀମାନ ଦାସ(୮)ଙ୍କ ସହିତ ସ୍କୁଟିରେ ଯାଉଥିଲେ। ଏହି ସମୟରେ ପ୍ରବଳ କୁହୁଡ଼ି ପଡ଼ିଥିଲା। ରାସ୍ତାଘାଟ ଠିକ ଭାବେ ଦୃଶ୍ୟମାନ ହେଉ ନଥିଲା। ଏହି ସମୟରେ ବୀପରିତ ଦିଗରୁ ଆସୁଥିବା ଏକ ଟ୍ରକ ସହିତ ଦୀପକ ଦାସଙ୍କ ସ୍କୁଟିର ଧକ୍କା ହୋଇଥିଲା। ଏହି ଧକ୍କାରେ ବାପ,ପୁଅ ଓ ମା' ଗାଡ଼ିରୁ ଛିଟିକି ପଡ଼ିଥିଲେ। ଫଳରେ ରାସ୍ତାରେ ଆସୁଥିବା ଅନ୍ୟଏକ ଗାଡ଼ି ବାପ ଓ ପୁଅଙ୍କ ଉପରେ ମାଡ଼ି ଚାଲିଯାଇଥିଲା। ଏହି ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟଲୋକ ବାପା, ପୁଅ ଓ ମା'ଙ୍କୁ ଜଲପାଇଗୁଡ଼ି ସୁପର ସ୍ପେଶାଲିଟି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବାପ ଓ ପୁଅଙ୍କୁ ମୃତ ଘୋଷଣା କରିବା ସହିତ ମା'ଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଉତ୍ତରବଙ୍ଗଳା ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରି ଦିଆଯାଇଛି। ଏହି ଘଟଣାପରେ ଜଲପାଇଗୁଡ଼ି କୋତବାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍କୁଟିକୁ ଜବତ କରିବା ସହିତ ଦୁର୍ଘଟଣା ଘଟାଇଥିବା ଗାଡ଼ିଚାଳକଙ୍କୁ ଧରିବା ପାଇଁ ତଦନ୍ତ ଆରମ୍ଭ କରିଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟଲୋକ ପ୍ରଶାସନଙ୍କୁ ରାଜପଥରେ ଲାଇଟ ଲଗାଇବାକୁ ଦାବି କରିଛନ୍ତି। କାରଣ ରାତି ସମୟରେ ରାସ୍ତା ଅନ୍ଧାର ରହୁଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି। ଦୀପକ ଓ ପୁଅ ଧୀମାନଙ୍କ ମୃତଦେହ ଘରେ ପହଞ୍ଚିବା ପରେ ପୂରା ଗାଁ ସ୍ତବ୍ଧ ହୋଇଯାଇଥିଲା। ତେବେ ମା'ଙ୍କ ଅବସ୍ଥା ଗୁରୁତର ଥିବାରୁ ବେଶୀଦିନ ଦୀପକ ଓ ଧୀମାନଙ୍କ ମୃତଦେହ ରଖି ହେବନାହିଁ ବୋଲି ଗ୍ରାମବାସୀ ମିଶି ଅନ୍ତିମ ସଂସ୍କାର କରି ଦେଇଥିଲେ। ବାପା ଓ ପୁଅଙ୍କ ଏକାଠି ଜୁଇ ଜଳିବା ଦେଖି ଘଟଣାସ୍ଥଳରେ ଥିବା ସମସ୍ତଙ୍କ ଆଖି ଲୁହରେ ଭରି ଯାଇଥିଲା।

# 'ମଣିପୁରକୁ ଘୃଣା କରନ୍ତି ବିଜେପି ଓ ଆରଏସଏସ୍'



**ଥୋବଲ:** ହିଂସାଗ୍ରସ୍ତ ମଣିପୁରର ଥୋବଲଠାରୁ ଭାରତ ଯୋଡ଼ ନ୍ୟାୟ ଯାତ୍ରାର ଶୁଭାରମ୍ଭ କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ଓ ଆରଏସଏସକୁ ଟାର୍ଗେଟ୍ କରିଛନ୍ତି। ରାହୁଲ ଗାନ୍ଧି କହିଛନ୍ତି, ମଣିପୁରରେ ଶାସନର ମୌଳିକ ଢାଞ୍ଚା ବିଫଳ ହୋଇଛି, ଏହା ଲଜ୍ଜାଜନକ ଯେ ପ୍ରଧାନମନ୍ତ୍ରୀ ମୋଦୀ ମଣିପୁର ଗସ୍ତ କରିନାହାଁନ୍ତି। ବିଜେପିର ରାଜନୀତି ଯୋଗୁଁ ମଣିପୁର ଯାହା ପାଇବା ଆବଶ୍ୟକ ତାହା ହରାଇଛି। ବିଜେପିକୁ ଟାର୍ଗେଟ କରି ରାହୁଲ ଗାନ୍ଧି କହିଛନ୍ତି, ଜୁନ୍ ୨୯ରେ ମୁଁ ମଣିପୁର ଆସିଥିଲି ଏବଂ ସେହି ଗସ୍ତରେ ମୁଁ ଯାହା ଦେଖିଥିଲି ତାହା ମୁଁ ପୂର୍ବରୁ କେବେ ଦେଖିନଥିଲି। ସେଠାରେ ସରକାର ବୋଲି କିଛି ନାହିଁ। ମଣିପୁରରେ ଏତେ ଲୋକ ମରିଲେ, ଲୋକେ ଦୁଃଖ ଭୋଗିଲେ, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦି ଲୋକଙ୍କ ହାତ ଧରିବାକୁ ଆସିନଥିଲେ, ଆପଣଙ୍କ ଲୁହ ପୋଛିବାକୁ ଆସିନଥିଲେ। ବୋଧହୁଏ ବିଜେପି ଓ ଆରଏସଏସ ପାଇଁ ମଣିପୁର ଭାରତର ଅଂଶ ନୁହେଁ। ସେମାନେ ମଣିପୁରକୁ ଭଲ ପାଆନ୍ତି ନାହିଁ। ନ୍ୟାୟଯାତ୍ରା ବିଷୟରେ ରାହୁଲ ଗାନ୍ଧି କହିଛନ୍ତି, ବର୍ତ୍ତମାନ ନିର୍ବାଚନର ସମୟ, ଏଥିପାଇଁ ଅଧିକ ସମୟ ଲାଗିଥାନ୍ତା, ତେଣୁ ଆମେ ନିଷ୍ପତ୍ତି ନେଇଛୁ ଯେ ଏହା ଏକ ବସ୍ ଯାତ୍ରା ଏବଂ ପଦଯାତ୍ରା ହେବ। ଆମେ ମଣିପୁରବାସୀଙ୍କ ଦୁଃଖ ବୁଝୁଛୁ। ଆମେ ଆପଣଙ୍କୁ ପ୍ରତିଶ୍ରୁତି ଦେଉଛୁ ଯେ, ଆମେ ପୁନର୍ବାର ଶାନ୍ତି ସ୍ଥାପନ କରିବୁ।

# ୪୭ ଆସନରେ ବିଜୟୀ ହେବାକୁ ମୋଦି କରିବେ ମହାରାଲି

**ନୂଆଦିଲ୍ଲୀ:** ଆଦିବାସୀ ସମ୍ପ୍ରଦାୟ ପାଇଁ ଲୋକ ସଭାରେ ୪୭ଟି ଆସନ ସଂରକ୍ଷିତ ରହିଛି, ଯାହା ଦେଶର ଜନସଂଖ୍ୟାର ପ୍ରାୟ ୯ ପ୍ରତିଶତ ଅଟେ। ୨୦୧୪ରେ ଭାଜପା ଏଥିରୁ ୨୭ଟି ଆସନରେ ଜିତିଥିଲା। ୨୦୧୯ ନିର୍ବାଚନରେ ଏହି ସଂଖ୍ୟା ୩୧କୁ ବୃଦ୍ଧି ପାଇଛି। ଭାଜପା ଏହାର ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚାହୁଁଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃୟାରୀରେ ଝାଡ଼ଖଣ୍ଡ-ଗୁଜରାଟରେ ଦୁଇଟି ରାଲିରେ ସମ୍ବୋଧିତ କରିପାରନ୍ତି। ଆଦିବାସୀ ସମାଜକୁ ଦୃଷ୍ଟିରେ ରଖି ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଏହି ୪୭ଟି ଆସନରେ ଦଳର ବିଜୟ ନିଶ୍ଚିତ କରିବାକୁ ଚେଷ୍ଟା କରିବେ। 'ପ୍ରଧାନମନ୍ତ୍ରୀ ଜନ ମନ ଯୋଜନା' ମାଧ୍ୟମରେ ଆଦିବାସୀ ସମାଜର ସ୍ଥିତି ସୁଧାରିବା ପାଇଁ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଥିଲେ। ଏହା ଅଧୀନରେ ୯ ପ୍ରମୁଖ ମନ୍ତ୍ରଣାଳୟ ଦେଶର ୧୦୦ଟି ଆଦିବାସୀ ପ୍ରାଧାନ୍ୟ ଜିଲାରେ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଶିବିର ସ୍ଥାପନ କରି ସେମାନଙ୍କ ବିକାଶ ପାଇଁ କାର୍ଯ୍ୟ କରିବାକୁ ଯାଉଥିଲେ। ଏହା ଅଧୀନରେ ସମସ୍ତ ଆଦିବାସୀଙ୍କ ଆଧାର କାର୍ଡ ତିଆରି କରିବା, ଜନ ଧନ ଖାତା ଖୋଲିବା, ଆୟୁଷ୍ମାନ ଯୋଜନା ଏବଂ ଉଜ୍ଜ୍ୱଳା ଯୋଜନାର ଲାଭ ପ୍ରଦାନ କରିବା, କିଷାନ କ୍ରେଡିଟ କାର୍ଡ ତିଆରି କରିବା ଏବଂ ଯୋଗ୍ୟ କୃଷକମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ସହାୟତା ଯୋଜନାର ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟ ଥିଲା। ଏଥିପାଇଁ ୨୪ ହଜାର କୋଟି ଟଙ୍କା ମଧ୍ୟ ଅନୁମୋଦନ କରାଯାଇଛି।

## ବିମାନରେ ଲାଗିଥିଲା ନିଆଁ

**ଟୋକିଓ:** ଜାପାନରେ ୧୨୨ଜଣ ଯାତ୍ରୀଙ୍କୁ ଧରି ଯାଉଥିବା ଏକ ବିମାନ ଦୁର୍ଘଟଣାର ଶିକାର ହୋଇଛି। ପକ୍ଷୀ ମାଡ଼ ହେବାରୁ ବିମାନ ଇଞ୍ଜିନ୍‌ରେ ନିଆଁ ଲାଗିଯାଇଥିଲା। ହେଲେ ନିଆଁ ଲାଗିବାର ୧୩ ମିନିଟ୍ ମଧ୍ୟରେ ପାଇଲଟ୍ ବିମାନ୍‌କୁ ଇଂଚେଅନ ବିମାନ ବନ୍ଦରରେ ଜରୁରୀ ଅବତରଣ କରାଇଥିଲା। ଅବତରଣ ପରେ ବିମାନରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡିଛି। ସ୍ଥାନୀୟ ସମୟ ରାତି ୯.୩୦ରେ ଟୋକିଓ ସ୍ଥିତ 'ନାରିଟା ଆନ୍ତର୍ଜାତିକ ବିମାନ ବନ୍ଦର'ରୁ ବିମାନଟି ଉଡାଣ ଆରମ୍ଭ କରି ଦକ୍ଷିଣ କୋରିଆର ଇଂଚେଅନ ଆନ୍ତର୍ଜାତିକ ବିମାନବନ୍ଦରକୁ ଆସୁଥିଲା। ସେତିକି ବେଳେ ବାଟରେ ବିମାନ ଇଞ୍ଜିନରେ ନିଆଁ ଲାଗି ଯାଇଥିଲା।

# 'ଲଦାଖ ସୀମାରେ ସ୍ଥିତି ସ୍ଥିର ଅଛି, କିନ୍ତୁ ସ୍ୱାଭାବିକ ନାହିଁ'

**ଶ୍ରୀନଗର:** ଭାରତୀୟ ସେନାର ଜଣେ ଶୀର୍ଷ କମାଣ୍ଡର ରବିବାର କହିଛନ୍ତି ଯେ, ଉତ୍ତର ସୀମାରେ ସ୍ଥିତି ସ୍ଥିର ଅଛି କିନ୍ତୁ ସ୍ୱାଭାବିକ ନାହିଁ। ଉତ୍ତର କମାଣ୍ଡର ଜେନେରାଲ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଲେଫ୍ଟନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ଯେ, ମେ ୨୦୨୦ରେ ପୂର୍ବ ଲଦାଖରେ ୭ଟି ବିବାଦୀୟ ପଏଣ୍ଟ ମଧ୍ୟରୁ ୫ଟିକୁ ଭାରତୀୟ ସେନା ଏବଂ ପିପୁଲ୍ସ ଲିବରେସନ୍ ଆର୍ମି (ପିଏଲଏ) ସମାଧାନ କରିଛନ୍ତି ଏବଂ ଅବଶିଷ୍ଟ ଦୁଇଟି ସ୍ଥାନ ପାଇଁ ଆଲୋଚନା ଜାରି ରହିଛି। ପାକିସ୍ତାନକୁ ଉଦ୍ଦେଶ୍ୟ କରି ସେ ସାମ୍ବାଦିକମାନଙ୍କୁ କହିଛନ୍ତି, ଉତ୍ତର ସୀମାରେ ସ୍ଥିତି ସ୍ଥିର ଅଛି କିନ୍ତୁ ସ୍ୱାଭାବିକ ନୁହେଁ କିମ୍ବା ମୁଁ କହିପାରିବି ଯେ, ଏହା ସମ୍ବେଦନଶୀଳ। ପୁଞ୍ଚ-ରାଜୌରୀ ଅଞ୍ଚଳରେ ଲୋକଙ୍କ ଜୀବନରେ ସମୃଦ୍ଧି ଓ ଉନ୍ନତି ଘଟିଛି। ପୁଞ୍ଜିନିବେଶ ଆସୁଥିଲା ଏବଂ ଲୋକମାନେ ଚାକିରି ପାଉଛନ୍ତି। କିନ୍ତୁ ଶାନ୍ତି ଓ ସମୃଦ୍ଧିର ଏହି ବାତାବରଣ ଆମ ପଡ଼ୋଶୀ ଦେଶକୁ ପସନ୍ଦ ଆସୁନାହିଁ। ସେଥିପାଇଁ ଏହି ଅଞ୍ଚଳରେ ଆତଙ୍କବାଦକୁ ପ୍ରୋତ୍ସାହନ ଦିଆଯାଉଛି କିନ୍ତୁ ଆମେ ଆତଙ୍କବାଦ ବିରୋଧୀ ଅଭିଯାନ ଆରମ୍ଭ କରିଛୁ। ଆଗାମୀ ଦିନରେ ଆତଙ୍କବାଦୀ କାର୍ଯ୍ୟକଳାପ କୁ ନିୟନ୍ତ୍ରଣ କରାଯିବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ଲେଫ୍ଟନାଣ୍ଟ ଜେନେରାଲ ଦ୍ୱିବେଦୀ କହିଛନ୍ତି ଯେ ଏହି ଅଞ୍ଚଳରେ ପୋଲିସ, ସେନା ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଆବଶ୍ୟକ।



## କଶ୍ମୀରରେ ଆତଙ୍କବାଦ ବଢ଼ାଇବାକୁ ପାକ୍‌ର ଯୋଜନା

**ନୂଆଦିଲ୍ଲୀ:** ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ବଢ଼ାଇବା ପାଇଁ ପାକିସ୍ତାନ ଉଦ୍ୟମ ଚଳାଇଥିବାବେଳେ ଏହାକୁ ରୋକିବା ଲାଗି ଭାରତୀୟ ସେନା ଅପରେଶନ 'ସର୍ବଶକ୍ତି' ଆରମ୍ଭ କରିଛି। ଏହି ଅଭିଯାନରେ ସେନା ପିର୍ ପଞ୍ଜାଲ ପର୍ବତମାଳାର ଉଭୟ ପାର୍ଶ୍ୱରେ ରହିଥିବା ଆତଙ୍କବାଦୀଙ୍କୁ ଟାର୍ଗେଟ କରିବ। ପାକିସ୍ତାନୀ ପ୍ରକ୍ସି ଆତଙ୍କବାଦୀ ଗୋଷ୍ଠୀ ପିର୍ ପଞ୍ଜାଲର ଦକ୍ଷିଣ ପାର୍ଶ୍ୱ ବିଶେଷ କରି ରାଜୌରୀ ପୁଞ୍ଚ୍ ସେକ୍ଟରରେ ଆତଙ୍କବାଦ ବଢ଼ାଇବାକୁ ଉଦ୍ୟମ କରୁଛି। ଗତ କିଛି ମାସ ମଧ୍ୟରେ ଉକ୍ତ ଅଞ୍ଚଳରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାୟ ୨୦ ଜଣ ଯବାନଙ୍କ ଜୀବନ ଗଲାଣି। ଗତ ମାସ ୨୧ରେ ଡେରା କି ଗଲି ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣରେ ୪ ଯବାନ ଶହୀଦ ହୋଇଥିଲେ। ପାକିସ୍ତାନର ଆତଙ୍କବାଦ ଯୋଜନାକୁ ପଣ୍ଡ କରିବା ପାଇଁ ଜମ୍ମୁ-କଶ୍ମୀର ପୋଲିସ, ସିଆରପିଏଫ୍, ସ୍ପେଶାଲ ଅପରେଶନ ଗ୍ରୁପ୍ ଓ ଗୋଇନ୍ଦା ସଂସ୍ଥା ଏକାଠି କାମ କରୁଛନ୍ତି।

## ବଢ଼ିଲା ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ଅଡୁଆ

**ନୂଆଦିଲ୍ଲୀ:** ଆଇନ ଜାଲରେ ଫସିଲେ ଆନ୍ଧ୍ରପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ ନାରାୟଣ ସ୍ୱାମୀ। ବଢ଼ିଲା ତାଙ୍କ ଅଡୁଆ। ତାଙ୍କ ବିରୋଧରେ ରୁଜୁ ହେଲା ମାମଲା। ତେଲେଙ୍ଗାନା କଂଗ୍ରେସର ଜଣେ ନେତା ତାଙ୍କ ବିରୋଧରେ ଆଣିଲେ ଅଭିଯୋଗ। ଏହାକୁ ଆଧାର କରି ପୁଲିସ ଉପ-ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଏଫ୍ଆଇଆର ରୁଜୁ କରିଛି। ୨୦୦୯ରେ ଅବିଭାଜିତ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ୍ ରାଜଶେଖର ରେଡ୍ଡୀଙ୍କ ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ନିକଟରେ ଏହି ମୃତ୍ୟୁକୁ ପଛରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧି ଓ ତେଲୁଗୁ ଦେଶମ ପାର୍ଟିର ମୁଖ୍ୟ ଚନ୍ଦ୍ରବାବୁ ନାଇଡୁଙ୍କ ହାତ ଥିବା ନାରାୟଣ ସ୍ୱାମୀ କହିଛନ୍ତି। ତାଙ୍କର ଏହି ମନ୍ତବ୍ୟକୁ ନେଇ ବିବାଦ ଉପୁଜିଛି। ତେଲେଙ୍ଗାନା ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ଉପସଭାପତି ମଲ୍ଲୁ ରବି ତାଙ୍କ ନାଁରେ ସହରର ବେଗମବଜାର ପୁଲିସ ଷ୍ଟେସନରେ ମାମଲା ରୁଜୁ କରିଛନ୍ତି। ନାରାୟଣ ସ୍ୱାମୀ ନିଜ ମନ୍ତବ୍ୟରେ ଭୁଲ୍ ତଥ୍ୟ ବିସ୍ତାର କରୁଛନ୍ତି। ସେ ସୋନିଆ ଗାନ୍ଧିଙ୍କ ନାଁରେ ଅପମାନଜନକ ଟିପ୍ପଣୀ କରଛନ୍ତି ବୋଲି ମଲ୍ଲୁ ରବି ନିଜ ଅଭିଯୋଗରେ କହିଛନ୍ତି। ପୁଲିସ ଆଇନଗତ ମତାମତ ନେବା ଏବଂ ନାରାୟଣ ସ୍ୱାମୀଙ୍କ ଟିପ୍ପଣୀର ଭିଡିଓ ଫୁଟେଜ ବିଶ୍ଳେଷଣ କରିବା ପରେ ଆଇପିସିର ଧାରା ୫୦୪ ଏବଂ ୫୦୫(୨) ଅନୁଯାୟୀ ଏକ ମାମଲା ରୁଜୁ କରିଛି। ସେପଟେ ଏହି ପ୍ରସଙ୍ଗରେ କେବଳ ସେ ନୁହେଁ, ପୂରା ଆନ୍ଧ୍ରପ୍ରଦେଶବାସୀ ୱାଇଏସ୍ଆର୍ ମୃତ୍ୟୁବରଣ କରିଥିବା ସେହି ହେଲିକପ୍ଟର ଦୁର୍ଘଟଣାକୁ ନେଇ ସନ୍ଦେହ କରୁଥିବା ଉପ-ମୁଖ୍ୟମନ୍ତ୍ରୀ ନାରାୟଣ ସ୍ୱାମୀ କହିଛନ୍ତି।



# ବିବାଦ ପରେ ବଦଳିଲା ବାବାଙ୍କ ସ୍ୱର



ନୂଆଦିଲ୍ଲୀ: ପୁଣି ବିବାଦ ଘେରେରେ ଯୋଗ ଗୁରୁ ବାବା ରାମଦେବ। ତାଙ୍କର ଏକ ଭିଡିଓ ଏବେ ଭାଇରାଲ ହେଉଛି। ଏହି ଭିଡିଓକୁ ନେଇ ବିବାଦ ଉପୁଜିଛି। ରାମଦେବ ଏହି ଭାଇରାଲ ଭିଡିଓରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ର ଲୋକଙ୍କ ବିରୋଧରେ ଟିପ୍ପଣୀ କରୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ବିବାଦ ଜୋର ଧରିବା ପରେ ଏବେ ବାବା ନିଜ ସ୍ୱର ବଦଳାଇଛନ୍ତି। ସେ ଏହାକୁ ନେଇ ଦେଇଛନ୍ତି ସଫେଇ। ମୋର ଟିପ୍ପଣୀ 'ଓବିସି' ନୁହେଁ, 'ଏଆଇଏମ୍ଆଇଏମ୍' ନେତା ଅସଦୁଦ୍ଦୀନ ଓୱେସିଙ୍କ ପ୍ରତି ଥିଲା ବୋଲି ଭାଇରାଲ୍ ହୋଇଥିବା ଭିଡିଓ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ଦେଇ ଯୋଗ ଗୁରୁ ରାମଦେବ କହିଛନ୍ତି। ନିକଟରେ ରାମଦେବଙ୍କ ଅନ୍ୟାନ୍ୟ ପଛୁଆବର୍ଗ ବା 'ଓବିସି' ବିରୁଦ୍ଧରେ ଟିପ୍ପଣୀ ଦେବା ଭଳି ଜଣାପଡୁଥିବା ଏକ ଭିଡିଓ ଭାଇରାଲ୍ ହୋଇଥିଲା। ଏହାକୁ ନେଇ ଏବେ ବିବାଦ ଉପୁଜିଛି। ଉକ୍ତ ଭିଡିଓରେ ରାମଦେବ ତାଙ୍କ ବ୍ରାହ୍ମଣ ସମ୍ପ୍ରଦାୟ ଉପରେ ଗୁରୁତ୍ୱାରୋପ କରି 'ଓବିସି' ସମ୍ପ୍ରଦାୟକୁ ଅପମାନିତ କରୁଥିବା ମନେ ହେଉଛି। 'ଓବିସି' ସମ୍ପ୍ରଦାୟଙ୍କୁ ଅପମାନିତ କରିଥିବାରୁ ଅନେକ ସାମାଜିକ ଗଣମାଧ୍ୟମରେ ରାମଦେବଙ୍କୁ ସମାଲୋଚନା କରିଛନ୍ତି। ସୋଶାଲ ମିଡିଆରେ ଅନେକ ଲୋକେ #boycottpatanjali ଲେଖି ବାବା ରାମଦେବଙ୍କୁ ବିରୋଧ କରୁଛନ୍ତି। ଭାଇରାଲ ଭିଡିଓକୁ ନେଇ ହଙ୍ଗାମା ହେବା ପରେ ଆଗକୁ ଆସି ବାବା ରାମଦେବ ଏବେ ସ୍ପଷ୍ଟୀକରଣ ଦେଇଛନ୍ତି। ରାମଦେବ କହିଛନ୍ତି, 'ମୋ ଟିପ୍ପଣୀକୁ ଭୁଲ୍ ଭାବେ ଦର୍ଶାଯାଇଛି। ଲୋକେ ଶୁଣିବାରେ ବି ଭୁଲ୍ ରହିଛି। ମୁଁ 'ଓବିସି' ନୁହେଁ, ଓୱେସି କହିଥିଲି। ଓୱେସିଙ୍କ ପୂର୍ବ ପୁରୁଷମାନେ ଦେଶ ବିରୋଧୀ ଥିଲେ। ମୁଁ ଓବିସି ସମ୍ପ୍ରଦାୟକୁ ନେଇ କିଛି କହି ନାହିଁ।' କେବଳ ସେତିକି ନୁହେଁ ରାମଦେବ ନିଜେ ବ୍ରାହ୍ମଣକୂଳରେ ଜାତ ହୋଇଥିବା କହି ଅଗ୍ନିହୋତ୍ରୀ ବ୍ରାହ୍ମଣ ସମେତ ବିଭିନ୍ନ ସମ୍ପ୍ରଦାୟର ବ୍ରାହ୍ମଣଙ୍କ କଥା ଉଲ୍ଲେଖ କରୁଛନ୍ତି।

## ପୁଣି କ୍ଷେପଣାସ୍ତ୍ର ମାଡ଼କଲା ଉତ୍ତର କୋରିଆ

**ସିଓଲ:** ଦକ୍ଷିଣ କୋରିଆ କହିଛି, ଉତ୍ତର କୋରିଆ ରବିବାର ଏହାର ପୂର୍ବ ଉପକୂଳରୁ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ଜାପାନ କୋଷ୍ଟଗାର୍ଡଙ୍କ ଅନୁଯାୟୀ, ଏହା ଏକ ବଡ଼ କ୍ଷେପଣାସ୍ତ୍ର। ଉତ୍କ୍ଷେପଣ ପରେ ଜାପାନର ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଏହାକୁ ଜରୁରିକାଳୀନ ଚେତାବନୀ ବୋଲି କହିଥିବା ବେଳେ ଅଧିକ ବିବରଣୀକୁ ଅପେକ୍ଷା କରାଯାଇଛି ବୋଲି କୁହାଯାଇଛି। ଦକ୍ଷିଣ କୋରିଆର ପ୍ରତିରକ୍ଷା ମନ୍ତ୍ରୀ ଶିନ୍ ୱନ୍-ସିକ୍ ଗତ ସପ୍ତାହରେ କହିଥିଲେ, ପ୍ୟୋଙ୍ଗୟାଙ୍ଗ ଚଳିତ ମାସ ଆରମ୍ଭରୁ ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷା କରିବ। ଡିସେମ୍ବର ମଧ୍ୟ ଭାଗରେ ଉତ୍ତର କୋରିଆ ପ୍ରଥମେ 'ହ୍ୱାସଙ୍ଗ-୧୮' କ୍ଷେପଣାସ୍ତ୍ରର ବ୍ୟବହାରିକ ପରୀକ୍ଷଣ କରିଥିଲା। ଏହି କ୍ଷେପଣସ୍ତ୍ର ଆମେରିକାର ମେନ୍‌ଲାଣ୍ଡରେ ପହଞ୍ଚିବା ଲକ୍ଷ୍ୟରେ ନିର୍ମାଣ କରାଯାଇଛି। ଏହା ହେଉଛି ଉତ୍ତର କୋରିଆ ନିର୍ମାଣ କରୁଥିବା ଦୂରଗାମୀ କ୍ଷେପଣାସ୍ତ୍ରଗୁଡ଼ିକ ମଧ୍ୟରୁ ସବୁଠୁ ଆଧୁନିକ। ଅନ୍ୟପକ୍ଷରେ ଉତ୍ତର କୋରିଆ ନେତା କିମ୍ ଜୋଙ୍ଗ ଉନ୍ ଘୋଷଣା କରିଛନ୍ତି, ଦକ୍ଷିଣ କୋରିଆ ସହ ଯୁଦ୍ଧରୁ ଦୂରେଇ ରହିବା ତାଙ୍କର ଉଦ୍ଦେଶ୍ୟ ନୁହେଁ। ଏହା ଜାରି ରହିବ ବୋଲି ସେ କହିଛନ୍ତି।

## କଂଗ୍ରେସ ଛାଡ଼ି ଶିବସେନାରେ ଯୋଗ ଦେଲେ ମିଲିନ୍ଦ

**ମୁମ୍ବାଇ:** ହାତ ଛାଡି ଏକନାଥ ସିନ୍ଦେଙ୍କ ଧନୁ ତୀର ଧରିଲେ ପୂର୍ବତନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ମିଲିନ୍ଦ ଦେଓରା। ଆଜି ସକାଳୁ କଂଗ୍ରେସରୁ ଇସ୍ତଫା ଦେଇଥିବା ମିଲିନ୍ଦ ସିନ୍ଦେ ଗ୍ରୁପର ଶିବସେନାରେ ସାମିଲ ହୋଇଛନ୍ତି। ସେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଉପସ୍ଥିତିରେ ଦଳରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି। ଏହି ସମୟରେ ଶିବ ସେନା ପକ୍ଷରୁ ତାଙ୍କୁ ଗେରୁଆ ରଙ୍ଗର ବାନା ମଧ୍ୟ ଭେଟି ଦିଆଯାଇଛି। ଭାରତ ଯୋଡୋ ନ୍ୟାୟ ଯାତ୍ରା ଠିକ୍ ଆରମ୍ଭ ହେବା ପୂର୍ବରୁ ଆଜି ସକାଳୁ କଂଗ୍ରେସର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଇଥିଲେ ମିଲିନ୍ଦ ଦେଓରା। ପୂର୍ବରୁ ସେ ଶିବସେନାରେ ସାମିଲ ହେବେ ବୋଲି ମଧ୍ୟ କୁହାଯାଉଥିଲା। ତେବେ ଶନିବାର ପର୍ଯ୍ୟନ୍ତ ଦେଓରା କଂଗ୍ରେସ ଛାଡିବା ଖବରକୁ କେବଳ ଗୁଜବ ବୋଲି କହୁଥିଲେ। ତାଙ୍କ ଦଳ ଛାଡିର ଟାଇମିଂକୁ ନେଇ କଂଗ୍ରେସ ପ୍ରଶ୍ନ ମଧ୍ୟ ଉଠାଇଥିଲା। ଶିବ ସେନାରେ ଯୋଗଦେବା ପରେ ମିଲିନ୍ଦ ଦେଓରା କହିଛନ୍ତି ଯେ, 'ଆଜି ମୋ ପାଇଁ ଏକ ଭାବପ୍ରବଣ ଦିନ। ମୁଁ ଭାବୁଥିଲି ଯେ, ମୁଁ କେବେ କଂଗ୍ରେସର ହାତ ଛାଡିବି ନାହିଁ। କଂଗ୍ରେସ ଏବଂ ମୋର ୫୫ବର୍ଷର ସମ୍ପର୍କ ଥିଲା, କିନ୍ତୁ ଆଜି ମୁଁ ଏହାକୁ ଛିନ୍ନ କରୁଛି।' ମିଲିନ୍ଦ ଦେଓରା ହେଉଛନ୍ତି କଂଗ୍ରେସର ଅନ୍ୟତମ ଜଣାଶୁଣା ନେତା ସ୍ୱର୍ଗତଃ ମୁରଲୀ ଦେଓରାଙ୍କ ପୁଅ। ମିଲିନ୍ଦ ଦେଓରା ୨୦୦୪ ଓ ୨୦୦୯ ଲୋକସଭା ନିର୍ବାଚନରେ କଂଗ୍ରେସ ଟିକେଟରେ ମୁମ୍ବାଇ ସାଉଥ୍ ଆସନରୁ ବିଜୟୀ ହୋଇଥିଲେ। ୨୦୧୪ ଓ ୨୦୧୯ରେ ସେ ଏହି ଆସନରୁ ପରାଜିତ ହୋଇଥିଲେ। ଏହି ଦୁଇଥର ସେ ଶିବସେନା ନେତା ଅରବିନ୍ଦ ସାୱନ୍ତଙ୍କ ନିକଟରୁ ପରାସ୍ତ ହୋଇଥିଲେ। ଶିବସେନା ଭାଗ ହେବା ପରେ ଅରବିନ୍ଦ ସାୱନ୍ତ ରହିଛନ୍ତି ଉଦ୍ଧବ ଠାକରେଙ୍କ ସହିତ। ଇଣ୍ଡିଆ ମେଣ୍ଟରେ ଥିବା ଉଦ୍ଧବ ଠାକରେଙ୍କ ଶିବ ସେନା ମୁମ୍ବାଇ ସାଉଥ୍ ଲୋକସଭା ଆସନ ମାଗୁଛି। ଦଳ ଏନେଇ ଖୋଲାଖୋଲି ଘୋଷଣା କରୁଥିବା ବେଳେ ଏଥିରେ ଅସନ୍ତୁଷ୍ଟ ଥିଲେ ମିଲିନ୍ଦ ଦେଓରା। କଂଗ୍ରେସ ଛାଡ଼ିବା ପଛରେ ଏହା ଅନ୍ୟତମ କାରଣ ବୋଲି କୁହାଯାଉଛି। କାରଣ କଂଗ୍ରେସରେ ରହିଥିଲେ ହୁଏତ ସେ ମୁମ୍ବାଇ ସାଉଥ୍ ଲୋକସଭା ଆସନରୁ ଆଉ ଟିକେଟ୍ ପାଇନଥାନ୍ତେ।




# ୨୦୧୯ରୁ ଏପର୍ଯ୍ୟନ୍ତ କଂଗ୍ରେସର ଛାଡ଼ିଲେଣି ୧୧ ବଡ଼ ନେତା

**ନୂଆଦିଲ୍ଲୀ:** ମିଲିନ୍ଦ ଦେଓରା କଂଗ୍ରେସରୁ ଇସ୍ତଫା ଦେବା ପରେ ଭାରତ ଯୋଡୋ ନ୍ୟାୟ ଯାତ୍ରା ପୂର୍ବରୁ ଦଳକୁ ଏକ ବଡ଼ ଝଟକା ଲାଗିଛି। କାରଣ ଲୋକସଭା ନିର୍ବାଚନ ବର୍ତ୍ତମାନଠାରୁ ମାତ୍ର କିଛି ମାସ ପୂର୍ବରୁ ମିଲିନ୍ଦ କଂଗ୍ରେସ ଛାଡ଼ି ଭାଜପାର ସହଯୋଗୀ ଦଳ ଏକନାଥ ସିନ୍ଦେଙ୍କ ଶିବସେନାରେ ଯୋଗ ଦେଇଛନ୍ତି। ଏଭଳି ପରିସ୍ଥିତିରେ ସାଧାରଣ ନିର୍ବାଚନ ପୂର୍ବରୁ ମିଲିନ୍ଦ ଦେଓରାଙ୍କ ପରି ଜଣେ ବଡ ନେତାଙ୍କ ଦଳ ଛାଡି କଂଗ୍ରେସ ପାଇଁ ବହୁତ କ୍ଷତି ପହଞ୍ଚାଇପାରେ। ବିଶେଷ କଥା ହେଉଛି ମିଲିନ୍ଦ ଦେଓରାଙ୍କ ସମେତ ନିକଟ ଅତୀତରେ ୧୧ ବଡ ନେତା କଂଗ୍ରେସ ସହ ସମ୍ପର୍କ ଭାଙ୍ଗିଛନ୍ତି। ତେବେ ଏହି ତାଲିକାରେ ମିଲିନ୍ଦ ଶେଷରୁ ପ୍ରଥମ ସ୍ଥାନରେ ଅଛନ୍ତି।

**କପିଲ ସିବଲ:** କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ କପିଲ ସିବଲ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। କପିଲ ସିବଲ ୧୬ ମଇ ୨୦୨୨ ରେ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ତେବେ ସେ ଇସ୍ତଫା ଦେବାର ଏକ ସପ୍ତାହ ପରେ ଏହା ଘୋଷଣା କରିଥିଲେ। ପରେ ସେ ସମାଜବାଦୀ ପାର୍ଟିରୁ ରାଜ୍ୟସଭା ସାଂସଦ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ।

**ଗୁଲାମ ନବୀ ଆଜାଦ:** ଭେଟେରାନ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ ୨୦୨୨ ମସିହାରେ ଦଳରୁ ଇସ୍ତଫା ଦେଇଥିଲେ। ସେହି ସମୟ ମଧ୍ୟରେ ଦଳ ଛାଡିବା ପାଇଁ ସେ ସବୁଠାରୁ ବଡ଼ ନେତା ଥିଲେ। ପରେ ସେ ଗଣତାନ୍ତ୍ରିକ ପ୍ରଗତିଶୀଳ ଆଜାଦ ପାର୍ଟି ନାମରେ ଗୁଲାମ ନବୀ ଆଜାଦ ବର୍ତ୍ତମାନ ଜମ୍ମୁ କଶ୍ମୀରରେ ନିଜର ଏକ ଦଳ ଗଠନ କରିଛନ୍ତି।

**ହାର୍ଦ୍ଦିକ ପଟେଲ:** ଗୁଜୁରାଟର ପାଟିଦାର ନେତା ହାର୍ଦ୍ଦିକ ପଟେଲ ରାହୁଲ ଗାନ୍ଧୀଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ୨୦୨୨ ମସିହା ମେ ମାସରେ କଂଗ୍ରେସ ଛାଡିଥିଲେ। ରାହୁଲ ଗାନ୍ଧୀ ୨୦୧୯ ରେ ହାର୍ଦ୍ଦିକଙ୍କୁ ପାର୍ଟିକୁ ଆଣିଥିଲେ। ହାର୍ଦ୍ଦିକ ପଟେଲ ତାଙ୍କ ଇସ୍ତଫା ପତ୍ରରେ ଲେଖିଛନ୍ତି ଯେ ଦଳର ଅଧିକାଂଶ ବଡ ନେତା ସେମାନଙ୍କ ଫୋନରେ ବ୍ୟସ୍ତ ଅଛନ୍ତି। ଇସ୍ତଫା ପତ୍ର ପରେ ସେ ଭଜାପରେ ଯୋଗ ଦେଇଥିଲେ।

**ଅଶ୍ୱିନୀ କୁମାର:** ପଞ୍ଜାବ ନିର୍ବାଚନର କିଛି ଦିନ ପୂର୍ବରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଫେବୃଆରୀ ୨୦୨୨ ରେ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ୨୦୧୯ ନିର୍ବାଚନରେ ପରାଜୟ ପରେ ଦଳ ଛାଡିଥିବା ଅଭିଜ୍ଞ ନେତା ଅଶ୍ୱିନୀ କୁମାର ପ୍ରଥମ ନେତାଙ୍କ ମଧ୍ୟରେ ଥିଲେ।

**ସୁନୀଲ ଜାଖର:** ପଞ୍ଜାବ କଂଗ୍ରେସ ୟୁନିଟର ନେତୃତ୍ୱ ନେଇଥିବା ସୁନୀଲ ଜାଖର ୨୦୨୨ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନିଙ୍କୁ ସମାଲୋଚନା କରିଥିଲେ। ଏହାପରେ ତାଙ୍କୁ ଏକ କାରଣ ଦର୍ଶାଅ ନୋଟିସ ଦିଆଯିବା ପରେ ସେ ଦଳ ଛାଡିଥିଲେ। ସେ ମେ ମାସରେ ଭଜାପରେ ଯୋଗ ଦେଇଥିଲେ ଏବଂ ସେହି ବର୍ଷ ଜୁଲାଇରେ ଭାଜପା ପଞ୍ଜାବର ମୁଖ୍ୟ ହୋଇଥିଲେ।

**ଆର ପି ଏନ ସିଂ:** ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଆରପିଏନ ସିଂ କଂଗ୍ରେସ ଛାଡି ଜାନୁଆରୀ ୨୦୨୨ ରେ ଭଜାପରେ ଯୋଗ ଦେଇଥିଲେ। ଉତ୍ତରପ୍ରଦେଶ ନିର୍ବାଚନ ପୂର୍ବରୁ ସେ ଏହା କରିବାରେ ସବୁଠାରୁ ପ୍ରମୁଖ ନେତା ହୋଇଥିଲେ। ପ୍ରିୟ ପଛୁଆ ଜାତିର ନେତା ସିଂ ପ୍ରିୟଙ୍କା ଗାନ୍ଧୀଙ୍କ ନେତୃତ୍ୱାଧୀନ ଉତ୍ତରପ୍ରଦେଶ ଅଭିଯାନରେ ପୃଥକ ରହିଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ।

**ଜ୍ୟୋତିରାଦିତ୍ୟ ସିନ୍ଧିଆ:** ବର୍ତ୍ତମାନ କେନ୍ଦ୍ର ମନ୍ତ୍ରୀ ଥିବା ଜ୍ୟୋତିରାଦିତ୍ୟ ସିନ୍ଧିଆ ୨୦୨୦ ରେ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ସେ କଂଗ୍ରେସ ଛାଡି ଭଜାପରେ ଯୋଗ ଦେଇଥିଲେ। ସେହି ସମୟ ମଧ୍ୟରେ ମଧ୍ୟପ୍ରଦେଶରେ କଂଗ୍ରେସରେ ଏକ ବଡ଼ ଧରଣର ତ୍ରୁଟି ଦେଖାଦେଇଥିଲା, ଯେଉଁ କାରଣରୁ କମଲ ନାଥ ସରକାର ଭାଙ୍ଗି ଯାଇଥିଲା।

**ଜିତିନ ପ୍ରସାଦ:** ଜିତିନ ପ୍ରସାଦ, ଯିଏକି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଥିଲେ ଏବଂ ରାହୁଲ ଗାନ୍ଧୀଙ୍କ ଅତି ନିକଟତମ ବୋଲି କୁହାଯାଉଥିଲା, ସେ ୨୦୨୧ ମସିହାରେ କଂଗ୍ରେସ ଛାଡିଥିଲେ। ଏହା ପରେ ସେ ମଧ୍ୟ ଭଜାପରେ ଯୋଗ ଦେଇଥିଲେ। ସେହି ସମୟ ମଧ୍ୟରେ ସେ ୟୁପିରେ କଂଗ୍ରେସର ସର୍ବୋଚ୍ଚ ବ୍ରାହ୍ମଣ ଚେହେରା ଥିଲେ।

**ଅଲପେଶ ଠାକୁର:** କଂଗ୍ରେସର ପୂର୍ବତନ ବିଧାୟକ ଅଲପେଶ ଠାକର ଜୁଲାଇ ୨୦୧୯ ରେ ଦୁଇଟି ରାଜ୍ୟସଭା ଆସନ ପାଇଁ ଉପ-ନିର୍ବାଚନରେ ଦଳର ପ୍ରାର୍ଥୀଙ୍କ ବିରୋଧରେ ଭୋଟ୍ ଦେବା ପରେ ଦଳ ଛାଡିଥିଲେ। କିଛି ଦିନ ପରେ ସେ ଭାଜାପାରେ ଯୋଗ ଦେଇଥିଲେ ଏବଂ ରାଧାପୁର ଉପ-ନିର୍ବାଚନ ପାଇଁ ପ୍ରାର୍ଥୀ ହୋଇଥିଲେ ମଧ୍ୟ ସେ ନିର୍ବାଚନରେ ହାରି ଯାଇଥିଲେ। ତେବେ ଗତ ବର୍ଷ ଅନୁଷ୍ଠିତ ନିର୍ବାଚନରେ ସେ ଗାନ୍ଧିନଗର ଦକ୍ଷିଣରୁ ଜିତିଥିଲେ।

**ଅନିଲ ଆଣ୍ଟୋନୀ:** ଭେଟେରାନ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଏ.କେ ଆଣ୍ଟୋନିଙ୍କ ପୁଅ ଅନିଲ ଆଣ୍ଟୋନୀ ଗତ ବର୍ଷ ଜାନୁଆରୀରେ ଦଳ ଛାଡି ଭଜାପରେ ଯୋଗ ଦେଇଥିଲେ। ଭାରତର ବିକାଶ ପଥରେ ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଖୁବ ପ୍ରଶଂସା କରିଥିଲେ।





# ଉଦ୍‌ଯାପିତ ହେଲା ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ

**କଳାହାଣ୍ଡି(ଅମୃତ ମିଡ଼ିଆ ):** କଳାହାଣ୍ଡିର କଳା, ସଂସ୍କୃତି, ଲୋକନୃତ୍ୟ, ଲୋକବାଦ୍ୟ ଆଦି ମହାନ ପରମ୍ପରାର ଜ୍ୱଳନ୍ତ ନିଦର୍ଶନ କଳାହାଣ୍ଡି ଉତ୍ସବ ଘୁମୁରାର ଧର୍ମଗଡ ବ୍ଲକସ୍ତରୀୟ ସଂସ୍କରଣ ଶନିବାର ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଶେଷ ହୋଇଯାଇଛି। ଉତ୍ସବ ପ୍ରାରମ୍ଭରେ ମା 'ଭଣ୍ଡାର ଘରଣୀ ଙ୍କ ପୀଠରୁ ମଶାଲ ଅଣାଯାଇ ଧର୍ମଗଡ ବ୍ଲକ ପ୍ରାଙ୍ଗଣ ଠାରେ ରେ ସ୍ଥାପନ ପରେ ଉତ୍ସବର ଶୁଭାରମ୍ଭ ହୋଇଥିଲା । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ ଯୋଗଦେଇ ଥିବାବେଳେ ବିଶିଷ୍ଟ ଅତିଥି ଭାବେ ଧର୍ମଗଡ ଆରକ୍ଷୀ



ଅଧିକ୍ଷକ ଧୀରଜ ଚୋପ ଦାର, ଧର୍ମଗଡ ଜୋନ (୧)ଜିଲ୍ଲା ପରିଷଦ ଗୋପୀନାଥ ମହାନନ୍ଦ, ଜୋନ (୨)ମଣ୍ଟୁ ଭଇଁଶାଳ,ଧର୍ମଗଡ ର ସରପଞ୍ଚ ସଂଘ ର ସଭାପତି ହାତୀରାମ ଦୁର୍ଗା, ଧର୍ମଗଡ ଉପାଧକ୍ଷା ଝୁଲି ମେହେର, ମୁଖ୍ୟ ସଂଯୋଜକ ଡ଼. ହିମାଞ୍ଚଳ ମାଝୀ ଧର୍ମଗଡ ବିଡ଼ିଓ, ଧର୍ମଗଡ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପଙ୍କଜିନି ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏଇ ଅବସରରେ ଅନୁଷ୍ଠିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକି ଉଠିଥିଲା ।ବଲାଙ୍ଗୀର ଜିଲ୍ଲା ରୁ ଆସିଥିବା ମେଲୋଡି ସାଂସ୍କୃତିକ ଦଳ କଳା ପରିବେଷଣ କରିଥିଲେ । ଅତ୍ୟନ୍ତ ମନଛୁଆଁ ହୋଇଥିଲା ।ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତି ଯାଏଁ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ବ୍ଲକର ବିଭିନ୍ନ ଅଞ୍ଚଳରୁ ଦଶ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଉପଭୋଗ କରିଥିଲେ।

# ପଞ୍ଚାୟତରେ ଆଧ୍ୟାତ୍ମିକ ପରିବେଶରେ ପରିକ୍ରମା କଲା ଅର୍ପଣ ରଥ

**ବାଲିଚନ୍ଦ୍ରପୁର(ଅମୃତ ମିଡିଆ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ଗ୍ରାମ ପଞ୍ଚାୟତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦଘାଟନ ପାଇଁ ପଞ୍ଚାୟତର ବିଭିନ୍ନ ଗ୍ରାମର ଘର ଘରକୁ ଯାଇ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଅକ୍ଷତ ଓ ଗୁଆ ଗ୍ରହଣ କରାଯାଇଛି । ସିଂହସାହି ମା'ବେଲେଶ୍ୱରୀ ଗ୍ରାମଦେବତୀ ପୀଠରୁ ରଥ ପୂଜାର୍ଚ୍ଚନା କରାଯାଇ ବାଜା, ବାଣ ଓ ସଂକ୍ରିର୍ତ୍ତନ ମଣ୍ଡଳୀ ସହ ବିଭିନ୍ନ ଜଗନ୍ନାଥ ମନ୍ଦିର, ମହାପୁରୁଷ, ଗ୍ରାମଦେବତୀ, ମଠ ମନ୍ଦିର ପ୍ରମୁଖରେ ପହଞ୍ଚିବା ପରେ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ବିଭିନ୍ନ ଗ୍ରାମର ଘରକୁ ଘର ରଥ ପରିକ୍ରମା ସମୟରେ ଶଙ୍ଖ ହୁଳୁହୁଳି ସହ ଗ୍ରାମବାସୀ ମାନେ ଶ୍ରଦ୍ଧାର ସହିତ ଅକ୍ଷତ ଓ ଗୁଆ ସମର୍ପଣ କରିଥିଲେ। ସମଗ୍ର ପଞ୍ଚାୟତରେ ଏକ ପ୍ରକାର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ଗାଁ ଦାଣ୍ଡରେ ମହିଳାମାନେ ମୁରୁଜ ପକାଇ ବିଭିନ୍ନ



ପ୍ରକାର ଚିତ୍ରାଙ୍କନ କରିଥିବା ବେଳେ ସଂକ୍ରିର୍ତ୍ତନ, ହୁଳୁହୁଳି, ହରିବୋଲ ଓ ଜୟ ଜଗଜନ୍ନାଥ ଧୋନିରେ ପ୍ରକମ୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ଟିମ୍ ବଡ଼ଚଣା ଅଧ୍ୟକ୍ଷ ଆଦିତ୍ୟ ଶତପଥି, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଯୋଗଦେଇ ରଥକୁ ସ୍ୱାଗତ କରିଥିଲେ। ଆମ୍ବ ଅଧ୍ୟକ୍ଷ ବିପିନ ବିହାରୀ ଜେନା, ପ୍ରାକ୍ତନ ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା, ଶାରଦା ପ୍ରସନ୍ନ ମହାନ୍ତି, ସରପଞ୍ଚ ତନୁଶ୍ରୀ ଦାସ, ଆଡ଼ଭୋକେଟ ପ୍ରତାପ ଚନ୍ଦ୍ର ନାୟକ, ଅନନ୍ତ କୁମାର ସିଂହ, ପ୍ରତାପ ସେନାପତି, ପ୍ରାକ୍ତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ମହାନ୍ତି, ନାଏବ ସରପଞ୍ଚ ଭରତ ପରମାଣିକ, ସେକ୍ ମୋଇନ ଅହେମ୍ମଦ, ଗୋଲାମ କିବିରିଆ ଖାଁ, ରଞ୍ଜିତ କୁମାର ସାମଲ, ପ୍ରଫୁଲ୍ଲ କୁମାର ଦାସ, ଉମେଶ ଚନ୍ଦ୍ର ସାମଲ, ରଞ୍ଜନ କୁମାର ବଳ, ମନ୍ମଥ କେଶରୀ ସାହେବରାୟ, ମଥୁରି ଚରଣ ନାୟକ, ଅନିଲ ସେଠୀ, ସତ୍ୟଜିତ୍ ବଳ, ତପନ କୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ସହଯୋଗ ପ୍ରଦାନ କରିଥିଲେ। ମଧ୍ୟାହ୍ନରେ ଆମ୍ବସୌରୀ ଗ୍ରାମଦେବତୀ ପୀଠରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନଯଜ୍ଞର ଆୟୋଜନ କରାଯାଇଥିଲା। ପରେ ରଥଭ୍ରମଣ କରି ସନ୍ଧ୍ୟା ସମୟରେ ପତରାଜପୁର ଗ୍ରାମଦେବତୀଙ୍କ ନିକଟରେ ସମାପନ କରାଯାଇଥିଲା। ସେଠାରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଲୋକାର୍ପିତ ହେଲା ବହୁ ପ୍ରତିକ୍ଷୀତ ଆଦର୍ଶ ପାର୍କ

**ବାରିପଦା /କରଞ୍ଜିଆ(ଅମୃତ ମିଡିଆ):** କରଂଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟେର ଗୋଟିଏ ଶିଶୁକ୍ରୀଡା ଉଦ୍ୟାନ ନଥିବାରୁ ବିଭିନ୍ନ ସମୟେର ଲୋେକ ଏେନଇ ଦାବୀ କରିଆସୁଥିଲେ । ଏେନଇ ବିଭିନ୍ନ ଗଣମାଧ୍ୟମେର ଖବର ପ୍ରକାଶ ହେବାପେର ତତ୍କାଳୀନ ପ୍ରଶାସନିକ ଅଧିକାରୀଙ୍କ ପ୍ରେଚଷ୍ଟା କ୍ରେମ ୱାର୍ଡ ନଂ ୪ ରଜାବନ୍ଧ ନିକଟେର ଦେଢ଼ ଏକର ରୁ ଉର୍ଦ୍ଧ୍ୱ ଜାଗା ଚିହ୍ନଟ କରାଯାଇ ଏକ ଆଦର୍ଶ ପାର୍କ ନିର୍ମାଣ ପାଇଁ ସ୍ଥିର କରିଥିଲା । ଏହି କାର୍ଯ୍ୟ ଧିମା ପଡ଼ିଥିବା ବେଳ ଚଳିତ ପୌର ନିର୍ବାଚନ ପେର ନୂତନ କାଉନସିଲ ଗଠନ ହୋଇ ଏନ୍ଏସି ଅଧ୍ୟକ୍ଷା ଭାବେ ପପି




ପୃଷ୍ଟି ଦାୟିତ୍ୱ ଗ୍ରହଣ କରିଥିଲେ। ପୂର୍ବ ପ୍ରତିଶୃତି ଅନୁଯାୟୀ ନିର୍ମାଣଧୀନ ଆଦର୍ଶ ପାର୍କ କାର୍ଯ୍ୟ ସାରିବାକୁ ଅଗ୍ରାଧିକାର ଦେଇଥିଲେ । ବର୍ତ୍ତମାନ ସେଠାର ନିର୍ମାଣ କାର୍ଯ୍ୟ ଯୁଦ୍ଧ କାଳୀନ ଭିତ୍ତିରେ ଚାଲିଥିବାବେଳ ଆଜି ଏନଏସି ଅଧ୍ୟକ୍ଷା ଶ୍ରୀମତି ପୃଷ୍ଟି, କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ କୁମାର୍ ନାଏକ କାର୍ଯ୍ୟସ୍ଥଳିକୁ ଯାଇ ସମସ୍ତ କାର୍ଯ୍ୟଗୁଡ଼ିକ ତଦାରଖ କରିଥିବା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଶ୍ରୀମତି ପୃଷ୍ଟି ବିଭାଗୀୟ ଅଧିକାରୀଙ୍କୁ ଯଥା ଶୀଘ୍ର କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳ ଚଳିତ ଫେବୃଆରୀ ମାସ ସୁଦ୍ଧା ଏହି ପ୍ରକଳ୍ପ ଲୋକାର୍ପିତ ହେବ ବୋଲି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ନାଏକ ସୂଚନା ଦେଇଛନ୍ତି । ଏହି ବହୁ ପ୍ରତିକ୍ଷିତ ପ୍ରକଳ୍ପ କାର୍ଯ୍ୟ ପରିଦର୍ଶନ ସମୟେର ସମସ୍ତ ବିଭାଗୀୟ କର୍ମଚାରୀ ବୃନ୍ଦ ଉପସ୍ଥିତ ରହିଥିଲେ।

# ମହର୍ଷି ସ୍କୁଲରେ ବିଜ୍ଞାନ ମେଳା ସହ ମହେଶ ଯୋଗୀଙ୍କ ଜନ୍ମଦିବସ ପାଳିତ

**ବାରିପଦା(ଅମୃତ ମିଡିଆ):** ସ୍ଥାନୀୟ ମହର୍ଷି ପବ୍ଲିକ ସ୍କୁଲେର ପୂଜ୍ୟ ମହର୍ଷି ମହେଶ ଯୋଗୀଙ୍କ ଜନ୍ମ ଜୟନ୍ତୀ ମହାସମାରୋହେର ପାଳିତ ହୋଇଯାଇଛି । ସ୍କୁଲର କର ସାର ଗୁରୁଦେବଙ୍କ ପୂଜା କରିବାପେର, ପିଲାମାନଙ୍କ ଦ୍ୱାରା ମହର୍ଷିଙ୍କ ଆଧ୍ୟାତ୍ମିକ ସଂଗୀତ ଏବଂ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରେର ଏକ ବିଜ୍ଞାନ ପ୍ରଦର୍ଶନୀ ଆୟୋଜନ କରାଯାଇଥିବା ବେଳ, ନିମନ୍ତ୍ରିତ ବିଚାରକ ଭାବେ ଚନ୍ଦନପୁର ହାଇସ୍କୁଲେର ବିଜ୍ଞାନ ଶିକ୍ଷକ ତଥା ଓଷ୍ଟା ସଂଘର ମୟୁରଭଞ୍ଜ ଶାଖା ସଂପାଦକ ଚିତ୍ତରଞ୍ଜନ ପଲତା, ଭୁଆଷୁଣି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ନୟନ କୁମାର ଗିରି ଓ ସାମାଜିକ କର୍ମୀ ଆଶିଷ କୁମାର ବସା ଯୋଗ ଦେଇ ଫିତା କାଟି ପ୍ରକଳ୍ପର ଉଦଘାଟନ କରିବା ସେଙ୍ଗ ପ୍ରେତ୍ୟକ ପ୍ରକଳ୍ପକୁ ମୂଲ୍ୟାୟନ କରିଥିଲେ. ପ୍ରଦର୍ଶନୀ ରେ ମୋଟ ୨୫ଟି ପ୍ରକଳ୍ପ ସହ ୧୦୦ରୁ ଅଧିକ ଆର୍ଟ ଓ କ୍ରାଫ୍ଟ ସ୍ଥାନ ପାଇଥିଲା. ପ୍ରକଳ୍ପ ଗୁଡ଼ିକୁ ୪ଟି ଗୃପେର ବିଭକ୍ତ କରାଯାଇ ପ୍ରେତ୍ୟକ ଗୃପର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିବା ପିଲାଙ୍କୁ




ସାର୍ଟିଫିକେଟ ସହ କେସ ପ୍ରାଇଜ ଦିଆଯିବା ସହ ଅନ୍ୟ ସମସ୍ତ ପ୍ରକଳ୍ପକୁ ମଧ ସାନ୍ତ୍ୱନା ମୂଳକ ପ୍ରାଇଜ ଦିଆଯାଇଥିଲା । ପ୍ରକଳ୍ପ ଭିତେର ଆର୍ଟ ଓ କ୍ରାପଟ୍ଟରେ ପେପର କ୍ରାଫ୍ଟ , ଚନ୍ଦ୍ରାୟନ-୩ ଓ ୱାଲ ହେଙ୍ଗିଂଗ ଏବଂ ପ୍ରକଳ୍ପେର ୱାଟର ପଲୁସନ, ଟ୍ରାଫିକ ଲାଇଟ୍ ?, ଥ୍ରୀଡି ହୋଲଗ୍ରାମ୍ ?, ଏସିଡ୍ ରେନ୍ ?, ଫୋଟସିନେଥସିସ୍ ?, ରୋଡ୍ ଏକସଡିେଣ୍ଟ, ଲେଜର ସିକୁରିଟି ହାଉସ, ସେଭ୍ ଆର୍ଥ, ଫ୍ଲୋର୍ ମେପିଙ୍ଗ, ସ୍ମାର୍ଟ ରୋବ ଆଦି ଉଚ୍ଚ ପ୍ରଶଂସିତ ହୋଇଥିଲା. ଏହି କାର୍ଯ୍ୟକ୍ରମକୁ ସ୍କୁଲ ପ୍ରଧାନ ଶିକ୍ଷକ କାଜଲକାନ୍ତି ପରିଚାଳନା କରିଥିବା ବେଳ, ଶିକ୍ଷକ ଶିକ୍ଷୟତ୍ରୀ ମେନ ସହେଯାଗ କରିଥିଲେ

# ବିଡିଓଙ୍କ ସରିଲା ଶେଷକୃତ୍ୟ

**ବାରିପଦା(ଅମୃତ ମିଡିଆ):**ଶିମୁଳିଆ ବିଡିଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ଆତ୍ମହତ୍ୟା ଘଟଣା ସମସ୍ତଙ୍କୁ ଏକ ପ୍ରକାର ଚକିତ କରଦେଇଛି । ଗୁରୁବାର ବିଳମ୍ବିତ ରାତରେ ତାଙ୍କ ମୃତେଦହ ବାରିପଦା ବାସଭବନକୁ ଅଣାଯିବା ପେର ଏକ ଶୋକାକୂଳ ପରବେଶ ସୃଷ୍ଟି ହୋଇଥିଲା । ମାତ୍ର ଦେଢବର୍ଷ ପୂର୍ବରୁ ତାଙ୍କ ମାଆଙ୍କ ମୃତ୍ୟୁ ହୋଇଥିବା ବେଳ ୮୮ ବର୍ଷର ବୃଦ୍ଧ ବାପା ଅଛନ୍ତି । ସିମୁଳିଆ ବିଡିଓଙ୍କ ଆତ୍ମହତ୍ୟା, ସରକାରୀ ବାସଭବନରୁ ଝୁଲନ୍ତା ମୃତେଦହ ଉଦ୍ଧାରଏଇ ବୟସେର ନିଜ ପୁଅର ମୃତ୍ୟୁ ତାଙ୍କୁ ଗଭୀର ଅଘାତ ଦେଇଛି । ବିଶ୍ୱରଞ୍ଜନ ଜେଣ ମେଳାପି ଓ ଖୁସି ମିଜାଜର ଲୋକ ଥିବା ସେତ୍ତ୍ୱ ସେ କିପରି ଏଭଳି ଚରମ ନିଷ୍ପତ୍ତି ନେେଲ ଓ କାହିଁକି ନେେଲ ସେକଥା ତାଙ୍କ ସାଇ ପଡିଶା ପରିବାର ଓ ବାଲ୍ୟବନ୍ଧୁ କେହି ସହଜ ରେ ଗ୍ରହଣ କରି ପାରିନାହାନ୍ତି । ଏକ ଶୋକାକୂଳ ପରବେଶ ଭିତେର ବାରିପଦା ବାରୁଣିଘାଟ ଶ୍ମଶାନେର ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି ।

# କମ୍ପ୍ୟୁଟର ବିଜ୍ଞାନ ବିଭାଗର ଛାତ୍ରମିଳନ

**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟେର କମ୍ପ୍ୟୁଟର୍ ବିଜ୍ଞାନ ବିଭାଗର ପୁରାତନ ଛାତ୍ରଛାତ୍ରୀ ମାନଙ୍କର ଛାତ୍ରମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲେକ୍ଷ ଅନୁଷ୍ଠିତ ସଭାେର ମୁଖ୍ୟ ଅତିଥି ଭାେବ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରେଫସର ଅେଶାକ କୁମାର ଦାସ ଯୋଗେଦଇଥିଲେ। ବିଭାଗୀୟ ମୁଖ୍ୟ ଡଃ. ଆନନ୍ଦ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲା ବେେଳ ବିଭାଗର ଅଧ୍ୟାପକ ସୁବ୍ରତ ପାତ୍ର, ସୌମ୍ୟାରାଣୀ ମହାରଣା, ରଞ୍ଜିତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ମୁଖ୍ୟ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ବିଭାଗର ଛାତ୍ରଛାତ୍ରୀ ମାନଙ୍କର ସଫଳତା ଏବଂ ବିଭାଗର ଉନ୍ନତି ଉପେର ଅାଲୋକପାତ କରିଥିଲେ। ଅଧ୍ୟକ୍ଷ



ମହାବିଦ୍ୟାଳୟ ଏବଂ ବିଭାଗର ସଫଳତା ପଛେର ଆଲୁମିନି ମାନଙ୍କର ଭୂମିକା ଓ ଦାୟିତ୍ୱ ସମ୍ପକର୍ରେ ବୁଝାଇଥିଲେ। ପୁରାତନ ଛାତ୍ରଛାତ୍ରୀ ମେନ ସେମାନଙ୍କର ସ୍ମୃତି ଚାରଣ କରିବା ସହିତ ଅଭିଜ୍ଞତା ବାଣ୍ଟିଥିଲେ। ବର୍ତ୍ତମାନର ଛାତ୍ରଛାତ୍ରୀମେନ ମେନାରଞ୍ଜନ କାର୍ଯ୍ୟକ୍ରମର ଅାୟୋଜନ କରିବା ସହ ସଭାର ସୁପରିଚାଳନା କରିଥିଲେ।

# ମୟୂରୀ ରୟାଲସ ପ୍ରିମିୟର ଲିଗ୍ ଉଦ୍‌ଯାପିତ



**ବାରିପଦା(ଅମୃତ ମିଡିଆ):** ମୟୂରୀ ରୟାଲସ ପ୍ରିମୀୟର ଲିଗର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦଯାପନୀ ଉତ୍ସବେର ମୁଖ୍ୟ ଅତିଥି ଭାେବ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ସମ୍ମାନିତ ଅତିଥି ଭାେବ ଏମ.ଆର.ପି.ଏଲ.ର ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାସ, ସଭାପତି ସଞ୍ଜୀବ ଦିେ୍ୱଦି, ଭଞ୍ଜେସନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସମ୍ପାଦକ ତଥା ୨୫ ନମ୍ବର ୱାର୍ଡକାଉନସିଲର ଦେବାଶିଷ ପାତ୍ର, ଡିଭାଇନର ଡାଇେରକ୍ଟର ବିପ୍ଳବ ବୁଗୁଡେଇ, ଓଡ଼ିଶା କଣ୍ଟ୍ରାକଟର ଅାସୋସିଏସନର ସଭାପତି ତରୁଣ ମହାନ୍ତି, କ୍ଲବର ଉପସଭାପତି ଆଦିତ୍ୟ ଦଣ୍ଡପାଟ, ଜେୟସ ପାତ୍ର, ଅମିତାଭ ସାହୁ, କୈଳାସ ବେେହରା, ରଞ୍ଜନ ପ...ନାୟକ, ସେରାଜ ମହାପାତ୍ର, ଗୌତମ ଦାସ, ଲାଲ ବାହାଦୁର ମହାନ୍ତି , ହିରାଲାଲ ସିଂ, ରେଜନ୍ଦ୍ର ବାରିକ ପ୍ରମୁଖ ଯୋଗ ଦେଇ ବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ମେଗା ଫାଇନାଲ ମ୍ୟାଚେର ଭି ରୋର ଦଳ ସ୍ମାସର୍ସ ଦଳକୁ ୨୧ ରନେର ପରାସ୍ତ କରିଥିଲା. ସାଗର ସାହୁ ୩ ଟି ୱିକେଟ ନେଇ ମ୍ୟାନ ଅଫ ଦି ଫାଇନାଲ ମ୍ୟାଚ ବିବେଚିତ ହୋଇଥିବା ବେଳ, ଅମିତ ମହାନ୍ତି ଏହି ଲିଗର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଚାମ୍ପିଅନ ଦଳକୁ ଟ୍ରଫି ସହ ୮୦ହଜାର ଟଙ୍କାର ପୁରସ୍କାର ରାଶି ଓ ରନସର୍ଅପ ଦଳକୁ ଟ୍ରଫି ସହ ୬୦ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି ଅବସର ରେ ଲିଗେର ଭାଗ ନେଇଥିବା ସମସ୍ତ ଦଳର ମାଲିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ମ୍ୟାଚ କୁ ଆମ୍ପିୟାର ଭାେବ ଇନ୍ଦ୍ରଜିତ ପ୍ରସାଦ ଓ ପ୍ରବୀର ମୋଦି ପରିଚାଳିତ କରିଥିବା ବେଳ ରେଜଶ ସାହୁ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ । ସ୍କୋରର ଭାେବ ସମ୍ବିତ ମହାରଣା ଓ ରାମଚନ୍ଦ୍ର ଟୁଡୁ ସହାୟତା କରିଥିବା ବେଳ ପଙ୍କଜ ମହାକୁଡ ଧାରା ବିବରଣୀ ପ୍ରଦାନ କରିଥିଲେ ।

# ଶିମିଳିପାଳରେ ପୁଣି ୦ ଡିଗ୍ରୀ ଛୁଇଁଲା ପାରଦ

**ବାରିପଦା(ଅମୃତ ମିଡିଆ):**ବିଗତ ଦୁଇ ତିନି ଦିନ ଧରି ମୟୂରଭଞ୍ଜ ଜିଲାରେ ଶୀତର ପ୍ରକୋପ ପୁଣି ଥେର ବୃଦ୍ଧି ପାଉଛି । ଜିଲ୍ଲାରେ ସାଧାରଣତ ୧୦ ଡିଗ୍ରୀ ପାଖାପାଖି ତାପମାତ୍ର ରହୁଥିବା ବେେଳ ଶିମିଳିପାଳ କୋର ଏରିଆରେ ସର୍ବନିମ୍ନ ତାପମାତ୍ରା ୦ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିବାର ଜଣାଯାଇଛି । ପ୍ରବଳ ଥଣ୍ଡା କାରଣରୁ ଶିମିଳିପାଳର ବିଭିନ୍ନ ସ୍ଥାନେର ରାତିରେ ତୁଷାରପାତ ହୋଇ ସକାଳକୁ ଘାସ ଉପରେ ବରଫର ସୂକ୍ଷ୍ମ ଆସ୍ତରଣ ଜମାହୋଇ ରହୁଥିବାର ଦେଖାଯାଉଛି । ଦେଶୀ ବିଦେଶୀ ପର୍ଯ୍ୟଟକ ମେନ ଶିମିଳିପାଳକୁ ବୁଲିବାକୁ ଆସି କାଶ୍ମୀରର ଅନୁଭୂତି ଉଠାଇବାରେ ଲାଗିଛନ୍ତି । ବିଶେଷ କରି ଶିମିଳିପାଳ ଏବଂ ଏହାର ପାଦ ଦେଶରେ ଥିବା ଗ୍ରାମ ଗୁଡିକରେ ପ୍ରବଳ ଥଣ୍ଡାରୁ ରକ୍ଷା ପାଇବା ପାଇଁ ସନ୍ଧ୍ୟା ହେେଲ ଲୋକେ ଧୂନି ଜାଳି ବସୁଥିବାର ଦେଖାଯାଉଛି । ସନ୍ଧ୍ୟା ପରେ ସହରର



ରାସ୍ତାଘାଟବି ଶୂନଶାନ ହୋଇଯାଉଛି । ରାତରେ ଘନ କୁହୁଡ଼ି ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଥିବା ବେେଳ, ଶିମିଳିପାଳ ଅଭୟାରଣ୍ୟର ଉପର ବାରହା କାମୁଡ଼ା ରେଞ୍ଜରେ ସର୍ବନିମ୍ନ ୦ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପକ୍ଷରୁ ସୂଚନା ମିଳିଛି । ଶିମିଳିପାଳ ଭିତରେ ରହୁଥିବା ବାସିନ୍ଦା ମାନେ ପ୍ରବଳ ଥଣ୍ଡା କାରଣରୁ ଦିନ ଏବଂ ରାତି ତମାମ ଧୂନି ଜାଳି ସମୟ ଅତିବାହିତ କରୁଥିବାର ଦେଖାଯାଉଛି ।

# ମାନବ ସମ୍ବଳ ପରିଚାଳନାରେ ଯୁଗାନ୍ତକାରୀ ପରିବର୍ତ୍ତନ ଉପରେ ସମ୍ମିଳନୀ

**ଭୁବନେଶ୍ୱର(ବ୍ୟୁରୋ):**କଣ୍ଟାବାଡ ସ୍ଥିତ ଇଣ୍ଟର ସାଇନ୍ସ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ ଏବଂ ଟେକ୍ନୋଲୋଜୀ (ଆଇଆଇଏମ୍ ଟି ପରିସରରେ 'ମାନବ ସମ୍ବଳ ପରିଚାଳନାରେ ଯୁଗାନ୍ତକାରୀ ପରିବର୍ତ୍ତନ ଉପରେ ଏକ ଆନ୍ତର୍ଜାତିକ ସମ୍ମିଳନୀ ଭାରତୀୟ ପ୍ରଶିକ୍ଷଣ ଏବଂ ବିକାଶ ସଂଗଠନର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଆଇଆଇଏମ୍ ଟି ର ନିର୍ଦ୍ଦେଶକ ପ୍ରଫେସର ଡ଼ଃ ଶ୍ରୀକାନ୍ତ ପଟ୍ଟନାୟକ ଉଦ୍ ଘାଟନ କରି ବୈଷୟିକ ପ୍ରଯୁକ୍ତିବିଦ୍ୟା ର ଉନ୍ନତି ଫଳରେ ସାମାଜିକ ଗଣମାଧ୍ୟମ ଏବଂ ରୋବଟିକ ଆର୍ଟି ଫିସିଆଲ



ଇଣ୍ଟିଲିଜେନସ ର ଉଦ୍ଭାବନ ଦ୍ୱାରା ମାନବ ସମାଜ ଏବଂ ବ୍ୟକ୍ତି ର ବ୍ୟବହାର ଉପରେ ଗଭୀର ପ୍ରଭାବ ପଡୁଛି ବୋଲି ମତପ୍ରକାଶ କରିଥିଲେ।ଛାତ୍ର ମାନଙ୍କର ଇଣ୍ଟରନେଟ ବ୍ୟବହାର ଦ୍ୱାରା ଜ୍ଞାନ ବୃଦ୍ଧି ହେବା ସହିତ ଆଚରଣ ରେ ବିଶେଷ ପରିବର୍ତ୍ତନ ହେବା ର ଦେଖାଯାଏ । ଆଇଏସଟିଡି ଭୁବନେଶ୍ୱର ଚ୍ୟାପଟର ଚେୟାରମ୍ୟାନ ତଥା କିଟ ୟୁନିଭର୍ସିଟି ଏଚ୍ ଆର ଏବଂ ସ୍କିଲ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ଡ଼ଃ ପ୍ରବୋଧ କୁମାର ମହାନ୍ତି ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ପାରିଲେ ଏବଂ ଦକ୍ଷତା କୌଶଳରବିକାଶ ହୋଇ ପାରିଲେ ସେମାନେ ରୋଜଗାର କରି ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମତପ୍ରକାଶ କରିଥିଲେ । ସେହିପରି ଟ୍ୟାଲେଣ୍ଟ-ସିଗମାର ନିର୍ଦ୍ଦେଶକ ଡ଼ଃ ପରେଶ ଚନ୍ଦ୍ର ମହାନ୍ତି ଅଂଶଗ୍ରହଣ କରି ମତ ପ୍ରକାଶ କରିଥିଲେ ଯେ ଛାତ୍ର ମାନେ ଉପଯୁକ୍ତ ଜ୍ଞାନ କୌଶଳ ପାଇ ପାରିଲେ ନିଜେ ସ୍ୱାବଲମ୍ବୀ ହୋଇ ପାରିବେ ।

## କୁତାମଚଣ୍ଡୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ରଘୁନାଥପୁର(ଅମୃତ ମିଡିଆ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧରାଧରପୁର ପଂଚାୟତର କୁତାମ ଚଣ୍ଡୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଗତକାଲି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥିଭାବେ ରଘୁନାଥପୁର ବ୍ଲକ୍ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ମେନକା ମହାପାତ୍ର, ସମ୍ମାନିତ ଅତିଥିଭାବେ ଧରାଧରପୁର ସରପଞ୍ଚ ନଳିନୀପ୍ରଭା ମୁଦୁଲି, ସି.ଆର.ସି.ସି. ସୁକାନ୍ତ କୁମାର ଦ୍ୱିବେଦୀ, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଦୃଢ଼ବ୍ରତ ନାୟକ, ପୁରାତନ ଛାତ୍ର ସଂସଦ ସଭାପତି ରାକେଶ କୁମାର ସାହୁ, ଏସ୍.ଏମ୍.ସି. ସଭାପତି ସୁନିଲ୍ କୁମାର ବିଶ୍ୱାଳ ଯୋଗଦେଇଥିଲେ । ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କିଶୋର ମହାନ୍ତି ସଭାପତିତ୍ୱ କରିଥିଲେ। ସହକାରୀ ଶିକ୍ଷକ ପବନୀ ଚରଣ ବିଶ୍ୱାଳ ଅତିଥିପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ଭକ୍ତବତ୍ସଳ ସ୍ୱାଇଁ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ଅଶୋକ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ରଘୁନାଥପୁର ବ୍ଲକ୍‌ରେ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା ଶେଷ



**ରଘୁନାଥପୁର(ଅମୃତ ମିଡିଆ):** ରଘୁନାଥପୁର ବ୍ଲକର ଗୁଆଳିପୁର ପଂଚାୟତରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମାରେ ତିର୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କର ବେଢ଼ା ପରିକ୍ରମା ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ। ଏଥିରେ ରଘୁନାଥପୁର ବ୍ଲକ୍ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲାପରିଷଦ ୧ ନଂ ଜୋନ୍‌ର ସଭ୍ୟା ରୀନାରାଣୀ ମଲ୍ଲିକ୍, ଜିଲ୍ଲାପରିଷଦ ୨ ନଂ ଜୋନ୍‌ର ସଦସ୍ୟା ଇତିଶ୍ରୀ ମଲ୍ଲିକ୍, ସରପଞ୍ଚ ମନୋଜିନୀ ସାହୁ, ସମିତି ସଭ୍ୟ କମଳାକାନ୍ତ ପରିଡା, ବିଜେଡି ଯୁବନେତା ନିହାରରଞ୍ଜନ ସାହୁ, ବିଜେଡି ଯୁବନେତା ଅଭିମନ୍ୟୁ ସାହୁ, ବିଜେଡି ନେତା ପ୍ରକାଶ କୁମାର ମଲ୍ଲିକ୍, ରାଜେନ୍ଦ୍ର ସାହୁ, ମନୋରଞ୍ଜନ ମହାପାତ୍ର, ଅଭିନାଶ ପଟ୍ଟନାୟକ, ରାଜେନ୍ଦ୍ର ସାହୁ, ଅଜିତ୍ ମହାରଣା, ଅତୁଲ୍ୟ ସ୍ୱାଇଁ, ସୋମ୍‌ଜିତ୍ ମହାପାତ୍ର, ଜ୍ଞାନରଞ୍ଜନ ପଟ୍ଟନାୟକ, ଭାଗିରଥି ସାହୁ, ଅନନ୍ତ ପରିଡା, ପିତବାସ ସ୍ୱାଇଁ ଏବଂ ଶତାଧିକ ମହିଳା ଯୋଗଦେଇ ଗୁଆଳିପୁର ପଂଚାୟତର ପ୍ରତ୍ୟେକ ୱାର୍ଡକୁ ଯାଇ ପ୍ରତ୍ୟେକ ଘରୁ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ । ସେହିପରି ରଘୁନାଥପୁର ପଂଚାୟତରେ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥ ରଘୁନାଥପୁର ବଡ଼ଦାଣ୍ଡ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସରପଞ୍ଚ ସୁଚିତ୍ରା ଏହି ପରିକ୍ରମାର ଶୁଭାରମ୍ଭ କରିଥିଲେ । ଏଥିରେ ବିଜେଡି ଯୁବନେତା ଚନ୍ଦ୍ରକାନ୍ତ ପଣ୍ଡା, ବ୍ଲକ୍ ନାଏବ ସରପଞ୍ଚ ଶ୍ରୀନିବାସ ପଣ୍ଡା, ସେଫାଳି ତା, ମଧୁସ୍ମିତା ସେଠୀ, ଅନୁପମା ସାହୁ, ରାଜକୁମାରୀ ମହାପାତ୍ର, ଛବିଲତା ସାହୁ, ବବିତା ଦାସ, ବିପିସି ସ୍ନେହପ୍ରିୟା ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି ଅର୍ପଣ ରଥକୁ ଅଯୋଧାପୁର, ନାରାୟଣ ଛକ, ହୁରାସାହି, ବାଙ୍ଗିତଳା, ପଦ୍ମପୁର, ପଣ୍ଡୁଆ, ରଇପଡା, ଚନ୍ଦପୁର, କୋରକୋରା, ସୁଧାଭୂମି ଆଦି ଗ୍ରାମ ପରିକ୍ରମା କରାଇଥିଲେ । ସେହିପରି ମାଣପୁର ପଂଚାୟତରେ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା ଅବସରରେ ସରପଞ୍ଚ ରଞ୍ଜିତା ସେଠୀ, ସମିତିସଭ୍ୟ ମିନି ମଲ୍ଲିକ୍, ବିଜେଡି ସଭାପତି ରୁସ୍ତମଅଲ୍ଲୀ ଖାଁ, ନାଏବ ସରପଞ୍ଚ ବାବୁଲି ପ୍ରଧାନ, ଜି.ଆର.ଏସ୍. ଅମୂଲ୍ୟ ସେନାପତି, ପ୍ରଭାତ କୁମାର ବେହେରା, ସୋମଦେବ ମହାରଣା, ମାୟାଧର ବାରିକ, ପ୍ରଶାନ୍ତ କୁମାର ରାଉତ, ତ୍ରିଲୋଚନ ମହାପାତ୍ର, ଅକ୍ଷୟ କୁମାର ସେଠୀ, ସବିତା ମହାପାତ୍ର, କବିତା ଦାସ, ବନଲତା ନାୟକ, ଅଭିମନ୍ୟୁ ମହାପାତ୍ରଙ୍କ ସମେତ ପଂଚାୟତର ୭୫ଟି ମହିଳା ଗ୍ରୁପର ସଦସ୍ୟମାନେ ଏହି ରଥକୁ ସ୍ୱାଗତ କରିବା ସହିତ ପଂଚାୟତ ପରିକ୍ରମା କରାଇଥିଲେ। ବିଭିନ୍ନ ଛକରେ ଶିଶୁକଳାକାରମାନେ ଓଡ଼ିଶୀ ନୃତ୍ୟ, ଭଜନ ପରିବେଷଣ କରିଥିଲେ । ରଥ ଆସିବା କ୍ଷଣି ଗୃହ କର୍ତ୍ତା ଓ କର୍ତ୍ତୀମାନେ ରଥରେ ଦୁବ, ବରକୋଳି ପତ୍ର ଓ ଆଳତି କରି ସ୍ୱାଗତ କରିବା ସହିତ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଗୁଆ, ଅରୁଆଚାଉଳ ଅର୍ପଣ କରିଥିଲେ ।

## କେଶଡିହା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ବାରିପଦା(ଅମୃତ ମିଡିଆ):** ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆଶ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କେଶଡିହା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ମହା ସମାରୋହ ରେ ୧୨ ତାରିଖ ପାଳିତ ହୋଇଯାଇଛି ।ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ ।ଅବସରପ୍ରାପ୍ତ ଶିକ୍ଷା ବିଭାଗ ସି.ଆଇ (୧୯୫ଓ) ଅକ୍ଷୟ କୁମାର ମହାନ୍ତ ମୁଖ୍ୟ ବକ୍ତା ଯୋଗଦେଇ ଥିଲେ । ସମ୍ମାନୀତ ଅତିଥି ଭାବେ କରଞ୍ଜିଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବେନ୍ଦ୍ର କୁମାର ସାମଲ ଓ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଆଲୋକ କୁମାର ମାଝି, ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁ, କେଶଡିହା ଗ୍ରାମପଞ୍ଚାୟତ ର ସରପଞ୍ଚ ବୀଣାପାଣି ନାୟକ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସଭା ଆରମ୍ଭ ରେ ପ୍ରଧାନ ଶିକ୍ଷକ ଭୂରିଶ୍ରବା ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟ ର ଶିକ୍ଷକ ଯୋଗେଶ୍ୱର ମହାନ୍ତ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ରସାନନ୍ଦ ସଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସର ରେ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଲାଭ କରିଥିବା ଛାତ୍ର,ଛାତ୍ରୀ ମାନେ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶିବସ୍ୱରୂପ ଦଲେଇ, ତ୍ରିଲୋଚନ ପରିଡା,ଅମିତ କୁମାର ମହାନ୍ତ, ରାକେଶ କୁମାର ସାହୁ,ମାନସ ରଞ୍ଜନ ମହାନ୍ତ ଓ ଶିକ୍ଷୟତ୍ରୀ ସିତଲ ହାଶଦା ପ୍ରମୁଖ ସହଯୋଗ କରିଥିଲେ। ସଭା ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ରେଢୁଆ ସେବା ସମବାୟ ସମିତିର ଧାନମଣ୍ଡି ଉଦ୍‌ଘାଟନ



**ରଘୁନାଥପୁର(ଅମୃତ ମିଡିଆ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆ ସେବା ସମବାୟ ସମିତିରେ ଧାନମଣ୍ଡି ଉଦଘାଟନ ହୋଇଯାଇଛି । ଏହାକୁ ରଘୁନାଥପୁର ବ୍ଲକ ଉପାଧ୍ୟକ୍ଷ ଦେବାଶୀଷ ତ୍ରୀପାଠି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ଏହି ଉତ୍ସବରେ ସମିତିର ସଭାପତି ପ୍ରଦିପ୍ତ କୁମାର ମହାନ୍ତି, ସଂପାଦିକ ଭଗବାନ ସ୍ୱାଇଁ, ଡିଇଓ ସଂଧ୍ୟାରାଣୀ ସ୍ୱାଇଁ, ରେଢୁଆ ସରପଂଚ କିଶୋର ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ସଦସ୍ୟା ଇତିଶ୍ରୀ ମଲ୍ଲିକ, ତଅଁରା ସରପଂଚ ବଟକୃଷ୍ଣ ନାୟକ, ସମିତି ସଭ୍ୟ ଶାନ୍ତିଲତା ଦ୍ୱୀବେଦି, ପରିଚାଳନା କମିଟିର ସଦସ୍ୟବୃନ୍ଦ ଓ ଧାନ କ୍ରୟ କମିଟିର ସଦସ୍ୟ ରବିନ୍ଦ୍ରନାଥ ବେହେରା, ଅଶୋକ ବେହେରା, ସଚିତ୍ର ସ୍ୱଇଁ, ଜ୍ଞାନରଂଜନ ମିଶ୍ର, ନୃସିଂହ ଜେନା, ରଘୁନାଥପୁର କୋପରେଟିଭ ବ୍ୟାଙ୍କ ଶାଖା ପରିଚାଳକ ଅଜୟ କୁମାର ପରିଡ଼ା, ଆରଏମସିର ଅଧୀକାରି ସୂର୍ଯ୍ୟକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସିଭିଲ କୋର୍ଟ ନୂତନ ଗୃହ ନିର୍ମାଣର ଶିଳାନ୍ୟାସ କଲେ ହାଇକୋର୍ଟର ମୁଖ୍ୟ ବିଚାରପତି




**ବାରିପଦା(ଅମୃତ ମିଡିଆ):** ମୟୂରଭଞ୍ଜ ଯଶିପୁର ରେ ସିଭିଲ କୋର୍ଟ ର ନୂତନ ଗୃହ ନିର୍ମାଣ ପାଇଁ ଶୁଭ ଶିଳାନ୍ୟାସ କରିଛନ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ । ପ୍ରଥମ ପର୍ଯ୍ୟାୟରେ ୪କୋଟି ୮୧ ଲକ୍ଷ ବ୍ୟୟ ଅଟକଳ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜଣାଯାଇଛି। ସେହି ଶିଳାନ୍ୟାସ କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ହାଇକୋର୍ଟର ବିଚାରପତି ଦେବବ୍ରତ ଦାସ, ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଉପସ୍ଥିତ ରହିଥିଲେ। ହାଇକୋର୍ଟର ତିନି ବିଚାରପତି ଯଶିପୁର ରେ ପହଞ୍ଚିବା କ୍ଷଣି ବରିଷ୍ଠ ଓକିଲ ବାଞ୍ଛାନିଧି ପୃଷ୍ଟି, କରଞ୍ଜିଆ ଓକିଲ ସଂଘର ସାଧାରଣ ସମ୍ପାଦକ ଓକିଲ ଦିବ୍ୟଲୋଚନ ସାହୁ,ପକଂଜ୍ୱାସିନୀ ମହାନ୍ତି, ହରିଶ୍ ଚନ୍ଦ୍ର ଦାସ, ଯଶିପୁର କୋର୍ଟ ଓକିଲ ଆମରୁଲ ହୁସେନ, ହରେକୃଷ୍ଣ ମହାନ୍ତ, ଭୈରବ ମହାନ୍ତ, ରଘୁନାଥ ବେହେରା, ଅସିତ୍ ବେହେରା, ଅମରେନ୍ଦ୍ର ସାହୁ,ମଙ୍ଗୁଲୁରାମ ମହାନ୍ତ,ବୁଲୁ ବେହେରା, ବିଜୟ ବେହେରା, ଲକ୍ଷ୍ମୀକାନ୍ତ ମହାନ୍ତ,ପ୍ରମୂଖ ସମେତ କୋର୍ଟ କର୍ମଚାରୀ, ପୋଲିସ କର୍ମଚାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀଗଣ ସ୍ୱାଗତ କରିଥିଲେ । ଯଶିପୁର ଥାନା ନିକଟରେ ୩ ଏକର ଜମି ଚିହ୍ନଟ କରାଯାଇଛି । ବିଚାରପତି ଗଣ ଲେଖାଥିବା ସୂଚନା ଫଳକ ଉନ୍ମୋଚନ କରିବା ସହ ବ୍ରାହ୍ମଣ ପୂଜକ ସହାୟତା ରେ ଭୂମି ପୂଜା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲା ଜର୍ଜ ଅରବିନ୍ଦ ପଟ୍ଟନାୟକ,ଏଡିଜେ ପ୍ରଶାନ୍ତ ମିଶ୍ର,ସ୍ୱଜର୍ଜ ଶଂଖ ଚକ୍ରବର୍ତ୍ତୀ, କରଞ୍ଜିଆ ଏସ୍ ଡି ଜେ ଏମ୍ ସାଲମୀ ସାହୁ, ଯଶିପୁର ସିଭିଲ କୋର୍ଟ ଜର୍ଜ ବିଦ୍ୟୁତ୍ ଲତା ପ୍ରଧାନ, କରଞ୍ଜିଆ ଡି ଏଫ୍ ଓ ଶ୍ରୀକାନ୍ତ ନାଏକ, ଏସ୍ ଡି ପି ଓ ସୁବ୍ରତ କୁମାର, ଯଶିପୁର ଥାନା ଆଇ ଆଇ ସି ସଞ୍ଜୁକ୍ତା ମାହାଲିକ, କରଞ୍ଜିଆ ଓ ଯଶିପୁର କୋର୍ଟର ସମସ୍ତ ଓକିଲ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ଓ ଯଶିପୁର ଅଞ୍ଚଳ ର ବୁଦ୍ଧିଜୀବୀଗଣ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ।

## ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ

**ଜଗତସିଂହପୁର(ଅମୃତ ମିଡିଆ):** ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୮୧ତମ ଜୟନ୍ତୀ ଆଜି ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସ୍ଥାନୀୟ ମୁଳିସିଂ ସ୍ଥିତ ସେ ଜାଭିୟର ପବ୍ଲିକ୍ ସ୍କୁଲ ପରିସରରେ ପାଳିତ ହୋଇଯାଇଛି । ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିକ୍ଷକ ପ୍ରଭାତ କୁମାର ଭୂୟା ଅତିଥିମାନଙ୍କର ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ଅଧ୍ୟକ୍ଷା ଜ୍ୟୋତିମୟୀ ମହାରଣା ଆଲୋଚନାରେ ଭାଗନେଇ ବ୍ୟାସକବି ଫକୀର ମୋହନ ଓଡିଆ ଭାଷା ସାହିତ୍ୟର ଯଥାର୍ଥ ସେନାପତି ଥିଲେ ବୋଲି କହିବା ସହିତ ଓଡିଆ ଭାଷା ସାହିତ୍ୟ ଦୁର୍ଦ୍ଦିନରେ ସେ ସେନାପତି ଭଳି ଆଗକୁ ବାହାରି ଭାଷା ସୁରକ୍ଷାରେ ଅଗ୍ରଣୀ ଭୂମିକା ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ ଜେନା, ଶିକ୍ଷୟିତ୍ରୀ ବିନତୀ ସାହୁ ଓ ମୋନାଲିସା ଭଞ୍ଜ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଫକୀର ମୋହନଙ୍କ ରଚିତ ଉପନ୍ୟାସ ଛଅମାଣ ଆଠଗୁଣ୍ଠ, ମାମୁଁ, ଲଛମା, ପ୍ରାୟଶ୍ଚିତ ଓ ଗଳ୍ପ ରେବତୀ, ଡାକମୁନ୍‌ସୀ , ପେଟେ ମେଡିସିନ ଓ ଧୂଳିଆବାବା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତିତ୍ ହାସଲ କରିଥିବା ଛାତ୍ରଛାତ୍ରୀ ଆୟିଶା ପରବିନ୍, ପ୍ରତୀକ୍ଷା ଜେନା, ଫରହାଦ୍ ଶେଖ୍, ଆଦିଜା ଖାତୁମ୍, ସୌମ୍ୟରଞ୍ଜନ ମଲ୍ଲ, କୀର୍ତିରଞ୍ଜନ ପ୍ରଧାନଙ୍କୁ ପରିଷଦ ପକ୍ଷରୁ ବରପୁତ୍ରଙ୍କ ଜୀବନୀ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ ଧନ୍ୟବାଦ ଦେଇଥିଲେ ।



## ସ୍ୱାମୀ ବିବେକାନନ୍ଦ ସୋସିଆଲ ଡେଭଲପ୍‌ମେଂଟର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ



**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ଟାଙ୍ଗୀ-ଚୌଦ୍ୱାର ଅଂଚଳର ଅଗ୍ରଣୀତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସୋସିଆଲ ଡେଭଲପ୍‌ମେ ର ୧୧ତମ ବାର୍ଷିକ ଉତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତା ସହ ବିଶାଳ ଗଣଦୌଡ଼ ୧୧ନଂ. ୱାର୍ଡ଼ ସ୍ଥିତ ଗୋପବନ୍ଧୁ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଂଜନ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କାଉନ୍‌ସିଲର ବିନୋଦିନୀ ରାଉତରାୟ, ପୂର୍ବତନ ଡେପୁଟି କମାଣ୍ଡା ବିଜୟ କୁମାର ସାହୁ, ଶାଳଗାଁ ସରପଂଚ ପବିତ୍ର ମୋହନ ଉପାଧ୍ୟାୟ, ପୂର୍ବତନ କାଉନ୍‌ସିଲର ମନୋଜ କୁମାର ମହାନ୍ତି, ଆଇନଜୀବୀ ସରିତା ଦାସ, ରୋଟାରିଆନ୍ ଶରତ ଚନ୍ଦ୍ର ଖୁଂଟିଆ, ଦୁର୍ଗପତି ଶୈଳନ୍ଦ୍ର ମୁଖି, ସମାଜସେବୀ ସହଦେବ ବରାଳ ଓ ସୂଚନା ଅଧିକାର କର୍ମୀ ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ଆନୁଷ୍ଠାନିକ ଭାବେ ମୁଖ୍ୟଅତିଥି ଶ୍ରୀ ସାହୁଙ୍କ ଦ୍ୱାରା କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରାଯିବା ସହ ବିଶାଳ ଗଣଦୌଡ଼ କରାଯାଇଥିଲା । ଗୋପବନ୍ଧୁ ପଡ଼ିଆରୁ ଏହି ଗଣଦୌଡ଼ ଆରମ୍ଭ ହୋଇ ଓଟିଏମ୍ ଛକ, ଗାନ୍ଧିଛକ, ଚୌଦ୍ୱାର ଥାନା, କଳିଙ୍ଗ ଛକ, ଜେଲ ରୋଡ଼, ବିରାଟ ବଜାର, ଆଗ୍ରାହାଟ, ନୂଆଗାଁ, ଜୟ ହିନ୍ଦ୍ କ୍ଲବ୍, ଆମ୍ବିସନ୍ କ୍ଲବ୍ ଦେଇ ଗୋପବନ୍ଧୁ ପଡ଼ିଆରେ ଶେଷ ହୋଇଥିଲା । ଏହାପରେ ଛାତ୍ରଛାତ୍ରୀମାନଙ୍କୁ ନେଇ କୁଇଜ୍, ଡିବେଟ୍, ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଭାପତି ଭାସ୍କର ଚନ୍ଦ୍ର ରାଉତରାୟ ଓ ସମ୍ପାଦକ ଅଶ୍ୱିନୀ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର ପୌର ନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡ. ନିଳାଦ୍ରୀ ପଣ୍ଡା ଓ ମୁଖ୍ୟବକ୍ତା ଭାବେ ବାବାଜୀ ଅମୃତାନନ୍ଦ ଦାସ ମହାରାଜଜୀ ଉପସ୍ଥିତ ରହି ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ଗଣଦୌଡ଼ର ସିନିୟର ବିଭାଗରେ ଦିବ୍ୟରଂଜନ ଦାସ, ଶୁଭମ୍ ବେହେରା ଓ ଲକ୍ଷ୍ମଣ ପୂର୍ତ୍ତି ଏବଂ ଜୁନିୟର ବିଭାଗରେ ମାନସ ସିଂ, ଦିବ୍ୟଜ୍ୟୋତି ବେହେରା ଓ ସଞ୍ଜୟ ବଦ୍ରା ପ୍ରମୁଖ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ବାଳିକା ବିଭାଗରେ ମେହେକ ବେଗମ୍, ଶୁଭଶ୍ରୀ ନାୟକ, ସୁଭଦ୍ରା ମହାରଣା ଏବଂ ବରିଷ୍ଠ ନାଗରିକ ବିଭାଗରେ ସଞ୍ଜୟ ସାହୁ, ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଅନୁରୂପ ଭାବେ ଡିବେଟ୍ ପ୍ରତିଯୋଗିତାରେ ସିନିୟର ବିଭାଗରେ ଅଙ୍କିତା ଦାସ, ପ୍ରଦୀପ ମହାରଣା, ମୁଷ୍କାନ୍ ଆଉରୋପ୍ରିୟ, ଜୁନିୟର ବିଭାଗରେ ସାଇ ମନ୍ତ୍ରୀ ସୁବୁଦ୍ଧିରାୟ, ସୁଚିସ୍ମିତା ନାୟକ, ଶ୍ରେୟଶ୍ରୀ ତ୍ରିପାଠୀ, ଶେୟା ସାହୁ, କୁଇଜ୍ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ବିଶ୍ୱଜିତ୍ ବିଶ୍ୱାଳ, ସ୍ମୃତିରଂଜନ ବିଶ୍ୱାଳ, ଅଂଶୁମାନ ସାହୁ, ଜୁନିୟର ବିଭାଗରେ ସୋମ୍ୟାନ୍ସ ରାଉତରାୟ, ହୃଶିକେଶ ପୃଷ୍ଟି, ଯସ୍ମିତ୍ ରେଡ୍ଡୀ, ଚିତ୍ରାଙ୍କନ ପ୍ରତିଯୋଗିତାର ସିନିୟର ବିଭାଗରେ ରେହେଲ ଲତିଫ୍ ସାହା, ଜିଜ୍ଞାସୁ ବେଉରା, ନିର୍ମାଲ୍ୟ ବେହେରା ଓ ନୃତ୍ୟ ପ୍ରତିଯୋଗିତାରେ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ, ଇପ୍‌ସିତା ନାୟକ, ସିପ୍ରା ମିଶ୍ର ପ୍ରମୁଖ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ଦଳଗତ ନୃତ୍ୟ ପ୍ରତିଯୋଗିତାରେ ସୁଇଟି ଡ୍ୟାନ୍ସ ଗ୍ରୁପ୍, ଗୋପବନ୍ଧୁ ନୋଡ଼ାଲ ସ୍କୁଲ ଓ ପରିବ ନ କିଶୋର ନିଶାମୁକ୍ତି କେନ୍ଦ୍ର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମର ପରିଚାଳନାରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଭୀମସେନ୍ ବିଶ୍ୱାଳ, କୋଷାଧ୍ୟକ୍ଷ ମାନସ କୁମାର ପରିଡ଼ା, ସୁରେଶ ରାଉତରାୟ, ସୁଜିତ୍ ଦାସ, ଭାସ୍କର ପ୍ରସାଦ ମହାପାତ୍ର, ଅମୂଲ୍ୟ ରଂଜନ ରାଉତରାୟ, କାହ୍ନୁଚରଣ ଜେନା, ରାଜକିଶୋର ସାମନ୍ତ, ଦୀପକ ସେନାପତି, ଅନ୍ତର୍ଯ୍ୟାମୀ ସାହୁ, ନିରଂଜନ ସାହୁ, ଜନ୍ମେଞ୍ଜୟ ସାହୁ, ମାନସ ରଂଜନ ଖୁଂଟିଆ, ମାନସ ଦାସ, ମୃତ୍ୟୁଞ୍ଜୟ ମହାରଣା, ଅପର୍ମିତ ଜେନା, ନଟବର ସ୍ୱାଇଁ, ନୃସିଂହ ଆଚାର୍ଯ୍ୟ, ପ୍ରଭାନନ୍ଦ ସାହୁ, ରଂଜିତ୍ କର, ଶଶାଙ୍କ ସୁନ୍ଦର ରାଉତ, ତପନ ରାଉତ, ଟୁକୁ ପ୍ରଧାନ, ଶିଶିର ସାହୁ, ବିଶ୍ୱରଂଜନ ସାହୁ, ପ୍ରସନ୍ନ କୁମାର ସାହୁ, ଚନ୍ଦ୍ରଶେଖର ଦାସ, ଅମୂଲ୍ୟ ବାଇ, ଦିବ୍ୟରଂଜନ ବଳ ପ୍ରମୁଖ ସହଯୋଗ କରିଥିଲେ ।

## ଜଗନ୍ନାଥ ଅର୍ପଣ ରଥର ପରିକ୍ରମା



**ଚାନ୍ଦବାଲି(ଅମୃତ ମିଡ଼ିଆ):** ଚାନ୍ଦବାଲି ବ୍ଲକର ଭାଟପଡା, ଉତୁକୁଡ଼ା, ଜଳେଶ୍ୱରପୁର ଓ ନାଲଗୁଣ୍ଡା ପଂଚାୟତରେ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମ କରିଛି କ୍ଷ ଭକ୍ତିପୂର୍ଣ୍ଣ ପରିବେଶରେ ଶତାଧିକ ଶ୍ରଦ୍ଧାଳୁ ପରିକ୍ରମା ରଥ ନିକଟକୁ ଆସି ଗୁଆ ଓ ଅରୁଆ ଚାଉଳ ଅର୍ପଣ କରିବା ସହିତ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ କାମନା କରିଛନ୍ତି । ନିଜ ନିଜ ଘର ସମ୍ମୁଖରେ ଚିତା ଓ ଗାଁ ଦାଣ୍ଡରେ ଝୋଟି ପକାଇ ମହିଳା ମାନେ ପରିକ୍ରମା ରଥକୁ ସ୍ୱାଗତ କରିଥିଲେ । ଏହି ଅବସରରେ ଚାନ୍ଦବାଲି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଡ଼ ବ୍ୟୋମକେଶ ରାୟ ପରିକ୍ରମା ରଥ ସହିତ ବିଭିନ୍ନ ପଂଚାୟତରେ ଯୋଗ ଦେଇଥିଲେ । ଭାଟପଡା ପଂଚାୟତରେ ଯୁବନେତା ପ୍ରଭାସ ନାୟକଙ୍କ ନେତୃତ୍ୱରେ ସଂକୀର୍ତନ ମଣ୍ଡଳୀ ଦ୍ୱାରା ଗାଁକୁ ଗାଁ ବୁଲି ଶ୍ରଦ୍ଧାଳୁଙ୍କ ଠାରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ମାନସ ରଞ୍ଜନ ବେହେରା, ମଞ୍ଜୁଲତା ବାରିକ୍ ଓ ସୁଶାନ୍ତ ମହାଳିକଙ୍କ ସମେତ ଶତାଧିକ ମହିଳା ଓ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସେହିପରି ଉତୁକୁଡ଼ା ପଞ୍ଚାୟତ ଚକିଆ ସାହି ଗ୍ରାମରୁ ଅର୍ପଣ ରଥ ବାହାରି ବିଶୁଆଳି, ପାଙ୍ଗୁଡ଼ା, ବୁଡ଼ିଜାଲ ଓ ଚାଲୁଣିଆ ଗାଁରେ ସୁବାସ ବଳଙ୍କ ନେତୃତ୍ୱରେ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ବ୍ଲକ ଅଧକ୍ଷ ନରେଶ ମାଝୀ, ସୁଦର୍ଶନ ବେହେରା, ଦୁର୍ଯ୍ୟୋଧନ ରାଉତ, ନରେନ୍ଦ୍ର ବିଶ୍ୱାଳ, ରାଜେଶ ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଜଳେଶ୍ୱରପୁର ପଞ୍ଚାୟତର ବଳଭଦ୍ର ପ୍ରସାଦ ଓ ଜଳେଶ୍ୱରପୁର ଗ୍ରାମ ପରିକ୍ରମା କରିବା ସହ ଏହିକାର୍ଯ୍ୟକ୍ରମରେ ସରପଞ୍ଚ ପ୍ରଫୁଲ୍ଲ ବେହୁରା, ସୁବାସ ପାତ୍ର, ଉମାକାନ୍ତ ମହାନ୍ତି, ନିରଞ୍ଜନ ବିଶ୍ୱାଳ, ଅରବିନ୍ଦ ଭୋଳ, ବସନ୍ତ ଭୋଳ, ଘନଶ୍ୟାମ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ । ସେହି ପରି ନାଲୁଗୁଣ୍ଡା ପଞ୍ଚାୟତର ଏହି ପରିକ୍ରମା ରଥ ବୁଲିବା ସହିତ ଗୁଆ , ଚାଉଳ ସଂଗ୍ରହ କରାଯାଇଥିଲା ତେବେ ଏହି ଅବସରରେ ଟୁନା ଦାସ, କୃଷ୍ଣ ଚନ୍ଦ୍ର ମଲ୍ଲିକ, ରମେଶ ବିଶ୍ୱାଳ, କେସବ ବଳ, ଦ୍ୱିଜୟ ବାରିକ ଓ ଦିଲ୍ଲୀପ ଭୋଇ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ।

## ଟାଟା ଷ୍ଟିଲ ମେଡିକା ହସ୍ପିଟାଲର ହିପ୍ ରିପ୍ଲେସମେଂଟ ସଫଳତାର ସହ ସମ୍ପନ୍ନ



**ଯାଜପୁର(ଅମୃତ ମିଡିଆ):** ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲରେ ଜୀବନ ପ୍ରତି ବିପଦ ଥିବା ଜଣେ ରୋଗୀଙ୍କୁ ଠିକ୍ ସମୟରେ ଜଟିଳ ଅଙ୍ଗ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ କରିଛି, ଯାହା କି ଏହି ଅଂଚଳରେ ପ୍ରଥମ। ରମେଶ ପ୍ରଧାନ (ରୋଗୀ ଛଦ୍ମନାମ) ପ୍ରବଳ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନାକୁ ଅଣାଯାଇଥିଲା ।ପୂର୍ବରୁ ଜଙ୍ଘ ହାଡ ଫ୍ରାକ୍ଚର୍ ପାଇଁ ଚିକିତ୍ସିତ ହେଇଥିବା ଶ୍ରୀ ରମେଶ ଅସ୍ତ୍ରୋପଚାର ପରେ ବାରମ୍ବାର ହିପ୍ ଯନ୍ତ୍ରଣାର ସମ୍ମୁଖୀନ ହୋଇଥିଲେ। ଡାକ୍ତର ଦେବାଶିଷ ପରିଜାଙ୍କ ନେତୃତ୍ୱରେ ଡାକ୍ତରଖାନାର ଜରୁରୀକାଳୀନ ଟିମ୍ ଏକ ସମୀକ୍ଷା କରିବା ପରେ ଇମ୍ପ୍ଲାଂଟ ହଟାଇବା ଏବଂ ସମ୍ପୂର୍ଣ୍ଣ ହିପ୍ ରିପ୍ଲେସମେଂଟକୁ ନେଇ ଦୁଇ ପର୍ଯ୍ୟାୟ ଯୋଜନା କାର୍ଯ୍ୟକାରୀ କରିଥିଲେ। ଅସ୍ତ୍ରୋପଚାର ପରେ, ସେ ଅଙ୍ଗର ଲମ୍ବ ଫେରି ପାଇଥିବା ସହ ଯନ୍ତ୍ରଣାମୁକ୍ତ ଏବଂ ସ୍ଥିର ଅନୁଭବ କରିଥିଲେ ।ଏହି ଉଲ୍ଲେଖନୀୟ ଘଟଣା ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲର ଜଟିଳ ଏବଂ ଏକାଧିକ ଅସ୍ତ୍ରୋପଚାର କରିବାର କ୍ଷମତାକୁ ଦର୍ଶାଉଛି ଯାହା ସାଧାରଣତଃ ଦେଶର କେବଳ ବଡ଼ ଡାକ୍ତରଖାନାରେ କରାଯାଏ। ଟାଟା ଷ୍ଟିଲ୍ ମେଡିକା ହସ୍ପିଟାଲ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପ୍ରତିଶ୍ରୁତି ଏବଂ ଏହି ଅଂଚଳରେ ଏକ କ୍ରିଟିକାଲ୍ କେୟାର ହବ୍ ଭାବରେ ଉଭା ହୋଇଛି।

# ସମାଜସେବୀ ନାରାୟଣ ପତି ପାଇଲେ ଓଡିଶା ରତ୍ନ ସମ୍ମାନ



**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡାର ବିଶିଷ୍ଟ ସମାଜସେବୀ ନାରାୟଣ ପତିଙ୍କୁ ଓଡିଶା ରତ୍ନ ସମ୍ମାନରେ ସମ୍ମାନୀତ କରାଯାଇଛି । ଏହି ଉପଲକ୍ଷେ ଓଡିଶା ସଂସ୍କୃତି କଳା ଏକାଡ଼େମୀ ଓ ସଙ୍ଗୀତ ମୂର୍ଚ୍ଛନା ପକ୍ଷରୁ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ଜାତୀୟ ଶିଶିର ମହୋତ୍ସବ- ୨୦୨୪ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଗୀତା ଦାଶ, ସମ୍ମାନିତ ଅତିଥି ଭାବେ ଓଡିଶା ଟିଭିର ପ୍ରାୟୋଜକ ଇଂ ଅଭିନନ୍ଦନ ଦାସ, ବିଶିଷ୍ଟ ଓଡିଶୀ ନୃତ୍ୟ ଗୁରୁ ମନୋଜ ବେହେରା ଓ କେନ୍ଦ୍ରାପଡ଼ା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସମାଜସେବୀ, ଶିକ୍ଷାବିତ୍, ବକ୍ଷସ୍ତୁ ଓ ଜ୍ୟୋତିଷ ବିଶାରଦ ନାରାୟଣ ଚନ୍ଦ୍ର ପତିଙ୍କୁ ଉପଢୌକନ, ମାନପତ୍ର, ମେଡାଲ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଓଡିଶା ରତ୍ନ ସମ୍ମାନରେ ସମ୍ମାନୀତ କରାଯାଇଛି । ଶ୍ରୀ ପତି ଏକାଧାରରେ ଜଣେ କବି, ଶିକ୍ଷାବିତ୍, ସମାଜସେବୀ, ଜ୍ୟୋତିଷ ବିଶାରଦ ଓ ବାସ୍ତୁବିତ ଭବେ କାର୍ଯ୍ୟକରି ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି । ସେ ଅନେକ ଆଧ୍ୟାତ୍ମିକ, ସାମାଜିକ ସଂଗଠନ ସହ କାର୍ଯ୍ୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଶ୍ରୀ ପତି ଗତ ବର୍ଷ ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ର ଭୁବନେଶ୍ୱର ତରଫରୁ ରବିନ୍ଦ୍ର ମଣ୍ଡପଠାରେ ସୌରପ୍ରଭା ସମ୍ମାନରେ ସମ୍ମାନୀତ ହୋଇଥିଲେ । ଏହି ଖବର ପ୍ରସାରିତ ହେବା ମାତ୍ରେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ସର୍ବୋପରି ସର୍ବ ସାଧାରଣ ମାନଙ୍କ ଠାରୁ ଶୁଭେଚ୍ଛା ବାର୍ତା ମାନ ଆସିବାରେ ଲାଗିଛି ।

# ୨ୟ ଟି୨୦ : ଆଫଗାନିସ୍ତାନକୁ ୬ ୱିକେଟରେ ହରାଇଲା ଭାରତ



**ଇନ୍ଦୋର :** ଇନ୍ଦୋରର ହୋଲକାର ଷ୍ଟାଡିୟମଠାରେ ରବିବାର ଖେଳାଯାଉଥିବା ୨ୟ ଟି-୨୦ରେ ଆଫଗାନିସ୍ତାନକୁ ୬ ୱିକେଟରେ ପରାସ୍ତ କରିଛି ଭାରତ । ଆଫଗାନିସ୍ତାନ ଦ୍ୱାରା ରଖାଯାଇଥିବା ୧୭୩ ରନର ଲକ୍ଷ୍ୟକୁ ଭାରତ ୧୫.୪ ଓଭରରେ ୪ ୱିକେଟ ହରାଇ ହାସଲ କରିନେଇଥିଲା । ଭାରତ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୬୮ ରନ କରିଥିବାବେଳେ ଶିବମ ଦୁବେ ୬୩ରନ କରିଥିଲେ । ବିରାଟ କୋହଲି ୨୯ ରନ କରିଥିଲେ । ଏହି ବିଜୟ ସହ ଭାରତ ସିରିଜରେ ୨-୦ରେ ଆଗୁଆ ହୋଇଯାଇଛି । ଏହି ମ୍ୟାଚରେ ଭାରତ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଆଫଗାନ ବ୍ୟାଟ୍ସମ୍ୟାନମାନେ ଆରମ୍ଭରୁ ସତର୍କତାର ସହ ଖେଳିଥିଲେ ବି ପରେ ୨୦ ରନରେ ପ୍ରଥମ ୱିକେଟ ହରାଇଥିଲା । କିନ୍ତୁ ଗୁଲବଦିନ ନଇବ ଧୁଆ ବ୍ୟାଟିଂ କରି ସର୍ବାଧିକ ୫୭ ରନ କରିଥିଲେ । ମଧ୍ୟକ୍ରମ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରୁ ନଜିବୁଲ୍ଲା ଜଦରାନ ୨୩ ରନ କରିଥିବାବେଳେ କରିମ ଜନତ୍ ୨୦ ରନ କରିଥିଲେ । ସେହିପରି ମୁଜିବୁର ରେହମାନ ୨୧ ରନ କରିଥିଲେ । ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୧୭୧ ରନ କରିପାରିଥିଲା । ମ୍ୟାଚର ଶେଷ ବଲରେ ଫଜଲାହକ୍ ଫାରୁକି ରନ ଆଉଟ୍ ହୋଇଥିଲେ ।ଭାରତ ପକ୍ଷରୁ ଅର୍ଶଦୀପ ସିଂ ୩ଟି ୱିକେଟ ନେଇଥିବାବେଳେ ରବି ବିଷ୍ଣୋଇ ଓ ଅକ୍ଷର ପଟେଲ ୨ଟି ଲେଖାଏଁ ୱିକେଟ ନେଇଥିଲେ । ଗତ ୧୧ ତାରିଖରେ ଖେଳାଯାଇଥିବା ପ୍ରଥମ ଟି୨୦ରେ ଭାରତ ଆଫଗାନିସ୍ତାନକୁ ୬ ୱିକେଟରେ ପରାସ୍ତ କରିଥିଲା ।

# ୨୬ରେ ଦେଶବ୍ୟାପୀ ଟ୍ରାକ୍ଟର ରାଲି- ସଂଯୁକ୍ତ କିଷାନ ମୋର୍ଚ୍ଚା




**କେନ୍ଦ୍ରାପଡ଼ା(ଅମୃତ ମିଡିଆ):** ମୋଦି ସରକାର ଦେଶର କୃଷକ ଓ ଶ୍ରମିକମାନଙ୍କୁ ଦେଇଥରବା ପ୍ରତିଶ୍ରୁତିକୁ ପୁରଣ ନକରିବା ବିରୋଧରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଐତିହାସିକ କୃଷକ ଆନ୍ଦୋଳନ ସମୟରେ ଜାନୁଆରୀ ୨୬ତାରିଖ ଦିନ ସଂଗଠିତ କରିଥିବା ଟ୍ରାକ୍ଟର ରାଲିର ସ୍ମୃତି ସ୍ୱରୂପ ଆସନ୍ତା ଜାନୁଆରୀ ୨୬ତାରିଖରେ ଦେଶବ୍ୟାପୀ ଟ୍ରାକ୍ଟର ରାଲିର ଆହ୍ୱାନ ଦେଇଛି । କୃଷକ ଆନ୍ଦୋଳନ ସମୟରେ ପଡିରହିଥିବା ସମସ୍ତ ମକଦ୍ଦମା ଗୁଡିକୁ ପ୍ରତ୍ୟାହାର କରିବା, ଲକ୍ଷ୍ମୀପୁର ଖେରୀ ଗଣହତ୍ୟାରେ ଅଭିଯୁକ୍ତ ଗୃହ ମନ୍ତ୍ରୀ ଅଜୟ ମିଶ୍ର ଟେନିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କୃଷିଜାତ ପଦାର୍ଥର ଏମ.ଏସ.ପି. ପାଇଁ ଆଇନ ଆଣିବା, ଶ୍ରମିକ ବିରୋଧୀ ୪ଟି ଶ୍ରମକୋଡ୍ ପ୍ରତ୍ୟାହାର କରିବା ପ୍ରଭୃତି ୨୧ଟି ଦାବିରେ ସାରା ଦେଶ ବ୍ୟାପି ଅନୁଷ୍ଠିତ ଜାନୁଆରୀ ୨୬ ଟ୍ରାକ୍ଟର ରାଲି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲା ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବିକାଶ ସାମ୍ମୁଖ୍ୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ନିଷ୍ପତ୍ତି ଅନୁଯାୟୀ ୨୬ତାରିଖ ଅପରାହ୍ନ ୩ଘଟିକାରେ କେନ୍ଦ୍ରାପଡା ସହରର ସାନ୍ତସାହି ନିକଟରୁ ଶତାଧିକ ମଟର ସାଇକେଲ ରାଲି ବାହାରି ସହର ପରିକ୍ରମା କରିବା ସହିତ ଦୁହୁରିଆ ନିକଟରେ ପହଂଚିବ । କିଷାନ କଂଗ୍ରେସର ବରିଷ୍ଠ ନେତା ପ୍ରଫୁଲ୍ଲ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆବାହକ ଗୟାଧର ଧଳ, ରମଣୀରଞ୍ଜନ ରାଉତରାୟ, ଅଜୟ ସାମଲ, ଫକିର ଚରଣ ଖଟୁଆ, ବୈଷ୍ଣବ ଚରଣ ସ୍ୱାଇଁ, ସନ୍ଦିପ୍ତ ଦାସ, ମୁକ୍ତାର ଖାଁ, ଆଦିକନ୍ଦ ରାଉଳ, ଦାଶରଥି ସାହୁ, ନରୋ ମ ପାର୍ଥସାରଥି, ଭାଗୀରଥି ଜେନା, ରମେଶ ଚନ୍ଦ୍ର ପ୍ରଧାନ, ଧରଣୀଧର ସୁଆର, ଗଣେଶ ମେକାପ, ମହେନ୍ଦ୍ର କୁମାର ପରିଡା, ନାରାୟଣ ଚନ୍ଦ୍ର ପରିଡା, ରାଜକୁମାର ସ୍ୱାଇଁ, ସୂର୍ଯ୍ୟକାନ୍ତ ପରିଡା, ଏଲୀନା ସାମନ୍ତରାୟ, କୁଳମଣୀ ଦାସ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ସୟଦ ଇସମାଇଲ୍ ହୁସେନ, ସେକ ଆଜମ ତୁଲ୍ଲା, ମହମ୍ମଦ ସାହିଲ ଫୟାଜ ପ୍ରମୁଖ ଉପସ୍ଥିତ ଥିଲେ । ସାରା ଜିଲ୍ଲାର ବିଭିନ୍ନ ପ୍ରାନ୍ତରରେ ଜାନୁଆରୀ ୨୬ତାରିଖ ଦିନ ସଭା ଓ ଶୋଭାଯାତ୍ରା ପ୍ରଭୃତି ଆୟୋଜନ କରିବା ପାଇଁ କୃଷକ ଓ ଶ୍ରମିକମାନଙ୍କୁ ନିବେଦନ କରାଯାଇଛି ।

# ଫେରାର ଅଭିଯୁକ୍ତକୁ ଗିରଫ କଲା ସଦର ପୋଲିସ




**ଜୟପୁର(ଅମୃତ ମିଡିଆ):** ଫେରାର ଅଭିଯୁକ୍ତ କୁ ଗିରଫ କଲା ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା କଙ୍ଗା ପଞ୍ଚାୟତର ଭାଜିଗୁଡା ଗ୍ରାମର ଚନ୍ଦ୍ର ଗୌଡ (୪୦) । ପୋଲିସ ସୁଚନା ଅନୁଯାଇ କଙ୍ଗା ପଞ୍ଚାୟତର ଭାଜିଗୁଡା ଗ୍ରାମର ଚନ୍ଦ୍ର ଗୌଡ (୪୦) ନାମରେ ଜୟପୁର ସଦର ଥାନାରେ ୨୦୨୧ ମସିହାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ଫେରାର ଥିବା ବେଳେ ଆଜି ଭାଜିଗୁଡା ଗ୍ରାମରେ ଚଢାଉ କରି ଅଭିଯୁକ୍ତ କୁ ଗିରଫ କରାଯାଇଥିବା ବିଷୟ ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ଦଶପଲ୍ଲା କପ ଫୁଟବଲ ସେମି ଫାଇନାଲ ମ୍ୟାଚ୍ ନୂଆଦିଲ୍ଲୀ ଦଳ ୧-୦ ଗୋଲରେ ବିଜୟୀ



**ଦଶପଲ୍ଲା(ଅମୃତ ମିଡିଆ):** ଦଶପଲ୍ଲାର ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସର୍ବଭାରତୀୟ ଦଶପଲ୍ଲା କପ ଫୁଟବଲ ପଞ୍ଚମ ଦିନ ପ୍ରଥମ ସେମି ଫାଇନାଲ ପ୍ରତିଯୋଗିତାରେ ଆଜି ଏମ. ଜେ. ବି. ୟୁନାଇଟେଡ୍, ସରୋଜିନୀ ନଗର, ନୂଆଦିଲ୍ଲୀ ୧ଟି ଗୋଲ ଦେଇଥିଲା । ମା କାମାକ୍ଷ୍ୟା ସ୍ପୋର୍ଟ୍ସ କ୍ଲବ, ବିହାର ଗୋଲ ପରିଶୋଧ କରିପାରିନଥିଲା । ଏମ. ଜେ. ବି. ୟୁନାଇଟେଡ୍, ସରୋଜିନୀ ନଗର, ନୂଆଦିଲ୍ଲୀ ଦଳ ୧-୦ ଗୋଲ ରେ ବିଜୟ ଲାଭ କଲା । ଆଜିର ଖେଳ ପରିଚାଳନା କରୁଥିଲେ ରେଫରୀ ରତ୍ନାକର ବାରିକ ଲାଇନ୍ସ ରେ ଶ୍ୟାମସୁନ୍ଦର ସାହା, ପ୍ରସନ୍ନ କୁମାର ନାୟକ ଓ ଫୋର୍ଥ ଅଫିସିଆଲ ରେ ରବୀନ୍ଦ୍ର ନାଥ ନାୟକ ସହଯୋଗ କରୁଥିଲେ । ଅତିଥି ଭାବେ ଦଶପଲ୍ଲା ମେଡିକାଲ ଅଫିସର ଡାକ୍ତର ଶ୍ରୀଯୁକ୍ତ ସନ୍ଦୀପ କୁମାର ସ୍ୱାଇଁ ଉପସ୍ଥିତ ଥିଲେ ।

# ରାମଚଣ୍ଡୀ କୃଷକ ମଂଚ ତରଫରୁ ଶୀତବସ୍ତ୍ର ବଣ୍ଟନ

**ମାର୍ଶାଘାଇ(ଅମୃତ ମିଡିଆ):** ମହାକାଳପଡା ବ୍ଲକ ପେଟଛେଲା ପଂଚାୟତର ଶବରପଡା ଜଙ୍ଗଲଘେରି ,ବିବି କଲୋନୀ ଓ ଲୁଣି ମାଠିଆ ଆଦି ଗ୍ରାମର ଅସହାୟ ବୁଢ଼ା ବୁଢ଼ୀ ଓ ଶବର ପରିବାର ମାନଙ୍କୁ ରମଚଣ୍ଡୀ କୃଷକ ମଂତ ତରଫରୁ ଶୀତବସ୍ତ୍ର ବଂଟନ କରାଯାଇଛି । କୃଷକ ମଂଚ ଆବାହକ ନାଥ କୁମାର ଭୋଳ ଓ ସମାଜସେବୀ ବିଜୟ କୁମାର ସ୍ୱାଇଁ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦୦ କମ୍ବଳ ଓ ୧୦୦ ଶାଢୀ ବଣ୍ଟନ କରିଥିଲେ । କୃଷକ ମଂଚର ଏହି କାର୍ଯ୍ୟକ୍ରମକୁ ଅଂଚଳବାସୀ ଙ୍କ ତରଫରୁ ଭୁୟସି ପ୍ରଶଂସା କରାଯାଇଛି ।



# ଅଯୋଧା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ




**ନୀଳଗିରି(ଅମୃତ ମିଡିଆ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଯୋଧା ପଞ୍ଚାୟତ ଅଧିନ ଅଯୋଧା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ୨୦୨୪ ଅନୁଷ୍ଠିତ ହୋଇଯାଇଛି । ଗତ ୧୩ତାରିଖ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ଇଡକୋର ମୁଖ୍ୟ ପ୍ରବନ୍ଧକ ସରୋଜ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୃଢ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ଛାତ୍ରଛାତ୍ରୀଙ୍କୁ ସଫଳତା ଆଣି ଦେଇଥାଏ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲର ଏଡମିନିଷ୍ଟ୍ରେସନ ମନୋରମା ଭୂୟାଁ , ମୁଖ୍ୟ ବକ୍ତା ଭାବେ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ଦିଲ୍ଲିପ କୁମାର ଘୋଷ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ । ସମ୍ମାନୀତ ଅତିଥି ଭାବେ ଅଯୋଧା ଗ୍ରାମପଞ୍ଚାୟତର ସରପଞ୍ଚ ତାରିଣୀ ସିଂ, ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ସଭାପତି ବାମନ ଚନ୍ଦ୍ର ମହାନ୍ତି ଏବଂ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ସୁଶାନ୍ତ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଂଶୀଧର ପଢିଆରି ମଞ୍ଚପରିଚାଳନା କରିଥିଲେ । ଶିକ୍ଷୟତ୍ରୀ ମଧୁସ୍ମିତା ସିଂହ ଅତିଥି ପରିଚୟ ଏବଂ ଆଲଫା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ମଞ୍ଚ କାର୍ଯ୍ୟକ୍ରମ ସରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।କୃତି ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଶିକ୍ଷୟତ୍ରୀ ଜ୍ୟୋସ୍ନାମୟୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୟ ଜଗନ୍ନାଥ ଅର୍ପଣ ରଥରେ ପାଣ୍ଡିଆନ ଓ ନବୀନ ପଟ୍ଟନାୟକଙ୍କ ଫଟୋକୁ ଉଠାଇ ଜଗନ୍ନାଥଙ୍କ ଫଟୋ ଲଗାଇଲେ ଗ୍ରାମବାସୀ

**ଚାନ୍ଦବାଲି (ଅମୃତ ମିଡିଆ):** ଚାନ୍ଦବାଲି ବ୍ଲକ ଜଳେଶ୍ୱରପୁର ପଂଚାୟତ ମେଘା ନୂଆଗାଁ ଗାଁରେ ଜୟ ଜଗନ୍ନାଥଙ୍କ ଅର୍ପଣ ରଥରେ ଭିକେ ପାଣ୍ଡିଆନ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଚିତ୍ରକୁ ବିରୋଧ କଲେ ଗ୍ରାମବାସୀ । ତେବେ ଗ୍ରାମବାସୀ ରଥକୁ ସ୍ୱାଗତ କରିଥିଲେ ହେଲେ ରଥରେ ଲାଗିଥିବା ପାଣ୍ଡିଆନ ଓ ମୁଖ୍ୟମନ୍ତ୍ରୀଙ୍କ ଫୋଟ ଉପରେ ଜଗନ୍ନାଥଙ୍କ ଫୋଟ ଲଗାଇଥିଲେ । ତେବେ ରଥ ନିକଟରେ ଥିବା ସରକାରୀ ଅଧିକାରି ମାନେ ଗ୍ରାମବାସୀଙ୍କ ଦାବୀଙ୍କୁ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ ।



## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

***କଂଗ୍ରେସର...***
ଆର ଏସ୍ ଏସ୍ ପାଇଁ ମଣିପୁର ଭାରତର ଅଂଶ ନୁହେଁ । ସେମାନେ ମଣିପୁରକୁ ଭଲ ପାଆନ୍ତି ନାହିଁ । ଆମେ ମଣିପୁରବାସୀଙ୍କ ଦୁଃଖ ବୁଝୁଛୁ । ପ୍ରତିଶ୍ରୁତି ଦେଉଛୁ ଯେ ଆମେ ପୁନର୍ବାର ମଣିପୁରକୁ ଶାନ୍ତି ଫେରାଇ ଆଣିବୁ ।ଆଜି ମଣିପୁରର ରାଜଧାନୀ ଇମ୍ଫାଲରୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ପତାକା ଦେଖାଇ ଏହି ଯାତ୍ରା ଶୁଭାରମ୍ଭ କରିଥିଲେ । ରାହୁଲ ଗାନ୍ଧିଙ୍କ ବ୍ୟତୀତ ଅନ୍ୟ ବହୁ ବରିଷ୍ଠ ନେତା ମଧ୍ୟ ଏହି ଯାତ୍ରାରେ ଭାଗ ନେଉଛନ୍ତି । 'ଭାରତ ଯୋଡୋ ନ୍ୟାୟ ଯାତ୍ରା' ଆରମ୍ଭ ପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧି ମଣିପୁରର ଥବୌଲଠାରେ ଖୋଙ୍ଗଜୋମ ଯୁଦ୍ଧ ମେମୋରିଆଲ ପରିଦର୍ଶନ କରିଥିଲେ । କଂଗ୍ରେସର ଏହି ଜନସମ୍ପର୍କ ଅଭିଯାନ ସମୟରେ ରାହୁଲ ଗାନ୍ଧି ଏବଂ ଅନ୍ୟ କଂଗ୍ରେସ ନେତାମାନେ ଆଗାମୀ ୬୭ ଦିନ ମଧ୍ୟରେ ୧୧୦ଟି ଜିଲା ଦେଇ ଯିବେ । ମାର୍ଚ୍ଚ ୨୦ରେ ମୁମ୍ବାଇରେ ଯାତ୍ରା ଶେଷ ହେବ ।

***ଜୀବନ୍ତ ...***
ଶୁଭାଙ୍ଗିନୀ ନାୟକ, ପାରାଷ୍ଟାଫ ଓ ବନ୍ୟପ୍ରାଣୀ ଷ୍ଟାଫଙ୍କୁ ନେଇ ତିନୋଟି ଟିମ ଗଠନ କରାଯାଇ ବଜ୍ରକାପ୍ତା ମୁଲଚାଲ ସମୟରେ ମାଡ଼ିବସିଥିଲେ ।ଘଟଣାସ୍ଥଳରୁ ଏକ ଜୀବନ୍ତ ବଜ୍ରକାପ୍ତା (୭ କେଜି ୫୦୦ ଗ୍ରାମ ), ଏକ ମୋଟରସାଇକେଲ ସହ ୩ ଜଣଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି । ଏହି ତିନିଜଣ ହେଲେ ମାଧବ ମୁଦୁଲି , ଘାସି ଟାକରି, ତୁଳାରାମ ହରିଜନ ସମସ୍ତେ କୋରାପୁଟ ଜିଲ୍ଲାର ବୋଲି ଜଣାପଡ଼ିଛି ।

***ଗିରଫ...***
କଲେଜରେ ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପକ ଅଟେ । ଅଭିଯୁକ୍ତ ନାଁରେ ଟଙ୍କା ଠକେଇ ନେଇ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖାରେ ୫ଟି ମାମଲା ସହ ଗଞ୍ଜାମ, ପୁରୀ, ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଥାନାରେ ମାମଲା ରହିଛି । ମନୋଜ ମାଝୀଠାରୁ ୨ ଲକ୍ଷ ୬୦ ହଜାର ନଗଦ ଟଙ୍କା, ଗୋଟିଏ ମୋବାଇଲ, ୬ଟି ଏଟିଏମ କାର୍ଡ ଜବତ ହୋଇଛି । ପୁଲିସ ଘଟଣାର ଅଧିକ ତଦନ୍ତ କରୁଛି ।

***ଗୁଣି ସନ୍ଦେହରେ...***
ହୋଇଛନ୍ତି । ସେମାନେ ହେଲେ, ରାଧାମୋହନ ବେହେରା, ପତ୍ନୀ କସ୍ତୁରୀ ବେହେରା ଓ ବୋହୂ ରଶ୍ମିତା ବେହେରା ।ସୂଚନାନୁସାରେ, ରାଧାମୋହନଙ୍କ ବଡ଼ଭାଇର ଝିଅ ଗର୍ଭବତୀ ଥିଲା । ତେବେ କୌଣସି କାରଣରୁ ତାଙ୍କ ଗର୍ଭ ନଷ୍ଟ ହୋଇଯାଇଥିଲା । ଫଳରେ ରାଧାମୋହନ ଗୁଣି କରିଥିବା ନେଇ ଭାଉଜ ରସମଞ୍ଜରୀ ବେହେରା, ପୁତୁରା ସତ୍ୟନାରାୟଣ ଓ ଝିଆରୀ କଇଁ ତାଙ୍କ ଉପରେ ସନ୍ଦେହ କରିଥିଲେ । ଯାହାକୁ ନେଇ ଦୁଇ ପରିବାର ମଧ୍ୟରେ କଥା କଟାକଟିରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ଆଜି ସକାଳେ ରାଧାମୋହନ ଏବଂ ତାଙ୍କ ପତ୍ନୀ ଓ ବୋହୂକୁ ସେମାନେ କାଠଫାଳିଆରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ସମସ୍ତଙ୍କୁ ବୁଗୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଉତର ପୂର୍ବାଂଚଳରେ ଆୟୁର୍ବେଦ, ହୋମିଓପାଥିର ବିକାଶ ପାଇଁ ପ୍ରମୁଖ ପଦକ୍ଷେପ



**ଗୌହାଟି :** ଉତର ପୂର୍ବ ଭାରତରେ ଆୟୁଷ କ୍ଷେତ୍ରକୁ ବୃଦ୍ଧି କରିବା ଲାଗି କେନ୍ଦ୍ର ବନ୍ଦର, ପରିବହନ ଓ ଜଳପଥ ତଥା ଆୟୁଷ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଚାରୋଟି ପଦକ୍ଷେପର ଶୁଭାରମ୍ଭ କରିଛନ୍ତି । ଉତର ପୂର୍ବ ଅଂଚଳରେ ପ୍ରଥମ ଉତ୍ସର୍ଗୀକୃତ ପଂଚକର୍ମ ବ୍ଲକକୁ କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ପ୍ରତିଷ୍ଠାନରେ ସର୍ବାନନ୍ଦ ସୋନୋୱାଲଙ୍କ ଦ୍ୱାରା ସେବା ପାଇଁ ଉଦଘାଟିତ ହୋଇ ଯାଇଛି । କେନ୍ଦ୍ର ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ମଧ୍ୟ ଆକାରା ଠାରେ ସମନ୍ୱିତ ଆୟୁଷ ୱେଲନେସ ସେଂଟର ସହ ଆଂଚଳିକ ଅନୁସନ୍ଧାନ ପ୍ରତିଷ୍ଠାନ ହୋମିଓପାଥିର ସ୍ଥାୟୀ କ୍ୟାମ୍ପସର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହା ହେଉଛି ଦେଶର ପ୍ରଥମ ୱେଲନେସ କେନ୍ଦ୍ର । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ସୋନୋୱାଲ କହିଛନ୍ତି ଯେ- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଗତିଶୀଳ ନେତୃତ୍ୱରେ ପାରଂପାରିକ ଔଷଧ ପ୍ରଣାଳୀକୁ ନବୀକୃତ କରାଯାଉଛି ଯାହା ଦେଶରେ ସ୍ୱାସ୍ଥ୍ୟସେବାକୁ ଶକ୍ତି ଯୋଗାଇବ । ଆୟୁର୍ବେଦ, ଯୋଗ, ୟୁନାନି, ସିଦ୍ଧ, ନେଚୁରୋପାଥି, ହୋମିଓପାଥି ପରି ଆମର ଔଷଧର ଆରୋଗ୍ୟ ପ୍ରଣାଳୀର ପ୍ରମାଣିତ ଫଳାଫଳକୁ ଦୃଷ୍ଟିରେ ରଖି ପ୍ରାଚୀନ ଚିକିତ୍ସା ପଦ୍ଧତିକୁ ଆଧୁନିକ ଔଷଧ ଅଭ୍ୟାସ ସହ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ ରହିଛି । ନୂତନ ପଂଚକର୍ମ ବ୍ଲକ ତଥା ଆୟୁଷ ସ୍ୱାସ୍ଥ୍ୟସେବା ପାଇଁ ଲାବରେଟୋରୀ ଗୁଡ଼ିକର ଅବସ୍ଥାରେ ଉନ୍ନତି ମୂଳକ ପଦକ୍ଷେପ ଏହି ଚିକିତ୍ସା ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବ ଯାହା ଆସାମ ଓ ଉତର ପୂର୍ବାଂଚଳର ଲୋକମାନଙ୍କ ପାଇଁ ବିଶେଷ ଲାଭଦାୟକ ହେବ । ସୂଚନାଯୋଗ୍ୟ ଯେ ଏହି ଦୁଇଟି ବିଲଡିଂ ପାଇଁ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା । ଶ୍ରୀ ସୋନୋୱାଲ ଆଉ ମଧ୍ୟ କହିଥିଲେଯେ ମୋଦୀଜି ଥରେ କହିଥିଲେ ଆମ ସରକାର ଆମ ଦ୍ୱାରା ଆରମ୍ଭ ହୋଇଥିବା ପ୍ରକଳ୍ପ କାର୍ଯ୍ୟ ସାରିବାକୁ ନିଶ୍ଚିତ କରିଛନ୍ତି । ଥରେ ମୂଳଦୂଆ ପଡ଼ିବା ପରେ ଏଗୁଡ଼ିକ ଯଥା ସମୟରେ ସମାପ୍ତ ହୋଇଥାଏ । ପଂଚକର୍ମ ବ୍ଲକ ଓ ଫାର୍ମାକୋଲୋଜି ଆଣ୍ଡ ବାୟୋ କେମେଷ୍ଟ୍ରି ଲ୍ୟାବ ଉଦଘାଟନ ହେଉଛି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା । ମୁଁ ଆପଣଙ୍କୁ ଏହା ନିଶ୍ଚିତ କରାଇବାକୁ ଚାହୁଁଛି ଯେ ମୋଦୀଜୀଙ୍କ ନେତୃତ୍ୱରେ ଆମକୁ ଏହି କାର୍ଯ୍ୟ ସମାପନ କରିବା ଲାଗି ପ୍ରେରଣା ଯୋଗାଇବ ଓ ଭାରତର ପ୍ରଥମ ସମନ୍ୱିତ ଆୟୁଷ ୱେଲନେସ କେନ୍ଦ୍ର ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଉନ୍ମୋଚିତ ହେବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଆସାମ, କେଶବ ମହନ୍ତ; ସାଂସଦ ଗୌହାଟି, କୁଇନ ଓଝା; ବିଧାୟକ (ଡିସପୁର) ଅତୁଲ ବୋରା, ବିଧାୟକ (ପଶ୍ଚିମ ଗୌହାଟି), ରାମେନ୍ଦ୍ର ନାରାୟଣ କଲିତା ମଧ୍ୟ ଏହି ଉତ୍ସବରେ ଯୋଗ ଦେଇଥିଲେ । ଏହା ବ୍ୟତୀତ ଆୟୁଷ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀ, ସ୍ଥାନୀୟ ପ୍ରଶାସନ ଓ ଛାତ୍ର ଛାତ୍ରୀମାନେ ଯୋଗ ଦେଇଥିଲେ । ସିଏଆରଆଇରେ ଉତ୍ସର୍ଗୀକୃତ ପଂଚକର୍ମ ବ୍ଲକ ଲୋକମାନଙ୍କୁ ସୁଲଭ ମୂଲ୍ୟରେ ସର୍ବୋତମ ଚିକିତ୍ସା ସେବା ଯୋଗାଇବ । ୯୪୫୩.୩୦ ବର୍ଗଫୁଟ କ୍ଷେତ୍ରରେ ନୂଆ କୋଠାରେ ଏହା ପରିଚାଳିତ ହେବ । ଆୟୁଷ ବଜାର ପାଇଁ ଗୁଣାତ୍ମକ ଉତ୍ସ ସୁନିଶ୍ଚିତ କରି ପଂଚକର୍ମ ପ୍ରଶିକ୍ଷଣ ଲାଗି ପାଠ୍ୟକ୍ରମ ବ୍ୟବସ୍ଥା କରାଯିବ । ଆୟୁର୍ବେଦ ସୂତ୍ରର ନିରାପତା ଓ କାର୍ଯ୍ୟକାରୀତା ପାଇଁ ପ୍ରି ଟେକନିକାଲ ଅଧ୍ୟୟନ, ରୋଟାରୀ ଇଭାପୋରେଟର, ଅଟୋମାଟିକ ହେମୋଲୋଜି ଆନାଲାଇଜର, ବାୟୋକେମେଷ୍ଟ୍ରି ଆନାଲାଇଜର, କୋଆଗୁଲେଶନ ଆନାଲାଇଜର ଇତ୍ୟାଦି ଅନୁସନ୍ଧାନ କରାଯିବା ବ୍ୟବସ୍ଥା ରହିବ । ସେହିପରି ପଂଚକର୍ମ ଟେକନିସିଆନ କୋର୍ସରେ ବିଭିନ୍ନ ପଦ୍ଧତି ବିଷୟରେ ଶିକ୍ଷା ଦିଆଯିବ । ଉତର ପୂର୍ବ ଅଂଚଳରେ ଏକ ପ୍ରଥମ ଫାର୍ମାକୋଲୋଜି ଓ ବାୟୋକେମେଷ୍ଟ୍ରି ଲାବରୋଟୋରୀ ଭାବରେ ଗୁଣମାନର, ନିରାପଦ ଓ ଦକ୍ଷତାପୂର୍ଣ୍ଣ ଆୟୁର୍ବେଦିକ ସିଦ୍ଧାନ୍ତର ମୂଲ୍ୟାୟନ ବ୍ୟବସ୍ଥା ଏଠାରେ ରହିବ । ଏଠାରେ ବୈଜ୍ଞାନିକ ଥେରାପ୍ୟୁଟିକ ମୂଲ୍ୟାୟନ ସାଙ୍ଗକୁ କ୍ଲାସିକାଲ ଆୟୁର୍ବେଦିକ ସୂତ୍ର, ଔଷଧୀୟ ଜଡ଼ିବୁଟି ଆଧାରିତ ସୂତ୍ର ପ୍ରସ୍ତୁତ ହେବ ଯାହା ଉତର ପୂର୍ବାଂଚଳରେ ମିଳିଥାଏ । ଜି+୨ ବିଲଡିଂଟି ୨.୭୧ କୋଟି ଟଙ୍କାରେ ନିର୍ମିତ ହୋଇଛି । ଏଠାରେ ସମସ୍ତ ଅତ୍ୟାଧୁନିକ ଫାର୍ମାକୋଲୋଜି ଲାବ ସହ ଅତ୍ୟାଧୁନିକ ଉପକରଣ ରଖାଯାଇଛି ।

# ରଣବୀର କପୁରଙ୍କ ସହ କାମ କରିବାକୁ ଚାହୁଁଛନ୍ତି ମେଧା



ବିଧୁ ବିନୋଦ ଚୋପ୍ରାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଟ୍ୱେଲ୍‌ଥ ଫେଲ୍'। ଫିଲ୍ମର ଫେମ୍ ମେଧା ଶଙ୍କର ଏବେ ଖୁବ୍ ପ୍ରଶଂସା ସାଉଁଟୁଛନ୍ତି । ଫିଲ୍ମର ଶ୍ରଦ୍ଧା ଚରିତ୍ର ମାଧ୍ୟମରେ ପରଦାରେ ତାଙ୍କ ଶାଳୀନତାକୁ ଲୋକେ ବେଶ ପସନ୍ଦ କରୁଛନ୍ତି । ଏଥିରେ ସେ ବିକ୍ରାନ୍ତ ମେସିଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି । ଫିଲ୍ମଟି ଡିଜିଟାଲ ପ୍ଲାଟ୍‌ଫର୍ମ ଡିଜ୍‌ନୀ ପ୍ଲସ୍‌ରେ ମୁକ୍ତିଲାଭ କରିବା ପରେ ମେଧା ରାତାରାତି ସୋସିଆଲ ମିଡିଆ ସେନ୍‌ସେସନ୍ ପାଲଟିଛନ୍ତି । ନିକଟରେ ଏକ ଗଣମାଧ୍ୟମ ସହ ସାକ୍ଷାତକାରରେ କେଉଁ ବଲିଉଡ୍ ଅଭିନେତାଙ୍କ ସହ କାମ କରିବାକୁ ଚାହାନ୍ତି ବୋଲି ମେଧାଙ୍କୁ ପଚରାଯାଇଥିଲା । ସେ ସଙ୍ଗେସଙ୍ଗେ ଅଭିନେତା ରଣବୀର କପୁରଙ୍କ ନାଁ କହିଥିଲେ । ଅଭିନୟରେ କ୍ୟାରିଅର କରିବା ପାଇଁ ମେଧା କେମିତି ବାପାଙ୍କୁ ରାଜି କରାଇଥିଲେ, ସେ ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ପାଠପଢ଼ା ଉପରେ ଅଧିକ ଧ୍ୟାନ ଦେଉଥିବା ମଧ୍ୟବିତ୍ତ ପରିବାରର ଜଣେ ଝିଅ ଅଭିନେତ୍ରୀ ହେବାକୁ ଚିନ୍ତା କରିବା ତାଙ୍କ ବାପାଙ୍କ ପାଇଁ ବଡ଼ ଝଟ୍‌କା ଥିଲା । ବାପାଙ୍କୁ ଯେତେବେଳେ ସେ ପ୍ରଥମ ଥର ଏ କଥା କହିଲେ, ବାପା ତାଙ୍କୁ ପଚାରିଲେ, ତୋର କ'ଣ ବୁଦ୍ଧି ହଜିଯାଇଛି ? କାରଣ ତାଙ୍କ ଧାରଣା ଥିଲା, ଅଭିନୟ କେବଳ ଭଲ ପାଠ ପଢୁନଥିବା ଲୋକଙ୍କ ପାଇଁ । ସ୍ନାତକ ଡିଗ୍ରୀ ହାସଲ କରିଥିବା ମେଧା ବାପାଙ୍କୁ ଅଭିନୟ କ୍ଷେତ୍ରରେ ପ୍ରୟାସ କରିବାକୁ ୨ ବର୍ଷ ସମୟ ମାଗିଲେ । ଦୁଇ ବର୍ଷରେ କିଛି ଖାସ୍ ନ ହେବାରୁ ମୁମ୍ବାଇ ଆସି ସ୍ୱପ୍ନ ପୂରଣ କରିବାର ଆତ୍ମବିଶ୍ୱାସ ସହ ସେ ପୁଣି ବାପାଙ୍କୁ ଆଉ ଦୁଇ ବର୍ଷ ସମୟ ମାଗିଲେ ।

# ଟିମ୍ ଇଣ୍ଡିଆ ଫିନିସର୍ ଭୂମିକାରେ ରିଙ୍କୁ ସିଂହ

## ଏଥରର ଆଇପିଏଲ୍ ଗୁରୁତ୍ୱପୂର୍ଣ୍ଣ



**ନୂଆଦିଲ୍ଲୀ :** ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଲଗାତର ଭଲ ପ୍ରଦର୍ଶନ କରୁଛନ୍ତି ଟିମ୍ ଇଣ୍ଡିଆର ବିସ୍ଫୋରକ ବ୍ୟାଟର ରିଙ୍କୁ ସିଂହ। ତାଙ୍କ ବ୍ୟାଟିଂ ଜଲୱା ଏମିତି ଯେ ସେ ବର୍ତ୍ତମାନ ଭାରତର ବଡ଼ ବଡ଼ ଖେଳାଳିଙ୍କୁ ପଛରେ ପକାଇବାକୁ ବାହାରିଛନ୍ତି। ଟିମ୍ ଇଣ୍ଡିଆରେ ତାଙ୍କର ଗୁରୁତ୍ୱ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତବର୍ଷ ଆଇପିଏଲ୍‌ର ଜବରଦସ୍ତ ପ୍ରଦର୍ଶନ ଯୋଗୁ ରିଙ୍କୁ ସିଂହଙ୍କୁ ଭାରତୀୟ ଟିମ୍‌ରେ ଖେଳିବାକୁ ମଉକା ମିଳିଥିଲା। ଟିମ୍‌ରେ ତାଙ୍କ ଲଗାତର ଉତ୍ତମ ପ୍ରଦର୍ଶନ ଚୟନ କର୍ତ୍ତାଙ୍କ ବିଶ୍ୱାସ ଜିତିବାରେ ସଫଳ ହୋଇଛି। ସେ ବର୍ତ୍ତମାନ ଟିମ୍‌ର ଜଣେ ଭଲ ଫିନିସର ଭାବରେ ସ୍ଥାନ ପକ୍କା କରି ସାରିଛନ୍ତି। ଟିମ୍‌କୁ ଘଡ଼ି ସନ୍ଧି ମୁହୂର୍ତ୍ତରୁ ବାହାର କରି ମ୍ୟାଚ୍ ଜିତାଇବାରେ ରିଙ୍କୁ ସିଂହଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ରହୁଛି। ତାଙ୍କର ଅନ୍ତର୍ଜାତୀୟ ଟି-୨୦ କ୍ୟରିୟର କଥା ଦେଖିଲେ ସେ ବର୍ତ୍ତମାନ ସୁଦ୍ଧା ୯ଟି ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ସେଥିମଧ୍ୟରୁ ପାଖାପାଖି ପ୍ରତିଟି ମ୍ୟାଚ୍‌ରେ ରିଙ୍କୁ ସିଂହ ଜବରଦସ୍ତ ବ୍ୟାଟିଂ କରିଛନ୍ତି। ରିଙ୍କୁ ସିଂହ ଏପର୍ଯ୍ୟନ୍ତ ଖେଳିଥିବା ୯ଟି ମ୍ୟାଚ୍ ମଧ୍ୟରେ ୧୫୪ ବଲ୍ ଖେଳି ୨୭୮ ରନ୍ କରିଛନ୍ତି। ୯ ମ୍ୟାଚ୍‌ରେ ୬୯.୫୦ହାର ଓ ୧୮୦.୫୧ ଷ୍ଟ୍ରାଇକ୍ ରେଟ୍‌ରେ ରନ୍ ବନାଇଛନ୍ତି। ଏଥିରେ ୧୪ଟି ଛକ୍କା ରହିଥିବା ବେଳେ ଗୋଟିଏ ଅର୍ଦ୍ଧଶତକ ରହିଛି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ରିଙ୍କୁ ସିଂହ ଭାରତର ଜଣେ ଦକ୍ଷ ପିନିଶର ଭାବରେ ଦାୟିତ୍ୱ ତୁଲାଇପାରିବେ। ସବୁଠାରୁ ବଡ଼ କଥା ହେଲା ଏଥରର ଆଇପିଏଲ୍ ରିଙ୍କୁ ସିଂହଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ଯଦି କେକେଆର୍ ପକ୍ଷରୁ ରିଙ୍କୁ ଭଲ ପିନିସରର ଭୂମିକା ନିଭାଇବେ ତେବେ ତାଙ୍କୁ ହୁଏତ ବିଶ୍ୱକପ୍ ଟିକେଟ ମିଳିପାରେ। କେବେଳ ଟି-୨୦ ନୁହେଁ ଦିନିକିଆ ଟିମ୍‌ରେ ବି ରିଙ୍କୁ ସିଂହଙ୍କ ସ୍ଥାନ ପକ୍କା ହୋଇପାରେ। ବର୍ତ୍ତମାନ ଚୟନ କର୍ତ୍ତାମାନେ ନୂଆ ଦିନିକିଆ ଟିମ୍‌ର ସନ୍ଧାନରେ ଅଛନ୍ତି। ଯଦି ରିଙ୍କୁ ଆଇପିଏଲ୍‌ରେ ଭଲ ଖେଳ ପ୍ରଦର୍ଶନ କଲେ ତେବେ ତାଙ୍କ ଭାଗ୍ୟ ଉଜ୍ଜ୍ୱଳ ହେବାର ସମ୍ଭାବନା ରହିଛି।

# ପିପିଲି ପ୍ରିମିୟମ ଲିଗ୍ ୨-୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ରୟାଲ ଲିଜେଣ୍ଡ ଚାମ୍ପିଅନ



**ପିପିଲି(ଅମୃତ ମିଡିଆ) :** ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ପିପିଲି ଆଞ୍ଚଳିକ ଶାଖା ପକ୍ଷରୁ ଦୁଇ ଦିନିଆ ପିପିଲି ପ୍ରିମିୟମ ଲିଗ୍ ୨-୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପିପିଲି ଜବାହର ବିଦ୍ୟାପୀଠ ଠାରେ ଆଜି ଉଦଯାପିତ ହୋଇଯାଇଛି। ଏଥିରେ ୪ଟି ଦଳ ର ଖେଳାଳୀ ମାନେ ଅଂଶ ଗ୍ରହଣ କରି ୬ଟି ଲିଗ୍ ମ୍ୟାଚରେ ଖେଳିଥିଲେ । ଶେଷ ଦିବସ ରେ ଓଜିବି ଜାଗୁଆର ସହ ରୟାଲ ଲିଜେଣ୍ଡ ମଧ୍ୟରେ କଡା ଟକର ର ରୋମାଞ୍ଚକର ପ୍ରଦର୍ଶନ ହୋଇଥିବା ବେଳେ ଶେଷରେ ଓଜିବି ଜାଗୁଆର କୁ ହରାଇ ରୟାଲ ଲିଜେଣ୍ଡ ଚମ୍ପିୟାନ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମର ଉଦଯାପିନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ବ୍ୟାଙ୍କ ସିନିୟର୍ ମ୍ୟାନେଜର ଅସିତ୍ ଖଣ୍ଡାଇ, ସମ୍ମାନିତ ଅତିଥି ପିପିଲି ଥାନା ଅଧିକାରୀ ଦିପକ କୁମାର ଖଣ୍ଡାୟତରାୟ, ଅତିଥି ଭାବେ ଆଚଂଳିକ ଶାଖା ପ୍ରବନ୍ଧକ ପଙ୍କଜ କୁମାର ଜୈନ, ମ୍ୟାନେଜର ପ୍ରିୟରଞ୍ଜନ ରଥ, ଓଜିବି ଏମପ୍ଲୋଇ ଆସୋସିଏସନ୍ ର ସାଧାରଣ ସଂପାଦକ କୈବଲ୍ୟ ନାୟକ, ପୁରୀ ସ୍ୱର୍ଗଦ୍ୱାର ଶାଖା ମ୍ୟାନେଜର ପ୍ରଶାନ୍ତ ନନ୍ଦ ବେହେରା ପ୍ରମୁଖ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ସମସ୍ତ ଅତିଥି ମାନେ ପିପିଲି ପ୍ରିମିୟମ ଲିଗ୍ ୨-୦ ଟୁର୍ଣ୍ଣାମେଣ୍ଟରେ ଚମ୍ପିୟାନ ହୋଇଥିବା ରୟାଲ ଲିଜେଣ୍ଡ କ୍ୟାପଟେନ ଭାସ୍କର ବେହେରାଙ୍କ ସହ ପୁରା ଟିମ୍‌କୁ ଚମ୍ପିୟାନ ଟ୍ରଫି ପ୍ରଦାନ କରାଯାଇଥିଲା ଏଥିସହ ରନର୍ସ ହୋଇଥିବା ଓଜିବି ଜାଗୁଆର କ୍ୟାପଟେନ ସୁଧାଂଶୁ ଶେଖର ସେଠୀ ଓ ସମସ୍ତ ଖେଳାଳୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

## ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

# ହରିଣଶୋଳ ଟିମ୍ ଚାମ୍ପିଅନ୍



**ବାରିପଦା(ଅମୃତ ମିଡିଆ) :** ଓଡ଼ିଶା ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ତୃଣମୂଳରେ କ୍ରୀଡ଼ାକୁ ପ୍ରୋତ୍ସାହନ କରିବା ସହ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ସଚେତନତା ସୃଷ୍ଟି କରିବା ନିମନ୍ତେ ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ତରଫରୁ ଏକ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ପ୍ରତିଯୋଗିତାରେ ମୟୂରଭଞ୍ଜର ବିଭିନ୍ନ ଗ୍ରାମାଞ୍ଚଳ ଫୁଟବଲ କ୍ଲବ ଯଥା ତକତପୁର, ଛାଞ୍ଚ, ଲକ୍ଷ୍ମୀପୋଷି, ରଙ୍ଗାମାଟିଆ, ଗୁଞ୍ଜୁସାହି, ହରିଣଶୋଳ, ଖଣ୍ଡିଖାଲ, ଉଦଳା, ଏସ.ଏସ.ଏସ.ସି ଧଡ଼ିପଦା, ଜମ୍ବୀରଡିହା, କେ.ସି.ପୁର, ଭୁବନେଶ୍ୱର ବାଉନ୍ସର, ରଜାବସା, ଶଙ୍ଖାଭଙ୍ଗା, ଝିଙ୍କିରିଆ, ଏମ.ବି.ଏସ ବାରିପଦା ପ୍ରମୁଖ ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚରେ ହରିଣଶୋଳ ଟିମ କେ.ସି.ପୁର ଟିମକୁ ୧-୦ ରେ ପରାସ୍ତ କରି ବିଜେତା ଟ୍ରଫି ହାସଲ କରିଥିଲା । ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତା ଟିମକୁ ଟ୍ରଫି ପ୍ରଦାନ କରିଥିବା ବେଳେ, ଆଇକ୍ୟୁଏସି ନିର୍ଦ୍ଦେଶିକା ପ୍ରଫେସର ଏମ. ହିମବିନ୍ଦୁ, କୁଳସଚିବ ସହଦେବ ସମାଧିଆ, ସହଯୋଗୀ ପ୍ରଫେସର ଡ. ସୁକାନ୍ତ କୁମାର ନାୟକ, ସହକାରୀ ପ୍ରଫେସର ଡ. ଯତୀନ୍ଦ୍ରନାଥ ବେଶ୍ରା ପ୍ରମୁଖ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡ଼ା ସଂସଦର ସଂପାଦକ ତଥା ସହଯୋଗୀ ପ୍ରଫେସର ଡ. ପ୍ରଭଞ୍ଜନ ମଲ୍ଲିକ, ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାସ, କ୍ରୀଡ଼ା ସଂସଦର କର୍ମଚାରୀ ଉଜିତ କୁମାର ଦାସ, ସୀମାନ୍ତ ମହାବିଦ୍ୟାଳୟର ଶ୍ରଦ୍ଧାନନ୍ଦ ସାହୁ ଓ ବିଶ୍ୱବିଦ୍ୟଳୟର କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


## ୨୪ତମ ଯାଦବ ମାଝି ସ୍ମାରକୀ ଅନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା

# ବସ୍ତର ଏକାଦଶକୁ ହରାଇ ଫାଇନାଲରେ ଝାରସୁଗୁଡ଼ା ଲିଟିଲ୍‌ଷ୍ଟାର



**ଚନ୍ଦାହାଣ୍ଡି(ଅମୃତ ମିଡିଆ) :** ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିୟମରେ ପଲ୍ଲିଶ୍ରୀ ଯୁବକ ସଙ୍ଘ ଆନୁକୂଲ୍ୟରେ ପୂର୍ବତନ ଶିକ୍ଷରାଷ୍ଟ୍ର ମନ୍ତ୍ରୀ ସ୍ୱର୍ଗତ ଯାଦବ ମାଝିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ୨୪ ତମ ଅନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତାରେ ଆଜି ଷଷ୍ଠ ଦିନର ପ୍ରଥମ ସେମିଫାଇନାଲ ମ୍ୟାଚରେ ବସ୍ତର ଏକାଦଶ ଦଳକୁ ହରାଇ ଝାରସୁଗୁଡ଼ା ଲିଟିଲଷ୍ଟାର ଦଳ ଫାଇନାଲରେ ପହଞ୍ଚିଛି । ଆଜି ହୋଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚରେ ପ୍ରଥମେ ଟସ ଜିତି ବ୍ୟାଟିଂ କରି ବସ୍ତର ଏକାଦଶ ଦଳ ଝାରସୁଗୁଡ଼ା ଲିଟିଲଷ୍ଟାର ଦଳର ଘାତକ ବୋଲିଂକୁ ସାମ୍ନା କରି ନ ପାରି ୧୭.୩ ବଲରେ ସମସ୍ତ ୱିକେଟ ହରାଇ ମାତ୍ର ୧୩୩ ରନ ସଂଗ୍ରହ କରିଥିଲେ ଜବାବରେ ୧୩୩ ରନର ବିଜୟ ଲକ୍ଷକୁ ନେଇ ପଡିଆକୁ ଓହ୍ଲାଇଥିବା ଝାରସୁଗୁଡ଼ା ଲିଟିଲଷ୍ଟାର ଦଳ ରାଜାଙ୍କ ବିସ୍ଫୋରକ ୨୮ ବଲରେ ୯୯ ରନ ସହାୟତାରେ ୯.୪ ବଲରେ ୧୩୪ ରନ ସଂଗ୍ରହ କରି ବିଜୟ ସହ ଝାରସୁଗୁଡ଼ା ଲିଟିଲଷ୍ଟାର ଦଳ ଫାଇନାଲରେ ପହଞ୍ଚିଛି । ଏହି ମ୍ୟାଚରେ ୨୮ବଲରେ ୯୯ ରନ ସଂଗ୍ରହ କରିଥିବା ଝାରସୁଗୁଡ଼ା ଦଳର ରାଜାଙ୍କୁ ସେମିଫାଇନାଲ ମ୍ୟାଚର ସ୍ୱତନ୍ତ୍ର ଅତିଥିଭାବେ ଦେଇଥିବା ଶିକ୍ଷାବିତ୍ ତ୍ରିପତି ଦଳେଇ, ସମାଜସେବୀ ପ୍ରଦୀପ ଦାସ ଏବଂ ବୁଢ଼ାରଜା କ୍ରିକେଟ ସିଂଙ୍ଘରର ସମ୍ପାଦକ ପ୍ରେମ ବୈଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଆଜିର ପ୍ରଥମ ମ୍ୟାଚରେ ଅମ୍ପାୟାର ଭାବେ ପବିତ୍ର ନାୟକ ଏବଂ ପ୍ରମୋଦ ସାହୁ ,ଭାଷ୍ୟକାର ଭାବେ ପ୍ରକାଶ ପାତ୍ର, ସୌରି ରଞ୍ଜନ ସାହୁ ସ୍କୋରର ଭାବେ ପ୍ରତାପ,ବସନ୍ତ, ରାକେଶ,ରତ୍ନାକର, ତପୁନ,ପପୁ ବେଶ୍ରା ଦାୟିତ୍ୱ ତୁଲାଇଥିଲେ। ଜଗଦୀଶ, ଧନେଶ୍ୱର, ପପୁନ, କନ୍ଦର୍ପ, ବଳିଆ, ପରମେଶ୍ୱର, ଗୁପ୍ତେଶ୍ୱର ପ୍ରମୁଖ ସହ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ। ଆସନ୍ତାକାଲି ବସ୍ତମ୍ଭା ଏକାଦଶ ବନାମ ଜୟପାଟଣା କଳାହାଣ୍ଡି କିଙ୍ଗ ମଧ୍ୟରେ ମ୍ୟାଚ୍ ଖେଳା ଯିବ ବୋଲି ସୂଚନା ମିଳିଛି । ଆଜିର ମ୍ୟାଚ ଦେଖିବାକୁ ଏହି ଅଞ୍ଚଳ ବ୍ୟତିତ ପଡୋଶୀ ଛତିଶଗଡ, କଳାହାଣ୍ଡି, ନୂଆପଡ଼ା ଜିଲାରୁ ହଜାରହଜାର ଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଥିଲା ।

# ଟିମ୍ ଇଣ୍ଡିଆକୁ ଫେରିବାକୁ ଚାହୁଁଛନ୍ତି ଯୁବରାଜ



**ନୂଆଦିଲ୍ଲୀ :** ଆଜି ବି ଯେତେବେଳେ ଯୁବରାଜ ସିଂଙ୍କ ନାମ ଉଲ୍ଲେଖ କରାଯାଏ, ଗୋଟିଏ ଓଭରରେ ୬ଟି ଛକା ମାରିଥିବାର ଚିତ୍ର ସମସ୍ତଙ୍କ ମନକୁ ଆସେ। ତେବେ ଏହା ବ୍ୟତୀତ ସେ ନିଜ ଦମରେ ଭାରତକୁ ଅନେକ ବଡ଼ ମ୍ୟାଚ ଜତାଇଛନ୍ତି। ଟି -୨୦ ବିଶ୍ୱକପ ୨୦୦୭ଏବଂ ବିଶ୍ୱକପ ୨୦୧୧ ରେ ଟାଇଟଲ ଜିତିବାରେ ଯୁଭି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ଉଭୟ ବ୍ୟାଟ ଏବଂ ବଲ ସହିତ ମ୍ୟାଚ ଜିତି ପ୍ରଦର୍ଶନ କରିଥିଲେ। ଜୁନ ୨୦୧୯ରେ ଯୁବରାଜ ଅନ୍ତର୍ଜାତୀୟ କ୍ରିକେଟରୁ ବିଦାୟ ନେଇଥିଲେ। କିନ୍ତୁ, ଏବେ ପୁଣି ଥରେ ସେ ଟିମ ଇଣ୍ଡିଆକୁ ଫେରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

# ଚମକିଲା କେ.ଏସ ଭରତଙ୍କ ଭାଗ୍ୟ

**ନୂଆଦିଲ୍ଲୀ :** ଜାନୁଆରୀ ୨୫ରୁ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଉଇକେଟ କିପର ବ୍ୟାଟ୍ସମ୍ୟାନ କେ.ଏସ ଭରତଙ୍କ ଭାଗ୍ୟ ଉଜ୍ଜ୍ୱଳ ଦେଖାଯାଉଛି। ଭାରତର ପ୍ଲେଇଙ୍ଗ-୧୧ରେ ସାମିଲ ପାଇଁ କେ.ଏସ ଭରତଙ୍କ ପାଇଁ ରାସ୍ତା ଖୋଲାଯାଇଛି । ବାସ୍ତବରେ ଦଳ ପରିଚାଳନା ସ୍ପଷ୍ଟ କରିଛି ଯେ, ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ କେଏଲ ରାହୁଲ ଉଇକେଟ କିପର ଭୂମିକା ତୁଲାଇବେ ନାହିଁ। ଏଭଳି ପରିସ୍ଥିତିରେ ପ୍ରଥମ ଦୁଇଟି ଟେଷ୍ଟରେ ଭରତଙ୍କ ଖେଳିବା ନିଶ୍ଚିତ ହୋଇଛି। ଗତ ବର୍ଷ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଡେବ୍ୟୁ କରିବାର ସୁଯୋଗ ପାଇଥିଲେ କେ.ଏସ ଭରତ। ରିଷଭ ପନ୍ତଙ୍କ ଆଘାତ ହେତୁ କେ.ଏସ ଭରତ ଦଳରେ ସ୍ଥାନ ପାଇ ୫ଟି ଟେଷ୍ଟ ଖେଳିବାର ସୁଯୋଗ ପାଇଲେ। ତେବେ ଭରତ ୫ଟି ମ୍ୟାଚରେ ମାତ୍ର ୧୨୯ ରନ ସ୍କୋର କରିପାରିଥିଲେ। ଫଳରେ ସେ ଟିମ ଇଣ୍ଡିଆରୁ ବାଦ୍ ପଡ଼ିଥିଲେ। ଗତ ବର୍ଷ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ଇଶାନ କିଶନଙ୍କୁ ଭରତଙ୍କ ସ୍ଥାନରେ ଟେଷ୍ଟ ଦଳରେ ସାମିଲ କରାଯାଇଥିଲା। କିଶାନ ଦୁଇଟି ଟେଷ୍ଟରେ ଖେଳିବାର ସୁଯୋଗ ପାଇଥିଲେ। କିନ୍ତୁ ଦକ୍ଷିଣ ଆଫ୍ରିକା ଗସ୍ତ ସମୟରେ ଟିମ ଇଣ୍ଡିଆର ରଣନୀତିରେ ପରିବର୍ତ୍ତନ ଆସିଥିଲା ଏବଂ କେ.ଏଲ ରାହୁଲ ପ୍ରଥମ ଥର ପାଇଁ ଉଇକେଟ କିପର ଭୂମିକା ଗ୍ରହଣ କରିଥିଲେ। ସିରିଜରେ ବ୍ୟାଟ୍ସମ୍ୟାନଙ୍କ ସହ ରାହୁଲ ଭଲ ପ୍ରଦର୍ଶନ କରିଥିଲେ। କିନ୍ତୁ ତାଙ୍କର ଉଇକେଟ କିପିଂ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଭାରତୀୟ ମାଟିରେ ଉଇକେଟ କିପିଂ ଆହୁରି ଚ୍ୟାଲେଞ୍ଜ ହେବାକୁ ଯାଉଛି। ସ୍ପିନରମାନେ ଏଠାରେ ସାହାଯ୍ୟ ପାଆନ୍ତି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଟିମ ଇଣ୍ଡିଆ ତିନି ସ୍ପିନରଙ୍କ ସହ ଖେଳୁଥିବା ଦେଖିବାକୁ ମିଳିବ। ଏଭଳି ପରିସ୍ଥିତିରେ ଦଳ ଜଣେ ଭଲ ଉଇକେଟ କିପର ଆବଶ୍ୟକ କରେ।




# ସନ୍ନ୍ୟାସ ଘୋଷଣା କଲେ ଶନ୍ ମାର୍ଶ

**ନୂଆଦିଲ୍ଲୀ :** ସମସ୍ତ ବୃତ୍ତିଗତ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି ଅଷ୍ଟ୍ରେଲିୟ କ୍ରିକେଟର ଶନ୍ ମାର୍ଶ। ୨୦୦୮ରେ ସେ ଦଳ ପକ୍ଷରୁ ଡେବ୍ୟୁ କରିଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ରେ ସେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଆଇପିଏଲ୍‌ରେ ଭଲ ପ୍ରଦର୍ଶନ ଆଧାରରେ ତାଙ୍କୁ ଏହି ସୁଯୋଗ ମିଳିଥିଲା। ୨୦୧୯ରେ ଅଷ୍ଟ୍ରେଲିଆ ପାଇଁ ତାଙ୍କର ଅନ୍ତିମ ମ୍ୟାଚ୍ ଖେଳିଥିଲେ। ଏହା ଏକ ଦିନିକିଆ ମୁକାବିଲା ଥିଲା। ମାର୍ଶ ତାଙ୍କର ୧୧ ବର୍ଷର କ୍ୟାରିୟରରେ ମୋଟ ୩୮ ଟେଷ୍ଟ, ୭୩ ଦିନିକିଆ ଏବଂ ୧୫ ଟି୨୦ ମ୍ୟାଚ୍ ଖେଳିଥିଲେ। ଏଥିରେ ଯଥାକ୍ରମେ ସେ ୨୨୬୫ ରନ୍, ୨୭୭୩ ରନ୍ ଏବଂ ୨୫୫ ରନ୍ ସ୍କୋର କରିଥିଲେ। ଟେଷ୍ଟରେ ସେ ୬ ଏବଂ ଦିନିକିଆରେ ୭ ଶତକ ହାସଲ କରିଛନ୍ତି। ଗୋଟିଏ ପଟେ ଶନ୍ ଜଣେ ଦକ୍ଷ କ୍ରିକେଟର ଥିଲେ। ହେଲେ ସେ କିଛି ଅନୈତିକ କାର୍ଯ୍ୟ କରୁଥିଲେ। ଅଷ୍ଟ୍ରେଲିଆ ଦଳରେ ଯୋଗ ଦେବା ପୂର୍ବରୁ ତାଙ୍କୁ ୨ ମ୍ୟାଚ୍ ଲାଗି ବ୍ୟାନ୍ କରାଯାଇଥିଲା। କାରଣ ସେ ଅତ୍ୟଧିକ ମଦ୍ୟପାନ କରିଥିଲେ। ୨୦୦୭ର ଏହି ଘଟଣା ପରେ ୨୦୧୨ରେ ସେ ଦକ୍ଷିଣ ଆଫ୍ରିକାରେ ଖେଳାଯାଇଥିବା ଚାମ୍ପିଅନ୍ସ ଲିଗ୍ ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରୁ ସେ ଓହରି ଯାଇଥିଲେ। କାରଣ ସେ ସାନଭାଇ ମିଚେଲ ମାର୍ଶଙ୍କ ୨୧ତମ ଜନ୍ମଦିନରେ ସାରାରାତି ପାର୍ଟି କରୁଥିଲେ।




କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085 (News).

ସମ୍ପାଦକ: ନିରଞ୍ଜନ ପାତ୍ର
**Editor: Niranjan Patra**

# ଶିମିଳିପାଳରୁ ପୁଣି ଦୁଇ ଶିକାରୀ ଗିରଫ

## ଦୁଇଟି ବନ୍ଧୁକ ସହ ଶିକାର ସାମଗ୍ରୀ ଜବତ



**ବାରିପଦା(ଅମୃତ ମିଡିଆ):** ଶିକାର ମୁକ୍ତ ଶିମିଳିପାଳ ଅଭିଯାନ ଚାଲିଥିଲେ ମଧ୍ୟ ଶିମିଳିପାଳରେ ଶିକାର ଥମିବାର ନାମ ଧରୁନି । ଶିମିଳିପାଳରେ ଗତବର୍ଷ ଦୁଇଜଣ କାର୍ଯ୍ୟରତ ବନ କର୍ମଚାରୀ ଶିକାରୀ ଗୁଳିରେ ସହିଦ ହେବା ପରେ ପୋଲିସ ଏବଂ ବନବିଭାଗ ମିଳିତ ଭାବରେ ସ୍ୱତନ୍ତ୍ର ଅଭିଯାନ ଚଳାଇ ୨୬୫ ରୁ ଅଧିକ ସଂଖ୍ୟକ ବେଆଇନ ବନ୍ଧୁକ ଜବତ କରିବା ସହ ନିୟମିତ ପେଟ୍ରୋଲିଙ୍ଗଙ୍କୁ କଡାକଡି କରାଯାଇଥିଲେ ମଧ୍ୟ ଶିକାରୀ ମାନଙ୍କର ଚେତା ପଶୁନି । ଗୁରୁବାର ଦିନ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନରୁ ଦୁଇଜଣ ଶିକାରୀଙ୍କୁ ସ୍ପେଶାଲ ଟାଇଗର ପ୍ରୋଟେକ୍ସନ ଫୋର୍ସ (ଏସ.ଟି.ପି.ଏଫ.) କପ୍ତିପଦା ଥାନା ଅଧୀନ ପଥରଖଣି ଗ୍ରାମର ଅନ୍ତର୍ଯ୍ୟାମୀ ନାୟକ ଓ ଉଦଳା ଥାନା ଅନ୍ତର୍ଗତ ଖଡିକାଶୋଳ ଗ୍ରାମର ଦିଲ୍ଲୀପ ନାଏକ ନାମକ ଦୁଇଜଣ ଶିକାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଦୁଇଟି ଦେଶୀ ବନ୍ଧୁକ, ୮୬ଟି ଲୁହା ବଲ, ୫୦୦ ଗ୍ରାମର ବିସ୍ଫୋରକ ଦ୍ରବ୍ୟ, ଦିଆସିଲି ସହିତ ଅନ୍ୟାନ୍ୟ ଶିକାର ସରଞ୍ଜାମକୁ ଜବତ କରିଥିବାର ଜଣାଯାଇଛି । ଏ ସଂକ୍ରାନ୍ତରେ ପୃଥକ ପୃଥକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡ଼ିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି । ସୂଚନା ମୁତାବକ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନର ପୋଡ଼ାଡିହା ରେଞ୍ଜରେ ବନ ବିଭାଗର କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଶିକାରୀ ଅନ୍ତର୍ଯ୍ୟାମୀ ନାୟକଙ୍କୁ ଧରିଥିଲେ । ଶିକାର କରିବା ଉଦ୍ଦେଶ୍ୟ ରଖାଯାଇଥିବା ଗୋଟିଏ ବନ୍ଧୁକ, ୭୨ଟି ଲୁହ ବଲ, ୩୫୦ ଗ୍ରାମର ବିସ୍ଫୋରକ ଦ୍ରବ୍ୟ ସହିତ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରିଥିଲେ । ସେହିପରି ଜେନବିଲ ରେଞ୍ଜରେ ଏସ.ଟି.ପି.ଏଫ. ପାଟ୍ରୋଲିଂ କରୁଥିବା ବେଳେ ଶିକାରୀ ଦିଲ୍ଲୀପ ନାଏକଙ୍କୁ ଗିରଫ କରିଥିଲେ । ତାଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ୧୪ଟି ଲୁହା ବଲ, ୧୫୦ ଗ୍ରାମ ବିସ୍ଫୋରକ ଦ୍ରବ୍ୟ ସହିତ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରିଥିଲେ ।

# ବିବେକାନନ୍ଦ ଶିଶୁବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ




**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ) :** ଟାଙ୍ଗୀ-ଚୌଦ୍ୱାର ଅଂଚଳର ଅଗ୍ରଣୀତମ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିରର ଚତୁର୍ଥ ବାର୍ଷିକ କ୍ରୀଡ଼ା ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ସ୍ଥାନୀୟ ହିଙ୍ଗୁଳାଇ ରୋଡ଼ ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପ୍ରାଙ୍ଗଣରେ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାକେନ୍ଦ୍ରର ଅଧକ୍ଷ ମାନସ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିରର ସଭାପତି ତଥା ରୋଟାରିଆନ୍ ସୁଧାଂଶୁ କୁମାର ଜେନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉତ୍ସବ ପ୍ରତିଭା ସିଦ୍ଧେଶ୍ୱର ନାୟକ ଉପସ୍ଥିତ ଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ୱାର୍ଡ଼ ନଂ.୪ର ପାରିଷଦ ତଥା ବିଶିଷ୍ଟ ସମାଜସେବୀ ଅଜୟ କୁମାର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସନାତନ ଭାଗବତ ପ୍ରଚାର ସମିତିର ସଭାପତି ସିଦ୍ଧେଶ୍ୱର ନାୟକ ଓ ସାମ୍ବାଦିକ ବିଶ୍ୱଜିତ୍ ବିଶ୍ୱାଳ ଯୋଗ ଉପସ୍ଥିତ ଥିଲେ । ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିବା ବେଳେ ଦେବାଶିଷ ବେହେରା, ବିଷ୍ଣୁପ୍ରିୟା ତରାଇ, ଗୁଡ଼ି ସାହୁ, ଅଂଶୁମାନ ସାଇଦୟାଲଙ୍କୁ ଚମ୍ପିଆନ୍ ଭାବେ ପ୍ରମାଣପତ୍ର ଓ ପଦକ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଆଚାର୍ଯ୍ୟା ଗାୟତ୍ରୀ ସାହୁ, ନିରୂପମା ମହାପାତ୍ର, ପୁଷ୍ପାଞ୍ଜଳି ନାୟକ, ଭବାନୀ ଶଙ୍କର ମୁର୍ମୁ, ଆଶିଷ ରାଉତ, ଲିପା ରାଉତ, ସୋମନାଥ ନାଟିଆ, ବିନୋଦିନୀ ରାଉତ, ସରିତା ଜେନା, ଲକ୍ଷ୍ମୀ ନାଟିଆ ପ୍ରମୁଖ ପରିଚାଳନା କରିଥିବା ବେଳେ ଶିକ୍ଷାକେନ୍ଦ୍ରର ମୁଖ୍ୟ ପରିଚାଳକ ରାଜେଶ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

# ତ୍ରିରଙ୍ଗା ପତାକା ତିନି କିଲୋମିଟର ଶୋଭାଯାତ୍ରା



**ଦଶପଲ୍ଲା(ଅମୃତ ମିଡିଆ):** ଦଶପଲ୍ଲାର ଅଗ୍ରଣି ଯୁବକ ସଂଘ ଶୀତାରାମ ୟୁଥ୍ କ୍ଲବ୍ ସବୁବର୍ଷ ଭଳି ଏବର୍ଷ ଯୁବ ମହୋତ୍ସବ ମହକ ଆଜିଠାରୁ ତିନିଦିନ ପାଳନକରୁଛି । ଏହି ଅବସରରେ ଅଜି ଦଶପଲ୍ଲାର ଆରାଧ୍ୟ ଠାକୁର ଶ୍ରୀଶ୍ରୀମହାବୀର ମନ୍ଦିର ଠାରୁ ତ୍ରିନାଥ ବଜାର ତିନି କିଲୋମିଟର ତିନିସହ ଫୁଟ ଏକବିଶାଳ ତ୍ରିରଙ୍ଗା ପତାକାକୁ ସମ୍ମାନ ସହିତ ବହୁଅଡମ୍ବରେ ଭାରତମାତା ରଥ ସହ ଏକ ଶୋଭାଯାତ୍ରା ହୋଇଜାଇଛି ।ହଶପଲ୍ଲା ସରକାରୀ ଉଚ୍ଚ ବିଦ୍ୟାଳୟ N.C.C ଛାତ୍ର ,ରାଧାମୋହନ ଜିୟୁ ଉଚ୍ଚ ବିଦ୍ୟାଳୟର ଷ୍କାଉଟ୍ ଛାତ୍ରଛାତ୍ରୀ ଏବଂ ଦଶପଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଯୋଗଦେଇ ଥିଲେ । ସଂନ୍ଧ୍ୟା ସମୟ ବିଭିନ୍ନ ମନୋରଞ୍ଜନ କର୍ଯ୍ୟକ୍ରମ ଦର୍ଶକଙ୍କ ମନମୋହି ନେଇଥିଲା ।ଦଶପଲ୍ଲା ଏହି ଯୁବକ ସଂଘର ପିଲା ବିଭିନ୍ନ ସମୟରେ ଅସହାୟ ମଣିଷ ରସହାୟକ ହେବାସହ ପ୍ରତିବର୍ଷ ଏହି ଯୁବ ମହୋତ୍ସବ ସାଧାରଣ ମଣିଷର ମନ କିଣିନେଲାଭଳି ପାଳନହୁଏ ବୋଲି ସାଧାରଣରେ ଅଲୋଚନା ହୁଏ ।

## କ୍ୟାନସର ରୋଗରେ ପିଡୀତ ବିବାହିତା ମହିଳାଙ୍କ ମୃତ୍ୟୁ

# ଝିଅଙ୍କ ପରିବାର ପକ୍ଷରୁ ଥାନାରେ ହତ୍ୟା ଅଭିଯୋଗ

**କୋକସରା (ଅମୃତ ମିଡ଼ିଆ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ଡହଗାଁ ପଞ୍ଚାୟତ ନୂଆଗୁଡ଼ା ଜାମପଡା ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ହେବାପରେ ଝିଅ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି । ମୃତ ମହିଳା ଜଣକ ଜାମପଡା ଗ୍ରାମର ଚୈବନ ବାଗଙ୍କ ସ୍ତ୍ରୀ ବନିତା ଜାଲ । ସୂଚନା ଅନୁସାରେ, ଶୁକ୍ରବାର ସନ୍ଧ୍ୟାରେ ବନିତାଙ୍କ ମୃତ୍ୟୁ ହେବାପରେ ଜ୍ୱାଇଁ ଚୈବନ ଗୋତମୁଣ୍ଡା କରାଡଙ୍ଗରୀ ଶ୍ୱଶୁର ଘର ଲୋକଙ୍କୁ ଖବର ଦେଇଥିଲେ । ଏହାପରେ ଝିଅର ବାପା ନିରଞ୍ଜନ ଜାଲ ଓ ପରିବାର ଲୋକେ ସେଠାକୁ ପହଞ୍ଚିଥିଲେ । ଝିଅର ମୃତ୍ୟୁ ଦେହ ଦେଖାଇ ନଥିବାରୁ ଜ୍ୱାଇଁ ଉପରେ ହତ୍ୟା ସନ୍ଦେହ କରି କୋକସରା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ୍ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା । ଚୈବନ ଓ ବନିତାଙ୍କ ପ୍ରେମ ବିବାହ ହୋଇଥିବାବେଳେ ଚୈବନଙ୍କ ଦିତୀୟ ସ୍ତ୍ରୀ ହେଉଛନ୍ତି ବନିତା । ବନିତା କ୍ୟାନ୍ସର ରୋଗରେ ପୀଡ଼ିତ ଥିବାବେଳେ ଦିର୍ଘ ଦିନରୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା ଚାଲିଥିଲା, ଶ୍ୱଶୁର ଘର ଲୋକଙ୍କୁ ମଧ୍ୟ ଏ ବିଷୟରେ କହିବାରୁ ତାଙ୍କ ବିଜୁ ସ୍ୱାସ୍ଥ୍ୟ କାର୍ଡ ଦେଇଥିଲେ । ତାଙ୍କ ଝିଅର ମୃତ୍ୟୁ ପରେ ମୋ ଉପରେ ମିଥ୍ୟା ଆରୋପ ଲାଗାଉ ଥିବା ମୃତ ବନିତାଙ୍କ ସ୍ୱାମୀ ଚୈବନ କହିଛନ୍ତି । ଏନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି , ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ପ୍ରକୃତ କାରଣ ଜଣାପଡ଼ିବା ବୋଲି କୋକସରା ଥାନା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

# ପ୍ରେମି ଯୁଗଳଙ୍କ ଆତ୍ମହତ୍ୟା

**ଜୟପୁର(ଅମୃତ ମିଡିଆ):** କୋରାପୁଟ ଜିଲ୍ଲା ଦଶମନ୍ତପୁର ଥାନା ଅନ୍ତର୍ଗତ ଚଣାବାଡ଼ ପଞ୍ଚାୟତ ସ୍ଥିତ ଯୋଡ଼ିପାଇ ଗ୍ରାମରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା । ପ୍ରେମିକାର ଓଢଣୀ ବେକରେ ଦେଇ ଆତ୍ମହତ୍ୟା କରିଛନ୍ତି ସେହି ଗ୍ରାମର ମହେନ୍ଦ୍ର ହିକକା ଏବଂ ଯୁବନ୍ତି ମୁସ୍କା । ଦୁହେଁ ଦୁହିଁଙ୍କୁ ଭଲ ପାଉଥିଲେ । ଆଜି ଗାଁ ମୁଣ୍ଡ ଆମ୍ବତୋଟା ତେନ୍ତୁଳି ଗଛରେ ଦୁହିଁଙ୍କ ଝୁଲନ୍ତା ମୃତ ଦେହ ଗ୍ରାମବାସୀ ଦେଖିବାକୁ ପାଇଥିଲେ । ଏ ନେଇ ଦଶମନ୍ତପୁର ଥାନାରେ ଏତଲା ଦିଆଯାଇଛି ଘଟଣା ସ୍ଥଳ ରେ ପୋଲିସ ପହଁଚି ତଦନ୍ତ କରୁଥିବା ଜଣାପଡିଛି ।

# ଅଟୋ ଶହ ଗଞ୍ଜେଇ ଜବତ ମାଫିଆ ଫେରାର

**ଜୟପୁର(ଅମୃତ ମିଡିଆ):** କୋରାପୁଟ ଜିଲ୍ଲା ପାଡୁଆ ପୋଲିସ ଚାଟୁଆ ନିକଟରେ ନାକବନ୍ଦୀ କରି ଗାଡି ଯାଞ୍ଚ ସମୟରେ ଆନ୍ଧ୍ରରୁ ଏକ ଅଟୋ ଦ୍ରୁତ ଗତିରେ ଆସି ପୋଲିସ ଦେଖି ଅଟୋ ଛାଡି ଚମ୍ପଟ ମାରିଥିଲା ଡ୍ରାଇଭର । ଅଟୋ ରୁ ପ୍ରାୟ ୮୮ କେଜି ଗଞ୍ଜେଇ ଜବତ କରିଛି ପୋଲିସ । ଏହାର ମୂଲ୍ୟ ପ୍ରାୟ ୯ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।



# ଯୁବ ଓଡିଶା ,ନବୀନ ଓଡିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ



**ବରୀ(ଅମୃତ ମିଡିଆ):** ଯାଜପୁର ଜିଲ୍ଲା ବରୀ ବ୍ଲକ ଅନ୍ତର୍ଗତ ସାବିତ୍ରୀ ଦେବୀ ସଂସ୍କୃତ ମହାବିଦ୍ୟାଳୟରେ ନୂଆ-ଓ,ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଯାଇଛି ।ସାବିତ୍ରୀଦେବୀ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷା କ୍ଷେଣପ୍ରଭା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପାନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅମଠପୁର ପଂଚାୟତର ସରପଂଚ ଚିତ୍ତରଞ୍ଜନ ପୃଷ୍ଟି,ମୁଖ୍ୟବକ୍ତା ପ୍ରାକ୍ତନ ଶିକ୍ଷା ପ୍ରସାଶକ ଦୁଷ୍ମନ୍ତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ତ ସୁଧାକର ଶତପଥୀ ଓ ଯୁବ ସମାଜସେବୀ ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ସେମାନଙ୍କର ଅଭିଭାଷଣ ରଖିଥିଲେ ।ସଭା ପରିଚାଳନା ଓ ଅତିଥି ପରିଚୟ ଅଧ୍ୟାପକ ମହେଶ୍ୱର ବେହେରା କରିଥିଲେ । ମହାବିଦ୍ୟାଳୟ ପକ୍ଷର ଅତିଥି ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମହାବିଦ୍ୟାଳୟରେ ବିଭିନ୍ନ ପ୍ରକାର ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ହୋଇ ଆସୁଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ଅଧ୍ୟାପକ ଡ଼ ଦୁର୍ଯ୍ୟୋଧନ ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ



**ନୂଆପଡା(ଅମୃତ ମିଡିଆ):** ନୂଆପଡ଼ା ଜିଲ୍ଲା ବୋଡ଼େନ ସ୍ଥିତ ବିଜୁ ପଟ୍ଟନାୟକ ଜୁନିଅର କଲେଜରେ ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି । ଆଠ ଦିନ ବ୍ୟାପୀ ହେବାକୁ ଥିବା ଆତ୍ମ ସୁରକ୍ଷା ତାଲିମ ଶିବିରରକୁ କଲେଜ ଅଧକ୍ଷ ହେମନ୍ତ କୁମାର ମୁଣ୍ଡ ଙ୍କ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବୋଡ଼େନ ପଞ୍ଚାୟତ ସମିତି ଅଧକ୍ଷା ପ୍ରେମଶିଳା ନାଗ , ମୁଖ୍ୟ ବକ୍ତା ଭାବେ ପ୍ରାଧାପକ ଗୟାଧର ମହାନ୍ତି ଯୋଗ ଦେଇ ଦୃଢ଼ ମନୋବଳ ଏବଂ ଆତ୍ମ ସୁରକ୍ଷା ତାଲିମ ଛାତ୍ରୀ ମାନଙ୍କୁ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିପାରିବେ ।ଏହି ଆତ୍ମ ସୁରକ୍ଷା ତାଲିମ ଶିବିର ରେ ୨୪୮ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ କାର୍ଯକ୍ରମ ରେ ପ୍ରଶିକ୍ଷିକା ଭାବରେ ମୌସୁମୀ ଜଗତ ,ପଲ୍ଲବୀ ବାଗ ଓ ପୁଷ୍ପାଞ୍ଜଳି ସାହୁ ଯୋଗଦାନ କରିଥିଲେ ।ଭୂଗୋଳ ବିଭାଗର ଅଧାପିକା ଦିପାନ୍ତି ଧଙ୍ଗଡାମାଝିଙ୍କ ତତ୍ତ୍ୱାବଧାନରେ ଓ ଓଡ଼ିଆ ବିଭାଗ ଅଧାପିକା ସ୍ୱପ୍ନା ପ୍ରଧାନୀଙ୍କ ସହତତ୍ତ୍ୱାବଧାନରେ ଆଉ ଦୀର୍ଘ ସାତ ଦିନ ବ୍ୟାପୀ ଉକ୍ତ ତାଲିମ ଶିବିର ପରିଚାଳିତ ହେବ । ରାଜନୀତି ବିଭାଗର ଅଧାପକ ଉପେନ୍ଦ୍ର ବଞ୍ଜାରା କାର୍ଯକ୍ରମର ଆଭିମୁଖ୍ୟ ପ୍ରକାଶ କରିଥିବାବେଳେ ସମସ୍ତ ଅଧାପକ ଅଧାପିକା ଉପସ୍ଥିତ ରହି କାର୍ଯକ୍ରମକୁ ସରସ ସୁନ୍ଦର କରିବାରେ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ଶୋକ

**ବିଂଝାରପୁର(ଅମୃତ ମିଡିଆ):** ବିଂଝାରପୁର ବ୍ଲକ ଆଉଁରୀ ପଞ୍ଚାୟତ ଅନ୍ତର୍ଗତ ଡ଼ିହକୂଳା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ କାହ୍ନୁ ଚରଣ ସାହୁଙ୍କର ଗୁରୁବାର ସମୟ ସକାଳ ୯ ଘଟିକା ସମୟରେ ପରଲୋକ ଘଟିଛି ।ଡ଼ିହକୂଳା ହାଟ ରେ ଥିବା ବ୍ୟବସାୟ ପ୍ରତିଷ୍ଠାନରେ ନିୟମିତ ଭାବେ ବିଶ୍ରାମ ନେଇ ବାସ ଗୃହକୁ ଖାଇବା ପାଇଁ ଯାଇଥାଆନ୍ତି । ଦୁର୍ଭାଗ୍ୟର ବିଷୟ ଗୁରୁବାର ସକାଳ ୧୦ ଘଟିକା ହୋଇଥିଲେ ମଧ ଘରକୁ ଖାଇବାକୁ ଆସିନଥିଲେ. ତାଙ୍କ ପୁଅ ଦୋକାନକୁ ଆସି ଦେଖିଲେ ହେଲେ ସେତେବେଳକୁ



ସେ ମୃତ୍ୟୁବରଣ କରି ସାରିଥିଲେ. ତାଙ୍କ ମୃତ୍ୟୁ ରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଓ ବନ୍ଧୁ ବାନ୍ଧବଙ୍କ ସମେତ ସମ୍ପର୍କୀୟ ମାନେ ଯଥା ନିର୍ମଳ ସାହୁ, ଅଖିଳ ସାହୁ, ଅଜୟ ସାହୁ, ଗଣେଶ ସାହୁ, ଶୁକଦେବ ସାହୁ, ପ୍ରିୟଙ୍କା ସାହୁ, ଐଶଯ୍ୟା ସାହୁ, ପ୍ରଭୁଦେବ ସାହୁ, ଜନ୍ମଜେୟ ସାହୁ, ମୃତ୍ୟୁଞ୍ଜୟ ସାହୁ ଉପସ୍ଥିତ ଥିଲେ । ମୃତଶରୀର କୁ ଗ୍ରାମ ପରିକ୍ରମା ସହିତ ଜୀବନବ୍ୟାପି କାର୍ଯ୍ୟରତ ବିଦ୍ୟାଳୟ ଦେଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା । ବଡ଼ପୁଅ ନିର୍ମଳ ସାହୁ ମୁଖାଗ୍ନି ଦେଇଥିବା ବେଳେ ଆଖପାଖ ଅଞ୍ଚଳରୁ ବହୁ ଜନସାଧାରଣ ମରଶରୀରକୁ ଶେଷ ଦର୍ଶନ କରିଥିଲେ ।

## ପାଣି ପଂଚାୟତ ପକ୍ଷ ପାଳନ ପ୍ରସ୍ତୁତି ପର୍ବ

# ବିଭାଜନ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ



**ବାରିପଦା /ଉଦଳା(ଅମୃତ ମିଡିଆ):** ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ତରଫରୁ ପ୍ରତି ବର୍ଷ ଜାନୁଆରି ମାସ ୧୬ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ପାଣି ପଂଚାୟତ ପକ୍ଷ ପାଳିତ ହୋଇଥାଏ । ଚଳିତ ବର୍ଷ ଏହାକୁ ସଫଳ କରିବା ପାଇଁ 'ସୁନେଇ' ଓ 'କାଳ' ଜଳ ସେଚନ ବିଭାଗ ତରଫରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । ଚଳିତ ଜାନୁଆରି ୧୧ ତାରିଖ ଗୁରୁବାର ଦିନ ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ ମଡ଼େଲ ପ୍ରଦର୍ଶନ ପ୍ରଭୃତି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇ ଯାଇଛି । ଉଦଳା, କପ୍ତିପଦା, ଗୋପବନ୍ଧୁନଗର ଓ ଖୁଂଟା ବ୍ଲକ ଅନ୍ତର୍ଗତ ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରି ମାନେ ଅଂଶ ଗ୍ରହଣ କରିଥିଲେ । ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ 'ଜଳ ସେଚନରେ ପାଣି ପଂଚାୟତର ଭୂମିକା' ବିଷୟବସ୍ତୁ ରଖା ଯାଇଥିବା ବେଳେ ପ୍ରବନ୍ଧରେ 'ଜୀବନ ଜୀବିକା ପାଇଁ ଜଳ', ଚିତ୍ରାଙ୍କନରେ 'ହାତରେ ହାତ ମିଳାଇବା ଜଳକୁ ସଂଚୟ କରିବା' ଓ ମଡ଼େଲ ପ୍ରଦର୍ଶନରେ 'ଜଳର ବ୍ୟବହାରିକ କ୍ଷମତା ବୃଦ୍ଧି ନିମନ୍ତେ ଏକ ଅଭିନବ କୌଶଳ' ବିଷୟ ବସ୍ତୁ ରଖାଯାଇଥିଲା । ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଗଜେନ୍ଦ୍ର ନାୟକଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଇଂ. ସଂଜୟ କୁମାର ନାୟକ, ଇଂ. ରାଜକିଶୋର ପାତ୍ର, ଇଂ. ଅନନ୍ତ ମୁର୍ମୁ, ଇଂ. ସୁଚାରୁ କୁମାର ଜେନାଙ୍କ ସମେତ ବିଭାଗୀୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ସୋମବାର ଦିନ ବାଲିଡ଼ିହା (ବାରିପଦା ପାଖ) ଠାରେ ହେବାକୁ ଥିବା ବିଭାଜନ ସ୍ତରୀୟ ପାଣିପଂଚାୟତ ପକ୍ଷ ପାଳନର ଉତ୍ସବ ମଂଚରେ ଉକ୍ତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତିୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଜଣାଇଛନ୍ତି ।

## ଅନନ୍ତ ଗୁମ୍ଫା ସନ୍ନିକଟରେ ଛାତ୍ର ପୂଜିଲେ ଗୁରୁଙ୍କୁ

# ଗଡ଼ବାଣୀକିଲୋ ହାଇସ୍କୁଲ ୧୯୭୩ ବ୍ୟାଚ୍ ବନ୍ଧୁମିଳନ



**ଖୋର୍ଦ୍ଧା(ଅମୃତ ମିଡିଆ):** ସବୁ ଛାତ୍ର ଏକାଠି ହୋଇ ପୂଜିଲେ ଗୁରୁଙ୍କୁ । ସେତେବେଳର ଶିକ୍ଷାଦାନ ପ୍ରଣାଳୀ, ଗୁରୁ-ଶିଷ୍ୟ ସମ୍ପର୍କ ବାବଦରେ ହେଲା ଭାବଗର୍ଭକ ଆଲୋଚନା । ଆଦର୍ଶ ଶିକ୍ଷାନୁଷ୍ଠାନ ଗଡ଼ବାଣୀକିଲୋ ହାଇସ୍କୁଲ ୧୯୭୩ ବ୍ୟାଚର ଛାତ୍ରଛାତ୍ରୀମାନେ ଏହିଭଳି ଏକ ବନ୍ଧୁମିଳନ କରିଥିଲେ ରାଜସୁନାଖଳା ସନ୍ନିକଟ କୋଟଗଡ଼ ଡ୍ୟାମ୍, ଅନନ୍ତ ଗୁମ୍ଫା ଆଶ୍ରମର ପ୍ରାକୃତିକ ପରିବେଶରେ । ପ୍ରାକ୍ତନ ଛାତ୍ର ଅବସରପ୍ରାପ୍ତ ବ୍ୟାଙ୍କ ପରିଚାଳକ ଲକ୍ଷ୍ମୀଧର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମରେ ୨୯ ଜଣ ସହପାଠୀ ସାମିଲ ହୋଇ ଗୁରୁପୂଜନ କରିଥିଲେ । ପ୍ରଥମେ ପରଲୋକଗମନ କରିଥିବା ପୂର୍ବତନ ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ, ନବକିଶୋର ଦାସ, ନାରାୟଣ ମିଶ୍ର, ଯମେଶ୍ୱର ଖୁଂଟିଆ ଓ ସନାତନ ବଳିଆରସିଂହ ତଥା ୪ଜଣ ସହପାଠୀଙ୍କ ବିୟୋଗରେ ନିରବ ପ୍ରାର୍ଥନା ପୂର୍ବକ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ଉପସ୍ଥିତ ପ୍ରତ୍ୟେକ ନିଜ ବିଦ୍ୟାଳୟ ଅନୁଭୂତି, ଚାକିରି ସମୟ ତଥା ଅବସରକାଳୀନ ସାଂପ୍ରତିକ ଜୀବନ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ । ଗଡ଼ବାଣୀକିଲୋ ହାଇସ୍କୁଲର ପ୍ରତିଷ୍ଠାତା ମୌଲବୀ ଇବ୍ରାହିମ୍ ଖାଁ, ସମ୍ପାଦକ ଦିଗମ୍ବର ରଥ, ଅଇଁଠା ସ୍ୱାଇଁ, ରଘୁନାଥ ମିଶ୍ର, ବାଇଧର ସାମନ୍ତରାୟ, ବାମଦେବ ସ୍ୱାଇଁ ପ୍ରମୁଖ ପରଲୋକଗତ ସଦସ୍ୟମାନଙ୍କର ସ୍ମୃତିଚାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଶେଷ ଭାବେ ନିମଂତ୍ରିତ ହୋଇ ଆସିଥିବା ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ପଣ୍ଡିତ ବଳଭଦ୍ର ଷଡଙ୍ଗୀ, ସତ୍ୟବାଦୀ ସାହୁ ପ୍ରମୁଖ ଗୁରୁମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାକ୍ତନ ଶିକ୍ଷକମାନେ ତତ୍କାଳୀନ ଶିକ୍ଷାପଦ୍ଧତି ସମ୍ବନ୍ଧରେ ସ୍ମୃତିଚାରଣ କରିବା ସହ ଛାତ୍ରମାନଙ୍କୁ ଆଶୀର୍ବାଦ ଦେଇଥିଲେ । ତତ୍କାଳୀନ ଶିକ୍ଷକମାନଙ୍କର ଶିକ୍ଷାଦାନରେ ଯେଉଁଭଳି ଗଭୀର ନିଷ୍ଠା ଥିଲା, ତା'ର ଦ୍ରୁତ ଅବକ୍ଷୟ ଏବେ ଘଟିଥିବାର ଅତିଥିମାନେ କ୍ଷୋଭପ୍ରକାଶ କରିଥିଲେ । ଐତିହାସିକ ସତ୍ୟବାଦୀ ବଳିଆରସିଂହ ଗଡ଼ବାଣୀକିଲୋ ହାଇସ୍କୁଲର ଇତିହାସ ସମ୍ବନ୍ଧରେ ବକ୍ତବ୍ୟ ରଖିବା ସହ ବନ୍ଧୁମିଳନକୁ ନେଇ ଏକ ଗବିତା ପାଠ କରିଥିଲେ । କାର୍ଯ୍ୟକ୍ରମକୁ ସର୍ବଶ୍ରୀ ସାରଙ୍ଗଧର ବଡ଼ଜେନା, ରବୀନ୍ଦ୍ର କୁମାର ସାମନ୍ତରାୟ, ବସନ୍ତ କୁମାର ସାହୁ, ଦୀନବନ୍ଧୁ ସାମନ୍ତରାୟ, ବନମାଳି ସାହୁ, ଗୋପବନ୍ଧୁ ରଥ, ଦିବାକର ମଲ୍ଲିକ, ରାମଚନ୍ଦ୍ର ମହାପାତ୍ର, ସଚ୍ଚିଦ୍ରନାଥ ବଳିଆରସିଂହ ପ୍ରମୁଖ ପରିଚାଳନା କରିଥିଲେ । ବେଲେଶ୍ୱର ସାହୁ ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫୁଲ୍ଲ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।


₹5/-
Saffron Blended
MEENAJEE®
MAWA
₹5 ରେ
ପ୍ରିମିୟମ୍ କ୍ୱାଲିଟି
Call Toll Free: 1800 123 6292
Warning: Chewing of supari is injurious to health. Not for minors.